
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, July 30/2019 | ★★★★★★

୪୫ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

## ଏଲିସ ପେରିଙ୍କ ବିରଳ ସଫଳତା

ଅନ୍ତର୍ଜାତୀୟ ଟି୨୦ରେ ୧୦୦୦ ରନ ଏବଂ ୧୦୦ ଉଇକେଟ ହାସଲ କରିବାରେ ଅଷ୍ଟ୍ରେଲିଆର ଏଲିସି ପେରି ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ କ୍ରିକେଟର। ୧୯



## ‘ଜବରିୟା ଯୋଡ଼ି’ରେ ପରିଣୀତି

୦୭ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଅଭିନୀତ ‘ଜବରିୟା ଯୋଡ଼ି’ ଅଗଷ୍ଟ ୯ରେ ରିଲିଜ ହେବାକୁ ଯାଉଛି।

# ସଚିବାଳୟ ହେବ ଲୋକସେବା ଭବନ

- ବିଧାନସଭାରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ରାଉରକେଲାରେ ସ୍ଥାପନ ହେବ ନୂତନ ଭିଜିଲାନ୍ସ ଡିଭିଜନ
- ଗ୍ରାଜୁଏଟ୍ କନ୍‌ଷ୍ଟେବଲଙ୍କୁ ତଦନ୍ତ ଦାୟିତ୍ୱ
- ଖୁବ୍‌ଶୀଘ୍ର ଆସିବ ପୋଲିସ ଆଇନ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଓଡ଼ିଶା ସଚିବାଳୟର ନାଁ ବଦଳିବ। ଏହାର ନୂତନ ନାମ ରହିବ ଓଡ଼ିଶା ଲୋକସେବା ଭବନ। ସୋମବାର ବିଧାନସଭାରେ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି। ସଚିବଙ୍କ ନାମରେ ସଚିବାଳୟ ରହୁଥିବାରୁ ଏହାକୁ ନେଇ ବିରୋଧୀ ବିଭିନ୍ନ ସମୟରେ ଆପତ୍ତି ଉଠାଇ ଆସୁଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଲା ଯେ ବିଭାଗର ମୁଖ୍ୟ ହେଉଛନ୍ତି ମନ୍ତ୍ରୀ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟାଳୟକୁ ମନ୍ତ୍ରଣାଳୟ ଭାବେ ନାମିତ କରାଯାଇଛି। ସେହିଭଳି ସଚିବାଳୟକୁ ବଦଳାଯାଇ କାହିଁକି ମନ୍ତ୍ରଣାଳୟ କରାଯିବ ନାହିଁ। ସରକାର ଏହାକୁ ଗୁରୁତର ସହ ନେଇ ସଚିବାଳୟ ନାମକୁ ପରିବର୍ତ୍ତନ କରିବାକୁ ବିରୋଧୀ ଦଳ ସଦସ୍ୟମାନେ ଦୀର୍ଘବର୍ଷ ହେବ ଦାବି କରିଆସୁଥିଲେ। ଶେଷରେ ସରକାର ସଚିବାଳୟର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସଚିବାଳୟର ନାମ ମନ୍ତ୍ରଣାଳୟ କରି ନ ଥିଲେ ମଧ୍ୟ ଏହାକୁ ଲୋକମାନଙ୍କ ସେବା ପାଇଁ ଉତ୍ସର୍ଗ କରି ଲୋକସେବା ଭବନର ନାମରେ ନାମିତ କରିଛନ୍ତି। ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବାକୁ ସରକାର ସଚିବାଳୟର ନାମ ଲୋକସେବା ଭବନ ନାମରେ ନାମିତ କରିଥିବା କୁହାଯାଉଛି।

ସୋମବାର ଖର୍ଚ୍ଚ ଦାବି ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ବିଶ୍ୱାସଭାଜନ ହେବା ଯୋଗୁ ଲଗାତର ୫ଥର ଆମ ସରକାର ଶାସନକୁ ଫେରିଛି। ଏଥିପାଇଁ ମୁଁ ଲୋକଙ୍କ ନିକଟରେ ଋଣୀ। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ଆମେ କଠିନ ପରିଶ୍ରମ ଜାରି ରଖିବୁ। ଗରିବ ଓ ଅବହେଳିତ ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଫନୀ ପରେ ରିଲିଫ ପାଣ୍ଠିକୁ ବିଭିନ୍ନ ଉତ୍ସରୁ ୪୬୨ କୋଟି ଟଙ୍କା ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ରହିଛି। ଗତ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥିବା ବେଳେ ସେପରି କୌଣସି ବଡ଼ଧରଣର ଗଣ୍ଡଗୋଳ ହୋଇନାହିଁ। ଗତ କିଛିବର୍ଷ ହେବ ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରହିଛି। ତେବେ ରାଜ୍ୟର କେତେକ ଦୁର୍ଗମ ଅଞ୍ଚଳ, ଆନ୍ଧ୍ର ଏବଂ ଛତିଶଗଡ ସୀମାବର୍ତ୍ତୀ ଅଞ୍ଚଳ ଚିନ୍ତାର କାରଣ ହୋଇଛି। ୭ ଜଣ କ୍ୟାଡର ମାଓବାଦୀ ନିହତ ହୋଇଥିବା ବେଳେ ଗୁରୁପ୍ରିୟା ସେତୁ ସ୍ୱାଭିମାନ ଅଞ୍ଚଳର ବିକାଶରେ ସହାୟତା ହୋଇଛି। ରାଜ୍ୟ ସରକାର ମହିଳା, ଶିଶୁ ଏବଂ ଦୁର୍ବଳ ଶ୍ରେଣୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ମାମଲା ବୋଝ କମାଇବା ପାଇଁ ଗ୍ରାଜୁଏଟ କନ୍‌ଷ୍ଟେବଲ ଏବଂ କ୍ରାଇମ ଇଣ୍ଟେଲିଜେନ୍ସ ହାବିଲଦାରଙ୍କୁ କେତେକ କେସ୍‌ରେ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ୧୪୮ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ଏବଂ ୧୧ ଜଣ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟର ପୋଲିସ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯାଇଛି। ଜେଲଗୁଡ଼ିକୁ ଇ-ପ୍ରିଜନ ମାଧ୍ୟମରେ ପରିଚାଳନା କରାଯାଉଛି। ଖାଲିଥିବା ସ୍ଥାନରେ ନିଯୁକ୍ତି ଦେବା ଲାଗି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ ଏବଂ ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ ନିୟମିତ ପରୀକ୍ଷା କରାଉଛନ୍ତି। ପ୍ରଶାସନିକ ସ୍ୱଚ୍ଛତା ଆଣିବାକୁ ରାଜ୍ୟରେ ୨୦୧୯ ମାର୍ଚ୍ଚ ୨୦ ତାରିଖରୁ ଲୋକାୟୁକ୍ତ କାର୍ଯ୍ୟକ୍ଷମ ହୋଇଛି। ଗତବର୍ଷ ରାଉରକେଲାଠାରେ ଭିଜିଲାନ୍ସ ଏକାଡେମୀ ଖୋଲାଯାଇଥିବା ବେଳେ ଏକ ନୂତନ ଭିଜିଲାନ୍ସ ଡିଭିଜନ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୧୯ରେ ଭିଜିଲାନ୍ସ ପକ୍ଷରୁ ୧୩୭ଟି ଆପରାଧିକ ମାମଲା ରୁଜୁ କରାଯାଇଛି। ସେଥିରୁ ୨୬ଟି ମାମଲା ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିବା ବେଳେ ୬୭ଟି ଲାଞ୍ଚ ନେଉଥିବା ବେଳେ ଧରାପଡିଥିଲେ। ୪୪ଟି ସରକାରୀ ସମ୍ପତ୍ତି ଲୁଟ୍ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ପୋଲିସ ଆଇନ କାର୍ଯ୍ୟକାରୀ କରିବାକୁ ସରକାର ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶରେ ଯଦି ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ ରହିଛି, କୋଟି କୋଟି ଟଙ୍କାର ପୁଞ୍ଜି ନିବେଶକୁ ରାଜ୍ୟ ଆକର୍ଷିତ କରିପାରୁଛି ତେବେ ଏହାର ଅର୍ଥ ରାଜ୍ୟରେ ଆଇନ ଶୃଙ୍ଖଳା ଅବସ୍ଥା ଭଲ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଦେଶରେ ବାଘ ସଂଖ୍ୟା ୭୪୧ ବୃଦ୍ଧି, ଓଡ଼ିଶାରେ ସ୍ଥିର

- ଦେଶରେ ଅଛନ୍ତି ୨୯୬୭ ବାଘ, ଓଡ଼ିଶାରେ ୨୮
- ପୁଣି ଏନ୍‌ଟିସିଏ ଗଣନାକୁ ଭୁଲ୍ କହିଲା ବନ ବିଭାଗ



ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଦେଶରେ ବଢ଼ୁଛି ବାଘ ସଂଖ୍ୟା। ୨୦୧୪ ମସିହାରେ ୨୨୨୬ ବାଘଥିବାବେଳେ ୨୦୧୮ରେ ଏହା ବୃଦ୍ଧି ପାଇ ୨୯୬୭ରେ ପହଞ୍ଚିଛି। ଅର୍ଥାତ୍ ଗତ ୪ ବର୍ଷରେ ଦେଶରେ ବାଘ ସଂଖ୍ୟା ୭୪୧ ବୃଦ୍ଧି ପାଇଛି। ସୋମବାର ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ବ୍ୟାଘ୍ର ଗଣନା ରିପୋର୍ଟ ଉନ୍ମୋଚନ କରିଛନ୍ତି। ରିପୋର୍ଟ ଅନୁସାରେ, ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ ବାଘ ଅଛନ୍ତି। ଏହାତଳକୁ କର୍ଣ୍ଣାଟକରେ ୫୨୪, ଉତ୍ତରାଖଣ୍ଡରେ ୪୪୨, ମହାରାଷ୍ଟ୍ରରେ ୩୧୨, ତାମିଲନାଡୁରେ ୨୬୪, କେରଳ ଓ ଆସାମରେ ୧୯୦ ଲେଖାଏ ବାଘ ରହିଛନ୍ତି। ଛତିଶଗଡ଼ ଓ ମିଜୋରାମରେ ବାଘ ସଂଖ୍ୟା ହ୍ରାସ ପାଇଥିବାବେଳେ ଓଡ଼ିଶାରେ ସ୍ଥିର ରହିଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ପକ୍ଷରୁ ପ୍ରତି ୪ବର୍ଷରେ ବାଘ ଗଣନା ହୋଇଥାଏ। ଓଡ଼ିଶାରେ ୨୦୧୪ରେ ୨୮ ବାଘ ରହିଥିଲେ। ୨୦୧୮ଗଣନାରେ ମଧ୍ୟ ସେହି ବାଘ ସଂଖ୍ୟା ୨୮ ରହିଛି। ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ବାଘ ସଂଖ୍ୟା ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ପୂର୍ବାଭାସ ମିଳିଲାଣି

## ଆଜିର ମନ୍ତବ୍ୟ

“ କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ପ୍ରାର୍ଥୀ ମନୋନୟନ କରାଯିବା ପରିବର୍ତ୍ତେ ନିର୍ବାଚନ କରାଯିବା ଉଚିତ ହେବା

-ଶଶି ଥରୁର୍
ବରିଷ୍ଠ କଂଗ୍ରେସ ନେତା

## କିଛି ତଥ୍ୟ

ଦେଶର ୬୫ ସହରରେ ୫୬୪୫ ଇଲେକ୍ଟ୍ରିକ ବସ୍ ଚଳାଚଳ ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

– ନୀତି ଆୟୋଗ


## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS Student Academic Management System | Skilled in ODISHA

### ରାଜ୍ୟରେ ସରକାରୀ ଆଇଟିଆଇରେ 2019-20 ବର୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ

୨୦୧୯-୨୦ ଶିକ୍ଷା ବର୍ଷରେ ରାଜ୍ୟର ୪୯ଟି ସରକାରୀ ଆଇଟିଆଇରେ SAMS ଅନଲାଇନ ପଦ୍ଧତିରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଅନଲାଇନ ଆବେଦନପତ୍ର ଗ୍ରହଣ କରାଯାଉଅଛି । ସରକାରଙ୍କର ସୁଦକ୍ଷା ଯୋଜନା ମାଧ୍ୟମରେ ମହିଳା ମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ରହିଛି।

ଏହି ସୁଯୋଗର ଉପଲବ୍ଧ ନିମିତ ନିକଟସ୍ଥ ସରକାରୀ ଆଇଟିଆଇରେ ଯୋଗାଯୋଗ କରନ୍ତୁ।

ସ୍ୱା/-
ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା


# ୬ଦିନ ବର୍ଷିବ, ୯ ଜିଲ୍ଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଟ୍ରଫ୍ ଲାଇନ, ଘୂର୍ଣ୍ଣି ବଳୟ ଓ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିଛି। ଗତ ଦୁଇତିନି ଦିନ ହେଲା ଲଗାଣ ବର୍ଷା ଯୋଗୁ ଦକ୍ଷିଣ ଓଡ଼ିଶା ସମେତ ଅନ୍ୟ କେତେକ ଅଞ୍ଚଳରେ ବନ୍ୟା ସ୍ଥିତି ଉପୁଜିଛି। ରବିବାର ରାତିରୁ ଏତେ ମାତ୍ରାରେ ବର୍ଷା ହୋଇଛି ଯେ ସୋମବାର ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ଓ ବରଗଡ଼ ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କେଉଁଠି ପୋଲ ଉପରେ ପାଣି ଯାଉଛି ତ ଆଉ କେଉଁଠି ରାସ୍ତା ଉପରେ ପାଣିର ସୁଅ ଛୁଟୁଛି। ତେଣୁ ଏସବୁ ଜିଲାର ଅଧିକାଂଶ ଅଞ୍ଚଳରେ ଯାତାୟତ ଏକପ୍ରକାର ଠପ୍ ହୋଇଯାଇଛି। ସେପଟେ ଆସନ୍ତା ୬ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ମଙ୍ଗଳବାର ରାଜ୍ୟର ୯ଟି ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି।

ଲଗାଣ ବର୍ଷା ଯୋଗୁ କେଉଁଠି ବନ୍ୟା ପରିସ୍ଥିତି ଦେଖାଦେଲାଣି ତ ଆଉ କେଉଁଠି ବର୍ଷା ଲୁଚକାଳି ଖେଳୁଛି। ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ଠିକ୍ ଭାବେ ହେଉ ନ ଥିବାରୁ ଶହଶହ ଏକର ଚାଷ ଜମି ☞ପୃଷ୍ଠା-୪

# ଆସ୍ଥାଭୋଟ ଜିତିଲେ ୟେଦ୍ଦୁରପ୍ପା

ବେଙ୍ଗାଲୁରୁ,୨୯।୭(ପି.ଟି.)



କର୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ସୋମବାର ଆସ୍ଥାଭୋଟରେ ତାଙ୍କ ସରକାରର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଛନ୍ତି। ବିଧାନସଭାରେ ସ୍ୱଳ୍ପ ଆଲୋଚନା ପରେ ସରକାର ବାଚନିକ ଭୋଟର ଆସ୍ଥା ଜିତିଯାଇଥିଲେ। ବାଚସ୍ପତି ୧୭ ଜଣ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ଗୃହର ସଦସ୍ୟ ସଂଖ୍ୟା ୨୦୮କୁ ହ୍ରାସ ପାଇଥିଲା। ଫଳରେ ମ୍ୟାଜିକ୍ ନମ୍ବର ୧୦୫ ହୋଇଥିଲା। ଭାଜପା ପାଖରେ ୧୦୫ ବିଧାୟକ ଥିବାରୁ ଏହା ସହଜରେ ଆସ୍ଥା ଜିତିଯାଇଥିଲା। ବିରୋଧୀ ଦଳ କଂଗ୍ରେସ ଏବଂ ଜେଡିଏସ୍ ବିଭାଜନ ପାଇଁ ଚାପ ପକାଇ ନଥିଲେ। ୟେଦ୍ଦୁରପ୍ପାଙ୍କ ନେତୃତ୍ୱାଧୀନ ସରକାର ଗୃହରେ ଆସ୍ଥାଭୋଟ ଜିତିଥିବା ନେଇ ବାଚସ୍ପତି କେ.ଆର୍. ରମେଶ କୁମାର ଘୋଷଣା କରିଛନ୍ତି।

୧୭ ବିଧାୟକ ଅଯୋଗ୍ୟ ଘୋଷିତ ହେବା ପରେ କଂଗ୍ରେସର ସଦସ୍ୟ ସଂଖ୍ୟା ୬୬ ଏବଂ ଜେଡିଏସ୍‌ର ୩୪କୁ ହ୍ରାସ ପାଇଛି। ବିଏସ୍‌ପିର ଜଣେ ବିଧାୟକ ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରିବାରୁ ବହିଷ୍କୃତ ହୋଇଛନ୍ତି। ତେଣୁ ଭାଜପା ଆସ୍ଥାଭୋଟ ଜିତିଯିବ ବୋଲି ରବିବାର ଏକପ୍ରକାର ସ୍ପଷ୍ଟ ହୋଇଯାଇଥିଲା। ବାଚସ୍ପତି ରବିବାର ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଭାଜପାକୁ ସୁହାଇଲା ବୋଲି କୁହାଯାଉଛି। ୟେଦ୍ଦୁରପ୍ପା ସରକାର ଆସ୍ଥାଭୋଟ ଜିତିବା ପରେ ଦୀର୍ଘଦିନ ଧରି କର୍ଣାଟକରେ ଲାଗିରହିଥିବା ରାଜନୈତିକ ସଙ୍କଟର ଅନ୍ତ ଘଟିଛି। ଏବେ ୟେଦ୍ଦୁରପ୍ପାଙ୍କ ମନ୍ତ୍ରିମଣ୍ଡଳରେ କେଉଁମାନେ ସ୍ଥାନ ପାଇବେ ତାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଭଳି ୟେଦ୍ଦୁରପ୍ପା ତାଙ୍କ ରାଜ୍ୟର କୃଷକମାନଙ୍କୁ ଦୁଇ କିସ୍ତିରେ ୨ ହଜାର ଟଙ୍କା ଲେଖାଏ ଯୋଗାଇ ଦେବେ ବୋଲି କହିଛନ୍ତି। ପୂର୍ବ ସରକାରରେ ରାଜ୍ୟ ଶାସନ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲାବେଳେ ସେ ଏହାକୁ ଠିକ୍ ବାଟକୁ ଆଣିବେ ବୋଲି ଆସ୍ଥାଭୋଟ ଜିତିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଇସ୍ତଫା ଦେଲେ ରମେଶ କୁମାର


ବେଙ୍ଗାଲୁରୁ,୨୯।୭(ପି.ଟି.)

କର୍ଣାଟକ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ସୋମବାର ଆସ୍ଥାଭୋଟ ଜିତିବା ପରେ କେ.ଆର୍. ରମେଶ କୁମାର ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି। ସେ କାର୍ଯ୍ୟରୁ ଅବ୍ୟାହତି ନେବାକୁ ଚାହୁଁଥିବାରୁ ଇସ୍ତଫା ନିଷ୍ପତ୍ତି ନେଇଛନ୍ତି ବୋଲି ରମେଶ କୁମାର କହିବା ସହିତ ଇସ୍ତଫାପତ୍ର ଉପବାଚସ୍ପତି କ୍ରିଷ୍ଣା ରେଡ୍ଡୀଙ୍କୁ ପ୍ରଦାନ କରିଥିଲେ। ବାଚସ୍ପତି ଭାବେ ତାଙ୍କର ୧୪ ମାସର କାର୍ଯ୍ୟକାଳ ମଧ୍ୟରେ ସେ ନିଜର ବିବେକ ଓ ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରିଛନ୍ତି। ସେ ଯଥାସାଧ୍ୟ ଗୃହର ମର୍ଯ୍ୟାଦା ରକ୍ଷା କରିଥିବା କହିଥିଲେ। ଯଦି ତାଙ୍କ ତରଫରୁ କୌଣସି ତ୍ରୁଟି ରହିଯାଇଥାଏ ତେବେ କ୍ଷମା କରିଦେବାକୁ ସେ ଗୃହକୁ ଅନୁରୋଧ କରିଥିଲେ। ଏହା ତାଙ୍କ ଜୀବନର ବଡ଼ ସଫଳତା ବୋଲି ରମେଶ କୁମାର କହିଛନ୍ତି।

# ‘ଓଡ଼ିଶା ରସଗୋଲା’କୁ ଜିଆଇ ଟ୍ୟାଗ୍


ଭୁବନେଶ୍ୱର,୨୯।୭(ବ୍ୟୁରୋ)

- ଖୁସି ବ୍ୟକ୍ତ କଲେ ନବୀନ, ଧର୍ମେନ୍ଦ୍ର
- ମୁଢ଼ି, ପୁରୀ ଖଜା, ଛେନାପୋଡ଼କୁ ଜିଆଇ ମାନ୍ୟତା ଦାବି
- କ୍ଷୀରଗଜା ଉପରେ ଏବେ ପଶ୍ଚିମବଙ୍ଗର ନଜର



ଦେଢବର୍ଷର ବିବାଦ ପରେ ‘ଓଡ଼ିଶା ରସଗୋଲା’ ନିଜର ସ୍ୱତନ୍ତ୍ର ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ହାସଲ କରିଛି। ଏହାସହ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଲାଗି ରହିଥିବା ଶୀତଳ ଯୁଦ୍ଧର ଏକପ୍ରକାର ଅନ୍ତ ଘଟିଛି। ଚେନ୍ନାଇସ୍ଥିତ ଜିଆଇ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ରସଗୋଲାକୁ ଜିଆଇ ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସମଗ୍ର ରାଜ୍ୟବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟରରେ ନିଜ ଖୁସି ବ୍ୟକ୍ତ କରିବା ସହ କାହିଁ କେଉଁ ଦଶନ୍ଧିରୁ ରସଗୋଲା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭୋଗ ଲାଗି ଆସୁଥିବା କହିଛନ୍ତି। ବିଶ୍ୱରେ ରହୁଥିବା ଓଡ଼ିଆମାନଙ୍କ ପାଇଁ ଏହା ଏକ ମିଠା ଖବର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ନିଜ ଖୁସି ବ୍ୟକ୍ତ କରିଛନ୍ତି।

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍‌ଆଇସି) ଏବଂ ଉତ୍କଳ ମିଷ୍ଟାନ୍ନ ବ୍ୟବସାୟୀ ସମିତି ପକ୍ଷରୁ ୨୦୧୮ ଫେବୃୟାରୀ ୨୨ରେ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ରସଗୋଲାକୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇଥିଲା। ଏବେ ଜିଆଇ ମାନ୍ୟତା ମିଳିବା ପରେ ରସଗୋଲାକୁ ବିଦେଶକୁ ରପ୍ତାନି କରିବାର ପଥ ସହଜ ହେବ। ରସଗୋଲା ବ୍ୟବସାୟୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ବର୍ତ୍ତମାନ ‘ଓଡ଼ିଶା ରସଗୋଲା’ ଜିଆଇ ଟ୍ୟାଗ୍‌ର ମାଲିକାନା ଓଏସ୍‌ଆଇସି ଅଧୀନରେ ରହିବାକୁ ଥିବା ବେଳେ ଆବେଦନ ଦିନଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ଏହା ବୈଧ ରହିବ। ଅନ୍ୟପକ୍ଷରେ ଓଡ଼ିଶାର ସମସ୍ତ ଜିଲାରେ ରସଗୋଲାର ଭୌଗୋଳିକ ଉପସ୍ଥିତି ରହିଥିବା ଏହି ପ୍ରମାଣପତ୍ରରେ ଉଲ୍ଲେଖ ରହିଛି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରାରେ ଶହ ଶହ ବର୍ଷ ଧରି ରସଗୋଲା ଭୋଗ ହୋଇ ଆସୁଥିବା ଦର୍ଶାଯାଇଛି। ଓଡ଼ିଶା ରସଗୋଲାର ପ୍ରସ୍ତୁତ ପ୍ରଣାଳୀ, ଏହାର ରଙ୍ଗ, ଆକାର ଆଦି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ଓଡ଼ିଶା ରସଗୋଲାରେ କୌଣସି କୃତ୍ରିମ ରଙ୍ଗ ବ୍ୟବହାର ହେଉ ନ ଥିବା ବେଳେ ଅଧିକ ନରମ ଯୋଗୁ ଏହା ପାଟିରେ ପକାଇବା ମାତ୍ରେ ମିଳାଇ ଯାଇଥାଏ। ଓଡ଼ିଶା ରସଗୋଲାରେ ପ୍ରାୟ ୭.୭୧% ପ୍ରୋଟିନ୍, ୬.୪୩ % ସ୍ନେହସାର ଓ ୪୩.୯୩% ଶ୍ୱେତସାର ରହୁଥିବାବେଳେ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE | 29.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 63 | 110 | 120 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 59 | 105 | 115 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers





“ କଂଗ୍ରେସ-ଜେଡିଏସ୍ ଶାସନରେ ପ୍ରଶାସନିକ କାର୍ଯ୍ୟଧାରା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହାକୁ ସଜାଡ଼ିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯିବ।
- ୟେଦୁରପ୍ପା
କର୍ଣାଟକ ମୁଖ୍ୟମନ୍ତ୍ରୀ




■ ଦୁର୍ଘଟଣାରେ ଉନ୍ନାଓ ପୀଡ଼ିତା ସଙ୍କଟାପନ୍ନ

# ଭାଜପା ବିଧାୟକଙ୍କ ବିରୋଧରେ ହତ୍ୟା ମାମଲା

ଲକ୍ଷ୍ନୌ,୨୯।୭(ପି.ଟି.)

ରବିବାର ସଡ଼କ ଦୁର୍ଘଟଣାରେ ଉନ୍ନାଓ ପୀଡ଼ିତା ଓ ତାଙ୍କ ଓକିଲ ଗୁରୁତର ଆହତ ହୋଇଥିବାବେଳେ ତାଙ୍କର ଖୁଡ଼ୀ ଓ ମାଉସୀ ପ୍ରାଣ ହରାଇଥିଲେ। ଏହି ଘଟଣାରେ ସୋମବାର ଭାଜପା ବିଧାୟକ କୁଲଦୀପ୍ ସିଂ ସେନ୍‌ଗାରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ରାଏବରେଲିର ଗୁରୁବକ୍ସଗଞ୍ଜ ଥାନାରେ ଦାଏର ଏତଲାରେ ୧୫ରୁ ୨୦ ଜଣ ଅଜଣା ବ୍ୟକ୍ତିଙ୍କ ନାଁ ରହିଛି। ବିଧାୟକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆଇପିସିର ଧାରା ୩୦୨(ହତ୍ୟା), ୩୦୭(ହତ୍ୟା ଉଦ୍ୟମ), ୫୦୬ (ଧମକ ଦେବା), ୧୨୦ବି (ଅପରାଧ ଷଡ଼ଯନ୍ତ୍ର)ରେ ମାମଲା ରୁଜୁ ହୋଇଛି।

ଉତ୍ତରପ୍ରଦେଶର ବଙ୍ଗେରମାଉ ଆସନରୁ ୪ ଥର ବିଧାୟକ ଥିବା କୁଲଦୀପ୍ ୨୦୧୭ରେ ଉନ୍ନାଓର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ୨୦୧୮ରେ ଗିରଫ ହୋଇଥିଲେ। ରାଏବରେଲି ଜେଲ୍‌ରେ ଥିବା ପୀଡ଼ିତାଙ୍କ ଦାଦାଙ୍କ ଏତଲା କ୍ରମେ ମାମଲା ଦାଏର ହୋଇଥିଲା। ରବିବାର ପୀଡ଼ିତା ତାଙ୍କ ପରିବାର ସଦସ୍ୟ ଓ ଓକିଲଙ୍କ ସହ ଏକ କାରରେ ଯାଉଥିବାବେଳେ ଦ୍ରୁତଗାମୀ ଟ୍ରକ୍ ଧକ୍କାଦେବାରୁ ଦୁଇ ପରିବାର



ଭାଜପା ବିଧାୟକ କୁଲଦୀପ୍ ସିଂ ସେନ୍‌ଗାର।



ଦୁର୍ଘଟଣାରେ ଚୂରମାର୍ ହୋଇଯାଇଥିବା କାର୍।

ସଦସ୍ୟଙ୍କ ମୃତ୍ୟୁ ହେବା ସହ ପୀଡ଼ିତା ଓ ତାଙ୍କ ଓକିଲ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଛି।

ତାଙ୍କ ପରିବାର ସଦସ୍ୟମାନଙ୍କୁ ମାରିଦେବା ପାଇଁ ବିଧାୟକ ଓ ତାଙ୍କ ଲୋକମାନେ ଷଡ଼ଯନ୍ତ୍ର କରିଥିଲେ ବୋଲି ପୀଡିତାଙ୍କ ମାଆ ଅଭିଯୋଗ କରିଛନ୍ତି। ତେବେ ପ୍ରାଥମିକ ଅନୁସନ୍ଧାନରୁ ଏହା ଏକ ଦୁର୍ଘଟଣା ଥିଲା ବୋଲି ପୋଲିସ କହୁଛି। ପୀଡିତାଙ୍କୁ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥିଲେ ହେଁ ଦୁର୍ଘଟଣା ଦିନ ସେମାନେ ତାଙ୍କ ସହ ଯାଇ ନ ଥିଲେ। ଧକ୍କା ଦେଇଥିବା ଟ୍ରକ୍‌ର ନମ୍ବର ପ୍ଲେଟରେ କଳା ବୋଳିଦିଆଯାଇଥିବାରୁ ଏହା ସୁଚିନ୍ତିତ ହତ୍ୟା ଯୋଜନା ଥିଲା ବୋଲି କୁହାଯାଉଛି। ପ୍ରାଣ ହରାଇଥିବା ଖୁଡ଼ୀ ଓ ମାଉସୀ ଉନ୍ନାଓ ବଳାତ୍କାର ମାମଲାର ସାକ୍ଷୀ ଥିଲେ।

ପୀଡ଼ିତା ଲକ୍ଷ୍ନୌର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ତାଙ୍କର ପଞ୍ଜରା ଓ କାନ୍ଧ ହାଡ଼ ଏବଂ ହାତଗୋଡ଼ ଭାଙ୍ଗିଯାଇଥିବା ଡାକ୍ତର କହିଛନ୍ତି। ପୂର୍ବରୁ ଜଣେ ଅଭିଯୁକ୍ତଙ୍କ ପୁଅ ସେମାନଙ୍କୁ ଧମକ ଦେଇଥିଲା ବୋଲି ପୀଡିତାଙ୍କ ମାଆ କହିଛନ୍ତି। ଜେଲ୍‌ରେ ଥାଇ ଭାଜପା ବିଧାୟକ ହତ୍ୟା ଷଡଯନ୍ତ୍ରର ପରିଚାଳନା କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଟ୍ରକ୍ ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରାଯାଇଥିବା ପୋଲିସ ଏକ ଖବରଦାତା ସମ୍ମିଳନୀରେ କହିଛି। ଟ୍ରକ୍ ଋଣ ପରିଶୋଧ ହୋଇ ନ ଥିବାରୁ ଧରା ନ ପଡିବା ପାଇଁ ଏହାର ନମ୍ବରପ୍ଲେଟରେ କଳା ବୋଳାଯାଇଥିଲା ବୋଲି ମାଲିକ କହିଛନ୍ତି। ପୀଡିତାଙ୍କୁ ଜଣେ ବନ୍ଧୁକଧାରୀଙ୍କ ସମେତ ୯ ଜଣ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଛି। ତେବେ କାର୍‌ରେ ଜାଗା ନ ଥିବାରୁ ସେମାନଙ୍କୁ ନ ଯିବା ପାଇଁ କୁହାଯାଇଥିଲା। ସେମାନେ ୫ ଜଣ ଯାଉଛନ୍ତି ଓ ସନ୍ଧ୍ୟା ସୁଦ୍ଧା ଫେରିଆସିବେ ବୋଲି ପୀଡିତାଙ୍କ ଖୁଡ଼ୀ କହିଥିବା ପୋଲିସ ସୂଚନା ଦେଇଛି।

ଉନ୍ନାଓ ଦୁର୍ଘଟଣା ହତ୍ୟା ଷଡ଼ଯନ୍ତ୍ର ଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିବା ପରେ ଏହାର ସିବିଆଇ ତଦନ୍ତ ଲାଗି ଉତ୍ତରପ୍ରଦେଶ ସରକାର ପ୍ରସ୍ତୁତ ବୋଲି ଡିଜିପି ଓ.ପି. ସିଂ କହିଛନ୍ତି। ପୀଡିତାଙ୍କ ମାଆ କିମ୍ବା

■ ଟ୍ରକ ମଡ଼ାଇ ମାରିଦେବା ଷଡ଼ଯନ୍ତ୍ର ଅଭିଯୋଗ
■ ସିବିଆଇ ତଦନ୍ତ ପାଇଁ ସରକାର ପ୍ରସ୍ତୁତ: ଡିଜିପି
■ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ସମ୍ପର୍କୀୟ ଅନୁରୋଧ କଲେ ସରକାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବେ ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ମାରିଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ଏସ୍‌ପି ସଦସ୍ୟ ରାମ ଗୋପାଳ ଯାଦବ ଅଭିଯୋଗ କରିଛନ୍ତି। ଶୂନ୍ୟକାଳରେ ଏସ୍‌ପି, ବିଏସ୍‌ପି, କଂଗ୍ରେସ, ଏଏପି ସମେତ ସବୁ ବିରୋଧୀ ଦଳ ଏହି ଘଟଣାକୁ ନେଇ ପ୍ରବଳ ହଙ୍ଗାମା କରିବାରୁ ରାଜ୍ୟ ସଭାକୁ ମୁଲତବୀ ରଖାଯାଇଥିଲା। ଉନ୍ନାଓ ପୀଡିତାଙ୍କ ଗାଡ଼ି ଦୁର୍ଘଟଣାକୁ ସୁପ୍ରିମକୋର୍ଟ ଅନୁଧ୍ୟାନ କରି ଭାଜପା ବିଧାୟକ ସମ୍ପୃକ୍ତ ଥିବା ଉକ୍ତ ମାମଲାରେ ହସ୍ତକ୍ଷେପ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପୀଡିତାଙ୍କ ମୁହଁ ବନ୍ଦ କରିଦେବାକୁ ଉଦ୍ୟମ ହୋଇଥିବା କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ ଅଭିଯୋଗ କରିଛନ୍ତି।



**ବିଶାଖାପାଟଣା:** ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏମ୍‌କେ-୪ ଶ୍ରେଣୀର ଷଷ୍ଠ ଯୁଦ୍ଧଜାହାଜ ଏଲ୍‌ସିୟୁ ଏଲ୍-୫୬ ସୋମବାର ନୌସେନାରେ ସାମିଲ ହୋଇଛି।

■ ଭାଜପା ଏମ୍‌ପିଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

## କ୍ଷମା ମାଗିଲେ ଆଜମ୍ ଖାନ୍

ନୂଆଦିଲ୍ଲୀ,୨୯।୭(ପି.ଟି.)

ଭାଜପା ଏମ୍‌ପି ରମା ଦେବୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ସଦସ୍ୟ ଆଜମ୍ ଖାନ୍ ସୋମବାର ଲୋକ ସଭାରେ କ୍ଷମା ମାଗିଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା କ୍ଷମା ମାଗିବାକୁ ଆଜମ୍‌ଙ୍କୁ କହିଥିଲେ। ଏସ୍‌ପି ସଦସ୍ୟ ଦୁଇଥର କ୍ଷମା ମାଗିଥିଲେ। ସେ ୯ ଥର ବିଧାୟକ, ୪ ଥର ମନ୍ତ୍ରୀ, ଗୋଟିଏ ଥର ରାଜ୍ୟ ସଭା ସଦସ୍ୟ ଓ ଦୁଇଥର ସଂସଦୀୟ ବ୍ୟାପାର ମନ୍ତ୍ରୀ ହୋଇଛନ୍ତି। ବ୍ୟବସ୍ଥାପକର କାର୍ଯ୍ୟଧାରା ବିଷୟରେ ସେ ଜାଣନ୍ତି। ତେବେ ତାଙ୍କ କଥା କାହାକୁ ଆଘାତ ଦେଇଥିଲେ ସେଥିପାଇଁ ସେ କ୍ଷମା ମାଗୁଛନ୍ତି ବୋଲି ଆଜମ୍ କହିଥିଲେ। ତାଙ୍କର ଏହି କଥା ସ୍ପଷ୍ଟ ଭାବେ ଶୁଣା ନ



ଯିବାରୁ ଆଉଥରେ କହିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ।

ସୂଚନାଯୋଗ୍ୟ ଗତ ଗୁରୁବାର ଲୋକ ସଭାରେ ରମା ଦେବୀ ଅଧ୍ୟକ୍ଷତା କରୁଥିବାବେଳେ ଆଜମ୍ ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାକୁ ଗୃହରେ ଦଳମତ ନିର୍ବିଶେଷରେ ବିରୋଧ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା।

## ଚିଟ୍‌ଫଣ୍ଡ ସ୍କିମ୍‌ରେ ଅଙ୍କୁଶ ଲାଗି ପାର୍ଲାମେଣ୍ଟରେ ବିଲ୍ ପାସ୍

ନୂଆଦିଲ୍ଲୀ, ୨୯।୭(ପି.ଟି.)

ଚିଟ୍‌ଫଣ୍ଡ ସ୍କିମ୍‌ରେ ଅଙ୍କୁଶ ଲଗାଇବା ଲାଗି ସୋମବାର ପାର୍ଲାମେଣ୍ଟରେ ସର୍ବସମ୍ମତି କ୍ରମେ ବିଲ୍ ପାସ ହୋଇଛି। ଗତ ୨୪ରେ ଲୋକ ସଭାର ଅନୁମୋଦନ ପାଇବା ପରେ ସୋମବାର ରାଜ୍ୟ ସଭାରେ ଭଏସ୍ ଭୋଟ୍‌ରେ ଏହାକୁ ପାସ୍ କରାଯାଇଛି। ଫଳରେ ନିରୀହ ଗରିବ ଲୋକମାନେ ଫସୁଥିବା ଏହି ଯୋଜନାରୁ ସେମାନଙ୍କୁ ମୁକ୍ତି ମିଳିବ। ଜମା କରିଥିବା ଅର୍ଥ ସେମାନେ କିପରି ଫେରିପାଇବେ ସେନେଇ ବିଲ୍‌ରେ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

ଗୃହରେ ଆଲୋଚନାବେଳେ ବିଲ୍ ଉପରେ ମତଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି ଯେ, ଏହି ବିଲ୍ ଗରିବଙ୍କ ଝାଳବୁହା ଧନକୁ ସୁରକ୍ଷା ଦେବ। ବିଲ୍‌ରେ ରହିଥିବା ତ୍ରୁଟିକୁ ସୁଧାରିବା ଲାଗି ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ବେଆଇନ ଜମା ପୁଞ୍ଜିକୁ ରୋକିବା ଲାଗି ନୂତନ କେନ୍ଦ୍ରୀୟ ଆଇନ ବେଶ୍ ସହାୟକ ହୋଇପାରିବ। ଜମାକାରୀ ଟଙ୍କା ଫେରି ପାଇବା ଲାଗି ପଦକ୍ଷେପ ଗ୍ରହଣ କରାଯିବ। ଏହି ବିଲ୍ କେନ୍ଦ୍ର ଓ ରାଜ୍ୟକୁ ଆଇନ ତିଆରି ଲାଗି ଶକ୍ତି ଯୋଗାଇବ। ଚିଟ୍‌ଫଣ୍ଡ ନେଇ



ମୋଟ୍ ୯୭୮ ମାମଲା ଚିହ୍ନଟ କରାଯାଇଛି ଓ ସେଥିରୁ ପଶ୍ଚିମବଙ୍ଗରେ ୩୨୬ ମାମଲା ରହିଥିବା ଜଣାପଡ଼ିଛି। ଏଣିକି ବେଆଇନ ଭାବେ ଚାଲିଥିବା ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ, ଦଣ୍ଡବିଧାନ କରାଯାଇ ପାରିବ। ଏଥିଲାଗି ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଓ ୨ ଲକ୍ଷ ଟଙ୍କାରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ମିଳିବ। ଆଲୋଚନା ବେଳେ ଡିଏମ୍‌କେ ନେତା ପି. ୱିଲ୍‌ସନ, ୱାଇଏସ୍‌ଆର୍‌ସିପିର ଭି. ବିଜୟ ରେଡ୍ଡୀ, ଭାଜପାର ରାମକୁମାର ବର୍ମା, ଆଇଏନ୍‌ଏସ୍‌ର କେ.ସି. ରାମମୂର୍ତ୍ତି, ଟିଏମ୍‌ସିର ଅହମ୍ମଦ ହାସନ୍, ଆପ୍‌ର ଏନ୍.ଡି. ଗୁପ୍ତା ପ୍ରମୁଖ ବିଲ୍‌କୁ ସମର୍ଥନ କରିଥିଲେ।

## ମେଡିକାଲ କମିଶନ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୨୯।୭(ପି.ଟି.)**-ଜାତୀୟ ମେଡିକାଲ କମିଶନ ବିଲ୍ ସୋମବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଭାରତର ମେଡିକାଲ କାଉନ୍‌ସିଲ (ଏମ୍‌ସିଆଇ) ବଦଳରେ ଏକ ନୂଆ ଅନୁଷ୍ଠାନ ଗଠନ ଲାଗି ଏହି ବିଲ୍ ଅଣାଯାଇଛି। ମେଡିକାଲ ଚିକିତ୍ସା ବିଭାଗରେ ଇନ୍‌ସ୍ପେକ୍ଟର ରାଜ୍‌ର ଅବସାନ ଲାଗି ଏହା ଏକ ବଡ଼ ସଂସ୍କାର ବୋଲି ସରକାର କହିଛନ୍ତି। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଏମ୍‌ବିବିଏସ୍ ଶେଷ ବର୍ଷ ପରୀକ୍ଷାକୁ ପିଜି ପାଇଁ ପ୍ରବେଶିକା ପରୀକ୍ଷା (ଏଣ୍ଟ୍ରାନ୍ସ) ଭାବେ ଗ୍ରହଣ କରାଯିବ। ସେହିପରି ବିଦେଶରେ ମେଡିସିନ୍‌ରେ ସ୍ନାତକ ଡିଗ୍ରୀ କରି ଫେରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏକ ସ୍କ୍ରିନିଂ ପରୀକ୍ଷା କରାଯିବ। ଏହାକୁ ଜାତୀୟ ପ୍ରସ୍ଥାନ ପରୀକ୍ଷା (ନେକ୍ସଟ୍) କୁହାଯିବ। ପ୍ରସ୍ତାବିତ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଭିତ୍ତିଭୂମିର ବାରମ୍ବାର ଅନୁଧ୍ୟାନ ନ କରି ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି।

## ବିଏସ୍‌ପି ନେତାଙ୍କୁ ଗୁଳିକରି ହତ୍ୟା

**ଜୟପୁର,୨୯।୭(ପି.ଟି.)**-ରାଜସ୍ଥାନର ଅଲୱର ଜିଲାରେ ସୋମବାର ଜଣେ ବିଏସ୍‌ପି ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ଜଶରାମ୍ ଗୁର୍ଜର (୪୦) ବୋଲି ପୋଲିସ କହିଛି। ୨୦୧୮ ରାଜ୍ୟ ବିଧାନସଭା ନିର୍ବାଚନରେ ବେହରର୍‌ରୁ ସେ ବିଏସ୍‌ପି ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିଥିଲେ। ଜୈନପୁର୍‌ବାସ୍ ଗ୍ରାମ ନିକଟ ଏକ ମନ୍ଦିର ପାଖରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳିମାଡ଼ କରି ଫେରାର୍ ହୋଇଯାଇଥିବା ପୋଲିସ ଅଧିକାରୀ ସଗୁନ୍ ସିଂ କହିଛନ୍ତି। ଗୁର୍ଜରଙ୍କୁ ସଙ୍ଗେସଙ୍ଗେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୁକୁଲ ରାୟଙ୍କ ବିରୋଧରେ ଗିରଫ ପରୱାନା

**କୋଲକାତା,୨୯।୭(ପି.ଟି.)**-ବୁରାବଜାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ଜବତ ୧୯ ଲକ୍ଷ ଟଙ୍କା ସହ ଭାଜପା ନେତା ମୁକୁଲ ରୟ ସମ୍ପୃକ୍ତ ଥିବା ଅଭିଯୋଗରେ କୋଲକାତାର ଏକ ଅଦାଲତ ସୋମବାର ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ମୁକୁଲ ତଦନ୍ତରେ ସହଯୋଗ କରୁ ନ ଥିବା ପୋଲିସର ଅଭିଯୋଗକ୍ରମେ ଅତିରିକ୍ତ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଏହି ଗିରଫ ପରୱାନା ଜାରି କରିଛନ୍ତି। ପୂର୍ବରୁ ମୁକୁଲଙ୍କୁ ଥାନାରେ ହାଜର ହେବା ପାଇଁ ତଦନ୍ତକାରୀ ଅଧିକାରୀ ନୋଟିସ କରିଥିଲେ ହେଁ ସେ ଯାଇ ନ ଥିଲେ।

ଅଗୁଷ୍ଟା ହେଲିକପ୍ଟର ଦୁର୍ନୀତି

## କମଲନାଥଙ୍କ ପୁତୁରା ନେଇଥିଲେ ଲାଞ୍ଚ

**ନୂଆଦିଲ୍ଲୀ,୨୯।୭(ପି.ଟି.)**-ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଚୁକ୍ତିନାମାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀଙ୍କୁ ଉତ୍କୋଚ ମିଳିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ କୋର୍ଟଙ୍କୁ ଜଣାଇଛି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ ଅଦାଲତରେ ସୋମବାର ରାତୁଲଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ବେଳେ ଇଡି ଉପରୋକ୍ତ ଅଭିଯୋଗ ଆଣିଛି। ତାଙ୍କୁ ଗିରଫଦାରୀରୁ ଗୋଟିଏ ଦିନ ପାଇଁ ରିହାତି ମିଳିଛି। ହିନ୍ଦୁସ୍ତାନ ପାୱାର ପ୍ରୋଜେକ୍ଟର ଅଧ୍ୟକ୍ଷ ଥିବା ରାତୁଲ ୨୭ ତାରିଖରେ ଆଗୁଆ



ଜାମିନ ଆବେଦନ କରିଥିଲେ। ୨ ଭାଜପା ବିଧାୟକ କମଲନାଥଙ୍କ ସରକାର ଆଣିଥିବା ବିଲ୍‌କୁ ସମର୍ଥନ କରିବା ପରେ ରାଜନୈତିକ ଷଡ଼ଯନ୍ତ୍ର କରି ତାଙ୍କ ଗିରଫ କରିବା ଲାଗି ଉଦ୍ୟମ କରାଯାଉଛି ବୋଲି ରାତୁଲ କହିଛନ୍ତି।

## ୫୮ ପୁରୁଣା ଆଇନ ରଦ୍ଦ ହେବ

**ନୂଆଦିଲ୍ଲୀ,୨୯।୭(ପି.ଟି.)**-ଦେଶରେ ପ୍ରଚଳିତ ୫୮ଟି ପୁରୁଣା ଆଇନକୁ ରଦ୍ଦ କରିବା ଲାଗି ସୋମବାର ଲୋକ ସଭାରେ ବିଲ୍ ଗୃହୀତ ହୋଇଛି। ଏହି ଆଇନ ଜନସାଧାରଣଙ୍କ ପାଇଁ ସୁବିଧାଜନକ ହୋଇ ନ ଥିବାରୁ ସେଗୁଡ଼ିକୁ ହଟାଇଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଉକ୍ତ ବିଲ୍ ଆଗତ କରି କହିଥିଲେ, ଭାଜପା ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ ୧୪୨୮ଟି ପୁରାତନ ଆଇନକୁ ରଦ୍ଦ କରାଗଲାଣି। ପରିବର୍ତ୍ତିତ ଆଇନ ସମ୍ପର୍କରେ ପୋଲିସକୁ ଶିକ୍ଷା ଦେବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହା ଜାଣିବାକୁ କଂଗ୍ରେସ ଏମ୍‌ପି ଶଶୀ ଥରୁର ଚାହିଁଥିଲେ। ବୈବାହିକ ବଳାତ୍କାର ଆଇନରେ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ଥରୁର କହିଥିଲେ।

## ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ କାର୍ଯ୍ୟାଳୟରେ ଆକ୍ରମଣ: ୨୦ ମୃତ

**କାବୁଲ୍,୨୯।୭(ପି.ଟି.)**-ଆଫଗାନିସ୍ତାନର ରାଜଧାନୀ କାବୁଲରେ ଥିବା ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ଗ୍ରୀନଟ୍ରେଣ୍ଡ କାର୍ଯ୍ୟାଳୟ ଉପରେ ରବିବାର ଆକ୍ରମଣ ହୋଇଛି। ଏଥିରେ ୨୦ ନିହତ ହେବା ସହ ୫୦ ଜଣ ଆହତ ହୋଇଥିବା ଜଣାପଡ଼ିଛି। କେତେକ ଅଜ୍ଞାତ ବନ୍ଧୁକଧାରୀ କାର୍ଯ୍ୟାଳୟ ଭିତରେ ପଶି ୬ ଘଣ୍ଟାକାଳ ଆତଙ୍କ ସୃଷ୍ଟି କରିଥିଲେ। ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ମୁହାଁମୁହିଁ ହୋଇଥିଲା। ଉପରାଷ୍ଟ୍ରପତି ପ୍ରାର୍ଥୀ ତଥା ଗୋଇନ୍ଦା ବିଭାଗର ପୂର୍ବତନ ମୁଖ୍ୟ ଅମ୍‌ରୁଲ୍ଲା ସଲେହଙ୍କୁ ସେମାନେ ଟାର୍ଗେଟ କରିଥିଲେ। ହେଲେ ଅମ୍‌ରୁଲ୍ଲା ଓ ୮୫ ଜଣ ଲୋକ ସେଠାରୁ ପଳାଇବାରେ ସମର୍ଥ ହୋଇଥିଲେ। ଅଜ୍ଞାତ ବନ୍ଧୁକଧାରୀମାନେ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବାବେଳେ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନ ଥିବା ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ମୁଖପାତ୍ର ନସ୍‌ରତ୍ ରହିମି ପ୍ରକାଶ କରିଛନ୍ତି।

# ଶ୍ରୀନଗର ମସ୍‌ଜିଦ ଉପରେ ନଜର

**ଶ୍ରୀନଗର୨୯।୭(ପି.ଟି.)**-ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଶ୍ରୀନଗରରେ ଥିବା ମସ୍‌ଜିଦ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଲାଗି ୫ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଜ ନିଜ ଅଞ୍ଚଳରେ ଥିବା ଏହି ମସ୍‌ଜିଦ ସମ୍ପର୍କିତ ତଥ୍ୟ ଯଥାଶୀଘ୍ର ଦାଖଲ କରିବା ଲାଗି ସେମାନଙ୍କୁ କୁହାଯାଇଛି। ଏନେଇ ଶ୍ରୀନଗରର ୫ ଏସ୍‌ପିଙ୍କୁ ଚିଠି ମଧ୍ୟ ପ୍ରଦାନ କରାଯାଇଛି। କେଉଁଠାରେ କେତେ ମସ୍‌ଜିଦ ଅଛି, ସେମାନଙ୍କର ପରିଚାଳନା ଦାୟିତ୍ୱ କିଏ ନେଉଛି, ସ୍ଥାନୀୟ ମସ୍‌ଜିଦର ଇମାମ୍‌ଙ୍କ ନାମ କ'ଣ, ସେ ସମ୍ପର୍କରେ ସବିଶେଷ ତଥ୍ୟ ତୁରନ୍ତ ଯୋଗାଇ ଦେବାକୁ ଏସ୍‌ଏସ୍‌ପି ହସିବ୍ ମୁଘଲ ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ନିୟମିତ କାର୍ଯ୍ୟକ୍ରମ ଓ ପୋଲିସ୍‌ଷ୍ଟେଶନରେ ତଥ୍ୟ ରଖିବା ଲାଗି ଏହା ଉଦ୍ଦିଷ୍ଟ ବୋଲି କୁହାଯାଇଛି। ରେଳ ବିଭାଗ ଅଧିକାରୀଙ୍କଠାରୁ କର୍ମଚାରୀଙ୍କୁ ଚିଠି ପଠାଯିବାର ଗୋଟିଏ ଦିନ ପରେ ରାଜ୍ୟ ପୋଲିସ ଅଧିକାରୀଙ୍କ ପୁଣି ଏକ ଚିଠି ଏସ୍‌ପିଙ୍କୁ ମିଳିଛି। ଏଭଳି କାର୍ଯ୍ୟକୁ ନେଇ ଭିନ୍ନମତ ପ୍ରକାଶ ପାଇଛି। ଆତଙ୍କବାଦର ଶିକାର ହୋଇଆସୁଥିବା ଜମ୍ମୁ-କଶ୍ମୀର ଉପରେ କେନ୍ଦ୍ର ସରକାର କିଛି ଗୋଟେ ନିଷ୍ପତ୍ତି ନେଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ରରୁ ଜମ୍ମୁ-କଶ୍ମୀରକୁ ୧୦ ହଜାର ଅତିରିକ୍ତ ସୈନ୍ୟ ପଠାଯିବା, ଆତଙ୍କବାଦ ପ୍ରତି କେନ୍ଦ୍ର କଠୋର ମନୋଭାବ ପୋଷଣ କରିବା, ପାକିସ୍ତାନକୁ ବିଭିନ୍ନ ପ୍ରକାର ଚେତାବନୀ ଦେବା, ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଓ ୩୫ଏର ଉଚ୍ଛେଦ ଲାଗି ସରକାରୀ ଦଳର ନେତାମାନେ ମତପ୍ରକାଶ କରିବା ଭିନ୍ନ ସଙ୍କେତ ଦେଉଛି। ତେବେ କେନ୍ଦ୍ରର ଆଭିମୁଖ୍ୟ କ'ଣ ରହିବ, ତାହା ସମୟ ହିଁ କହିବ।

**୫ ଏସ୍‌ପିଙ୍କୁ ତଥ୍ୟ ସଂଗ୍ରହ ଦାୟିତ୍ୱ**

## ଏକାଠି ହେବାକୁ ମେହବୁବାଙ୍କ ଆହ୍ୱାନ

**ଶ୍ରୀନଗର,୨୯।୭**- ଜମ୍ମୁ-କଶ୍ମୀରରେ ଅତିରିକ୍ତ ୧୦ ହଜାର ସେନା ମୁତୟନକୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ବିରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ୍ ଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଫାରୁକ୍ ଅବଦୁଲ୍ଲା ଏନେଇ ସର୍ବଦଳୀୟ ବୈଠକ ଡାକିବାକୁ ସେ କହିଛନ୍ତି। ଏଭଳି ମୁହୂର୍ତ୍ତରେ ଆମ୍ଭେମାନେ ଏକାଠି ହେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହୁଥିବାବେଳେ



**ଅକ୍ଟୋବରରେ ହୋଇପାରେ ନିର୍ବାଚନ**

ରାଜ୍ୟରେ ଏତେ ମାତ୍ରାରେ ସେନା ମୁତୟନ ଦ୍ୱାରା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଥିବା ମେହବୁବା ପ୍ରକାଶ କରିଛନ୍ତି। ଆସନ୍ତା ଅକ୍ଟୋବରରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ଏଥିରୁ ଫାଇଦା ନେବାକୁ ଦୁଇ ରାଜନୈତିକ ଦଳ ସୁଯୋଗକୁ ଅପେକ୍ଷା କରିଛନ୍ତି। ଆତଙ୍କବାଦ ବିରୋଧରେ କେନ୍ଦ୍ର ସରକାରର କଠୋର ମନୋଭାବ ଓ ଜମ୍ମୁ-କଶ୍ମୀରରେ ଏନ୍‌ଆଇଏ ଅଧିକାରୀଙ୍କ ଚଢ଼ାଉ ପରେ ଅତିରିକ୍ତ ସେନା ମୁତୟନକୁ ନେଇ ମେହବୁବା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।




## ସଂକ୍ଷେପରେ

### ଚଳିତବର୍ଷ ୩୧ ଖଣିର ଲିଜ ଅବଧି ଶେଷ ହେବ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୩୧ ଖଣିର ଲିଜ ଅବଧି ଶେଷ ହେବ। ସେଥିରୁ ୨୪ ଖଣି ଚାଲୁଥିବା ବେଳେ ୭ଟି ବନ୍ଦ ଖଣି ଅନ୍ତର୍ଭୁକ୍ତ। ସେଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଭୂତାତ୍ତ୍ୱିକ ସର୍ବେକ୍ଷଣ କରାଯାଇଛି। ୨୪ ଖଣିକୁ ନିଲାମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସୋମବାର ବିଧାନସଭା ପ୍ରଶ୍ନ କାଳ ବେଳେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ବିଜେଡି ସଭ୍ୟ ବ୍ରଜ କିଶୋର ପ୍ରଧାନଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ୭ଟି ଖଣି ବନ୍ଦ ରହିଛି ସେଗୁଡିକର ଭୂତାତ୍ତ୍ୱିକ ସର୍ବେକ୍ଷଣ କରିବାକୁ ଜିଏସ୍ଆଇ ସଂସ୍ଥାକୁ ନିୟୋଜିତ କରାଯାଇଛି। ସର୍ବେକ୍ଷଣ ଶେଷ ହେବା ପରେ ଉକ୍ତ ଖଣିଗୁଡିକୁ ଆଇନ ଅନୁଯାୟୀ ନିଲାମ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ।

### ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୭(ବ୍ୟୁରୋ): ଓଡ଼ିଶା ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖୁସି ବ୍ୟକ୍ତ କରିଛନ୍ତି । ଓଡିଶା ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ସାରା ବିଶ୍ୱରେ ଥିବା ଓଡିଆଙ୍କ ପାଇଁ ସବୁଠୁ ମିଠା ଖବର ବୋଲି ସେ ସାମାଜିକ ଗଣମାଧମରେ କହିଛନ୍ତି । ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଭୋଗ ହେଉଥିବା ରସଗୋଲା ପ୍ରାଚୀନ ଓଡିଆ ସଂସ୍କୃତି ଏବଂ ଭୋଜନର ଏକ ଅଶଂବିଶେଷ । ଓଡିଶା ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ଓଡିଆଙ୍କ ପାଇଁ ଖୁସିର ଦିନ ବୋଲି ସେ କହିଛନ୍ତି।

### ବର୍ଷା, ବନ୍ୟା ମୁକାବିଲା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୭(ବ୍ୟୁରୋ): ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ବିଶେଷ କରି କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ସଜାଗ ରହିବାକୁ ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସୂତିମାନଙ୍କୁ ମା' ଗୃହକୁ ସ୍ଥାନାନ୍ତର କରିବା, ମୋବାଇଲ ମେଡିକାଲ ଟିମ୍ ସଜାଗ ରହିବା, ବିଭିନ୍ନ ଔଷଧ (ହାଲୋଜେନ୍, କ୍ଲୋରିନ ବଟିକା, ଆଣ୍ଟିବାୟୋଟିକ୍ ଇତ୍ୟାଦି), ଏଏସ୍‌ଭି, ବ୍ଲିଚିଙ୍ଗ ପାଉଡର ଇତ୍ୟାଦି ମହଜୁଦ ରଖିବା ପାଇଁ କୁହାଯାଇଛି।




# ସୂର୍ଯ୍ୟୋଦୟରୁ ରାତି ୯ ଯାଏ ଖୋଲାରହିବ ଦେଶର ୧୦ କୀର୍ତ୍ତିରାଜି

## ତାଲିକାରେ ଭୁବନେଶ୍ୱରର ରାଜାରାଣୀ ମନ୍ଦିର



ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଦେଶର ୧୦ ପ୍ରମୁଖ ଐତିହାସିକ କୀର୍ତ୍ତିରାଜିକୁ ସୂର୍ଯ୍ୟୋଦୟଠାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ଘୋଷଣା କରିଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ। କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଉକ୍ତ ୧୦ କୀର୍ତ୍ତିରାଜି ମଧ୍ୟରେ ରହିଛି ଭୁବନେଶ୍ୱରର ରାଜାରାଣୀ ମନ୍ଦିର। ଏକାଦଶ ଶତାବ୍ଦୀରେ ନିର୍ମିତ ରାଜାରାଣୀ ମନ୍ଦିର ତାଲିକାର ଶୀର୍ଷରେ ରହିଛି।

ଜନସାଧାରଣ ତଥା ପର୍ଯ୍ୟଟକଙ୍କ ସୁବିଧା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସେମାନେ ଯେପରି ଏହି ଐତିହ୍ୟସ୍ଥଳୀଗୁଡ଼ିକୁ ବୁଲିବା ସହ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଅଧିକ ସମୟ ପାଇପାରିବେ ତାହାକୁ ଦୃଷ୍ଟିରେ ରଖି ଭ୍ରମଣ ସମୟକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଐତିହ୍ୟ ସ୍ଥଳୀଗୁଡ଼ିକ ସକାଳ ୯ଟାଠାରୁ ଅପରାହ୍ନ ସାଢ଼େ ୫ଟା ୩୦ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଖୋଲା ରହୁଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ଟି ଐତିହ୍ୟସ୍ଥଳୀରେ ବର୍ଦ୍ଧିତ ଭ୍ରମଣ ସମୟ ଲାଗୁ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଆଉକିଛି ଐତିହାସିକ କୀର୍ତ୍ତିରାଜି ପାଇଁ ତାହା ଲାଗୁ କରାଯିବ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୦ କୀର୍ତ୍ତିରାଜି ମଧ୍ୟରେ ରାଜାରାଣୀ ମନ୍ଦିର, ମଧ୍ୟପ୍ରଦେଶର ଛତରପୁରସ୍ଥିତ ଖଜୁରାଓ ଦୁହ୍ଲାଦେଓ ମନ୍ଦିର, ହରିୟାଣାର କୁରୁକ୍ଷେତ୍ର ଅନ୍ତର୍ଗତ ଥାନେସାରସ୍ଥିତ ଶେଖ ଚିଲ୍ଲି ସମାଧିସ୍ଥଳ, ଦିଲ୍ଲୀର ସଫଦରଜଙ୍ଗ ଓ ହୁମାୟୁଁ ସମାଧିସ୍ଥଳ, କର୍ଣାଟକର ଭାଗଲକୋଟ ଅନ୍ତର୍ଗତ ପଟ୍ଟଦକ୍କାଲସ୍ଥିତ କୀର୍ତ୍ତିରାଜି, କର୍ନାଟକ ବିଜୟପୁରାସ୍ଥିତ ଗୋଲ ଗମ୍ବୁଜ, ମହାରାଷ୍ଟ୍ର ଗଡ଼ଚିରୌଲି ଅନ୍ତର୍ଗତ ଛାମୁର୍ସି ମର୍କଣ୍ଡ ମନ୍ଦିରମାଳା, ଉତ୍ତରପ୍ରଦେଶ ବାରାଣସୀସ୍ଥିତ ବୈଧଶାଳା ମନମହଲ, ଗୁଜରାଟ ପଟନସ୍ଥିତ ରାଣୀ କି ଭାଓ ରହିଛି।

## ଚତୁର୍ଦ୍ଦଶ ଅର୍ଥ କମିଶନ

# କେନ୍ଦ୍ର ଦେଇନି ୩୦ ହଜାର କୋଟି

### ଯାହା ମାଗୁଛୁ, ମିଳୁନି

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଚତୁର୍ଦ୍ଦଶ ଅର୍ଥ କମିଶନ ଯାହା ସୁପାରିସ କରିଛନ୍ତି, ତାହା ଓଡ଼ିଶାକୁ ମିଳୁନାହିଁ। କମିଶନ ୨୦୧୫-୧୬ ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟ ପାଇଁ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶଧନ ବ୍ୟତୀତ ସ୍ୱାୟତ୍ତ ଶାସନ ସଂସ୍ଥାଙ୍କ ପାଇଁ ଅନୁଦାନ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ନିମିତ୍ତ କେନ୍ଦ୍ରୀୟ ଅନୁଦାନ ବାବଦରେ ମୋଟ ୧,୯୮,୪୧୧ କୋଟି ଟଙ୍କା ମାଗିଛନ୍ତି। ମାତ୍ର ସେଥିରୁ ୩୦,୧୦୫ କୋଟି ଟଙ୍କା କମ୍ ମିଳିଛି। କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ ୧,୮୪,୦୭୦ କୋଟି ଟଙ୍କା କମିଶନ ସୁପାରିସ କରିଥିବାବେଳେ ସ୍ୱାୟତ୍ତ ଶାସନ ସଂସ୍ଥା ପାଇଁ ଅନୁଦାନ ବାବଦରେ ୧୦,୬୨୩କୋଟି ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ କେନ୍ଦ୍ରୀୟ ଅନୁଦାନ ବାବଦରେ ୩୭୧୮ କୋଟି ଟଙ୍କା ସୁପାରିସ କରାଯାଇଥିଲା। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ମୂଳ ପ୍ରଶ୍ନରେ ରାଜ୍ୟ ସରକାର ଯେତିକି ଟଙ୍କା ପାଇବା କଥା ତା'ଠାରୁ କମ୍ ପାଇବାର କାରଣ କ'ଣ ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଟିକସ ବାବଦରେ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ରାଜ୍ୟର ଅଂଶଧନ ୧,୮୪,୦୭୦ କୋଟି ଟଙ୍କା ଅର୍ଥ କମିଶନ ସୁପାରିସ କରିଥିଲେ। ସେଥିରୁ ୧୭,୨୯୯ କୋଟି ଟଙ୍କା କମ୍ ମିଳିଛି। ସେହିପରି ୨୦୧୯-୨୦ ପାଇଁ ୪୮,୫୬୦ କୋଟି ଟଙ୍କାର ସୁପାରିସ କରାଯାଇଥିବା ବେଳେ ୨୦୧୯-୨୦ରେ କେନ୍ଦ୍ର ସରକାର ତାଙ୍କ ବଜେଟରେ ୩୭,୫୬୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି; ଯାହାକି ୧୦,୬୯୦ କୋଟିଟଙ୍କା କମ। ସମ୍ପାଦନ ଭିତ୍ତିକ ଅନୁଦାନ (ପରଫରମାନ୍ସ ଗ୍ରାଣ୍ଟ) ବାବଦରେ ୪୧୯ କୋଟି ଟଙ୍କା କମ ମିଳିଥିବା ବେଳେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ପାଇଁ ୨୭୦ କୋଟି ଟଙ୍କା କମ ମିଳିଛି। ଏହି ଅନୁଦାନ ମିଳିବା ପାଇଁ ଅର୍ଥ କମିଶନଙ୍କ ସମସ୍ତ ସର୍ତ୍ତ ପୂରଣ କରାଯାଇଥିଲେ ମଧ ପଇସା ଠିକ ସମୟରେ ମିଳୁନାହିଁ ସେହିପରି ୨୦୧୫-୧୬ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଅର୍ଥ କମିଶନ ୩,୭୧୮ କୋଟି ଟଙ୍କା ସୁପାରିସ କରିଥିବା ବେଳେ ୬୨୧ କୋଟି ଟଙ୍କା କମ ମିଳିଛି। ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାଗୁଡିକ ପାଇଁ ଏହି ସମୟ ମଧ୍ୟରେ କମିଶନ ୧,୪୧୮ କୋଟି ଟଙ୍କା ସୁପାରିସ କରିଛନ୍ତି। ସେଥିରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୪୨୫ କୋଟି ଟଙ୍କା ଅର୍ଥ କମିଶନ ସୁପାରିସ କରିଥିଲେ। ସେଥିରୁ ପ୍ରଥମ କିସ୍ତିରେ ୨୧୩ କୋଟି ଟଙ୍କା ମିଳିବା କଥା। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୨୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପ୍ରଥମ କିସ୍ତି ବାବଦରେ ୧୮୫ କୋଟି ଟଙ୍କା ବାକି ରହିଛି। ଦେଶରେ ସେବା ଓ ଦ୍ରବ୍ୟ ଟିକସ(ଜିଏସ୍‌ଟି) ପ୍ରଚଳନ ହେବା ପରେ ୨୦୧୮-୧୯ ଠାରୁ ରାଜ୍ୟ ଅଂଶ ଧନ ବାବଦରେ ୨୬୬ କୋଟି ଟଙ୍କା କମ ମିଳିଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ କେନ୍ଦ୍ରୀୟ ଅଂଶ ଧନ ୨୯୦୦ କୋଟି ଟଙ୍କା ଦେବାକୁଥିବା ବେଳେ କେନ୍ଦ୍ର ସରକାର ୨,୫୪୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏ ବାବଦରେ ୩୫୫ କୋଟି ଟଙ୍କା କମ ମିଳିଛି। ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅଂଶଧନ ହ୍ରାସକୁ ନେଇ ଉଭୟ କଂଗ୍ରେସ ଓ ଶାସକ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

### ପାଣ୍ଡିଆନଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଥିବା ଭି.କେ. ପାଣ୍ଡିଆନଙ୍କୁ ନୂଆ ଦାୟିତ୍ୱ ମିଳିଛି। ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସହିତ ୫-ଟି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଥିବା ୨୦୦୦ ବ୍ୟାଚର ଏହି ଆଇଏଏସ ଅଫିସର ପୂର୍ବରୁ ଅନେକ ବିଭାଗର ଦାୟିତ୍ୱ ତୁଲାଇଛନ୍ତି। ୨୦୧୧ରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିଲେ। ସେବେଠାରୁ ସେ ଏହି ଦାୟିତ୍ୱରେ ଅଛନ୍ତି। ରାଜ୍ୟରେ ସ୍ୱଚ୍ଛ ଶାସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ୫-ଟି ମନ୍ତ୍ର କାର୍ଯ୍ୟକାରୀ କରିଛନ୍ତି। ତାହା ହେଲା ଟିମ ୱାର୍କ, ଟ୍ରାନ୍ସପାରେନ୍ସି, ଟେକ୍ନୋଲୋଜି, ଟ୍ରାନ୍ସଫରମେଶନ ଏବଂ ଟାଇମ। ଏହି ମନ୍ତ୍ରକୁ ଅଧାର କରି ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ନିଜର କର୍ତ୍ତବ୍ୟ ପାଳନ ଠିକ୍‌ଭାବେ କରୁଛନ୍ତି ନା ନାହିଁ ତାହା ସଚିବ ତଦାରଖ କରିବେ।

# ସିଂହଦ୍ୱାରରେ ମହାଦୀପ ଦାନ, ରସଗୋଲା ଭୋଗ

ପୁରୀ ଅଫିସ, ୨୯।୭

ଓଡ଼ିଶା ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିବା ନେଇ ପୁରୀବାସୀ ଅଧିକ ଖୁସି ହୋଇଛନ୍ତି। କାରଣ ଜଗନ୍ନାଥ ସଂସ୍କୃତିରେ ଏହାର ବେଶ୍ ମହତ୍ତ୍ୱ ରହିଛି। ନୀଳାଦ୍ରିବିଜେ ସମୟରେ ମହାପ୍ରଭୁ ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କରିଥାନ୍ତି। ଓଡ଼ିଶା ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିବା ପରେ ସୋମବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାଦୀପ ଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ରସଗୋଲା ଭୋଗ କରିବା ସହ ରସଗୋଲା ଆମର ବୋଲି ସ୍ଲୋଗାନ ଦେଇଥିଲେ।

ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, କାହିଁ କେତେ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିଛି ରସଗୋଲା। ରଥଯାତ୍ରା ସାରି ଶ୍ରୀମନ୍ଦିରକୁ ଫେରିବା ବେଳେ ମହାପ୍ରଭୁ ରସଗୋଲା ଦେଇ ଅଭିମାନୀ ଲକ୍ଷ୍ମୀ ଠାକୁରାଣୀଙ୍କ ମାନ ଭଞ୍ଜନ କରିଥାନ୍ତି। ଓଡ଼ିଶା ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ମହାପ୍ରଭୁଙ୍କର ଶ୍ରେୟ। ଶ୍ରୀଜଗନ୍ନାଥ ସେନା ଚେନ୍ନାଇରେ ଆବେଦନ କରିବା ପରେ ଓଡ଼ିଶାର ଗବେଷକ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ିଥିଲା। ଏହାପରେ ସରକାର ଏ ଦିଗରେ ଆଗେଇ ଯାଇଥିଲେ, ଯାହା ଆଜି ସଫଳ ହୋଇଛି। ଦୀର୍ଘଦିନ ଧରି ରସଗୋଲା କାହାର ବୋଲି ଯେଉଁ ବିବାଦ ଲାଗି ରହିଥିଲା ତାହାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଥିରେ ଓଡ଼ିଶାର ତଥା ଓଡ଼ିଆ ଜାତିର ବିଜୟ ହୋଇଛି। ସେହିପରି ନିମାପଡ଼ା ଛେନାଝିଲ୍ଲୀ, ଢେଙ୍କାନାଳ ବରା, ନୟାଗଡ଼ ଛେନାପୋଡ଼, ସମ୍ବଲପୁର କରଡ଼ି, କେନ୍ଦୁଝର ବଡ଼ି, ପୁରୀ ଖଜା ସମେତ ରାଜ୍ୟର ପୁରାତନ ଖାଦ୍ୟ ଓ ପିଠାପଣା ତାଲିକା ପ୍ରସ୍ତୁତ କରି ଜିଆଇ ଟ୍ୟାଗ୍ ମାଗିବାକୁ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମହାଦୀପ ଦାନ ସହ ରସଗୋଲା ଭୋଗ କରାଯାଉଛି।

# ରସଗୋଲାକୁ ଓଡ଼ିଆ ପରିଚୟ

ଓଡ଼ିଶା ରସଗୋଲାକୁ ମିଳିଛି ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ମାନ୍ୟତା। ଏହାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହି ମାନ୍ୟତା ଓଡ଼ିଆର ଜନଜୀବନ ଓ ଆର୍ଥିକ ଦିଗ ଉପରେ କି ପ୍ରଭାବ ପକାଇବ ସେ ନେଇ କେତେଜଣଙ୍କ ମତ...

### ସ୍ୱତନ୍ତ୍ରତାକୁ ସମ୍ମାନ ମିଳିଛି



ଆମେ ଓଡ଼ିଆ ଓ ରସଗୋଲା ଆମର। ଆମ ରସଗୋଲାକୁ କେବଳ ଜିଆଇ ମାନ୍ୟତା ମିଳିନି, ବରଂ ଆମ ସ୍ୱତନ୍ତ୍ରତାକୁ ଏକ ସମ୍ମାନ ମିଳିଛି। ଜଣେ ଓଡ଼ିଆ ଭାବେ ମୁଁ ଗର୍ବ ଅନୁଭବ କରୁଛି। ଓଡ଼ିଶା ନିଜର ପାରମ୍ପରିକ ଖାଦ୍ୟ ପାଇଁ ପ୍ରସିଦ୍ଧ ଏବଂ ଓଡ଼ିଆମାନେ ଖାଦ୍ୟପ୍ରେମୀଭାବେ ଜଣାଶୁଣା। ଯାହାହେଉ ସରକାର ଏକ ପାରମ୍ପରିକ ଓ ସର୍ବପୁରାତନ ଓଡ଼ିଆ ଖାଦ୍ୟକୁ ଏହାର ପ୍ରାପ୍ୟ ସମ୍ମାନ ଦେଇଛନ୍ତି। ରସଗୋଲା ବୋଲି ଯେଉଁମାନେ ଭାବନ୍ତି ତାହା ଆଉ ହେବନି।

– ଅବିନାଶ ରଣା, ସଫ୍ଟୱେର୍ ଇଞ୍ଜିନିୟର

### ଜିଆଇ ଟ୍ୟାଗ୍ ଆଣିବାରେ ସୀମିତ ନ ରୁହନ୍ତୁ ସରକାର



ଏହା ଏକ ଭଲ ଖବର ଯେ, ଓଡ଼ିଶା ରସଗୋଲାକୁ ଏକ ପରିଚୟ ମିଳିଲା। ବ୍ୟକ୍ତିଗତ ଭାବେ ଏଥିରେ ମୁଁ ବହୁତ ଖୁସି। ହେଲେ ସରକାର କେବଳ ଜିଆଇ ଟ୍ୟାଗ୍ ଆଣିବାରେ ସୀମିତ ନ ରହି ରସଗୋଲା ବ୍ୟବସାୟୀଙ୍କର କିଭଳି ଫାଇଦା ହେବ ଓ ଆମ ରସଗୋଲାକୁ କିଭଳି ବିଦେଶକୁ ପଠାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେବା ଉଚିତ୍। ଏଥିସହ ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଛି ତାହା ଉପରେ ଫୋକସ୍ କଲେ ଅଧିକ ଭଲହେବ।

ଦୁର୍ଗାପ୍ରସାଦ ପଣ୍ଡା, ମେଡିସିନ୍ ରିପ୍ରେଜେଣ୍ଟେଟିଭ

### ରସୋଗୋଲା ନୁହେଁ, ଏଣିକି ରସଗୋଲା



ରସୋଗୋଲା ନୁହେଁ, ଏଣିକି ଲୋକେ ରସଗୋଲା କହିବେ। ଜିଆଇ ଟ୍ୟାଗ୍ ମିଳିବା ଦ୍ୱାରା ଆମେ ହକ୍‌ରେ କହିପାରିବୁ ଯେ ଆମ ରସଗୋଲା। ତେବେ ଏହା କେବଳ ଏକ ଟ୍ୟାଗ୍। ଏହାଦ୍ୱାରା ରସଗୋଲା ବ୍ୟବସାୟୀଙ୍କର କିଛି ଫାଇଦା ହେବ ବୋଲି ମୁଁ ଭାବୁନି। ଯେଉଁମାନେ ଜାଣି ନ ଥିବେ ରସଗୋଲା ଓଡ଼ିଶାର ବୋଲି ସେମାନେ ଏହାଦ୍ୱାରା ଜାଣିପାରିବେ ଏବଂ ଓଡ଼ିଶା ରସଗୋଲା କିଭଳି ବଙ୍ଗଳା ରସଗୋଲା ଠାରୁ ଭିନ୍ନ ସେ ସମ୍ପର୍କରେ ଅବଗତ ହୋଇପାରିବେ। ଆଗକୁ ଆମ ପୋଡ଼ପିଠା, ଡାଲ୍‌ମାକୁ ଜିଆଇ ମିଳିବ ବୋଲି ମୁଁ ଭାବୁଛି।

– ସୁଶ୍ରୀ ଅଙ୍କିତା, ଛାତ୍ରୀ, ବ୍ୟାଚଲର୍ ଇନ୍ ଲାଇବ୍ରେରୀ ସାଇନ୍ସ

### ରସଗୋଲାକୁ ନେଇ ଲଢ଼ିବାରେ ଫାଇଦା ନାହିଁ



ମୋର ବାବା ବଙ୍ଗାଳୀ ଓ ମା' ଓଡ଼ିଆ। ତେଣୁ ରସଗୋଲା ସହ ମୋର ଏକ ଭିନ୍ନ ସମ୍ପର୍କ। ରସଗୋଲା ରସଗୋଲା। ଏହା ଓଡ଼ିଶାର କି ପଶ୍ଚିମବଙ୍ଗର ଓ କେଉଁଠାରୁ ଆସିଲା ମୋତେ କିଛି ଫରକ ପଡ଼େନା। ମୁଁ ରସଗୋଲାକୁ ଭଲପାଏ ଓ ରସଗୋଲା ମୋ ରକ୍ତରେ ଅଛି। ଏଭଳି ରାଜ୍ୟ ରାଜ୍ୟ ଭିତରେ ଲଢ଼ିବାର କୌଣସି ଫାଇଦା ନାହିଁ।

– ସାଇନି ସମର୍ପିତା, ଅପରେସନ୍ସ ଆନାଲିଷ୍ଟ

### ରସଗୋଲା କହିଲେ ଓଡ଼ିଶା



ଯେମିତି ବିରିୟାନୀ କହିଲେ ହାଇଦ୍ରାବାଦକୁ ବୁଝୁ, ଚା' କହିଲେ ଆସାମ, ସେମିତି ରସଗୋଲା କହିଲେ ସମସ୍ତଙ୍କ ମନରେ ପ୍ରଥମେ ଓଡ଼ିଶାର ନାମ ଆସିବା ଦରକାର। ଜିଆଇ ମାନ୍ୟତା ମିଳିବା ପରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଭିତରେ ବହୁବର୍ଷ ହେଲା ଯେଉଁ ଯୁଦ୍ଧ ଚାଲିଥିଲା ତାହାର ଅନ୍ତ ଘଟିଛି। ଓଡ଼ିଶା ରସଗୋଲାର ନୂଆ ପରିଚୟ ସୃଷ୍ଟି ହୋଇଛି। ନୂଆ ପରିଚୟ ମିଳିଛି। ଓଡ଼ିଆ ଭାବେ ମୁଁ ଏଥିପାଇଁ ଗର୍ବ କରୁଛି। ଯେଉଁମାନେ ଜାଣି ପାରୁ ନ ଥିଲେ ରସଗୋଲା ଓଡ଼ିଶାର ବୋଲି ସେମାନେ ଏବେ ଜାଣିପାରିବେ।

– ଶର୍ମିଳା ଶବର, ଏଚ୍‌ଓଡି, ମେକାନିକାଲ ଡିପାର୍ଟମେଣ୍ଟ, ଗଭର୍ନମେଣ୍ଟ ପଲିଟେକ୍‌ନିକ୍

### ରସଗୋଲା କାହାର ଜଣାପଡ଼ିନି



ଓଡ଼ିଶା ରସଗୋଲାକୁ ଭୌଗୋଳିକ ସଙ୍କେତ ମିଳିବା ଖୁସିର କଥା। ବିଳମ୍ବରେ ହେଉ ପଛେ ଓଡ଼ିଶା ରସଗୋଲାକୁ ମାନ୍ୟତା ମିଳିଛି। ଓଡ଼ିଶାବାସୀଙ୍କ ପାଇଁ ଏହା ଖୁସିର ବିଷୟ। ହେଲେ ଯେଉଁ ରସଗୋଲା ପାଇଁ ଦୁଇ ରାଜ୍ୟ ଭିତରେ ବିବାଦ ହୋଇଥିଲା ତାହାର ଏ ପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ରସଗୋଲା ଓଡ଼ିଶାର ନା ପଶ୍ଚିମବଙ୍ଗର ଏପର୍ଯ୍ୟନ୍ତ ଜଣାଯାଇନାହିଁ। ତେଣୁ ଓଡ଼ିଶାର ବିଜୟ ବୋଲି କହିବା ଉଚିତ ନୁହେଁ। କାରଣ ଓଡ଼ିଶାକୁ 'ଓଡ଼ିଶା ରସଗୋଲା' ପାଇଁ ଭୌଗୋଳିମଭକ ସଙ୍କେତ ମିଳିଛି।

– ରୌପ୍ୟା ସୁଚରିତା ରାଉତରାୟ, ଛାତ୍ରୀ

### ସତ ସର୍ବସାଧାରଣଙ୍କୁ ଜଣାପଡ଼ିଲା



ଓଡ଼ିଶାର ରସଗୋଲାକୁ ପଶ୍ଚିମବଙ୍ଗ ନିଜର କହୁଥିଲା। ହେଲେ ଆଜି ସତ ସର୍ବସାଧାରଣଙ୍କ ସାମ୍ନାକୁ ଆସିଲା। ରସଗୋଲା ଓଡ଼ିଶାର ବୋଲି ଜିଆଇ ଟ୍ୟାଗ୍ ମିଳିଲା। ଏଥିପାଇଁ ମୁଁ ବହୁତ ଖୁସି।

– ଶୁଭ ପ୍ରକାଶ ରଥ, ସିଭିଲ ଇଞ୍ଜିନିୟର

### ବିଳମ୍ବରେ ହେଉ ପଛେ ଆମକୁ ନ୍ୟାୟ ମିଳିଲା



ଟିକେ ସମୟ ଲାଗିଲା ହେଲେ ବିଳମ୍ବରେ ହେଉ ପଛେ ଆମକୁ ନ୍ୟାୟ ମିଳିଲା। ରସଗୋଲା ଓଡ଼ିଶାର ଥିଲା, ଅଛି ଓ ଆଗକୁ ବି ରହିବ ତା'ର ପ୍ରମାଣ ଆଜି ମିଳିଲା। ସାରା ରାଜ୍ୟ ଏଥିପାଇଁ ଖୁସି ମନାଉଛି, ଆଉ ମୁଁ ବି ସେଥିରେ ସାମିଲ ହୋଇଛି।

– ଅମ୍ରିତ ପତି, ବ୍ୟାଙ୍କର୍

### ରସଗୋଲା ଏବେ ଆମର



ଏତେ ଦିନ ଧରି ରସଗୋଲାକୁ ନେଇ ଦୁଇ ରାଜ୍ୟ ଓଡ଼ିଶା ଓ ପଶ୍ଚିମବଙ୍ଗ ଭିତରେ ଯେଉଁ ବିବାଦ ଲାଗି ରହିଥିଲା ତା'ହା ଦୂର ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗ ଭାବେ ଲାଗିହେଉଥିବା ରସଗୋଲାକୁ ପଶ୍ଚିମବଙ୍ଗ ନିଜର ବୋଲି ଆଉ କହିପାରିବ ନାହିଁ। ଜିଆଇ ଟ୍ୟାଗ ପରେ ରସଗୋଲା ଏବେ ଆମର ବୋଲି ଆଜି ପ୍ରମାଣିତ ହୋଇଛି।

– ମନ୍ମଥ କୁମାର ରାଉତ, ଶିକ୍ଷକ

### ରସଗୋଲା ଓଡ଼ିଶାରୁ ସୃଷ୍ଟି ବୋଲି ପ୍ରମାଣ ନାହିଁ



ଓଡ଼ିଶାର ରସଗୋଲା ବ୍ୟବସାୟୀମାନଙ୍କ ପାଇଁ ଏହା ଏକ ଟେକ୍ନିକାଲ ମାଇଲ୍‌ଷ୍ଟୋନ୍। ହେଲେ ଏହାଦ୍ୱାରା ଆମେ ପ୍ରମାଣ କରିପାରିନୁ ଯେ ରସଗୋଲା ଓଡ଼ିଶାରୁ ସୃଷ୍ଟି ହୋଇଥିଲା। ଏହାକୁ ଆମେ ବିଜୟ ବୋଲି କହିପାରିବା ନାହିଁ। ଆମ ରସଗୋଲାକୁ କେବଳ ଏକ ପରିଚୟ ମିଳିଛି ବୋଲି ମୁଁ କହିବି।

– ମନୋଜ କୁମାର ଦାସ, ଭିଜୁଆଲ ଏଡିଟର୍

### ଓଡ଼ିଆମାନେ ଖୁସି ମନାଇବା ବୋକାମୀ



ଓଡ଼ିଶା ଯେବେ ବି ସର୍ବଭାରତୀୟସ୍ତରରେ କିଛି ଦାବି କରିଛି ତାହା କେବେ ପୂରଣ ହୋଇନି। ଏଠି କେବଳ ଆମକୁ ସାନ୍ତ୍ୱନା ଦିଆଯାଇଛି। ରସଗୋଲା ଓଡ଼ିଶାର ସୃଷ୍ଟି ବୋଲି କେଉଁଠାରେ ଲେଖାଯାଇନି। ହେଲେ ଏଠି ଓଡ଼ିଆମାନେ ଜିତିଛନ୍ତି ଭାବି ଖୁସି ମନାଉଛନ୍ତି। ଏହା କେବଳ ଏକ ବୋକାମୀ। ପଶ୍ଚିମବଙ୍ଗରେ ଏ ଖବର ବିଷୟରେ କିଛି ଜାଣିନାହାନ୍ତି କି କେହି ଖାତିର କରନ୍ତିନି।

–ସୁଶାନ୍ତ ସେଠୀ, ରେଲୱେ ଅଧିକାରୀ

### ବିଦେଶରେ ଓଡ଼ିଶାର ପରିଚୟ ସୃଷ୍ଟି କରିବ



ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ ମିଳିଛି। ଫଳରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଛି। ଆଗାମୀ ଦିନରେ ଏହି ରସଗୋଲା ବିଦେଶରେ ଓଡ଼ିଶାର ପରିଚୟ ସୃଷ୍ଟି କରିବ।

– ଶରତ ବେହେରା, ପାହାଳ ପ୍ରାଚୀ ବଜାର ବଣିକ ସଂଘ ସମ୍ପାଦକ



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କ ପରଲୋକରେ ସୋମବାର ରାଜ୍ୟ ସଭାରେ ଶୋକ ପାଳନ ବେଳେ ଗୃହରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଭାଙ୍ଗିପଡ଼ିଥିଲେ। ପୁରୁଣା ବନ୍ଧୁଙ୍କ ପାଇଁ ଶୋକବାର୍ତ୍ତା ପଢ଼ିବା ବେଳେ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଥିଲେ। ତାଙ୍କ ପରଲୋକରେ ଦେଶ ଜଣେ ବର୍ଷିୟାନ ପାର୍ଲାମେଣ୍ଟାରିଆନ, ଅସାଧାରଣ ବକ୍ତା ଓ ସଫଳ ପ୍ରଶାସକଙ୍କୁ ହରାଇଲା ବୋଲି ଭେଙ୍କାୟା କହିଥିଲେ। ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବିଷୟରେ କହିବାବେଳେ ଭେଙ୍କାୟାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପ୍ରତୀକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭିଜିଲାନ୍ସ ଜାଲରେ ୧୪୪ ପୋଲିସ ଅଧିକାରୀ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛ ଶାସନ ଉପରେ ଗୁରୁତ୍ୱ ଦେଉଥିବାବେଳେ ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ନୀତିର ମୋହ ଛାଡୁନାହିଁ। ଗତ ୫ ବର୍ଷ (୨୦୧୪-୨୦୧୯)ମଧ୍ୟରେ ରାଜ୍ୟ ସରକାରଙ୍କ ୧୪୪ ଜଣ ପୋଲିସ ଅଧିକାରୀ ଦୁର୍ନୀତି, ଲାଞ୍ଚ ନେବା ଏବଂ ଆୟ ବହିର୍ଭୂତ ମାମଲାରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସୋମବାର ବିଧାୟକ ଅଙ୍ଗଦ କହଁରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୫ ଫେବୃୟାରୀ ୧୨ ତାରିଖରେ ବୌଦ୍ଧ ଜିଲାର ବାଉଁଶୁଣି ଥାନା ଏସ୍ଆଇ ଯଜ୍ଞେଶ୍ୱର ଦୀପ ଲାଞ୍ଚ ନେଉଥିବା ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ମାମଲା କରାଯାଇଥିଲା। ତଦନ୍ତ ଶେଷ ହେବା ପରେ ଭିଜିଲାନ୍ସ କୋର୍ଟରେ ଏକ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଦୀପଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଫନୀରେ ବରବାଦ ହୋଇଛନ୍ତି କୁମ୍ଭକାର

## ଧରିତ୍ରୀ ଦେଖାଇ ଉଦ୍‌ବେଗ ପ୍ରକାଶ କଲେ ମହାରଥୀ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଧରିତ୍ରୀରେ ପ୍ରକାଶିତ 'ଶ୍ରୀମନ୍ଦିରରେ କୁଡୁଆ ସଙ୍କଟ, ଫନୀ ପରଠାରୁ ଅଣ୍ଟା ସଳଖିନାହାନ୍ତି କୁମ୍ଭକାର' ଖବରକୁ ନେଇ ସୋମବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଶୂନ୍ୟକାଳରେ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ଧରିତ୍ରୀ ଖବରକାଗଜକୁ ଦେଖାଇ କହିଥିଲେ ଯେ, ଜଗନ୍ନାଥ ଆମର ଆରାଧ୍ୟ ଦେବତା। ମହାପ୍ରସାଦ ଆମ ସମସ୍ତଙ୍କ ପାଇଁ ଅମୃତ। ହେଲେ ମୋତେ ଲାଗୁଛି ଏଣିକି ମହାପ୍ରସାଦ ପଲିଥିନରେ ଆଣିବାକୁ ପଡିବ। ଆଉ କିଛି ମାସ ପରେ କାର୍ତ୍ତିକ ମାସ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀରେ ସମବେତ ହେବେ। ହେଲେ ନୀଳାଚଳ ପାଇଁ କୁଡୁଆର ଅଭାବ ଦେଖାଦେବ। କୁମ୍ଭକାରମାନେ ଫନୀ ପରେ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ବେଉସା ଉଜୁଡି ଯାଇଛି। ସେମାନଙ୍କୁ ସରକାର ୮୨୦୦ ଟଙ୍କା ଲେଖାଏ କ୍ଷତିପୂରଣ ସହାୟତା ଦେଇଛନ୍ତି। ଏହି ସହାୟତା ଯଥେଷ୍ଟ ନୁହେଁ। କୁଡୁଆ ପାଇଁ ମାଟିର ଅଭାବ ହେଲାଣି। ଚାରିଆଡେ କଂକ୍ରିଟ ଜଙ୍ଗଲ। ଚାଳଘର ନାହିଁ। ସେମାନଙ୍କୁ ପୁଣିଥରେ ଅଣ୍ଟା ସଳଖି ଛିଡା ହେବା ପାଇଁ ସରକାରୀ ସହାୟତାର ଆବଶ୍ୟକତା ରହିଛି। ପୁରୀ ସମେତ ବ୍ରହ୍ମଗିରି, ସତ୍ୟବାଦୀ ଓ ଅନ୍ୟ ଆଖପାଖ ଅଞ୍ଚଳର କୁମ୍ଭକାର ପରିବାର ଏହାଦ୍ୱାରା ଉପକୃତ ହେବେ। ସେମାନଙ୍କୁ ସହାୟତା ଦେବା ପାଇଁ ବାଚସ୍ପତି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରଦୀପ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଶୂନ୍ୟକାଳରେ ନନ୍ଦନକାନନ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱରରେ ଥିବା ନନ୍ଦନକାନନରେ କେତେ ପଶୁପକ୍ଷୀ ଅଛନ୍ତି ତାହାର ଗଣନା କରାଯାଉ। ଏ ନେଇ ଏକ କମିଟି ଗଠନ କରାଯାଉ। କମିଟି ପଶୁପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କର ତାଲିକା ଚେକ୍ କରନ୍ତୁ। କେତେ ଜୀବଜନ୍ତୁ ଥିଲେ, ଏବେ କେତେ ଅଛନ୍ତି। ନନ୍ଦନକାନନରେ ଜେବ୍ରା, ନୀଳ ଗାଈ, ହରିଣ, ଗଣ୍ଡା, ବାଘ ଆଦି ପଶୁ ରାଜ୍ୟରୁ ଲୋପ ପାଇଗଲେଣି। ସେମାନଙ୍କ ଯତ୍ନ ନିଆଯାଉ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏହାକୁ ଗୁରୁତର ସହ ନିଅନ୍ତୁ ଏବଂ ଜୀବଜନ୍ତୁ ସଂଖ୍ୟା ଗଣନା କରାଯାଉ ବୋଲି ସେ ଦାବି କରିଥିଲେ।

## ହଂସିଣା ପ୍ରାଥମିକ ବିଦ୍ୟାଳୟରେ ତାଲା

# ୨ ଶିକ୍ଷକଙ୍କ ବଦଳି ଦାବିରେ ହଙ୍ଗାମା

ରାଜନଗର, ୨୯।୭ (ଡି.ଏନ୍.ଏ.)

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଦୁରବସ୍ଥାର ଏକ ନିଚ୍ଛକ ଚିତ୍ର କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ଅଞ୍ଚଳରେ ଦେଖାଯାଇଛି। ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତସ୍ଥିତ ହଂସିଣା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ଶିକ୍ଷକଙ୍କ ବଦଳି ଦାବି କରି ସୋମବାର ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ। ଏଥିସହ ଗ୍ରାମର ଭାଗବତ ଟୁଙ୍ଗିରେ ଦୁଇ ଯୁବତୀଯୁବକ ପିଲାଙ୍କୁ ପଢ଼ାଉଥିବା ଦେଖିବାକୁ ମିଳିଛି। ଅଭିଭାବକମାନେ ଚାନ୍ଦା କରି ସେମାନଙ୍କୁ ଦରମା ଦେବାକୁ ସ୍ଥିର କରିଛନ୍ତି।

ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ୨ ଶିକ୍ଷକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମବାସୀ ଓ ଅଭିଭାବକ ସେମାନଙ୍କ ବଦଳି ଦାବି କରିଥିଲେ। ମାସକ ମଧ୍ୟରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲେ ହେଁ ଏହା କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ସୋମବାର ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ନୂତନ ଶିକ୍ଷକ ନିଯୁକ୍ତ ନହେବା ଯାଏ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ଛାଡ଼ିବେ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ତେବେ ପାଠପଢ଼ା ବ୍ୟାହତ ନ ହେବା ପାଇଁ ନିକଟସ୍ଥ ଭାଗବତ ଟୁଙ୍ଗିରେ ଗ୍ରାମର ପ୍ରଦୀପ ବେହେରା ଓ ଗୀତାରାଣୀ ବେହେରା ପିଲାମାନଙ୍କୁ ପଢ଼ାଉଥିବା ଦେଖାଯାଇଛି। ଗ୍ରାମବାସୀ ଚାନ୍ଦା ଆଦାୟ କରି ପ୍ରଦୀପ ଓ ଗୀତାରାଣୀଙ୍କୁ ଦରମା ଦେବେ ବୋଲି ଜଣାପଡ଼ିଛି।

ଏ ନେଇ ଗ୍ରାମବାସୀ କୁହନ୍ତି, ଉକ୍ତ ବିଦ୍ୟାଳୟର ୧ମରୁ ୫ମ ମଧ୍ୟରେ ୨୮ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ରବୀନ୍ଦ୍ର ନାଥ ପ୍ରଧାନ ଓ ଉର୍ମୀଳା ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଦୁଇ ଜଣ ଯାକ ପାଳି କରି ଦିନେ ଦିନେ ସ୍କୁଲକୁ ଆସୁଥିବା ବେଳେ ସ୍କୁଲରେ ଦିନେ ହେଲେ ପିଲାଙ୍କୁ ପାଠପଢ଼ାନ୍ତି ନାହିଁ। ଏ ନେଇ ଦୀର୍ଘଦିନ ଧରି ଅଭିଯୋଗ ହେଉଥିବା ବେଳେ ଶିକ୍ଷକଦ୍ୱୟଙ୍କର ବଦଳି ଦାବି ହୋଇଆସୁଛି। ଏପରିକି ଗତ ୧୫ଦିନ ତଳେ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଥିଲେ। ନିର୍ବାଚନ ଆଚରଣ ବିଧି ହଟିବା ପରେ ଉଭୟଙ୍କ ବଦଳି କରାଯିବ ବୋଲି ବିଇଓ ରାଜକିଶୋର ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାଏଁ ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବଦଳି କରାଯାଇନାହିଁ। ଏ ନେଇ ଶନିବାର ଗ୍ରାମର ମା'ବୁଢୀ ଜାଗୁଲାଇଙ୍କ ପୀଠରେ ଗ୍ରାମବାସୀ ଓ ଅଭିଭାବକଙ୍କ ଏକ ବୈଠକ ବସିଥିଲା। ନୂତନ ଶିକ୍ଷକ ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲକୁ ଛଡ଼ା ଯିବନାହିଁ ଏବଂ ଗ୍ରାମର ଦୁଇ ଶିକ୍ଷିତ ଯୁବବତୀଯୁବକ ଗୀତାରାଣୀ ଓ ପ୍ରଦୀପ ଭାଗବତ ଟୁଙ୍ଗିରେ ପିଲାଙ୍କୁ ପାଠ ପଢ଼ାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସ୍ୱାଇଁଙ୍କୁ ପଚାରିବାରେ ଏ ନେଇ ପଦକ୍ଷେପ ନିଆଯାଉଥିବା କହିଛନ୍ତି।

## ■ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନକୁ ନେଇ ବିଧାନସଭାରେ ଉଦ୍‌ବେଗ

# ଭାଜପା-କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାର କି ପ୍ରସ୍ତୁତି କରିଛନ୍ତି। ରାଜ୍ୟ ସରକାର ଏ ନେଇ ଏକ କମିଟି ଗଠନ କରିଥିଲେ। ସେହି କମିଟି ସରକାରଙ୍କୁ କେତେକ ପ୍ରସ୍ତାବ ଦେଇଥିଲା, ହେଲେ ତାହାକୁ ପାଳନ କରାଗଲା ନାହିଁ। ସରକାର କମିଟି ରିପୋର୍ଟକୁ ଭୁଲିଗଲେ ବୋଲି କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଅଭିଯୋଗ କରିଥିଲେ। ସୋମବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ମିଶ୍ର କହିଥିଲେ, ମହାତ୍ମାଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ପୂଜା କରିବା ନେଇ ଆରଏସ୍ଏସ୍ ଓ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ମହାତ୍ମାଗାନ୍ଧୀଙ୍କ ନୀତିରେ ଭାଜପାର ବିଶ୍ୱାସ ନାହିଁ ବୋଲି ମିଶ୍ର କହିଥିଲେ। ମିଶ୍ରଙ୍କ ଏଭଳି ଆକ୍ଷେପକୁ ନେଇ କଂଗ୍ରେସ ଓ ଭାଜପା ସଦସ୍ୟଙ୍କ ମଧ୍ୟରେ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲେ।

ବିଜେଡି ସଭ୍ୟ ଦେବୀପ୍ରସାଦ ମିଶ୍ର, ଭୂପିନ୍ଦର ସିଂ, ଅତନୁ ସବ୍ୟସାଚୀ ନାୟକ ଏବଂ ଭାଜପା ସଭ୍ୟ ମୋହନ ଚରଣ ମାଝି ପ୍ରମୁଖ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ଗୃହକୁ ଅବଗତ କରିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ରାଜ୍ୟ ସରକାର ଏ ଦିଗରେ କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ଜଣାଇବାକୁ ବାଚସ୍ପତି ରୁଲିଂ ଦେଇଥିଲେ। ଏଥିପାଇଁ ସରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଦେଶରେ ବାଘ...

ସ୍ଥିର ରହିବା ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ବ୍ୟଥିତ କରିଛି।

ହେଲେ ଓଡ଼ିଶାରେ ବାଘ ସଂଖ୍ୟାକୁ ନେଇ ବିବାଦ ଥମିବାର ନାଁ ଧରୁନି। ଏନ୍‌ଟିସିଏର ଏହି ରିପୋର୍ଟକୁ ଠିକ୍ ବୋଲି ମାନିବାକୁ ରାଜ୍ୟ ବନ ବିଭାଗ ପ୍ରସ୍ତୁତ ନୁହେଁ। ଦେଶରେ କେବଳ କ୍ୟାମେରା ଟ୍ରାପ୍ ମେଥଡ଼ ଦ୍ୱାରା ବାଘ ଗଣନା ହେଉଛି। କ୍ୟାମେରା ଟ୍ରାପ୍ ମେଥଡ଼ ଦ୍ୱାରା ବାଘ ଗଣନା ହେଉଥିବାରୁ ଏହି ସଂଖ୍ୟା ଭୁଲ। କ୍ୟାମେରା ଟ୍ରାପ୍ ସହିତ ପଗ୍ ମାର୍କ ମେଥଡ଼କୁ ଆପଣେଇଲେ ଏହି ସଂଖ୍ୟା ଆହୁରି ଅଧିକ ରହିବ ବୋଲି ବନ ବିଭାଗ ସହିତ କେତେଜଣ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୨୦୧୪ରେ ଏନ୍‌ଟିସିଏ ଦେଇଥିବା ତଥ୍ୟ ଅନୁସାରେ, ଓଡ଼ିଶାରେ ବାଘ ସଂଖ୍ୟା ୨୮ ଥିଲା। କିନ୍ତୁ ରାଜ୍ୟ ସରକାର ଏହି ସଂଖ୍ୟାକୁ ନେଇ ଆପତ୍ତି ଉଠାଇଥିଲେ। ଫଳରେ ବାଘ ଗଣନାକୁ ନେଇ ରାଜ୍ୟ ସରକାର ଓ ଏନ୍‌ଟିସିଏ ମୁହାଁମୁହିଁ ହୋଇଥିଲେ। ରାଜ୍ୟ ସରକାର ନିଜ ତରଫରୁ ବିଭିନ୍ନ ଜଙ୍ଗଲରେ ପୁଣି ଗଣନା କରିଥିଲେ। ୨୦୧୬ରେ ଓଡ଼ିଶାରେ ୪୦ ବାଘ ରହିଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। କ୍ୟାମେରା ଟ୍ରାପିଂ ଓ ପଗ୍ ମାର୍କ ଆଧାରରେ ରାଜ୍ୟରେ ବାଘ ଗଣତି କରି ରିପୋର୍ଟ ପ୍ରକାଶ ପାଇଥିଲା।

### ସୁରକ୍ଷିତ ନୁହନ୍ତି ବାଘ, ୧୦୪ କୁଆଡ଼େ ଗଲେ?

ଅନ୍ୟପଟେ ରାଜ୍ୟରେ ବାଘକୁ ସୁରକ୍ଷା ଦେବାରେ ବନ ବିଭାଗ ଢିଲା କରୁଛି ବୋଲି ଆଉ କେତେଜଣ ବନ୍ୟପ୍ରାଣୀ ବିଶେଷଜ୍ଞ କହୁଛନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ରାଜ୍ୟରେ ୨୦୦୨ରେ ୧୩୨ ବାଘ ଥିଲେ। କିନ୍ତୁ ୨୦୧୮କୁ ଏହା ୨୮ ହୋଇଗଲା। ୧୬ବର୍ଷରେ ୧୦୪ଟି ପ୍ରାପ୍ତ ବୟସ୍କ ବାଘ କୁଆଡ଼େ ଗଲେ? ବାଘ ସୁରକ୍ଷା ଓ ପରିଚାଳନା ପାଇଁ ପ୍ରାୟ ୬୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯଦି ୨୦୧୬ରେ ରାଜ୍ୟରେ ୪୦ ବାଘ ଅଛି ବୋଲି ସରକାର କହୁଥିଲେ, ୨୦୧୮ରେ ଏହି ସଂଖ୍ୟା କମି ନ ଥିବ ବୋଲି କିଛି ଅସମ୍ଭବ ନୁହେଁ। କାରଣ ରାଜ୍ୟରେ ଯେଉଁଭଳି ଭାବେ ବାଘ ଶିକାର ହେଉଛି ତାହା ଦର୍ଶାଉଛି ଯେ ଓଡ଼ିଶାରେ ବାଘ ସୁରକ୍ଷିତ ନୁହନ୍ତି।

## 'ଓଡ଼ିଶା ରସଗୋଲା'କୁ...

୨୯ରୁ ୩୮% ପର୍ଯ୍ୟନ୍ତ ଶର୍କରା ରହିଥାଏ। ପ୍ରତି ୧୦୦ ଗ୍ରାମ୍ ଓଡ଼ିଶା ରସଗୋଲାରେ ୧୩୦ ମିଲିଗ୍ରାମ କ୍ୟାଲସିୟମ୍ ରହୁଥିବା ବେଳେ ଏହା ୨୬୪ କ୍ୟାଲୋରୀ ବିଶିଷ୍ଟ ହୋଇଥାଏ ବୋଲି କେନ୍ଦ୍ର ସରକାରଙ୍କ ଭୌଗୋଳିକ ଉପଦର୍ଶନ ସଂସ୍ଥା ପକ୍ଷରୁ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ 'ବଙ୍ଗଳା ରସଗୋଲା' ଜିଆଇ ମାନ୍ୟତା ହାସଲ କରିଥିଲା। ଏପରି କି ରସଗୋଲା ସର୍ବପ୍ରଥମେ ସେଠାରେ ତିଆରି ହୋଇଥିଲା ପଶ୍ଚିମବଙ୍ଗ ଦାବି କରିଥିଲା। ଏହାକୁ ନେଇ ଓଡ଼ିଶା ପ୍ରତିବାଦ କରିବାସହ 'ଓଡ଼ିଶା ରସଗୋଲା'କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିଲା। ଓଡ଼ିଶାରୁ ରସଗୋଲା ସମେତ ୧୭ଟି ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିଥିବା ବେଳେ ଏଥିରେ ପିପିଲି ଚାନ୍ଦୁଆ, ସମ୍ବଲପୁରୀ ବାନ୍ଧ, ଖଣ୍ଡୁଆ ପାଟ, ପଟଚିତ୍ର, କୋଟପାଡ଼ ଶାଢ଼ି, ଇକ୍କତ ଶାଢ଼ି, ଗୋପାଳପୁର ଟସର ବସ୍ତ୍ର, ବ୍ରହ୍ମପୁରୀ ପାଟ, କନ୍ଧମାଳ ହଳଦୀ ଆଦି ରହିଛି। ଏବେ ଓଡ଼ିଶା ମୁଢ଼ି, ଚୁଡ଼ାଘଷା, ପୁରୀ ଖଜା, କ୍ଷୀରଗଜା, ଛେନାପୋଡ଼, ଡାଲ୍‌ମା, ରସାବଳୀ ଆଦିକୁ ଜିଆଇ ମାନ୍ୟତା ଦେବାକୁ ଦାବି ହୋଇଛି। ତେବେ ଓଡ଼ିଶାର କ୍ଷୀରଗଜା ଉପରେ ଏବେ ପଶ୍ଚିମବଙ୍ଗ ଆଖି ପକାଇଥିବାବେଳେ ଏହାକୁ ସେମାନେ ପ୍ରଥମେ ନିଜ ଅକ୍ତିଆରକୁ ନେଇପାରନ୍ତି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ୬ଦିନ ବର୍ଷିବ...

ଶୁଖିଲା ପଡ଼ିଛି। ଚାଷୀମାନେ ଭଲ ବର୍ଷାକୁ ଅପେକ୍ଷା କରି ରହିଛନ୍ତି। ଲଘୁଚାପରୁ ସାମାନ୍ୟ ବର୍ଷା ହୋଇଥିଲେ ବି ତାହା ଶୁଖିଲା ଜମି ପାଇଁ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ପଶ୍ଚିମ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓ ଉପକୂଳବର୍ତ୍ତୀ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖାଦେଇଛି। ଅନ୍ୟପକ୍ଷରେ ପାଣିପାଗ ବିଭାଗ ଆଶା ଦେଖାଇଛି ଯେ ସପ୍ତାହେ ଯାଏ ସାରା ରାଜ୍ୟରେ ବର୍ଷା ଲାଗି ରହିବ। ତେବେ ସକ୍ରିୟ ମୌସୁମୀ ସହ ଟ୍ରଫ୍ ଲାଇନ୍ ଓ ଘୂର୍ଣ୍ଣିବଳୟ ଯୋଗୁ ଅଗଷ୍ଟ ପହିଲାରୁ ସାରା ରାଜ୍ୟରେ କିଛିଦିନ ଧରି ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍‌ଆର ବିଶ୍ୱାସ କହିଛନ୍ତି।


# classifieds Everyday
0674-2580101, 2549302

automobile

**SALE**

2010 Toyota Altis, 2010 Mitsubishi outlander automatic. Call: 9437016540. D-65671

real estate

**SALE**

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040.** D-66746

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/Bhubaneswar. 7809525452, 8249851363.** D-66932

BDA plot NH-5 ସନ୍ନିକଟରେ road, Electric pole, boundary ମାତ୍ର sqft.600/- ରେ ମିଳୁଅଛି। Contact: 9777449397/ 9437285016. D-13625

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

to-let

3BHK 1800 sqft. house near ITER College, Dumduma. Phone-8179751075. D-66266

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

**LEASE**

Running Guesthouse, fully furnished AC 9 rooms at prime location, Unit-3, suitable for guesthouse and corporate office. Contact: 9437016540. D-65672

construction

**Construction your dream home with pillar beam and interior design from the experts. Contact: 7008550473.** D-13651

healthcare

Ayurvedic full body massage ladies & gents smart therapist. 9040900385. D-66931

Rejuvenate and ayurvedic full body massage by smart therapist: 9114402304. D-67324

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13662

**LOST**

I Sri Janmejaya Pradhan, S/o: Haladhara Pradhan, At: Chalanti, P.S: Jaleswar, Dist: Balasore, hereby declare that I lost 1 Saledeed No. 2239 along with a bag having some other documents. If anybody found that kindly contact: 9238891104. D-38560


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ପାପଯୁକ୍ତ ଚନ୍ଦ୍ର ଓ ଦୁର୍ବଳ ମଙ୍ଗଳ ହେତୁ ମାନସିକ ସ୍ଥିତି ଦୁର୍ବଳ ରହିବା କାରଣରୁ ମନ ଭଲ ରହିବ ନାହିଁ। ପରିବହନରେ ଝଗଡା, ଯାନବାହନରେ ସମସ୍ୟା ଦେଖାଦେଇପାରେ। ଇଚ୍ଛା ନ ଥାଇ ମଧ୍ୟ କେତେକ ପରିସ୍ଥିତିରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**ବୃଷ** – ଗୁରୁଦୃଷ୍ଟ ବୁଧ ଓ ଶୁକ୍ର ଯୋଗୁ ଅକାଟ୍ୟ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ । ଧନସ୍ଥାନସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବାର ସୂଚନା ରହିଛି।

**ମିଥୁନ** – ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଅଥବା ଅନିଦ୍ରାଜନିତ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହି ନ ପାରେ। ଅନୁକୂଳଗ୍ରହ ସମ୍ବନ୍ଧଜନିତ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ରାଜନୀତି ପ୍ରତି ମନ ବଳିପାରେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନର ଆଶା ରହିଛି।

**କର୍କଟ** – କଠିନ ପରିଶ୍ରମ ହେତୁ ସାମୟିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆର୍ଥିକ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତିରେ ବାଧା ଉପୁଜିପାରେ। ଦୀର୍ଘଦିନ ହେଲା ଦେଖି ନ ଥିବା ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ଲାଭକରି ଖୁସିହେବେ।

**ସିଂହ** – ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅସ୍ଥିରତା କାରଣରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ଇଣ୍ଟରଭ୍ୟୁ, ପାରିବାରିକ ସ୍ଥିତି, ବ୍ୟବସାୟ ଓ ପରିବହନ ସମ୍ବନ୍ଧୀୟ କାର୍ଯ୍ୟରେ ସୁଫଳ ପାଇପାରନ୍ତି।

**କନ୍ୟା** – ଆଶା କରୁଥିବା ଦିଗରୁ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବାର ଆଶଙ୍କା ରହିଛି। ପୂର୍ବରୁ ପରଖି ନେଇ ନ ଥିଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା** – ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅର୍ଥ ଲାଭରୁ ଖୁସି ରହିବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାର ପାଖ ପଡୋଶୀ ଓ ବନ୍ଧୁମାନଙ୍କ ଉପକାରକୁ ଭୁଲି ପାରିବେ ନାହିଁ।

**ବିଛା** – ଆଜିର ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କାମବେଳକୁ ଆଶାନୁରୂପ ମିଳି ନ ପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଭିଳଷିତ କାମ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବ୍ୟସ୍ତତା ବଢ଼ିପାରେ।

**ଧନୁ** – ପରିବାରର ଖର୍ଚ୍ଚ ପରିମାଣ ବଢିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ। ଅତି ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସହଯୋଗ ନ କରିପାରେ। ବିବାଦୀୟ ପରିସ୍ଥିତି କିମ୍ବା ପରିବହନରେ ଆକସ୍ମିକ ସମସ୍ୟାର ସମାଧାନ ହୋଇଯିବ। ମନୋରଞ୍ଜନ କାର୍ଯ୍ୟରେ ଅଂଶଗ୍ରହଣ କରିପାରନ୍ତି।

**ମକର** – ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆବଶ୍ୟକତା କ୍ରମଶଃ ବୃଦ୍ଧି ପାଉଥିବାରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ** – କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହେବ। ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କାମ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ବାତବ୍ୟାଧି ଜନିତ ହାତ ପାଦ କିମ୍ବା ଆଣ୍ଠୁଗଣ୍ଠିରେ ଦରଜଜନିତ ପୀଡ଼ା ଲାଗିପାରେ। କୌଣସି ନୂଆ ଜାଗାକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡିପାରେ।

**ମୀନ** – ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବୃଦ୍ଧିର ଆଶଙ୍କା ରହିଛି। ଅବଶ୍ୟ ବନ୍ଧୁଙ୍କ ଠାରୁ ଅଯାଚିତ ଭାବେ ସହାୟତା ପାଇ ସମସ୍ୟାକୁ ସମାଧାନ କରିପାରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିଲେ ମଧ୍ୟ ନିୟନ୍ତ୍ରଣ ବାହାରକୁ ଯିବନାହିଁ।

ଆଜି ଶ୍ରାବଣ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଜୁଲାଇ ୩୦ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୨୮ମି. ଗତେ ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୩।୦୭ମି. ଗତେ ଘ୪।୪୪ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ଦିଲ୍ଲୀ ଶିକ୍ଷାମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ସେ ସେଠାରେ ପହଞ୍ଚିବା ପରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନିଷ୍ ସିସୋଡିଆଙ୍କୁ ଭେଟିଛନ୍ତି। ମାଧମିକ ଶିକ୍ଷାର ଉତ୍କର୍ଷ ନିମନ୍ତେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ମନ୍ତ୍ରୀ ଦାଶ ବ୍ୟାପକ ଭାବେ ଆଲୋଚନା କରିଥିଲେ। ବିଶିଷ୍ଟ ଶିକ୍ଷା ସଂସ୍କାରକ ସୋନମ୍ ୱାନ୍‌ଚୁକ୍ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ମନ୍ତ୍ରୀ ଦାଶ ଦିଲ୍ଲୀର ପଶ୍ଚିମ ବିନୋଦନଗରସ୍ଥିତ ସର୍ବୋଦୟ କନ୍ୟା ବିଦ୍ୟାଳୟ ଏବଂ ପଞ୍ଚପରଗଞ୍ଜସ୍ଥିତ ଅନ୍ୟ ଏକ ସରକାରୀ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲେ। ସେ ଛାତ୍ରୀଛାତ୍ରଙ୍କ ସହିତ ମତ ବିନିମୟ କରି ମାଧମିକ ଶିକ୍ଷା କ୍ଷେତ୍ରରେ ଚାଲିଥିବା ବିଭିନ୍ନ ପରୀକ୍ଷା ନିରୀକ୍ଷା ଉପରେ ଅବଗତ ହୋଇଥିଲେ।

# ପାନ, ଗୁଟ୍‌ଖା ଖାଇ ଶ୍ରୀମନ୍ଦିରକୁ ପ୍ରବେଶ ମନା

- ଅଗଷ୍ଟ ୧ରୁ କଟକଣା ଲାଗୁ
- ଧରାପଡ଼ିଲେ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା
- ବ୍ୟବସ୍ଥାବଳୀ ଉଲ୍ଲଂଘନକାରୀଙ୍କୁ ମଗାଯିବ କୈଫିୟତ
- ତ୍ରୁଟି ସୁଧାରିବାକୁ କମିଟି ଗଠିତ

**ପୁରୀ ଅଫିସ, ୨୯।୭**

ଏଣିକି ପାନ ଖାଇ କେହି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ସେବାୟତ ହୁଅନ୍ତୁ ଅବା ଭକ୍ତ କେହି ବି ଧରାପଡ଼ିଲେ ସେମାନଙ୍କଠାରୁ ଜରିମାନା ଆଦାୟ ହେବ। ଅଗଷ୍ଟ ୧ ତାରିଖରୁ ଏହି କଟକଣା କଡ଼ାକଡ଼ି ଭାବେ ଲାଗୁ କରାଯିବ। ପାନ ଖାଇ ଯଦି କେହି ମନ୍ଦିରକୁ ପ୍ରବେଶ କରି ଧରାପଡ଼ିବେ ତେବେ ସେମାନଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ । ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଣମାଧମକୁ ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଣିକି କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିର ଭିତରକୁ ପ୍ରବେଶ କରିବେ ନାହିଁ। ଅଗଷ୍ଟ ୧ତାରିଖରୁ ଏହି କଟକଣାକୁ କଡ଼ାକଡ଼ି କରାଯିବ। ପ୍ରବେଶ ପଥରେ ମଧ ଯାଞ୍ଚ ହେବ। ଯଦି ପାନ, ଗୁଟ୍‌ଖା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରିଥିବାବେଳେ ଧରାପଡିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏଥିପାଇଁ ଫଳକ ଲଗାଯାଇ ସମସ୍ତଙ୍କୁ ସଚେତନ କରାଯିବ। ସେହିପରି ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ଠିକ୍‌ଠାକ ହୋଇଛି, ଯାହା କିଛି ସାମାନ୍ୟ ତ୍ରୁଟି ରହିଛି ସେ ସବୁର ଅନୁଧାନ କରାଯାଇଥିଲା। ଏହାକୁ ସୁଧାରିବା ପାଇଁ ପରିଚାଳନା କମିଟିରେ ଯେଉଁ ୫ଜଣ ସେବକ ସଦସ୍ୟ ଅଛନ୍ତି ସେମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ମାଧବ ପୂଜାପଣ୍ଡା ଏହାର ଆବାହକ ରହିଛନ୍ତି। ଆସନ୍ତା ପରିଚାଳନା କମିଟି ବୈଠକରେ ସେ ତାଙ୍କର ପ୍ରସ୍ତାବ ରଖିବେ। ଭବିଷ୍ୟତରେ ଯେତେ ରଥଯାତ୍ରା ହେବ ଏବଂ ସେଥିପାଇଁ ଯେଉଁ ବ୍ୟବସ୍ଥାବଳୀ ହେବ ସେଥିରେ ତାଙ୍କ ପ୍ରସ୍ତାବ ଅନ୍ତର୍ଭୁକ୍ତ କରାଯିବ। ଚଳିତବର୍ଷ ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସିସିଟିଭି ଫୁଟେଜ ଯାଞ୍ଚବେଳେ ଛୋଟ ଛୋଟ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଛି। ପ୍ରାୟ ୨୫ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ କୈଫିୟତ ମଗାଯିବ। ଗତଥର ବ୍ୟବସ୍ଥାବଳୀକୁ ୪୮ଜଣ ଉଲ୍ଲଂଘନ କରିଥିଲେ। ନୀତି ଯେପରି ଶୃଙ୍ଖଳିତ ହେବ, ସବୁ ସେବକ ସହଯୋଗ କରିବେ ସେ ବିଷୟରେ ଆଲୋଚନା ହୋଇଛି। ଚଳିତବର୍ଷ ରଥଯାତ୍ରା ସମୟରେ ପ୍ରଥମ ଥର ଶ୍ରୀମନ୍ଦିରକୁ ଆକର୍ଷଣୀୟ ଭାବେ ଫୁଲରେ ସଜାଇଥିବା ଦିଲ୍ଲୀର ଭକ୍ତ କେ.କେ. ଶର୍ମାଙ୍କୁ କମିଟି ସାଧୁବାଦ ଜଣାଇଛି। ସେ ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିରକୁ ସଜାଇବେ। ତେଣୁ ତାଙ୍କୁ ଡକାଯାଇ ସମ୍ମାନିତ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଏହି ବୈଠକରେ ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସଦସ୍ୟ ତଲୁଛ ନୀଳକଣ୍ଠ ମହାପାତ୍ର, ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

## ଗାଁ ଭିତରେ ପଶିଲେ ଭାଲୁ ପଲ



**କୁନ୍ଦୁରା, ୨୯।୭((ଡି.ଏନ୍.ଏ.)**

ଦିନକୁ ଦିନ ଜଙ୍ଗଲ ନଷ୍ଟ ହେଉଥିବାରୁ ବାଘ, ଭାଲୁ, କୁଟୁରା, ଠେକୁଆ ଏବଂ ବାର୍‌ହା ଭଳି ହିଂସ୍ରଜନ୍ତୁ ଗାଁମୁହାଁ ହେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ସୋମବାର କୁନ୍ଦୁରା ବ୍ଲକ ଡଙ୍ଗରପାଉଁସୀ ଗ୍ରାମରେ ଏକ ଭାଲୁ ପଲ ପଶି ଉପଦ୍ରବ ଚଳାଇଥିଲେ। ପ୍ରତ୍ୟେକ ଦିନ ୨/୩ଟି ଭାଲୁ ଡଙ୍ଗର ପାଉଁସି ପଞ୍ଚାୟତ ସଦର ମହକୁମା ଏବଂ ବଡ଼ପାଉଁସୀ, ଡୋରାଗୁଡ଼ା, ଭେଜାହାଣ୍ଡି, ପ୍ରଧାନୀପୁଟ ଅଞ୍ଚଳରେ ଦେଖିବାକୁ ମିଳୁଛି। ସେହିଭଳି ଫୁପୁଗାଁ ପଞ୍ଚାୟତର ଯୁବପାତ୍ରପୁଟ, କରାଗୁଡ଼ା, ସୁଣ୍ଡିଗୁଡ଼ା ଅଞ୍ଚଳରେ ପଲ ପଲ ଭାଲୁ ଛୁଆମାନଙ୍କୁ ଧରି ଖାଦ୍ୟ ଖୋଜୁଛନ୍ତି। ସେମାନେ ଲୋକଙ୍କୁ ଖାତିର ନ କରି ଘରବାରିରେ ଥିବା ଗଛଗୁଡ଼ିକରେ ଚଢ଼ି ପଣସ ଖାଇବାରେ ଲାଗିଛନ୍ତି। ଭାଲୁଙ୍କୁ ଦେଖି ଲୋକେ ବାହାରକୁ ବାହାରିବା ପାଇଁ ଭୟ କରୁଛନ୍ତି।

# ମୃତା ମହିଳା ଜୀବିତ ଘଟଣା: ବଦଳିଲେ ବାଦାମପାହାଡ଼ ଥାନା ଅଧିକାରୀ

**ରାଇରଙ୍ଗପୁର,୨୯।୭(ଡି.ଏନ୍.ଏ.)**

ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ନିର୍ଦ୍ଦୋଷ ସ୍ୱାମୀ, ଶ୍ୱଶୁରଙ୍କୁ ଜେଲ ପଠାଇବା ଘଟଣାରେ ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ପୋଲିସ ଅଡୁଆରେ ପଡିଛି। ଏହି ଘଟଣାରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ବାଦାମପାହାଡ ଥାନା ଅଧିକାରୀ ଶଶଧର ସେଠୀଙ୍କୁ ଜିଲା ହେଡକ୍ୱାର୍ଟରକୁ ବଦଳି କରିଛନ୍ତି। ଝାଡପୋଖରିଆ ଥାନା ସବ ଇନ୍ସପେକ୍ଟର ମୁକୁନ୍ଦ ମେଲକାଙ୍କୁ ବାଦାମପାହାଡ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ବାଦାମପାହାଡ ଥାନା ଅଧୀନ ପୁରୁଣାପାଣି ଗ୍ରାମର ରାଇମଣି ନାଏକ ନାମ୍ନୀ ଜଣେ ମହିଳା କିଛି ମାସ ପୂର୍ବରୁ ଘରୁ ଚାଲିଯାଇ କଟକରେ ରହି କାମଧନ୍ଧା କରୁଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ କୌଣସି ପତ୍ତା ପାଇ ନ ଥିଲେ। ଘଟଣା କ୍ରମେ ଗତ ଏପ୍ରିଲ ୨୭ ତାରିଖରେ ବାଦାମପାହାଡ ଥାନା ଅଧୀନ ପାହାଡପୁର ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଥିଲା। ପୋଲିସ ଏହାର ତଦନ୍ତ କଲାବେଳେ ଉକ୍ତ ମୃତଦେହ ନିଖୋଜ ରାଇମଣିଙ୍କର ବୋଲି ତାଙ୍କ ଆତ୍ମୀୟସ୍ୱଜନ ସନ୍ଦେହ ପ୍ରକାଶ କରିଥିଲେ। ରାଇମଣିଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଥିବା ଦର୍ଶାଇ ପୋଲିସ ତାଙ୍କ ସ୍ୱାମୀ ସଞ୍ଜୟ ନାଏକ ଓ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ଗିରଫ କରିଥିଲା। ତେବେ ଗତ ସପ୍ତାହରେ ରାଇମଣି କଟକରୁ ଘରକୁ ଫେରି ଆସିବା ପରେ ଘଟଣା ଭିନ୍ନମୋଡ଼ ନେଇଥିଲା। ରାଇମଣିଙ୍କ ନିଖୋଜ ରହସ୍ୟ ଉପରୁ ପର୍ଦ୍ଦା ଉଠିବାରୁ ପୋଲିସକୁ ଅପଦସ୍ତ ହେବାକୁ ପଡିଥିଲା। ରାଇମଣିଙ୍କୁ ଜୀବନ୍ତ ଅବସ୍ଥାରେ ପୋଲିସ ଶନିବାର କୋର୍ଟରେ ହାଜର କରିଥିଲା। ତାଙ୍କ ବୟାନ ରେକର୍ଡ ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ସ୍ୱାମୀ ସଞ୍ଜୟ ନାଏକ ଏବଂ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ରବିବାର ରାଇରଙ୍ଗପୁର ଜେଲରୁ ଖଲାସ କରାଯାଇଛି।







### ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

**ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ସଶକ୍ତିକରଣ ନିମନ୍ତେ ଓଡିଶା ସରକାରଙ୍କ ଅବଦାନ**

**ବିଦ୍ୟାଳୟରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ପାଇଁ ବାଣିଶ୍ରୀ ଛାତ୍ରବୃତ୍ତି ପ୍ରଦାନ**

| ଶ୍ରେଣୀ | ମାସିକ ବୃତ୍ତି ରାଶି |
|---|---|
| • ପ୍ରାଥମିକ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ) | ୨୦୦ ଟଙ୍କା |
| ମଧ ଏବଂ ଉଚ୍ଚବିଦ୍ୟାଳୟ (ଷଷ୍ଠ ରୁ ଦଶମ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୨୫୦ ଟଙ୍କା |
| +୨ ଏବଂ +୩ ମହାବିଦ୍ୟାଳୟ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୦୦ ଟଙ୍କା |
| ମହାବିଦ୍ୟାଳୟ (ସ୍ନାତକ ଡ଼ିଗ୍ରୀ) (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| ପ୍ରଯୁକ୍ତି ଏବଂ ବ୍ୟବସାୟିକ ପ୍ରଶିକ୍ଷଣ (ଭାରତ ସରକାରଙ୍କ ବୃତ୍ତି ପାଇନଥିବା) | ୩୫୦ ଟଙ୍କା |
| • ଅନ୍ୟ ରାଜ୍ୟରେ ସାଧାରଣ ବୃତ୍ତିଧାରୀ ଛାତ୍ର/ବୈଷୟିକ/ବୃତ୍ତିଗତ/ପ୍ରାଥମିକସ୍ତର ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ | ୩୫୦ ଟଙ୍କା |

- ପିତାମାତାଙ୍କର ବାର୍ଷିକ ଆୟ ୬୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବା ।
- ଗୋଟିଏ ଶିକ୍ଷା ବର୍ଷରେ ଦଶମାସ ବୃତ୍ତି ଦିଆଯିବ ।
- ନିମ୍ନଲିଖିତ ଭତ୍ତା ଦୃଷ୍ଟିବାଧିତ ଏବଂ ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ

| ଶ୍ରେଣୀ/ପ୍ରକାର | ମାସିକ ଭତ୍ତା |
|---|---|
| **ଦୃଷ୍ଟିବାଧିତ (ପଢିବା ପାଇଁ ଭତ୍ତା)** | |
| ପ୍ରାଥମିକ ବିଦ୍ୟାଳୟ (ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ) | ୧୦୦ ଟଙ୍କା |
| ଉଚ୍ଚ ବିଦ୍ୟାଳୟ (ଷଷ୍ଠ ଶ୍ରେଣୀ ରୁ ଦଶମ ଶ୍ରେଣୀ) | ୧୫୦ ଟଙ୍କା |
| ଅନ୍ୟାନ୍ୟ | ୨୦୦ ଟଙ୍କା |
| **ଅସ୍ଥିଶଲ୍ୟ ଭିନ୍ନକ୍ଷମ ଛାତ୍ର/ଛାତ୍ରୀମାନଙ୍କ ପାଇଁ** | |
| ଶତକଡ଼ା ୭୫ କିମ୍ବା ଅଧିକ ଭିନ୍ନକ୍ଷମମାନଙ୍କ ପାଇଁ (ପରିବହନ ଭତ୍ତା) | ୧୦୦ ଟଙ୍କା |

- ସମସ୍ତ ଦରଖାସ୍ତକାରୀ ଅଧିକ ସୂଚନା ପାଇଁ ନିଜ ନିଜର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।

E-mail : ssepdsec.od@nic.in
Facebook : www.facebook.com/ssepd
Toll Free Helpline : 1800 345 7150

46001/13/0008/1920





सत्यमेव जयते
ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

### ଶିକ୍ଷାବୃତ୍ତି ପାଇଁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କଠାରୁ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ୍ (ଏନ୍‌ଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ

ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ୨୦୧୯-୨୦ ବର୍ଷ ପାଇଁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଠାରୁ ପ୍ରାକ୍-ମାଟ୍ରିକ୍, ମାଟ୍ରିକ ପରବର୍ତ୍ତୀ ଓ ଉପର ଶ୍ରେଣୀ ଶିକ୍ଷାବୃତ୍ତି ପାଇଁ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ (ଏନ୍‌ଏସ୍‌ପି)ରେ ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି ।

| ଶିକ୍ଷାବୃତ୍ତି ପ୍ରକାର ଓ ସଂଖ୍ୟା | ଯୋଗ୍ୟତା | ଆୟସୀମା | ସମୟସୀମା |
|---|---|---|---|
| ପ୍ରାକ୍-ମାଟ୍ରିକ୍ (୯୨୮) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୧୫ ଜୁଲାଇ ୨୦୧୯ ରୁ ୧୫ ଅକ୍ଟୋବର ୨୦୧୯ |
| ମାଟ୍ରିକ୍ ପରବର୍ତ୍ତୀ (୭୮୯) | ଯେକୌଣସି ପ୍ରକାର ୪୦% କିମ୍ବା ତହିଁରୁ ଅଧିକ ଭିନ୍ନକ୍ଷମ ହୋଇଥିବା ଏକାଦଶ, ଦ୍ୱାଦଶ ଓ ସ୍ନାତକ ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୧୫ ଜୁଲାଇ ୨୦୧୯ ରୁ ୩୧ ଅକ୍ଟୋବର ୨୦୧୯ |
| ଉପର ଶ୍ରେଣୀ (୧୪) | ସ୍କିମ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନରେ ଯେକୌଣସି ବିଷୟରେ ଡିପ୍ଲୋମା/ ଡିଗ୍ରୀ କିମ୍ବା ପିଜି ଶ୍ରେଣୀର ବିଦ୍ୟାର୍ଥୀ | ପିତାମାତାଙ୍କର ବାର୍ଷିକ ଆୟ ସମସ୍ତ ସୂତ୍ରରୁ ୬ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । | ୧୫ ଜୁଲାଇ ୨୦୧୯ ରୁ ୩୧ ଅକ୍ଟୋବର ୨୦୧୯ |

ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀ ନ୍ୟାସନାଲ ସ୍କଲାରସିପ୍ ପୋର୍ଟାଲ ଜରିଆରେ ସ୍କିମ୍ ଅନୁଯାୟୀ ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ । କେବଳ ଅନ୍-ଲାଇନ ଆବେଦନ ପତ୍ର ଗ୍ରହଣ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ **www.scholarships.gov.in** ରେ ଆବଶ୍ୟକୀୟ କାଗଜପତ୍ର ସହ ଆବେଦନ ପତ୍ର ଦାଖଲ ଓ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଉଛି । ରାଜ୍ୟ ପାଇଁ ସୀମିତ ସଂଖ୍ୟକ ଶିକ୍ଷାବୃତ୍ତିର ପ୍ରାବଧାନ ଥିବାରୁ ପ୍ରଥମେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ସ୍କିମ୍, ଯୋଗ୍ୟତା, ମାର୍ଗଦର୍ଶନାବଳୀ, ଜିଲ୍ଲା ନୋଡାଲ୍ ଅଧିକାରୀଙ୍କ ସୂଚୀ ଓ ଅନ୍ୟାନ୍ୟ ସୂଚନା ପାଇଁ ଦୟାକରି ଦେଖନ୍ତୁ **www.scholarships.gov.in** । ସ୍କୁଲ ଓ କଲେଜ କର୍ତ୍ତୃପକ୍ଷମାନେ ସେମାନଙ୍କ **User ID** ଏବଂ **Password** ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କିମ୍ବା ରାଜ୍ୟ ନୋଡାଲ ଅଧିକାରୀଙ୍କ ଠାରୁ ପାଇ ପାରିବେ ।

ଯୋଗାଯୋଗ : ୮୨୪୯୧୦୮୧୮୨ / ୮୮୯୫୧୯୨୯୦୩

E-mail : ssepdsec.od@nic.in
Facebook www.facebook.com/ssepd
Toll Free Helpline 18003457150

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ**

DSPL-54

ମହାନ୍ ଆତ୍ମାମାନଙ୍କୁ ଏକ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡିଥାଏ । ଯେଉଁମାନେ ସାରାବିଶ୍ୱର ପୂଜନୀୟ– ସେମାନେ ଏକୁଟିଆ ବିଚରଣ କରୁଥାନ୍ତି । ସେମାନଙ୍କର ସର୍ବବିଧ୍ ମହତ ଚେଷ୍ଟା ବ୍ୟର୍ଥ ମଧ ହୋଇ ଯାଇପାରେ । କିନ୍ତୁ ଅବିଚଳିତ ରହନ୍ତି ସେମାନେ । ସେମାନଙ୍କ ନିଜ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ ।
–ଶ୍ରୀଅରବିନ୍ଦ

# ପୂର୍ବାଭାସ ମିଳିଲାଣି

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ଜଣେ ଆଇନଜୀବୀ କାର୍‌ରେ ଯାଉଥିବା ବେଳେ ରାଏବରେଲିର ଗୁରୁବକ୍ସଗଞ୍ଜ ନିକଟରେ ୨୮ ଜୁଲାଇରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି । ଉକ୍ତ କାର୍‌କୁ ଟ୍ରକ୍ ଯେଭଳି ଧକ୍କା ଦେଇଛି, ତାହା ପଛରେ ଷଡ଼ଯନ୍ତ୍ର ଥିବା କୁହାଯାଉଛି । କାରଣ ଧକ୍କା ଦେଇଥିବା ଟ୍ରକ୍‌ର ନମ୍ବର ପ୍ଲେଟ ଉପରେ କଳା ବୋଳାଯାଇଥିଲା ଏବଂ ତତ୍‌ସହିତ ନିୟମ ଭାଙ୍ଗି ତାହା ଭୁଲ ରାସ୍ତାରେ ଯାଉଥିବା ଖବର ମିଳିଛି । ଏହି ଦୁର୍ଘଟଣାରେ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଦୁଇ ସମ୍ପର୍କୀୟାଙ୍କ ମୃତ୍ୟୁ ଘଟିଛି । ଏଥିରେ ଭାଜପା ବିଧାୟକ କୁଲଦୀପ ସିଂ ସେନେଗାରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ବଳାତ୍କାର ଅଭିଯୋଗରେ କୁଲଦୀପଙ୍କୁ ଗତ ଏପ୍ରିଲ ୧୩ରେ ଗିରଫ କରାଯାଇଥିଲା । ୨୦୧୭ରେ ବିଧାୟକ ନିଜ ବାସଭବନରେ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ସେତେବେଳେ ଅଭିଯୋଗ କରିଥିଲେ । ଏପରି କି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ବାହାରେ ପୀଡ଼ିତା ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ବିଷୟ ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା । ଏଠାରେ ଆହୁରି ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ ପୀଡ଼ିତାଙ୍କ ପିତାଙ୍କ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇ ତାଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ ପିଟିଥିଲା ଓ ତାହା ହାଜତ ମୃତ୍ୟୁ ବୋଲି ଅଭିଯୋଗ ହୋଇଥିଲା । ଏହି ଘଟଣାରେ ବିଧାୟକ ଭାଇଙ୍କ ସମ୍ପୃକ୍ତି ଥିବା ନେଇ ସେତେବେଳେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

୨୮ ଜୁଲାଇର ଦୁର୍ଘଟଣା ପରେ ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କହିଛନ୍ତି ଯେ, ପୀଡ଼ିତାଙ୍କ ମା' କିମ୍ବା ସେମାନଙ୍କ ସମ୍ପର୍କୀୟ କେହି ସିବିଆଇ ତଦନ୍ତ ଲାଗି ଅନୁରୋଧ କଲେ ସରକାର ତାହା କରିବା ଲାଗି ପ୍ରସ୍ତୁତ ଅଛନ୍ତି । ଶୁଣିବାକୁ ମିଳୁଛି ଯେ, ବଳାତ୍କାର ଘଟଣାକୁ ବନ୍ଦ କରିଦେବା ପାଇଁ ବିଧାୟକ ଏଭଳି ଷଡ଼ଯନ୍ତ୍ର କରିଛନ୍ତି । ଭାରତରେ ପୀଡ଼ିତ କିମ୍ବା ସାକ୍ଷୀଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରାଯିବା ନୂଆ କଥା ନୁହେଁ । ଏପରିକି ସାକ୍ଷୀଙ୍କୁ ଧମକଚମକ ଦିଆଯାଇ ମାମଲାର ଦିଗ ମଧ୍ୟ ବଦଳାଇ ଦିଆଯାଏ । ଦେଶର ପ୍ରତ୍ୟେକ ଅଞ୍ଚଳରେ ଏଭଳି ଘଟଣାର ଅନେକ ଉଦାହରଣ ମିଳିଥାଏ । ସମାଜର ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏପରି ପଦକ୍ଷେପ ନେବାକୁ ପଛାଇ ନ ଥାନ୍ତି । ଏଥିସହିତ ପୋଲିସ ଓ ନ୍ୟାୟ ବ୍ୟବସ୍ଥାକୁ ଦେଖିଲେ କୌଣସି ମାମଲା ବିଳମ୍ବିତ ହେବା ଅର୍ଥ ତାହା କ୍ରମଶଃ ଦୁର୍ବଳ ହେବାକୁ ଲାଗିଥାଏ ।

ଏବେ ଉତ୍ତରପ୍ରଦେଶ ଡିଜିପି ଉକ୍ତ ଦୁର୍ଘଟଣାର ସିବିଆଇ ତଦନ୍ତ ନେଇ କହିଥିବା କଥାକୁ ଦେଖିଲେ ପୋଲିସ ବ୍ୟବସ୍ଥାରେ ଗଡ଼ବଡ଼ ଥିବା ବାସ୍ନା ମିଳୁଛି । ଜଣେ ବିଧାୟକ ଅପରାଧ ସହ ଜଡ଼ିତ ରହିବା ଓ ପୀଡ଼ିତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଦେବା ସକାଶେ ୩ ଜଣ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଇଥିଲା । ତେବେ ଉକ୍ତ ସୁରକ୍ଷାକର୍ମୀ ପୀଡ଼ିତାଙ୍କ ସହ ଯାଇ ନ ପାରିବା ନେଇ ପ୍ରଶ୍ନ ଉଠିବା ପରେ ଡିଜିପି କହିଛନ୍ତି ଯେ, ଉକ୍ତ କାର୍‌ରେ ସ୍ଥାନାଭାବ ଦେଖାଦେବାରୁ ସେମାନେ ଯାତ୍ରା କରିପାରି ନ ଥିଲେ । ସୂଚନା ଦିଆଯାଇପାରେ ଯେ, ପୀଡ଼ିତା, ତାଙ୍କ ଖୁଡ଼ୀ, ମାଉସୀ ଏବଂ ଆଇନଜୀବୀ ରାଏବରେଲି ଜେଲରେ ଥିବା ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଭେଟି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଗୋଟିଏ କାର୍‌ରେ ବସିବା ପାଇଁ ସ୍ଥାନାଭାବ ଦେଖାଦେଇଥିଲେ ହେଁ ପୋଲିସ ଅନ୍ୟ କୌଣସି ବ୍ୟବସ୍ଥା କରିପାରିଥାଆନ୍ତା । ଏହାବ୍ୟତୀତ ଏହି ଘଟଣାରୁ ଅନ୍ୟ ଏକ ଖିଅ ବାହାରୁଛି । ନୂତନ ଭିତ୍ତିଭୂମି ସୃଷ୍ଟି ନାମରେ ଦେଶବ୍ୟାପୀ ୪ ଓ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯାଉଛି । ଏଥିପାଇଁ ଦେଶର ରାଜକୋଷରୁ ପ୍ରବଳ ମାତ୍ରାରେ ଅର୍ଥ ଖର୍ଚ୍ଚ କରାଯାଉଛି । କିନ୍ତୁ ଆଧୁନିକ ରାଜରାସ୍ତାର ନିୟମ ମାନିବା ସମ୍ପର୍କରେ ଭାରତୀୟମାନଙ୍କୁ କୌଣସି ସମୟରେ ସଜାଗ କରାଯାଉ ନାହିଁ । ବର୍ତ୍ତମାନ ପୀଡ଼ିତାଙ୍କ ଦୁର୍ଘଟଣାକୁ ଦେଖାଯାଉ । ଏକ ସାଧାରଣ ରାସ୍ତା ଦୁର୍ଘଟଣା ଭାବେ ଏହାର ରିପୋର୍ଟ ଥାନାରେ ଲେଖାଯିବ । ଟ୍ରକ୍ ଓ ତା'ର ଚାଳକ ଧରାପଡ଼ିଲେ ମଧ୍ୟ ପ୍ରଚଳିତ ଆଇନ ଅନୁଯାୟୀ ସେହି ଡ୍ରାଇଭର ରାସ୍ତା ଦୁର୍ଘଟଣା ଘଟାଇଥିବା ଅପରାଧରେ ପଡ଼ିପାରନ୍ତି । କିନ୍ତୁ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ମକଦ୍ଦମା ରୁଜୁ କରିବା ସମ୍ଭବପର ହୁଏ ନାହିଁ । ବିଶେଷକରି ଉତ୍ତର ଭାରତର ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶା ଭଳି ରାଜ୍ୟରେ ମଧ୍ୟ ଏହିଭଳି ରାସ୍ତା ଆଇନକୁ ବେଖାତିର କରାଯାଉଥିବା ପରିଲକ୍ଷିତ ହେଉଛି । ଜଣେ ହତ୍ୟା କରିଥିବା ସତ୍ତ୍ୱେ ତାହାକୁ ହତ୍ୟା ଧାରାରେ ଦଣ୍ଡିତ କରିବା ସମ୍ଭବପର ହେବ ନାହିଁ, ଯଦି ତାହା ସଡ଼କ ଦୁର୍ଘଟଣାରେ ହୋଇଥିବ ।

ଆଜିର ଭାରତକୁ ଦେଖିଲେ, ଏହିଭଳି ବଳାତ୍କାର, ଧମକ ଏବଂ ତତ୍‌ସହିତ ହତ୍ୟା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି । ସରକାରୀ ବ୍ୟବସ୍ଥା ଓ ରାଜନେତାମାନେ ମଧ୍ୟ ଏହିଭଳି କାର୍ଯ୍ୟକୁ ଖୋଲାଖୋଲି ପ୍ରୋତ୍ସାହନ ଦେଉଥିବାରୁ ଭବିଷ୍ୟତରେ ଏଭଳି ଅଧିକରୁ ଅଧିକ ଅପରାଧ ଘଟିବ ବୋଲି ପୂର୍ବାଭାସ ମିଳିଲାଣି ।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଜୁଲାଇ ୧୯୯୪**

- ଚାଇନାର ଗୁଙ୍ଗସି ଜୁଆଙ୍ଗ ଅଞ୍ଚଳରେ ଭୀଷଣ ବନ୍ୟା ଫଳରେ ୭୪ ଜଣଙ୍କର ପ୍ରାଣହାନି ଘଟିବା ସହିତ ୧୪୩୯ ଜଣ ଆହତ ହୋଇଛନ୍ତି ।
- ଲଣ୍ଡନରେ ରହୁଥିବା ଭାରତୀୟ ଶିଳ୍ପପତି ସ୍ୱରାଜ ପଲ୍ ବାର୍ଷିକ ୪୦୦ ମିଲିୟନ ଡଲାରର ଏକ ଆମେରିକୀୟ ଷ୍ଟିଲ ପ୍ଲାଣ୍ଟ ହାତକୁ ନେବା ବିଷୟ ଘୋଷଣା କରିଛନ୍ତି ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | C | | | | | | | | 0 | | | |
| D | | 1 | | | | | | | 3 | 4 | | 6 | | 7 |
| E | | | | | 1 | | 6 | | | | C | | | 5 |
| | C | A | | 2 | E | | | | | | | | B | |
| 6 | | | | 5 | | A | | 7 | 2 | | | | | |
| | 3 | | | A | | 2 | | | | | 5 | 0 | | C |
| 5 | | | 8 | | | 0 | 4 | | | | A | | | 1 |
| 2 | 8 | | | | 0 | | | 9 | | 3 | B | | | |
| | | | 6 | 7 | | D | | C | | | | | 9 | |
| | | 7 | | | 5 | 1 | | | | | | 4 | | 8 |
| | | | | | | | | | | | | | 7 | 0 |
| | 0 | | 2 | E | 9 | 4 | B | | | C | | | | 6 |
| | 2 | 3 | | 4 | 6 | 5 | 1 | 8 | 0 | | | | | 9 |
| 1 | | | | B | | | | 2 | 5 | | 7 | | | |
| | | | 0 | | | | 3 | | B | | E | 8 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | D | A | 5 | 9 | C | 3 | B | 2 | 4 | 6 | 1 | 0 | 8 |
| 9 | B | 0 | 1 | 4 | 2 | 6 | A | E | 3 | 7 | 8 | D | C | 5 |
| 4 | 6 | C | B | D | 3 | 2 | 1 | 8 | 5 | A | 0 | 7 | 9 | E |
| 3 | 2 | 1 | 8 | C | 6 | 7 | 0 | 5 | E | 9 | D | B | 4 | A |
| 5 | A | 8 | E | 7 | 0 | 4 | D | 9 | B | 1 | C | 3 | 6 | 2 |
| A | 8 | 2 | 5 | B | C | D | 9 | 6 | 7 | 3 | 1 | 4 | E | 0 |
| B | E | 5 | 0 | 9 | D | 1 | 4 | 3 | C | 6 | 2 | 8 | A | 7 |
| 1 | C | 6 | 4 | A | E | 5 | B | 7 | 8 | 0 | 9 | 2 | 3 | D |
| 0 | 4 | 7 | 6 | 3 | 8 | A | 2 | C | D | 5 | E | 9 | 1 | B |
| D | 9 | 3 | 2 | 1 | 7 | 8 | E | 0 | A | B | 4 | 6 | 5 | C |
| 7 | D | 9 | 3 | 8 | A | 0 | 6 | 2 | 1 | C | 5 | E | B | 4 |
| C | 5 | E | D | 0 | 4 | 9 | 7 | 1 | 6 | 8 | B | A | 2 | 3 |
| 2 | 1 | B | 7 | 6 | 5 | 3 | C | D | 4 | E | A | 0 | 8 | 9 |
| 6 | 0 | 4 | C | 2 | B | E | 8 | A | 9 | D | 3 | 5 | 7 | 1 |
| 8 | 3 | A | 9 | E | 1 | B | 5 | 4 | 0 | 2 | 7 | C | D | 6 |

ଗତକାଲିର ଉତ୍ତର

# ଜଳ ପାଇଁ ଯୁଦ୍ଧ



ମାୟାଧର ନାୟକ

'ଜଳ ବିହୁନେ ସୃଷ୍ଟି ନାଶ' କଥାଟି ଆମେ କେଉଁ ଯୁଗରୁ ଶୁଣିଆସୁଥିଲେ ବି ସେଥିପ୍ରତି ଆମର ଭ୍ରୂକ୍ଷେପ ନ ଥିଲା । ଏବେ କିନ୍ତୁ ସେ କାଳବେଳ ପାଖେଇ ଆସିଲାଣି । ପୃଥିବୀରେ ଧୀରେଧୀରେ ଜଳସଙ୍କଟ ଉଗ୍ରରୂପ ଧାରଣ କଲାଣି । ବିଭିନ୍ନ ଦେଶରେ ୨୨୦କୋଟି ଲୋକଙ୍କ ପାଖରେ ପିଇବା ପାଇଁ ପାଣି ନାହିଁ ବୋଲି ଜାତିସଂଘ ସୂତ୍ରରୁ ପ୍ରକାଶ । ପୃଥିବୀର ୪୪୦କୋଟି ଲୋକଙ୍କୁ ସାଧାରଣ ପରିମଳ ବ୍ୟବସ୍ଥା ମିଳୁନାହିଁ । ୨୦୦୦ ମସିହାରୁ ୧୮୦କୋଟି ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଛି । ପ୍ରତିବର୍ଷ ପୃଥିବୀରେ ୨କୋଟି ୫୭ହଜାର ଶିଶୁ ୫ବର୍ଷ ବୟସ ପୂର୍ବରୁ ମୃତ୍ୟୁମୁଖରେ ପଡୁଛନ୍ତି । 'ନାସା' ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୯୭.୫% ଜଳ ସମୁଦ୍ରରେ, ୧.୫% ଜଳ ନଦୀନାଳ, ପୋଖରୀରେ, ବାକି ୧% ପିଇବାପାଣିରୁ ୬୦ଭାଗ ଶିଳ୍ପ, କଳକାରଖାନାରେ ବ୍ୟବହୃତ ହେଉଛି, ବାକି ୪୦ଭାଗ ପିଇବା, ରୋଷେଇକରିବା, ଧୁଆଧୋଇ କରିବାରେ ଲାଗୁଛି ।

ଜଳ ନାହିଁ ତ ଜୀବନ ନାହିଁ । ସବୁ ସମ୍ପଦ ସୀମିତ । ଜଳ ମଧ୍ୟ ଆଉ ନିରବଚ୍ଛିନ୍ନ ପ୍ରାକୃତିକ ଉତ୍ସ ନୁହେଁ । ଖଣିଜ ସମ୍ପଦ ମଧ୍ୟ ସୀମିତ । ସବୁ ସୀମିତ ସମ୍ପଦକୁ ଆମେ ମନଇଚ୍ଛା ବେପରୁଆ ବ୍ୟବହାର କଲେ ଜଳବିନା ଜୀବନ ଦିନେ ହା–ହୁତାଶରେ ନିଃଶେଷ ହେବା ହିଁ ସାର ହେବ । ଜଳସଙ୍କଟ ବର୍ତ୍ତମାନ ସାରା ବିଶ୍ୱରେ ଭୟଙ୍କର ଓ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି । ଏବେ ବି ଜଳପାଇଁ ଲୋକେ ତ୍ରାହିତ୍ରାହି ଡାକିଲେଣି । ଏବେ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟୁଛି । ଏବେ ଆଉ ଏକ ସାମୁଦ୍ରିକ ବିଶୃଙ୍ଖଳା ଏଲ୍‌ନିନୋ ମାଡିଆସୁଛି । ମୌସୁମୀରେ ଅସ୍ୱାଭାବିକତା, ଅନାବୃଷ୍ଟି, ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି । ଆଗକୁ ପୁଣି ଜଳଜନିତ ଜାଗତିକ ଯୁଦ୍ଧ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ।

ଜଳାଭାବର ମୂଳକାରଣ ସ୍ଥଳଭାଗରେ ଶିଳ୍ପସଭ୍ୟତାର ଦ୍ରୁତ ପ୍ରସାର ପାଇଁ ଜଙ୍ଗଲ କ୍ଷୟ ସହିତ ବୃକ୍ଷରୋପଣ ପ୍ରତି ବିମୁଖତା । ମାନବସମାଜର ଅଦୂରଦର୍ଶିତା ଓ ପ୍ରାକୃତିକ ସମ୍ବଳର ଦୁରୁପଯୋଗ ମଧ୍ୟ ଏଥିପାଇଁ ପୂର୍ଣ୍ଣମାତ୍ରାରେ ଦାୟୀ । ଆମ ଦେଶର ଧନୀ ରାଜ୍ୟ ମହାରାଷ୍ଟ୍ର, ତାମିଲନାଡୁ ଓ ରାଜସ୍ଥାନରେ ପାନୀୟଜଳ ସଙ୍କଟ ଉଦ୍‌ବେଗଜନକ । ମହାରାଷ୍ଟ୍ରରେ ପିଇବାପାଣି ପାଇଁ ହାହାକାର ପଡ଼ିଗଲାଣି । ତାମିଲନାଡୁର ଚେନ୍ନାଇରେ ଅଧିକାଂଶ ହୋଟେଲ ବନ୍ଦ ରହୁଛି । ରାଜସ୍ଥାନର ମଧ୍ୟ ସମାନ ଅବସ୍ଥା । ଜଳଯନ୍ତ୍ରଣାର ମୁକ୍ତିପାଇଁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଥିବା ଜଣାଯାଇଛି । ଆଉ କିଛିମାସ ପରେ ଭାରତ ଭୀଷଣ ଜଳସଙ୍କଟର ସମ୍ମୁଖୀନ ହେବ । ୨୪ଟି ରାଜ୍ୟର ଭୂତଳଜଳ ସ୍ଥିତି, ପ୍ରାକୃତିକ ଜଳଉତ୍ସ ଓ ଜଳ ପରିଚାଳନାକୁ ଆଧାରକରି ନୀତି ଆୟୋଗ ରିପୋର୍ଟରେ ଦେଶର ୬୦କୋଟି ଲୋକ ଜଳଯନ୍ତ୍ରଣାରେ ଛଟପଟ ହେବେ । ୨୦୨୦ ସୁଦ୍ଧା ୨୧ଟି ବଡବଡ ସହର ଜଳଶୂନ୍ୟ ହୋଇଯିବ– ଯାହା ଫଳରେ ଗୁରୁତର ଖାଦ୍ୟସଙ୍କଟ ସୃଷ୍ଟି ହେବ ।

ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୫୦ ତଳେ ରହିବା ବଦଳରେ ୪୧୫ ଅତିକ୍ରମ କରିସାରିଛି । ବିଶ୍ୱର ଉତ୍ତାପ ୧ ଡିଗ୍ରୀ ବଢିସାରିଛି । ମେରୁ ଅଞ୍ଚଳର ସ୍ଥାୟୀ ବରଫ ତରଳିବା, ସମୁଦ୍ର ଜଳସ୍ତର ଉପରକୁ ଉଠିବା, ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଆଦିର ପ୍ରଖରତା ବଢ଼ିଚାଲିଛି । ଅଧିକାଂଶ ବୈଜ୍ଞାନିକଙ୍କ ମତରେ– ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁର ପରିବର୍ତ୍ତନ ସମଗ୍ର ଜୀବସମାଜ ଓ ମନୁଷ୍ୟ ସଭ୍ୟତାକୁ ବିଲୁପ୍ତିର ଦ୍ୱାରଦେଶକୁ ନେଇଯିବ ।

ବିକାଶ ନାଁରେ ଆମେ ଗଛ କାଟି କଂକ୍ରିଟ୍ ସଡ଼କ ତିଆରି କଲୁ । ଶିଳ୍ପାୟନ ଓ ଖଣିଖନନ ପାଇଁ ଜଙ୍ଗଲକୁ ଧ୍ୱଂସ କଲୁ । ସହରୀକରଣ ପାଇଁ ସବୁଜ ଖେତକୁ ଧ୍ୱଂସ କଲୁ । ନଦୀନାଳକୁ ମଇଳା ଆବର୍ଜନାରେ ଦୂଷିତ କଲୁ । ଅତ୍ୟାଧୁନିକ ଜୀବନଶୈଳୀ ଓ ଜଳ ପରିଚାଳନାରେ ଦୂରଦୃଷ୍ଟିର ଅଭାବ ଓ ଉଦାସୀନତା, ବିଶେଷକରି ଯାନବାହନର ବ୍ୟାପକ ବ୍ୟବହାରରେ ମାନବକୃତ ଜଳବାୟୁ ପରିବର୍ତ୍ତନ ଦେଖାଦେଇଛି, ଯାହା ଫଳରେ ଗତ ୧୦ବର୍ଷ ଭିତରେ ଭୂତଳ ଜଳସ୍ତର ୨୧% ହ୍ରାସ ପାଇଛି । ଜଳ ସମସ୍ୟା ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆୟୋଗ ସୃଷ୍ଟି କରୁଥିଲେ ମଧ୍ୟ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିନି । ଦେଶର ବିକାଶ ସହିତ ପ୍ରାକୃତିକ ସମ୍ପଦର ଭାରସାମ୍ୟ ରକ୍ଷାକରିବା ପାଇଁ କେବଳ ସରକାର ନୁହେଁ, ଆମେ ସମସ୍ତେ କିଭଳି ସଚେତନ ହେବା ସେ ଦିଗରେ ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ । ବନୀକରଣ ଯୋଜନା, ବୃକ୍ଷରୋପଣ ପାଇଁ ସରକାର କୋଟିକୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରୁଥିଲେ ହେଁ ତାହା ବାସ୍ତବ କ୍ଷେତ୍ରରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରୁନାହିଁ ।

ସମ୍ପ୍ରତି ନଦୀଜଳ ବଣ୍ଟନକୁ ନେଇ ଏ ଦେଶରେ ସୃଷ୍ଟି ହୋଇଛି ପ୍ରଦେଶ–ପ୍ରଦେଶ ମଧ୍ୟରେ ତୁମୁଳ ବିବାଦ । ବର୍ତ୍ତମାନର ଓଡ଼ିଶା–ଛତିଶଗଡ଼ ମଧ୍ୟରେ ମହାନଦୀର ଜଳଜନିତ ରାଜନୈତିକ ତର୍କବିତର୍କ କେନ୍ଦ୍ରରେ ମଧ୍ୟ କମ୍ପନ ସୃଷ୍ଟି କରିଛି । ଏକଦା ଚାଇନାର ଦୁଃଖ ଥିଲା ହୋୟାଙ୍ଗ୍‌ହୋ ନଦୀ । ଏହି ନଦୀରେ ବନ୍ୟା ଆସିଲେ ଭୟାବହ କ୍ଷତିର ସମ୍ମୁଖୀନ ହେବାକୁ ପଡ଼େ । ବନ୍ୟା ପରେ ପରେ ଉତ୍କଟ ମରୁଡି ମାଡିଆସେ । ୧୯୪୯ରେ ଚାଇନା ବିପ୍ଳବ ପରେ କର୍ତ୍ତୃପକ୍ଷ ଅନେକ ଡ୍ୟାମ୍, କେନାଲ ଖୋଳି ନଦୀରେ ବହିଯାଉଥିବା ଜଳକୁ ସଂରକ୍ଷଣ କରି ମରୁଡ଼ି ଅଞ୍ଚଳକୁ ଯୋଗାଉଥିଲେ । ଚାଇନାର ବନ୍ୟା ଓ ମରୁଡ଼ି ସମସ୍ୟାର ସମାଧାନ ହୋଇଗଲା । ଆମ ଭାରତବର୍ଷରେ ପୋତିହୋଇ ଯାଇଥିବା ନଦୀନାଳକୁ ଖୋଳାଯାଇ କ'ଣ ଜଳ ସଂରକ୍ଷଣ କରାଯାଇପାରିବ ନାହିଁ?

ଶୁଦ୍ଧ ସ୍ୱଚ୍ଛ ପାନୀୟଜଳର ଘୋର ଅଭାବ ସବୁଠି । ଫ୍ରିଜ୍‌ର ଶିତଳୀକୃତ ଜଳଠାରୁ ଆରମ୍ଭକରି ବିଭିନ୍ନ କମ୍ପାନୀ ଦ୍ୱାରା ବିତରିତ ନାନା ରାସାୟନିକ ଶୀତଳ ପାନୀୟ ଆମକୁ ଦେଉଛି ବ୍ୟାଧିବିକୃତି । ଆମ ପୂର୍ବପୁରୁଷ କ'ଣ ଦୁଃସ୍ୱପ୍ନରେ ବି କେବେ ଏ କଥା ଭାବିଥିଲେ ଯେ ଆମେ ଟଙ୍କା ଦେଇ ପାଣି କିଣିବା ? ଜଳପ୍ରତି ଏ ଯେଉଁ ବ୍ୟବସାୟିକ ଦୃଷ୍ଟିଭଙ୍ଗୀ ଦ୍ରୁତ ପ୍ରସାର ଲାଭ କରୁଛି, ତାହା ଆମ ସାମାଜିକ ମୂଲ୍ୟବୋଧର କ୍ରମ ଅବକ୍ଷୟର କରାଳ ସୂଚନା– ଆଗକୁ ସାଧାରଣ ଜନଜୀବନ ଯେ ଏକପ୍ରକାର ନିର୍ଜନ ଜୀବନର ନିର୍ମମ ନାଗଫାଶରେ ଆଜୀବନ କଏଦୀ ହେବାର ଦୁର୍ଭାଗ୍ୟ ଭୋଗିବାକୁ ଯାଉଛି, ଏଥିରେ ଆଉ କ'ଣ ତିଳାର୍ଦ୍ଧ ସନ୍ଦେହ ଅଛି? ବହୁ ବୁଦ୍ଧିଜୀବୀ କହିବାକୁ ଆରମ୍ଭ କଲେଣି ତୃତୀୟ ମହାଯୁଦ୍ଧ ଘଟିପାରେ ଜଳକୁ ନେଇ ।

ନିର୍ବାଚନବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତଟେକି ସଜୋରେ ଶୁଣାଇଥିଲେ ୨୦୨୪ ମସିହା ମଧ୍ୟରେ ସମସ୍ତ ପରିବାରକୁ ପାନୀୟଜଳ ଯୋଗାଇଦେବେ । ଏବେଠୁ ପିଇବାପାଣି ମିଳୁନି । ଆଉ ୫ବର୍ଷ ପିଇବାପାଣି ପାଇଁ ମହିଳାମାନେ ଅପେକ୍ଷା କରିବେ କି? ସରକାରଙ୍କ ଯୋଜନା ଓ ଘୋଷଣାରେ ଜଳ ମିଳିବ କି? ଅଧିକାଂଶ କ୍ଷେତ୍ରରେ କେବଳ ରାଜକୋଷର ଟଙ୍କା ଜଳରେ ପଡୁଛି, କିନ୍ତୁ ଜଳ ମିଳୁନାହିଁ । ଜଳ ଯୋଗାଇବା ସରକାରଙ୍କର ମୂଳ କର୍ତ୍ତବ୍ୟ ।

ଜଳବାୟୁ ସଙ୍କଟଜନିତ ସମସ୍ତ ପ୍ରଭାବର ମାତ୍ରାଧିକ ମୂଲ୍ୟ ଭାରତର ଗରିବ ଲୋକଙ୍କୁ ହିଁ ଦେବାକୁ ପଡୁଛି । ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ଗରିବ ଦେଶଗୁଡ଼ିକୁ ସାହାଯ୍ୟ କରିବାପାଇଁ ଉଭୟ ପାଣ୍ଠି ଓ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା । ତାହା ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ସମ୍ପ୍ରତି ବିଭିନ୍ନ ଦେଶରେ ପରିବେଶ ସୁରକ୍ଷା ଆନ୍ଦୋଳନ ଗଢିଉଠୁଛି । ତଥାପି ଏପାରି ସେପାରି ବେପାରୀ, ଶାସକ ଓ ପ୍ରଶାସକ ତାଙ୍କ ମୁନାଫା ପାଇଁ ଆନ୍ଦୋଳନକୁ ଭ୍ରୂକ୍ଷେପ କରୁନାହାନ୍ତି । ସବୁଦେଶରେ ଜଳବାୟୁ ସୁରକ୍ଷା ଆନ୍ଦୋଳନ ଗଣଆନ୍ଦୋଳନରେ ପରିଣତ ହୋଇ ଶାସକମାନଙ୍କୁ ଆଶୁ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ବାଧ୍ୟ ନ କରାଇପାରିଲେ ଜୀବଜଗତ ଓ ମାନବ ସଭ୍ୟତାର ବିଲୟ ହେବାକୁ ଖୁବ୍ ବେଶି ଡେରି ହେବ ନାହିଁ ।

ଯାଜପୁର ରୋଡ୍, ଯାଜପୁର, ମୋ: ୯୮୬୧୦୩୪୧୬୩

# ଓଡ଼ିଶାର ସ୍ୱାର୍ଥ ସତରେ ରକ୍ଷା ହେବ କି



ଦିଲୀପ ଦାଶଶର୍ମା

ସାଧାରଣ ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ପରସ୍ପରକୁ କିଏ କେତେ କଥା କହୁଥିଲେ । ନିର୍ବାଚନ ସରିଗଲା ପରେ ଦୁଇ ଦଳ ପରସ୍ପରକୁ ଭଲ ପାଇ ପ୍ରଶଂସା କରିବାରେ ଲାଗିଲେ । ଏତେ ଭଲ ପାଇଲେ ଯେ ରାଜ୍ୟର ଶାସକ ଦଳ କେନ୍ଦ୍ରରେ ଶାସନ କରୁଥିବା ଦଳକୁ ଏକ ରାଜ୍ୟସଭା ଆସନ ଦାନ କଲେ । ଯେଉଁ ପ୍ରାର୍ଥୀକୁ ବାଛିଲେ ସେ ହେଉଛନ୍ତି ଅନ୍ୟ ରାଜ୍ୟର ଜଣେ ଅଣଓଡ଼ିଆ । ଅନ୍ୟ ଦଳରୁ ଓ ଅନ୍ୟ ରାଜ୍ୟରୁ କାହିଁକି ପ୍ରାର୍ଥୀ ବାଛିଲେ ତା'ର ଉତ୍ତରରେ ରାଜ୍ୟ ଶାସକ ଦଳର ମୁଖିଆ କହିଲେ ଯେ, ତାଙ୍କୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅନୁରୋଧ କରିଥିଲେ ।

ଯେଉଁ ପ୍ରଧାନମନ୍ତ୍ରୀ ବିଧାନସଭା କମିଟିକୁ ଦେଖା କରିବା ପାଇଁ ସମୟ ଦେଉ ନ ଥିଲେ ଓ ଯେଉଁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜ୍ୟ ଶାସକ ଦଳକୁ ପୋଡା ଟ୍ରାନ୍ସଫର୍ମର କହି ସମୁଦ୍ରକୁ ଫିଙ୍ଗି ଦେବାକୁ କହୁଥିଲେ ତାଙ୍କ କଥାରେ ରାଜ୍ୟସଭା ସଦସ୍ୟ ପଦ ଛାଡିଦେବା ସାଧାରଣ ଲୋକଙ୍କର ହଜମ ହେଲା ନାହିଁ । ଗଣମାଧ୍ୟମର ପ୍ରତିନିଧିମାନଙ୍କର ବାରମ୍ବାର ପ୍ରଶ୍ନର ଉତ୍ତରରେ ଦୁଇ ଦଳର ନେତା କେବଳ ଗୋଟିଏ କଥା କହିଲେ– ରାଜ୍ୟର ସ୍ୱାର୍ଥ ଓ ମଙ୍ଗଳ ପାଇଁ ଏଭଳି ହେଲା । ରାଜ୍ୟର ସ୍ୱାର୍ଥ କଥା କହିଲେ ତା' ଭିତରେ କହୁ କଥା ଆସିବ । ଯେପରି ପୋଲାଭରମ୍ ପ୍ରକଳ୍ପରେ କେନ୍ଦ୍ର ସରକାର ମୁଣ୍ଡ ଭର୍ତ୍ତିକରି ଓଡ଼ିଶାକୁ ନ୍ୟାୟ ଦେଇ ପାରିବକି? କୋଟିଆ ଗ୍ରାମପଞ୍ଚାୟତ ମାମଲା ଯାହା ସଂସଦର ନିଷ୍ପତ୍ତି ପାଇଁ ବହୁବର୍ଷ ହେଲା ପଡି ରହିଛି ତାହା ସମାଧାନ ହେବକି? ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳ ବିବାଦର ସମାଧାନ ହେବକି? ଆମ ରାଜ୍ୟକୁ ସ୍ୱତନ୍ତ୍ରରାଜ୍ୟ ପାହ୍ୟା ମିଳିବକି? ଏହା ସହିତ ଅନେକ ଦାବି ରହିଛି, ଯେପରି କି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂସଦ ପରିସରରେ ସ୍ଥାପନା କରିବା, ଓଡ଼ିଶାକୁ ସ୍ପର୍ଶ କରିଥିବା ସମୁଦ୍ରର ନାମ କଳିଙ୍ଗସାଗର ରଖିବା ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରିବା ଇତ୍ୟାଦି ।

କୋଟିଆ ଗ୍ରାମପଞ୍ଚାୟତ ବିବାଦ ବହୁ ପୁରୁଣା । ୧୯୬୮ ମସିହାରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ କୋଟିଆ ଗ୍ରାମପୁଞ୍ଜ ପାଇଁ ଓଡ଼ିଶା ସୁପ୍ରିମ୍‌କୋର୍ଟରେ ନ୍ୟାୟ ପାଇଁ ଆବେଦନ କରିଥିଲା । ଏହାର କେସ୍ ନମ୍ବର ଥିଲା ୧୦/୧୯୬୮ । ଏହି କେସ୍‌ର ଶେଷ ଶୁଣାଣି ହୋଇଥିଲା ତା୩୦।୦୩।୨୦୦୬ରେ । ସୁପ୍ରିମକୋର୍ଟ କହିଥିଲେ ଯେ, ଧାରା–୧୩୧ ଅନୁଯାୟୀ ରାଜ୍ୟ ସୀମା ବିଷୟ ଆମ ବିଚାର କ୍ଷମତା ଭିତରକୁ ଆସୁନାହିଁ । ସୀମା ସଂକ୍ରାନ୍ତ ନିଷ୍ପତ୍ତି ନେବାର ଅଧିକାର କେବଳ ସଂସଦର ଅଛି । ଏହି ମାମଲା ଗତ ୧୨ ବର୍ଷ ହେଲା ସଂସଦୀୟ ନିଷ୍ପତ୍ତି ପାଇଁ ପଡି ରହିଛି । ଓଡ଼ିଶାକୁ ସାହାଯ୍ୟ କରିବା ପାଇଁ ଏହା ଏକ ମଉକା । କାରଣ ଭାରତ ସରକାରଙ୍କ ପକ୍ଷରୁ ତା୧୯।୦୩।୧୯୩୬ରେ ପ୍ରକାଶିତ ଗେଜେଟ୍ ନୋଟିଫିକେଶନ୍ ସଂଖ୍ୟା ୨୦/୩୫ ଜି(ବି) ଅନୁଯାୟୀ ଜୟପୁର ୧୯୩୬ରେ ଓଡ଼ିଶା ଗଠନରେ ଅନ୍ତର୍ଭୁକ୍ତ ହୋଇଥିଲା । କୋଟିଆ ଗ୍ରାମପୁଞ୍ଜ ଜୟପୁର ରାଜାଙ୍କ ଅଧୀନରେ ଏହା ପୂର୍ବରୁ ଥିଲା । ଜୟପୁର ରାଜା ଉକ୍ତ ଅଞ୍ଚଳରୁ ଖଜଣା ଆଦାୟ କରୁଥିଲେ ।

ସେହିପରି ପୋଲାଭରମ୍ ପ୍ରକଳ୍ପର ଅବସ୍ଥା ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ସମାଧାନ ଅତି ସହଜ । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡିଶା ଓ ଛତିଶଗଡ ରାଜ୍ୟର ବହୁ ଅଞ୍ଚଳ ଜଳମଗ୍ନ ହେବ । ଯେଉଁ ଅଞ୍ଚଳ ଜଳମଗ୍ନ ହେବ ସେଠାରେ ଅତ୍ୟନ୍ତ ମୂଲ୍ୟବାନ କୋଇଲା, ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ୍, ଗ୍ରାଫାଇଟ୍ ପରି ଖଣିଜ ଦ୍ରବ୍ୟ ରହିଛି । ଏଥିସହିତ ଆଦିବାସୀଙ୍କର ସାମାଜିକ ଚଳଣି ନଷ୍ଟ ହେବ । ଏ ସମସ୍ତ କଥା ଆମେ କେବଳ କହୁନୁ, ନ୍ୟାଶନାଲ କାଉନ୍‌ସିଲ ଫର୍ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚ (ଏନ୍‌ସିଏଇଆର୍) ଏଥିପାଇଁ ଅତ୍ୟନ୍ତ କଡ଼ା ଭାଷାରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଓ ଆନ୍ଧ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ତା' ପରେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରି ସାହାଯ୍ୟ କରୁଛନ୍ତି । କେନ୍ଦ୍ର ସରକାର ଏଥିରୁ ନିବୃତ ରହି କିମ୍ବା ତିନୋଟି ରାଜ୍ୟର ଭୌଗୋଳିକ ସୀମାକୁ ଅନୁଧ୍ୟାନ କରି ଠିକ୍ ନିଷ୍ପତ୍ତି ନେଲେ ଓଡ଼ିଶାକୁ ସୁହାଇବ ।

ମହାତ୍ମା ଗାନ୍ଧୀ ତା୧୨।୦୮।୧୯୨୫ରେ ମଧୁବାବୁଙ୍କୁ ଦେଇଥିବା ପତ୍ରରେ ଲେଖିଛନ୍ତି– ଉତ୍କଳରେ ଚରଖାର କିପରି ପ୍ରସାର ହୋଇପାରିବ ମୁଁ ଆପଣଙ୍କଠାରୁ ଅବଶ୍ୟ ଶିଖିବି । ଗ୍ରାମୀଣ ଚମଡା ଶିଳ୍ପ କ୍ଷେତ୍ରରେ ମଧୁସୂଦନ ଦାସ ମୋର ଆଖି ଖୋଲି ଦେଇଥିଲେ ବୋଲି ଗାନ୍ଧିଜୀ କହିଥିଲେ । ଗୋରକ୍ଷା କ୍ଷେତ୍ରରେ ମଧୁବାବୁ ବହୁ ଆଗରୁ ସଫଳତା ପାଇଛନ୍ତି ବୋଲି ଗାନ୍ଧିଜୀ ତାଙ୍କ ଭାଷଣରେ କହିଛନ୍ତି । କେବଳ ସେତିକି ନୁହେଁ, କୁଟୀର ଶିଳ୍ପ ହେଉକି ସ୍ୱଦେଶୀ ଶିଳ୍ପ ହେଉ କିମ୍ବା ନାରୀମାନଙ୍କୁ ସ୍ୱାତନ୍ତ୍ର୍ୟ ଓ କ୍ଷମତା ପ୍ରଦାନ କ୍ଷେତ୍ରରେ ହେଉ ସବୁଥିରେ ମହାତ୍ମା ଗାନ୍ଧୀଙ୍କଠାରୁ ମଧୁବାବୁ ବହୁ ଆଗରେ ଥିଲେ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ପାଇଁ ବହୁ ଦିନୁ ଦାବି ହୋଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । କେନ୍ଦ୍ର ସରକାର ସମୀକ୍ଷା କରିବା ଆବଶ୍ୟକ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ କେଉଁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ପ୍ରତିଷ୍ଠା ହୋଇଛି ଓ ମଧୁବାବୁଙ୍କ ବ୍ୟକ୍ତିତ୍ୱ ସେମାନଙ୍କଠାରୁ କେଉଁ ଗୁଣରେ କମ୍ ଅଛି ।

ସେହିଭଳି ଆମରାଜ୍ୟ ସୀମାକୁ ଲାଗିଥିବା ସମୁଦ୍ରକୁ ବହୁ ପୂର୍ବରୁ କଳିଙ୍ଗସାଗର କୁହାଯାଉଥିଲା । ବର୍ତ୍ତମାନ ତା'ର ନାମ ବଙ୍ଗୋପସାଗର ଅଛି । ଏହାର ପରିବର୍ତ୍ତନ ଆବଶ୍ୟକ ଯାହା କେନ୍ଦ୍ର ସରକାର କରିପାରିବେ । ଓଡ଼ିଶାକୁ ସ୍ୱତନ୍ତ୍ରରାଜ୍ୟ ପାହ୍ୟା ପ୍ରଦାନ ପାଇଁ ବହୁ ଦିନରୁ ଦାବି ହେଉଥିବା ବେଳେ ନିକଟରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଏଥିପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି । ଓଡ଼ିଶାର ଉନ୍ନତି ପାଇଁ ଏସବୁ ତ ବିଚାରକୁ ନେବାକୁ ପଡିବ । ସେହିଭଳି ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦ ଓ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ଭଳି ଅନେକ କାମ କଲେ କହିହେବ ଯେ ଓଡିଶାର ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର କିଛି କଲେ ।

ଏଇ–୧୯୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର, ମୋ–୮୯୮୪୦୦୭୬୦୦

## ଏଇ ଭାରତରେ

ଶ୍ରାବଣ ମାସରେ ମହାଦେବଙ୍କୁ ଜଳ ଲାଗି ପାଇଁ କାଉଡ଼ିଆମାନେ ପବିତ୍ର ନଦୀଜଳ ବୋହି ନେଇଥାନ୍ତି । ଏମାନେ ମୁଖ୍ୟତଃ ହିନ୍ଦୁ । ତେବେ ଉତ୍ତରପ୍ରଦେଶର ଜଣେ ମୁସଲମାନ ଯୁବକ ବାବୁ ଖାଁ କାଉଡ଼ିଆ ସାଜିଛନ୍ତି । ତାଙ୍କ ଉଦ୍ୟମ ସାମ୍ପ୍ରଦାୟିକ ସଦ୍‌ଭାବର ଏକ ନିଆରା ଉଦାହରଣ ସୃଷ୍ଟି କରିଛି । ତାଙ୍କ କହିବା କଥା ହେଉଛି ଭାରତରେ ଗୀତା, କୋରାନ୍ ଭଳି ସବୁ ଧର୍ମଗ୍ରନ୍ଥର ମୂଳମନ୍ତ୍ର ହେଉଛି ଅହିଂସା । ଭାରତ ଭଳି ଏକ ଧର୍ମନିରପେକ୍ଷ ଦେଶରେ ମଣିଷକୁ ମଣିଷ ଭଲ ପାଇବା ହେଉଛି ପରମ ଧର୍ମ । ଏଠାରେ କୌଣସି ଧର୍ମ ଓ ସମ୍ପ୍ରଦାୟକୁ ପୃଥକ୍ ନ ଭାବି ବରଂ ସମାନ ଦୃଷ୍ଟିରେ ଦେଖିବା ଉଚିତ । ଭାରତର ସମ୍ବିଧାନ ସମସ୍ତ ନାଗରିକଙ୍କ ମଧ୍ୟରେ ଧର୍ମନିରପେକ୍ଷତା ଭାବନା ଜାଗ୍ରତ କରାଇଥାଏ । ଉତ୍ତରପ୍ରଦେଶର ବାଗ୍‌ପତ ଜିଲାର ବାସିନ୍ଦା ବାବୁ ହରିଦ୍ୱାରରୁ ପାଣିଭାର ନେଇ ତାଙ୍କ ଗାଁ ଇଂଛୋଡ଼ରେ ଥିବା ଶିବ ମନ୍ଦିରରେ ଲାଗି କରାଇବେ ବୋଲି କହିଛନ୍ତି । ଏହି କାର୍ଯ୍ୟ ପାଇଁ ତାଙ୍କୁ ଘର ଲୋକେ କେହି ବିରୋଧ କରିନାହାନ୍ତି । ସେ ଏ ବର୍ଷ ଦ୍ୱିତୀୟ ଥର ଏଭଳି କରୁଥିବା ପ୍ରକାଶ କରିଛନ୍ତି । ବାବୁ ଖାଁଙ୍କ ଏଭଳି କାର୍ଯ୍ୟ ଭିନ୍ନ ଧର୍ମକୁ ହେୟ ଦୃଷ୍ଟିରେ ଦେଖୁଥିବା ଲୋକଙ୍କ ପାଇଁ ଏକ ନିଆରା ଦୃଷ୍ଟାନ୍ତ ନିଶ୍ଚୟ ।

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ ।
ନିଆଶାର ଦହନରେ
ଦଗଧ କରଇ ଯେହ୍ନୁ ପ୍ରାଣ,
ନ ଜନମୁ ତାର ଲାଗି
ଅନ୍ତରେ ମୋ ତିଳେ ଅଭିମାନ ।
ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ ।
ଲାଞ୍ଛନାର ଶେଳରାଶି
ଏ ଜୀବନେ ହାଣେ ଯେହ୍ନୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ ! ନୟନର ଲୋର ।

(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଶିକ୍ଷା ବ୍ୟବସ୍ଥା ବଦଳୁ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ପ୍ରାଥମିକ ଶିକ୍ଷାର ଗତି ତଳକୁ ତଳ ଯାଉଛି । ରାଜ୍ୟର ଅଧିକାଂଶ ଅଞ୍ଚଳରେ ଅନୁରୂପ ଅବସ୍ଥା । ଉଚ୍ଚ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ, ଉପଯୁକ୍ତ ତଦାରଖ ଅଭାବରୁ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ଘରୋଇ ଶିକ୍ଷାନୁଷ୍ଠାନ ଆଡ଼କୁ ଢଳୁଛନ୍ତି ଅଭିଭାବକମାନେ । ସରକାରୀ ବିଦ୍ୟାଳୟ ସଂଖ୍ୟାରେ ଆଶାନୁରୂପ ବୃଦ୍ଧି ଘଟିଥିଲେ ମଧ୍ୟ ଅନେକ ପିଲା ଏବେ ବିଦ୍ୟାଳୟ ବାହାରେ ବୁଲୁଛନ୍ତି । ସତ୍ୟବାଦୀ ବ୍ଲକରେ ଶିକ୍ଷକମାନେ ପିଲାଙ୍କୁ ଟ୍ୟୁଶନ କରି ନୈତିକ କର୍ତ୍ତବ୍ୟ ଭୁଲିଯାଉଛନ୍ତି । ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ । ସେମାନଙ୍କୁ ଅବହେଳା କରିବା ଆଦୌ କ୍ଷମଣୀୟ ନୁହେଁ । ବେସରକାରୀ ବିଦ୍ୟାଳୟଗୁଡିକ ଭଲ ଘରର ଛାତ୍ରୀଛାତ୍ରଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ପାରୁଥିବାରୁ ସରକାରୀ ବିଦ୍ୟାଳୟରେ ପିଲା ହେଉ ନାହାନ୍ତି । ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ସଂସ୍କାରରେ ଅନେକ ବର୍ଷ ବିତିଗଲାଣି । ପିଲାମାନେ ଉପକୃତ ହେବା ତ ଦୂରର କଥା ବରଂ କ୍ଷତିଗ୍ରସ୍ତ ହେଉଛନ୍ତି । ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ଲାଗି ସରକାର ଚେଷ୍ଟା କରିବା ଆବଶ୍ୟକ ।

ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଢଗଢମାଳି

ଧରିତ୍ରୀ(୧୨।୭)ର 'ଢଗଢମାଳି' ପୃଷ୍ଠାଟି ପାଠକରି ଏହି ପତ୍ର ଲେଖୁଛି । ରୀତିଯୁଗର କବି ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ଚଉଦାକ୍ଷରୀ ଲେଖାଟି ହେଉଛି– 'କେଉଁଠାରେ ଖଜୁରଗଛ, କେଉଁଠାରେ ମୁଦି, କେଉଁଠାରେ ବୋଲାଉଛ କରୁଣାବାରିଧି ।' କିନ୍ତୁ ଶେଷ ପଦଟି 'କରୁଣା ନିଧି' ଭାବେ ସ୍ଥାନ ପାଇଛି । ପରବର୍ତ୍ତୀଟି ସପ୍ତାକ୍ଷରୀରେ ଲିଖିତ ମାତ୍ର ଠିକ୍ ହୋଇଛି । 'ପାଣି ପିଇବ ଛାଣି, ପଇସା ନେବ ଗଣି' । ଚତୁର୍ଦ୍ଦଶାକ୍ଷରୀ ଏବଂ ସପ୍ତାକ୍ଷରୀ ଢଗଢମାଳି ଦୁଇଟି ପଢିବାକୁ ଭଲଲାଗେ ।

ପ୍ରକାଶ ଚନ୍ଦ୍ର ପାଢ଼ୀ, ଆଙ୍କୋଲୀ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ' ଏପିସୋଡ୍‌ରେ ମୋଦି

ନୂଆଦିଲ୍ଲୀ, ୨୯।୭(ଆଇଏଏନ୍ଏସ୍)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧୨ରେ ଡିସ୍‌କଭରି ଚ୍ୟାନେଲର ଲୋକପ୍ରିୟ କାର୍ଯ୍ୟକ୍ରମ 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ' ଏପିସୋଡ୍‌ରେ ଦୃଶ୍ୟମାନ ହେବେ। ବିଶ୍ୱର ୧୮୦ଟି ଦେଶର ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବେ। ଏଥିରେ ପ୍ରାଣୀ ସଂରକ୍ଷଣ ଏବଂ ପରିବେଶ ପରିବର୍ତ୍ତନ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯାଇଛି। ଏହା ସେହିଦିନ ରାତି ୯ଟାରେ ପ୍ରସାରଣ କରାଯିବ।

ଜିମ୍ କରବେଟ୍ ଜାତୀୟ ଉଦ୍ୟାନରେ ଶୁଟିଂ କରାଯାଇଥିବା ଏଭଳି ଏକ ସ୍ୱତନ୍ତ୍ର ଏପିସୋଡ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଲୋକପାତ କରାଯିବା ସହିତ ପରିବେଶ ପରିବର୍ତ୍ତନ ସମ୍ପର୍କିତ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏକ ବିବୃତିରେ କହିଛନ୍ତି, 'ବର୍ଷବର୍ଷ ଧରି ପ୍ରକୃତି, ପର୍ବତାଞ୍ଚଳ ଏବଂ ବନଭୂମି ସହ ଜଡିତ ହୋଇ ରହିଆସିଛି। ରାଜନୀତି ବାହାରେ ଜୀବନକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଶେଷକରି ପ୍ରକୃତି କୋଳରେ ବଢୁଥିବା ଜୀବଜନ୍ତୁଙ୍କ ଉପରେ ପ୍ରସ୍ତୁତ ହେଉଥିବା ଏକ ଏପିସୋଡରେ ଭାଗ ନେବାକୁ ପଚରାଯିବା ବେଳେ ଏଥିପାଇଁ ଖୁବ୍ ଉତ୍ସାହିତ ହୋଇଥିଲି।'

ଟେଲିଭିଜନ ଉପସ୍ଥାପକ ଏଡୱାର୍ଡ ମାଇକେଲ ଗ୍ରିଲ୍‌ସ (ବିୟର ଗ୍ରିଲ୍‌ସ ଭାବେ ପରିଚିତ) ମୋଦିଙ୍କ ସହିତ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହାଦ୍ୱାରା ଭାରତର ପ୍ରାକୃତିକ ଶୋଭାଭରା ପରିବେଶୀୟ ଐତିହ୍ୟକୁ ସାରା ବିଶ୍ୱ ଜାଣିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ମୋଦି କହିଛନ୍ତି। ଏଥିରେ ପରିବେଶ ସଂରକ୍ଷଣ ଓ ପ୍ରକୃତି କୋଳରେ ବାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜଙ୍ଗଲରେ ଗ୍ରିଲ୍‌ସଙ୍କ ସହିତ ସମୟ ବିତାଇବା ଏକ ସୁଖଦ ଅନୁଭୂତି ଥିଲା ବୋଲି ମୋଦି କହିଛନ୍ତି।

ଗ୍ରିଲ୍‌ସ ମଧ୍ୟ ଭାରତୀୟ ବନଭୂମିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ କିଛି ସମୟ ବିତାଇବା ଖୁସିର ସମୟ ଥିଲା ବୋଲି କହିଛନ୍ତି। ଜଣେ ବିଶିଷ୍ଟ ବିଶ୍ୱନେତାଙ୍କ ସହିତ ସମୟ କାଟିବା ବାସ୍ତବରେ ସମ୍ମାନଜନକ

## ୧୨ରେ ବିଶ୍ୱବ୍ୟାପୀ ପ୍ରସାରଣ

ବିଷୟ। ବନଭୂମି ଆମକୁ ମନେପକାଇ ଦେଉଛି, ଆମେ ପରସ୍ପର ଉପରେ ନିର୍ଭରଶୀଳ ଏବଂ ଉଭୟଙ୍କ ସମନ୍ୱୟ ଦ୍ୱାରା ଏକ ବଳିଷ୍ଠ ପରିବେଶ ସୃଷ୍ଟି ହୋଇପାରିବ। ଭାରତ ଭଳି ଏକ ବୃହତ୍ ଦେଶର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ଖୁବ୍ ନିକଟରୁ ଭେଟିବାର ସୁଯୋଗ ପାଇଲି ବୋଲି ଗ୍ରିଲ୍‌ସ କହିଛନ୍ତି। ଗ୍ରିଲ୍‌ସ ଏ ସମ୍ପର୍କିତ ଖବର ସୋମବାର ଟୁଇଟର ଯୋଗେ ଶେୟାର କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଏକ ଦୁଃସାହସିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ବିଶ୍ୱର ୧୮୦ଟି ଦେଶର ଲୋକେ ମୋଦିଙ୍କର ଏକ ଭିନ୍ନ ଦିଗ ଦେଖିବାକୁ ପାଇବେ ବୋଲି ଗ୍ରିଲ୍‌ସ କହିଛନ୍ତି।

ସେ ଉକ୍ତ କାର୍ଯ୍ୟକ୍ରମର ସ୍ୱଳ୍ପ ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଜୁଲାଇ ୨୯ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସରେ ଏହି କାର୍ଯ୍ୟକ୍ରମ ବିଷୟରେ ଘୋଷଣା କରାଯାଇଛି।

# ଜେଲ୍‌ରେ ଦଙ୍ଗା: ୫୨ ମୃତ

ରିଓ ଡି ଜେନିରୋ, ୨୯।୭(ଏଏଫ୍‌ପି)

ଉତ୍ତର ବ୍ରାଜିଲ୍‌ର ଏକ କାରାଗାରରେ ଦୁଇ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ଅନ୍ୟୂନ ୫୨ କଏଦୀଙ୍କ ପ୍ରାଣହାନି ଘଟିଛି। ତିନି ମାସ ମଧ୍ୟରେ ବ୍ରାଜିଲ କାରାଗାର ସଂଘର୍ଷ ହେଉଛି ଦ୍ୱିତୀୟ ଘଟଣା। ମେ ମାସରେ ପଡୋଶୀ ରାଜ୍ୟ ଆମାଜୋନାସ୍‌ରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୫୫ଜଣଙ୍କ ମୃତ୍ୟୁ ଘଟିଥିଲା। ବ୍ରାଜିଲ ଏକ ଜନବହୁଳ ଦେଶ ଏବଂ କାରାଗାର ବ୍ୟବସ୍ଥା ସେଠାରେ ଅତ୍ୟନ୍ତ ଦୟନୀୟ। ସୋମବାର ପୂର୍ବାହ୍ନ ୭ଟାରେ ଅଲ୍‌ଟାମିରା ରିଜିଓନାଲ ରିକଭରି ସେଣ୍ଟରରେ ଗୋଷ୍ଠୀ ସଂଘର୍ଷ ଉପୁଜିଥିଲା। ସଂଘର୍ଷ ସମୟରେ ଦୁଇଜଣ ଗାର୍ଡଙ୍କୁ ପଣବନ୍ଦୀ କରି ରଖାଯାଇଥିଲା। ମଧ୍ୟାହ୍ନ ବେଳକୁ ସଂଘର୍ଷ ଥମିଯିବା ପରେ ସେହି ଦୁଇଜଣଙ୍କୁ ମୁକ୍ତ କରାଯାଇଥିଲା। କାରାଗାର କମ୍ପାଉଣ୍ଡରେ କଳାଧୂଆଁ ଉପରକୁ ଉଠୁଥିବା ସିସିଟିଭି କ୍ୟାମେରା ଫୁଟେଜ୍‌ରୁ ଦେଖାଯାଇଥିଲା।

## ■ ଗୁପ୍ତ ତଥ୍ୟ ପ୍ରଘଟ ଅଭିଯୋଗ

# ଇଞ୍ଜିନିୟରଙ୍କ ଜାମିନ ଆବେଦନ ଖାରଜ

ନାଗପୁର, ୨୯।୭(ପି.ଟି.)

ବ୍ରହ୍ମୋସ୍ ଏରୋସ୍ପେସ୍ ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲ୍‌ଙ୍କ ଜାମିନ ଆବେଦନକୁ ସ୍ଥାନୀୟ ସେସନ୍ସ ଅଦାଲତ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ନିଶାନ୍ତ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇକୁ କିଛି ସମ୍ବେଦନଶୀଳ ସୂଚନା ଦେଇଥିବା ଅଭିଯୋଗ ହୋଇଛି। ଗତ ମାସରେ ନାଗପୁର ଜିଲା ଅଦାଲତରେ ଦାଖଲ କରିଥିବା ଆବେଦନରେ ଅଗ୍ରୱାଲ ଦର୍ଶାଇଥିଲେ ଯେ, ସେ କୌଣସି ଗୁପ୍ତ ସୂଚନା ତାଙ୍କ ପାଖରେ ରଖି ନ ଥିଲେ। ତେବେ ତାଙ୍କ ଜାମିନ ଆବେଦନକୁ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ଏଫ୍.ଏମ୍. ଅଲି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ନାଗପୁରସ୍ଥିତ ବ୍ରହ୍ମୋସ ଏରୋସ୍ପେସ୍ ସଂସ୍ଥାରେ ଅଗ୍ରୱାଲ୍ ହେଉଛନ୍ତି ଜଣେ ବରିଷ୍ଠ ସିଷ୍ଟମ ଇଞ୍ଜିନିୟର। ୨୦୧୮ ଅକ୍ଟୋବର ୮ରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ଆଣ୍ଟି-ଟେରରିଜିମ୍ ସ୍କ୍ୱାଡ୍ (ଏଟିଏସ୍)ର ମିଳିତ ଚଢ଼ଉ ଦ୍ୱାରା ଅଗ୍ରୱାଲ୍‌ଙ୍କୁ ଗିରଫ କରାଯାଇଥିଲା।

# ସୁପ୍ରିମକୋର୍ଟ ଗଲେ ଅଯୋଗ୍ୟ ଘୋଷିତ ବିଧାୟକ

**କର୍ଣ୍ଣାଟକ ରାଜନୀତି**

**ନୂଆଦିଲ୍ଲୀ, ୨୯।୭(ପି.ଟି.)**–ଇସ୍ତଫା ଦେଇଥିବା ବିଧାୟକମାନଙ୍କୁ କର୍ଣ୍ଣାଟକ ବିଧାନସଭା ବାଚସ୍ପତି ଅଯୋଗ୍ୟ ଘୋଷଣା କରିଥିବାରୁ ଏହାକୁ କଂଗ୍ରେସର ଦୁଇଜଣ ବିଧାୟକ ରମେଶ ଏଲ୍. ଝାରଖିହୋଲି ଏବଂ ମହେଶ କୁମାଥଲ୍ଲୀ ସୋମବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ବାଚସ୍ପତି କେ.ଆର୍. ରମେଶ କୁମାରଙ୍କ ୨୫ ତାରିଖର ନିର୍ଦ୍ଦେଶକୁ ଖାରଜ କରିବା ଲାଗି ସେମାନେ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। ସ୍ୱାଧୀନ ବିଧାୟକ ଆର୍.ଶଙ୍କର ମଙ୍ଗଳବାର ପିଟିଶନ୍ ଦାଏର କରିବେ ବୋଲି ଆଇନଜୀବୀ ଶୁଭ୍ରାଂଶୁ ପାଢ଼ୀ ସୂଚନା ଦେଇଛନ୍ତି। ପିଟିଶନ୍‌ର ଶୀଘ୍ର ଶୁଣାଣି ପାଇଁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ମଙ୍ଗଳବାର କୋର୍ଟଙ୍କୁ ଅନୁରୋଧ କରିପାରନ୍ତି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆସ୍ଥାଭୋଟ ଲୋଡିବା ପୂର୍ବରୁ ରମେଶ କୁମାର ୧୭ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ।

# ଜରୁରୀ ଶୁଣାଣି ଆବେଦନର ବିଚାର କରିବେ ସୁପ୍ରିମକୋର୍ଟ

**ମରାଠା କୋଟା ଆଇନ**

**ନୂଆଦିଲ୍ଲୀ, ୨୯।୭(ପି.ଟି.)**– ମରାଠା ସମ୍ପ୍ରଦାୟକୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେଇଥିବା ମହାରାଷ୍ଟ୍ର ଆଇନର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା ବେଳେ ମାମଲାର ଜରୁରୀ ଶୁଣାଣି ଆବେଦନର ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଜରୁରୀ ଶୁଣାଣିଯୋଗ୍ୟ ମାମଲା ତାଲିକାରେ ସ୍ଥାନ ପାଇ ନ ଥିବା ଆଇନଜୀବୀ କହିବା ପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ସଂରକ୍ଷଣର ସାମ୍ବିଧାନିକ ବୈଧତାକୁ ବମ୍ବେ ହାଇକୋର୍ଟ କାଏମ ରଖିଥିବାବେଳେ ଏହାକୁ ଜେ. ଲକ୍ଷ୍ମଣ ରାଓ ପାଟିଲ ଏବଂ ଆଇନଜୀବୀ ସଞ୍ଜୀତ୍ ଶୁକ୍ଲା ଚ୍ୟାଲେଞ୍ଜ କରିଥିଲେ।

# ଫୁଡ୍ ଫେଷ୍ଟିଭାଲରେ ଗୁଳିମାଡ଼

**ଗିଲ୍‌ରୟ, ୨୯।୭(ପି.ଟି.)**–ଉତ୍ତର କାଲିଫର୍ଣ୍ଣିଆରେ ରବିବାର ଅନୁଷ୍ଠିତ ବାର୍ଷିକ ଫୁଡ୍ ଫେଷ୍ଟିଭାଲରେ ଗୁଳିମାଡ଼ ହେବାରୁ ୫ ଜଣ ଆହତ ହୋଇଛନ୍ତି। ଗୁଳିମାଡ଼ ପରେ ଲୋକମାନେ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ। ସାନ୍ତା କ୍ଲାରା ଭ୍ୟାଲି ମେଡିକାଲ ସେଣ୍ଟର୍‌ର ମୁଖପାତ୍ର ଜୟ ଆଲେକ୍ସିଓ କହିଛନ୍ତି, ଗୁଳିକାଣ୍ଡରେ ଆହତ ୨ ଜଣଙ୍କୁ ହସ୍ପିଟାଲକୁ ଅଣାଯାଇଛି। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଫୁଡ୍ ଫେଷ୍ଟିଭାଲ୍‌କୁ ହଜାର ହଜାର ଦର୍ଶକ ଆସିଥିଲେ।


## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।


| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୨୩.୧ |
| ଚାନ୍ଦବାଲି | ୩୨.୫ | ୨୫.୫ |
| କଟକ | ୨୯.୨ | ୨୨.୪ |
| ପାରାଦ୍ୱୀପ | ୩୦.୫ | ୨୫.୪ |
| ଭୁବନେଶ୍ୱର | ୨୮.୭ | ୨୪.୨ |
| ଗୋପାଳପୁର | ୩୦.୪ | ୨୩.୮ |
| ପୁରୀ | ୩୧.୦ | ୨୪.୨ |
| ଅନୁଗୋଳ | ୨୮.୧ | ୨୦.୬ |
| ବାରିପଦା | ୩୨.୨ | --- |
| ଝାରସୁଗୁଡ଼ା | ୨୯.୪ | ୨୫.୨ |
| କେନ୍ଦୁଝର | ୨୮.୬ | ୨୩.୨ |
| ସମ୍ବଲପୁର | ୨୮.୯ | ୨୬.୦ |
| ସୁନ୍ଦରଗଡ଼ | ୨୭.୫ | ୨୦.୦ |
| ହୀରାକୁଦ | ୨୬.୯ | ୨୪.୧ |
| ତାଳଚେର | ୩୦.୧ | ୨୪.୮ |
| ଭବାନୀପାଟଣା | ୨୬.୫ | ୨୩.୦ |
| ବଲାଙ୍ଗୀର | ୨୬.୫ | ୨୪.୦ |
| କୋରାପୁଟ | ୨୧.୬ | ୧୮.୬ |
| ଫୁଲବାଣୀ | ୨୫.୪ | ୨୨.୫ |
| ଟିଟିଲାଗଡ଼ | ୨୭.୧ | ୧୯.୫ |
| ମାଲକାନଗିରି | ୨୫.୦ | ୧୮.୨ |
| ସୋନପୁର | ୨୬.୦ | ୧୯.୮ |
| ଦାରିଙ୍ଗିବାଡ଼ି | ୨୨.୮ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ଅଗଷ୍ଟ ୯ରେ 'ଜବରିୟା ଯୋଡ଼ି' ରିଲିଜ



**ମୁମ୍ବାଇ:** ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ଅଭିନୀତ 'ଜବରିୟା ଯୋଡ଼ି' ଅଗଷ୍ଟ ୯ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କ ସହ ଅଭିନୟ କରିଛନ୍ତି ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା। ଜବରିୟା ଯୋଡ଼ି ପ୍ରଥମେ ମେ ୧୭ରେ ରିଲିଜ ହେବାକୁ ଥିଲେ ହେଁ ଏହାକୁ ଜୁଲାଇ ୧୨କୁ ଘୁଞ୍ଚାଇ ଦିଆଯାଇଥିଲା। କିନ୍ତୁ ସେହି ଦିନ ହୃତିକ ରୋଶନ୍‌ଙ୍କ ଅଭିନୀତ 'ସୁପର ୩୦' ରିଲିଜ ହୋଇଥିଲା। ସେଥିପାଇଁ ଏହାର ରିଲିଜ ତାରିଖ ଅଗଷ୍ଟ ୨କୁ ଘୁଞ୍ଚାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ଅଗଷ୍ଟ ୨ରେ ଅନେକ ଫିଲ୍ମ ରିଲିଜ ହେବାକୁ ଯାଉଥିବାରୁ ଫିଲ୍ମ ପ୍ରଦର୍ଶକମାନେ ଜବରିୟା ଯୋଡ଼ିର ରିଲିଜକୁ ଅଗଷ୍ଟ ୯କୁ ଘୁଞ୍ଚାଇ ଦେବାଲାଗି ନିର୍ମାତାଙ୍କୁ ଅନୁରୋଧ କରିଛନ୍ତି।

ପ୍ରଶାନ୍ତ ସିଂଙ୍କ ନିର୍ଦ୍ଦେଶିତ 'ଜବରିୟା ଯୋଡ଼ି' ପକାଡ୍ୱା ବିବାହ (ବଳପୂର୍ବକ ବିବାହ)କୁ ଭିତ୍ତିକରି ଗଢ଼ିଉଠିଛି। ଏକଦା ଏଭଳି ବିବାହ ବିହାରରେ ବହୁଳ ଭାବେ ହେଉଥିଲା।

## [ଇତିହାସର ଆଇନାରେ] ଜୁଲାଇ ୩୦ର ପ୍ରମୁଖ ଘଟଣା

**୨**୦୧୧ ଜୁଲାଇ ୩୦ରେ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ବଡ଼ ନାତୁଣୀ ଜାରା ଫିଲିପ୍ସ ରଗ୍‌ବି ଖେଳାଳି ମାଇକ୍ ଟିଣ୍ଡାଲ୍‌ଙ୍କୁ ବିବାହ କରିଥିଲେ। ଜାରା ଆନ୍ନେ ଏଲିଜାବେଥ୍ ଟିଣ୍ଡାଲ୍ ୧୯୮୧ ମେ ୧୫ରେ ଜନ୍ମଗ୍ରହଣ କରିଥିଲେ। ବ୍ରିଟିଶ ରାଜ ପରିବାରର ଏହି ସଦସ୍ୟା ଯୁବରାଣୀ ଆନ୍ନେ ଓ ମାର୍କ ଫିଲିପ୍ସଙ୍କ କନ୍ୟା। ଜାରା ମଧ୍ୟ ଅଶ୍ୱାରୋହୀ ଏବଂ ଅଲିମ୍ପିଆନ୍।

**୨**୦୧୪ ଜୁଲାଇ ୩୦ରେ ମହାରାଷ୍ଟ୍ରରେ ମାଟି ଅତଡା ଧସିବା ଯୋଗୁ ୨୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପୁଣେ ଜିଲାର ମାଲିନ୍ ଗାଁରେ ପ୍ରବଳ ବର୍ଷା ଯୋଗୁ ରାତିରେ ମାଟି ଅତଡା ଧସିଥିଲା। ପରିବେଶ ଅବକ୍ଷୟ ବିଶେଷକରି ଅବିଚାରିତ ଭାବେ ଗଛ କାଟିବା ଯୋଗୁ ମାଟି ଅତଡ଼ା ଧସିବା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିଲା ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MSM-QUICK WATERING-2019

**କାର୍ଯ୍ୟର ନାମ :** ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ପ୍ଲାଟଫର୍ମଗୁଡ଼ିକଠାରେ କାମ୍‌ଟେକ୍ (Camtech) ଡିଜାଇନ୍ ହାଇ ପ୍ରେସର କୋଚ୍ ୱାଟରିଙ୍ଗ୍ ସୁବିଧା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 4,93,65,121/-, EMD (ଟଙ୍କାରେ) : 3,96,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.08.2019 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର
PR-252/K/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ECOR-GA-RC-2019

**କାର୍ଯ୍ୟର ନାମ :** ଦୈନିକ ଭିତ୍ତିରେ କାର୍ଯ୍ୟାଳୟ ସମ୍ବନ୍ଧୀୟ ଡ୍ୟୁଟିରେ ଅଧିକାରୀ ଏବଂ ସମ୍ମାନିତ ବ୍ୟକ୍ତିଙ୍କ ଭୁବନେଶ୍ୱର ପରିଦର୍ଶନ ଅବସରରେ ଏବଂ ମାସିକ ଭିତ୍ତିରେ ପୂର୍ବ ତଟ ରେଳପଥର ଅଧିକାରୀମାନଙ୍କ ଦ୍ୱାରା ବ୍ୟବହାର ପାଇଁ ଏସି ଏବଂ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା ସମ୍ବନ୍ଧରେ ଦର ଚୁକ୍ତି (Rate Contract) କରିବା ଏବଂ ଏଜେନ୍ସିମାନଙ୍କ ତାଲିକାଭୁକ୍ତିକରଣ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,98,429.13, EMD (ଟଙ୍କାରେ) : 50,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.02.08.2019ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.08.2019ରିଖ 1500 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଛି।
ଉପ ମହାପ୍ରବନ୍ଧକ/ ଭୁବନେଶ୍ୱର
PR-255/K/19-20

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.30/OMC Date : 29.07.2019

**ADVERTISEMENT FOR ENGAGEMENT OF CSR CONSULTANTS IN OMC ON CONTRACT BASIS**

The Odisha Mining Corporation Ltd is a Gold Category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover Rs. 4053 Crores during Financial Year 2018-19.
The Corporation invites application from dynamic & competent professionals in the following discipline :

| Name of the Post | No. of Posts to be filled up | Age as on 30.06.2019 | Essential Qualification | Experience |
|---|---|---|---|---|
| CSR Consultant | 03 (three) | 40 Years | Full time regular course in Post-Graduation Degree / Diploma in Rural Management / Rural Development / Development Studies / Social Work from reputed universities / institutes with not less than 55% marks in aggregate. | Five years relevant post qualification work experience in undertaking / dealing / implementing / supervising the R & R or CSR related activities in Rural / Tribal areas under Govt. / PSU / Private Sectors / NGOs of repute. |

Interested eligible candidates may visit the OMC website **http://www.omcltd.in** for detailed terms & conditions of engagement and download the application format and submit application in prescribed form dully filled in and accompanied by copies of self attested certificates/ testimonials in hard copy on or before **20.08.2019** by **Registered Post / Speed Post** positively to the General Manager (P&A),The Odisha Mining Corporation Ltd., Post Box No-34, OMC House, Bhubaneswar – 751001
The Management reserves the right to cancel, amend or alter the above advertisement without assigning any reason thereof.
Sd/-
Director (Personnel)

CLASSIFIED DISPLAY

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

SEIKO CLOCKS
MEGA EXCHANGE OFFER
BRING IN YOUR OLD CLOCK - ANY MAKE, ANY CONDITION.
GET FLAT 25% OFF ON ALL SEIKO CLOCKS
Range starts from ₹2,650 onward
AUTHORISED DEALER
Gouri Watch Co. : Plot No.: 90, Bapuji Nagar, Bhubaneswar, Ph : 0674-2597944/ 08018830606
Lalchand Jewellers Pvt. Ltd.: 1, Lalchand Market Complex, Bhubaneswar, Ph : 9776002010
Lingaraj Watch & Communication : 89, Janpath, Bapuji Nagar, Bhubaneswar, Ph : 0674-2598023

ଶ୍ରବଣ ସମସ୍ୟା ? ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

Life Care Emporium Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111



ପଶ୍ଚିମବଙ୍ଗର ଅଲିପୁରଦୁଆର୍ ଜିଲା ଅନ୍ତର୍ଗତ ଏକ ଚା ବଗିଚା ନିକଟରେ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକମାନେ ପିଟିପିଟି ମାରି ଦେଇଛନ୍ତି। ରବିବାର ସନ୍ଧ୍ୟାରେ ସେ ଉକ୍ତ ଅଞ୍ଚଳରେ ଏଣେତେଣେ ବୁଲୁଥିଲେ। ପରେ ପ୍ରାୟ ୨୫୦ ଲୋକ ଧରି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ବୀରପଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ମୃତ ବ୍ୟକ୍ତିଙ୍କ ସନ୍ଧାନ ଏପର୍ଯ୍ୟନ୍ତ ମିଳି ନ ଥିବାବେଳେ ଏହି ମାମଲାରେ ପୋଲିସ ୧୭ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରହିଥିବା ଏସ୍‌ପି ନଗେନ୍ଦ୍ର ନାଥ ତ୍ରିପାଠୀ ପ୍ରକାଶ କରିଛନ୍ତି।

**ଭରତପୁର ଖଣି ଦୁର୍ଘଟଣା ପରେ**

# ଏନ୍‌ଟିପିସିରେ ଘୋର କୋଇଲା ସଙ୍କଟ

- ବନ୍ଦ ହୋଇସାରିଲାଣି ୩ ୟୁନିଟ୍
- ପ୍ରକଳ୍ପକୁ ଯାଇପାରୁନି କୋଇଲା
- ଓଡ଼ିଶା ସମେତ ପ୍ରଭାବିତ ହେବ ୧୭ ରାଜ୍ୟ



ତାଳଚେର, ୨୯।୭ (ନି.ପ୍ର.)

ଅନୁଗୋଳ ଜିଲା କଣିହାଁ ସ୍ଥିତ ମହାରତ୍ନ କମ୍ପାନୀ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ଘୋର କୋଇଲା ସଙ୍କଟ ଦେଖାଦେଇଛି। ଭରତପୁର କୋଇଲା ଖଣିଠାରେ ଅତଡା ଖସି ଶ୍ରମିକଙ୍କ ମୃତ୍ୟୁ ଘଟିବା ପରେ ଗତ ୨୫ ତାରିଖରୁ ସମସ୍ତ ଖଣି ବନ୍ଦ ରହିଛି। ଫଳରେ ପ୍ରକଳ୍ପକୁ କୋଇଲା ପହଞ୍ଚିପାରୁ ନ ଥିବାରୁ ଷ୍ଟକ ସରିଆସିଲାଣି। ଆବଶ୍ୟକ ପରିମାଣରେ କୋଇଲା ନ ଥିବା ଯୋଗୁ ପ୍ରକଳ୍ପରେ ୩ଟି ୟୁନିଟ୍‌କୁ ବନ୍ଦ କରିଦିଆଯାଇଥିବା ଜଣାପଡିଛି। ତୁରନ୍ତ କୋଇଲା ଯୋଗାଣ ନ ହେଲେ ପ୍ରକଳ୍ପର ଅନ୍ୟ ୟୁନିଟ୍‌ଗୁଡିକ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି।

କଣିହାଁରେ ୩ ହଜାର ମେଗାୱାଟ (୫ ଶହ ମେଗାୱାଟ ବିଶିଷ୍ଟ ୬ଟି) ବିଦ୍ୟୁତ୍ ଉତ୍ପାଦନ ୟୁନିଟ ରହିଛି। ଏହି ପ୍ରକଳ୍ପ ପାଇଁ ଦୈନିକ ୫୫ ହଜାର ମେଟ୍ରିକ ଟନ କୋଇଲା ଆବଶ୍ୟକ ହୋଇଥାଏ। କଣିହାଁ କୋଇଲା ଖଣିରୁ ୨୫/୩୦ ହଜାର ଓ ତାଳଚେର ଲିଙ୍ଗରାଜରୁ ୨୫/୩୦ ହଜାର ମେଟ୍ରିକ ଟନ କୋଇଲା ମିଳିଥାଏ। ହେଲେ ଭରତପୁର ଦୁର୍ଘଟଣା ପରେ ଗତ ୨୫ ତାରିଖରୁ ସମସ୍ତ କୋଇଲା ଖଣି ବନ୍ଦ ରହିଛି। ଫଳରେ ଏନ୍‌ଟିପିସିକୁ ଆଦୌ କୋଇଲା ଯୋଗାଣ ହୋଇପାରୁନାହିଁ। ଏନଟିପିସିର ଷ୍ଟକରେ ଗଚ୍ଛିତ କୋଇଲାକୁ ଗତ କିଛି ଦିନ ହେଲା ହେଲା ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଉଥିଲା। ଏବେ ଷ୍ଟକରେ ୫୦ ହଜାର ମେଟ୍ରିକ ଟନରୁ କମ କୋଇଲା ଥିବା ଏନଟିପିସି ସୂତ୍ରରୁ ଜଣାପଡିଛି, ଯାହା ଅଧା ଦିନ ପାଇଁ ମଧ୍ୟ ଯଥେଷ୍ଟ ନୁହେଁ। ଆବଶ୍ୟକ ପରିମାଣରେ କୋଇଲା ମିଳୁ ନ ଥିବା ଓ ଷ୍ଟକ ଶେଷ ହୋଇଯାଉଥିବା କାରଣରୁ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ଲାଣ୍ଟର ୧, ୪ ଓ ୫ ନମ୍ବର ୟୁନିଟକୁ ବନ୍ଦ କରି ସାରିଲେଣି। ଏଭଳି ସ୍ଥିତି ଜାରି ରହିଲେ ଅନ୍ୟ ୟୁନିଟଗୁଡିକୁ ଏନ୍‌ଟିପିସି କର୍ତ୍ତୃପକ୍ଷ ବନ୍ଦ କରିବାକୁ ବାଧ୍ୟହେବେ ବୋଲି ଜଣାପଡିଛି। ରବିବାର କାର୍ଯ୍ୟକ୍ଷମ ୩ଟି ୟୁନିଟରୁ ୧୫ଶହ ମେଗାୱାଟ ବଦଳରେ ୯୮୦.୯୪ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ହୋଇଥିଲା। ପ୍ଲାଣ୍ଟରୁ ଦୈନିକ ଓଡ଼ିଶାକୁ ୫୨୩ ମେଗାୱାଟ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ଓଡ଼ିଶା ବ୍ୟତୀତ ତାମିଲନାଡୁ, କେରଳ, କର୍ନାଟକ, ତେଲେଙ୍ଗାନା, ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡ ସମେତ ଉତ୍ତର, ଦକ୍ଷିଣ ଓ ପୂର୍ବ ଭାରତର ପ୍ରାୟ ୧୭ ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ହେଲେ ଏହି ସବୁ ଜୋନକୁ ଏବେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଏ ସମ୍ପର୍କରେ ଏନ୍‌ଟିପିସିର ଜନସମ୍ପର୍କ ଅଧିକାରୀ ଅମିତ କୁମାର ବେହେରା କହିଛନ୍ତି, ରବିବାର ୧ ହଜାର ମେଗାୱାଟରୁ କମ୍ ବିଦ୍ୟୁତ୍ ଉତ୍ପାଦନ ହୋଇଛି। କୋଇଲା ନ ମିଳିଲେ ଅନ୍ୟ ୟୁନିଟଗୁଡିକୁ ବନ୍ଦ କରିବାକୁ ପଡିବ।

ତେବେ ବାରମ୍ବାର ଏପରି ପରିସ୍ଥିତି ଉପୁଜୁଥିବା ସତ୍ତ୍ୱେ କାହିଁକି ପ୍ରକଳ୍ପ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରୁନାହାନ୍ତି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ପ୍ଲାଣ୍ଟ ଅଧିକାରୀଙ୍କ ଅବହେଳା ଦାୟୀ ବୋଲି ଅଭିଯୋଗ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁପତ କଥାକୁ କେହି ନ କହନ୍ତି**
**କେହି ନ ହୁଡ଼ନ୍ତି ଟାଣ**
**ସବୁ ଗୁପତ ତ ପରକାଶ ହୁଏ**
**ପିଣ୍ଡରୁ ଛାଡ଼ିଲେ ପ୍ରାଣ ।**

ଗୁପ୍ତ କଥାକୁ କେହି ପ୍ରକାଶ କରି ନ ଥାନ୍ତି। ନିଜର ଗୁମର ପଦାରେ ପଡ଼ିଯିବା ଭୟରେ ପାପ କଥାକୁ ଲୁଚାଇ ରଖିବା ନେଇ ଯଥା ସମ୍ଭବ ଚେଷ୍ଟା ଚଳାଇଥାନ୍ତି। କିନ୍ତୁ ମଣିଷ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ ସେତେବେଳେ ସେ ସମସ୍ତ ସତକଥା ଖୋଲି କହିବାକୁ ବାଧ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁରସ୍ତ ବାପୁଆ ମାଇଗୁଲିଆ**
**ମାଇପ ଟାଣରେ ହୁଏ ହାଲିଆ ।**

ସ୍ତ୍ରୀ ବୁଦ୍ଧିରେ ବାଟ ଚାଲୁଥିବା ବ୍ୟକ୍ତି ନିଜସ୍ୱ ମତ ଜାହିର କରିପାରି ନ ଥାଏ। ସ୍ତ୍ରୀ ଯାହା କହିଥାଏ ସେ ତାହାହିଁ କରିବାକୁ ଏକରକମ ବାଧ ହୋଇଥାଏ। ସ୍ତ୍ରୀର ବୋଲକରା ବ୍ୟକ୍ତି ନାନା ହଇରାଣ ହରକତ ହେବା ସହ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦାଦନ ଖଟିବାକୁ ଯାଇ ଘରକୁ ଫେରିନି ପୁଅ: ଥାନାରେ ଅଭିଯୋଗ

ମହାକାଳପଡ଼ା,୨୯।୭(ଡି.ଏନ୍.ଏ.)

୬ ମାସ ପୂର୍ବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ଗ୍ରାମର ୫ ଜଣ ଶ୍ରମିକ ସୁଦୂର ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଫେରି ଆସିଥିବାବେଳେ ଜଣେ ଅଦ୍ୟାବଧି ଫେରିନାହାନ୍ତି। ସେ ହେଲେ ନିତାଇ ମଣ୍ଡଳ(୩୦)। ଏନେଇ ତାଙ୍କ ମା' ସୁଷମା ରବିବାର ଜମ୍ବୁ ମେରାଇନ୍ ଥାନାରେ ଅଭିଯୋଗ କରିଛନ୍ତି। ବାଙ୍ଗାଲୋରଠାରେ ସମ୍ପୃକ୍ତ ଠିକାଦାର ପୁଅକୁ ନିର୍ଯାତନା ଦେଉଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୬ ମାସ ପୂର୍ବେ ରାଜନଗର ଅଞ୍ଚଳର ଜଣେ ଠିକାଦାରଙ୍କ ପ୍ରରୋଚନାରେ ଜମ୍ବୁ ଗ୍ରାମରୁ ନିତାଇଙ୍କ ସମେତ କେଶବ ଦାସ, ଅଭିରାମ ମିସ୍ତ୍ରି, ବିଶ୍ୱଜିତ ରାୟ ଓ ସଞ୍ଜୀବ ଦାସ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇ ନାସାପୁରା ମାର୍କେଟ ଅଞ୍ଚଳରେ ଏକ କମ୍ପାନୀ ପାଇଁ କାଠ ପ୍ୟାକିଂ କାର୍ଯ୍ୟ କରୁଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ସେମାନଙ୍କୁ ଟଙ୍କା ନଦେଇ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ଏପରିକି କିଡ୍‌ନୀ ବିକ୍ରି କରିଦେବାକୁ ଧମକ ଦେଉଥିଲେ। ଫଳରେ ଭୟଭୀତ ହୋଇ ନିତାଇଙ୍କୁ ଛାଡ଼ି ଅନ୍ୟ ୪ ଜଣ ସେଠାରୁ ୩ ମାସ ପୂର୍ବେ ଲୁଚି ପଳାଇ ଆସିଥିଲେ। ସେମାନେ ଫେରିବା ପରେ ପୁଅ ସହ ଅଦ୍ୟାବଧି କୌଣସି ଯୋଗାଯୋଗ ହୋଇପାରିନାହିଁ ବୋଲି ସୁଷମା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ସେ ଜିଲା ପ୍ରଶାସନ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି। ଜମ୍ବୁ ମେରାଇନ୍ ଥାନା ଅଧିକାରୀ ରାମକୁମାର ମୁର୍ମୁଙ୍କ କହିବା ହେଲା ଯେ, ଏହି ଘଟଣାର ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା କହିଛନ୍ତି,ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ନିଆଯିବ।

**ଭରତପୁର ଖଣି ଦୁର୍ଘଟଣା ଅଞ୍ଚଳରେ ଏମ୍‌ସିଏଲ ସିଏମ୍‌ଡି**

## 'କୋଲ ଇଣ୍ଡିଆ ଇତିହାସରେ ପ୍ରଥମ'

ତାଳଚେର, ୨୯।୭(ନି.ପ୍ର.)

ତାଳଚେର ଭରତପୁର କୋଇଲା ଖଣିରେ ଅତଡା ଖସିବା ଘଟଣା ପରେ ମହାନଦୀ କୋଲ ଫିଲ୍‌ଡସ (ଏମ୍‌ସିଏଲ)ର ସିଏମ୍‌ଡି ଭୋଳନାଥ ଶୁକ୍ଳା ସୋମବାର ଦିନିକିଆ ତାଳଚେର ଗସ୍ତରେ ଆସିଥିଲେ। ପୂର୍ବାହ୍ନ ସାଢେ ୧୦ଟାରେ ସେ ଭରତପୁର କୋଇଲା ଖଣିର ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ଦୁର୍ଘଟଣାର କାରଣ ଅନୁଧ୍ୟାନ କରିଥିଲେ। ପରେ ସେ ଖବରଦାତାଙ୍କ ନିକଟରେ ତାଙ୍କ ମତ ରଖି କହିଲେ, ଭରତପୁର ଖଣିରେ ବିଚିତ୍ର ପ୍ରକାର ଦୁର୍ଘଟଣା ଘଟିଛି, ଯାହା କୋଲ ଇଣ୍ଡିଆ ଇତିହାସରେ ପ୍ରଥମ। ଶ୍ରମିକମାନେ କାମ କରୁଥିବା ସ୍ଥାନଠାରୁ ୧୩୦ ମିଟର ଦୂରରେ ବ୍ୟାରିୟର ସ୍ଲାଇଡିଂ ହୋଇଗଲା। ପୂର୍ବରୁ ସେ ସ୍ଥାନ ଅନୁଧ୍ୟାନ କରାଯାଇଥିଲା ଓ ସୁରକ୍ଷା ଦିଗରେ କୌଣସି ତ୍ରୁଟି ନ ଥିଲା ବୋଲି ସେ କହିଥିଲେ। ଏମସିଏଲର କୌଣସି ଖଣିରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପାଇଁ ସେଫ୍ଟି କମିଟିକୁ ତଦନ୍ତ କରି ସୁରକ୍ଷା ସଂକ୍ରାନ୍ତୀୟ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଭରତପୁର ଦୁର୍ଘଟଣାରେ ଡିଜିଏମଏସ(ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି), ଆଇଏସଓ (ଇଣ୍ଟର ନ୍ୟାଶନାଲ ସେଫ୍ଟି ଅର୍ଗାନାଇଜେଶନ) ଓ କୋଲ ଇଣ୍ଡିଆ ପକ୍ଷରୁ ୩ଟି ଟିମ ତଦନ୍ତ ଚଳାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଏଥିପାଇଁ ଦାୟୀ କିଏ ଜଣାପଡିବ ବୋଲି ପ୍ରକାଶ କରିଥିଲେ। ଖଣିର ସ୍ୱାଭାବିକ ଅବସ୍ଥା ଫେରାଇବା ଆଣିବା ପାଇଁ ସେ ପ୍ରଶାସନ, ବିଭିନ୍ନ ରାଜନୈତିକ ସଂଗଠନ, ୟୁନିୟନ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଖଣି ବନ୍ଦ ଯୋଗୁ ରବିବାର ସୁଦ୍ଧା ଏମସିଏଲର ୮୫.୬୮ କୋଟି, ରାଜ୍ୟ ସରକାରଙ୍କର ୧୭କୋଟି ଓ କେନ୍ଦ୍ର ସରକାରଙ୍କ ୩୮କୋଟି ରାଜସ୍ୱ କ୍ଷତି ଘଟିଲାଣି ବୋଲି ସେ ସୂଚନା ଦେଇ ଥିଲେ। ଏଥିଯୋଗୁ ୧୩୩୯.୪୨ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। କଣିହାଁସ୍ଥିତ ଏନଟିପିସିର କୋଇଲା ଅଭାବକୁ ଆଖି ଆଗରେ ରଖି ଇବଭ୍ୟାଲିରୁ ୨ର୍‌ୟାକ କୋଇଲା ପଠାଯାଇଥିବା ସିଏମଡି ପ୍ରକାଶ କରିଥିଲେ। ନିୟମ ଅନୁସାରେ ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଏମସିଏଲ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ମୃତଦେହ ମିଳି ନ ଥିବା ସିକ୍ୟୁରିଟି ଗାର୍ଡ ରମେଶ ଦାସଙ୍କ ପରିବାର ଲୋକେ ଭରତପୁର ଗେଷ୍ଟହାଉସଠାରେ ସିଏମଡିଙ୍କୁ ଭେଟି ତୁରନ୍ତ ମୃତଦେହ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।



ଭରତପୁର ଖଣି ଦୁର୍ଘଟଣା ଅଞ୍ଚଳରେ ସିଏମ୍‌ଡିଙ୍କ ସମେତ ଅନ୍ୟମାନେ।

## ସ୍ୱାଗତ ସଭାକୁ ନେଇ ଉତ୍ତେଜନା

ବ୍ରହ୍ମପୁର ଅଫିସ୍,୨୯।୭



ଉତ୍ତ୍ୟକ୍ତ ଛାତ୍ରମାନେ ଫାଟକ ବନ୍ଦ କରିଦେଇଛନ୍ତି।

**ଖଲ୍ଲିକୋଟ ଜୁନିୟର କଲେଜ**

ଯୁକ୍ତ ୨ର ନୂତନ ଶିକ୍ଷା ବର୍ଷ ଆରମ୍ଭରୁ ହିଁ ଖଲ୍ଲିକୋଟ ଜୁନିୟର୍ କଲେଜରେ ସୋମବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ଯୁକ୍ତ ୨ ନବାଗତ ଛାତ୍ରୀଛାତ୍ରଙ୍କର ଥିଲା ପ୍ରଥମ ଦିନ। ସେମାନଙ୍କ ପାଇଁ ଆୟୋଜିତ ହୋଇଥିବା ସ୍ୱାଗତ ସଭାକୁ ନେଇ ଉତ୍ତେଜନା ଦେଖାଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଦ୍ୱିତୀୟ ବର୍ଷର କେତେକ ଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ପାଇଁ ସଭା ଆୟୋଜନ କରିବାକୁ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ରଙ୍କୁ ଅନୁରୋଧ କରିଥିଲେ। ବର୍ଷା ହେଉଥିବା ଏବଂ ପ୍ରଥମ ଦିନରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଆସିଥିବା ଯୋଗୁ ଆଉ କେବେ ସ୍ୱାଗତ ସଭା କରିବାକୁ ଅଧକ୍ଷା ପ୍ରସ୍ତାବ ଦେଇଥିଲେ। କିନ୍ତୁ ଛାତ୍ରମାନେ ସୋମବାର ହିଁ ସ୍ୱାଗତ ସଭା ଆୟୋଜନ କରାଯିବାକୁ ଅଧକ୍ଷାଙ୍କ ଉପରେ ଚାପ ପକାଇଥିଲେ। ଶେଷରେ ଅଧକ୍ଷା ମହାପାତ୍ର ରାଜି ହୋଇଥିଲେ। ସଭା ଆୟୋଜନ ହେଲା। କିଛି ସମୟ ପରେ କୌଣସି ଏକ ଜରୁରୀ କାମ ଯୋଗୁ ଅଧକ୍ଷା ସଭାସ୍ଥଳ ଛାଡି ଚାଲି ଆସିଥିଲେ। ତେବେ ହଠାତ୍ ଉଚ୍ଚ ଶବ୍ଦରେ ଡିଜେ ବାଜୁଥିବା ଶୁଣିବାକୁ ମିଳିଥିଲା। ଅଧକ୍ଷା ମହାପାତ୍ର ସଭାସ୍ଥଳରେ ପହଞ୍ଚି ଡିଜେ ନ ବଜାଇବାକୁ ତାଗିଦ କରିଥିଲେ। ଉତ୍ତ୍ୟକ୍ତ ଛାତ୍ରମାନେ ନ ଶୁଣିବାରୁ ସେ ପୋଲିସକୁ ଡକାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ପୋଲିସ ଫେରିଯିବା ପରେ ଡିଜେ ଭଡ଼ା ୫ ହଜାର ଟଙ୍କା ଦେବା ଦାବିରେ ପୁଣି ଥରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫାଟକରେ ତାଲା ପକାଇଦେବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ବାହାରକୁ ଛାଡ଼ି ନ ଥିଲେ। କଲେଜର ପ୍ରଥମ ଦିନରେ ଏଭଳି ବିଶୃଙ୍ଖଳାକୁ ନେଇ ନବାଗତ ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ସେମାନେ ବର୍ଷାରେ ଓଦା ହୋଇ ଗୋଟିଏ କୋଣରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଫାଟକ ବାହାରେ ଅଭିଭାବକମାନେ ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ଛଡ଼ାଯାଇ ନ ଥିଲା। ଏପିରିକି ଯେଉଁମାନେ ବାହାରକୁ ଆସିବାକୁ ଉଦ୍ୟମ କରୁଥିଲେ, ସେମାନଙ୍କୁ ବଳପୂର୍ବକ ଅଟକାଇ ଦିଆଯାଉଥିଲା। ଫଳରେ କର୍ତ୍ତୃପକ୍ଷ ପୁଣି ଥରେ ପୋଲିସକୁ ଡକାଇଥିଲେ। ପୋଲିସ ପହଞ୍ଚିବା ପରେ ଆନ୍ଦୋଳନକାରୀ ଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ କେତେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅତି ସାଧାରଣ ବିଷୟକୁ ନେଇ ଦ୍ୱିତୀୟ ବର୍ଷର ଛାତ୍ରମାନେ ଯେଉଁଭଳି ଭାବେ ବିଶୃଙ୍ଖଳା ସୃଷ୍ଟି କଲେ, ତାହାକୁ ସେମାନେ ନାପସନ୍ଦ କରିଛନ୍ତି। ବିଶୃଙ୍ଖଳାକାରୀ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ବନ୍ୟା ପାଣିରେ ଅଟକିଲା ଆମ୍ବୁଲାନ୍ସ

## ଚିକିତ୍ସା ନ ପାଇ ମହିଳାଙ୍କ ମୃତ୍ୟୁ

କାଳିମେଳା,୨୯।୭(ଡି.ଏନ.ଏ)

ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ମହିଳା ଠିକ ସମୟରେ ଚିକିତ୍ସା ନ ପାଇବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଇଙ୍ଗା ରାବା। ବନ୍ୟାପାଣିରେ ଆମ୍ବୁଲାନ୍ସ ଆଗକୁ ଯାଇ ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରରୁ ଜଣାପଡିଛି ମାଲାକାନଗିରି ଜିଲା କାଳିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ପୁଷୁଗୁଡା ପଞ୍ଚାୟତ ଉରବାଲିଗ୍ରାମର ଲିଙ୍ଗା ରାବାଙ୍କ ସ୍ତ୍ରୀ ଇଙ୍ଗା ରବିବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମଭି-୭୯ ସ୍ଥିତ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଜିଲାରେ ଲଘୁଚାପ ବର୍ଷା ଲାଗି ରହିଥିବା ଯୋଗୁ ଏମଭି-୭୯ଠାରୁ ମାଲାକନଗିରି ଯୋଗାଯୋଗ କରୁଥିବା କାଙ୍ଗୁରୁକୋଣ୍ଡା ପୋଲ ଉପରେ ୪ ଫୁଟ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଆମ୍ବୁଲାନ୍ସ ମାଲକାନଗିରି ଯାଇପାରି ନ ଥିଲା। ପରେ ବୁଲି ବୁଲି ବିଳମ୍ବରେ କାଳିମେଳା ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଇଙ୍ଗାଙ୍କ ମୃତ୍ୟୁ ଘଟିଥିଲା।


**CLASSIFIED DISPLAY**

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

**Laxmi Finance**
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

**BANA DURGA FINANCE**
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

**FINANCE**
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
**BFC FINANCE**
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
**JEEVANJYOTI FINANCE PVT. LTD.**
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

**ଋଣ**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

**ଋଣ ଧମାକା**
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
**LAXMI NARAYAN FINANCE**
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
**MAHALAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଳା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
8570062731

ASTROLOGY ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
**MY PROMISE**
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଜୁଲାଇ, ୨୦୧୯



କଂଗ୍ରେସ ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀଙ୍କ ଇସ୍ତଫା ପରେ ଏବେ ଦଳର ମଙ୍ଗ କିଏ ଧରିବ, ତାହାକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି। ଦଳର ସିଡବ୍ଲୁସି ବୈଠକ ଏପର୍ଯ୍ୟନ୍ତ ବସିପାରିଲା ନାହିଁ। ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ଲାଗି ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶଶି ଥରୁର୍ ଓ ପଞ୍ଜାବର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହିଁ ଉପଯୁକ୍ତ ପ୍ରାର୍ଥୀ ବୋଲି ଶଶି ଥରୁର୍ କହୁଛନ୍ତି। ନଚେତ୍ ଦଳରେ ମନୋନୟନ ପରିବର୍ତ୍ତେ ନିର୍ବାଚନ କରାଯାଇ ଦଳର ଅଧ୍ୟକ୍ଷ ପଦ ପୂରଣ କରାଯିବା ଉଚିତ୍ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ସଞ୍ଜୀବ ଆରୋରା ହେଲେ ଆଇବି ଅତିରିକ୍ତ ଉପନିର୍ଦ୍ଦେଶକ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ୨୦୦୫ ବ୍ୟାଚ୍‌ର ଓଡିଶା କ୍ୟାଡର ଆଇପିଏସ୍ ଅଫିସର ସଞ୍ଜୀବ ଆରୋରା କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ସେ କେନ୍ଦ୍ରରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଅତିରିକ୍ତ ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିବା ଜଣାପଡିଛି। ସେ ୪ବର୍ଷ ପାଇଁ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ସଞ୍ଜୀବ କଟକ ଡିସିପି ଥିବାବେଳେ ୨୦୧୭ରେ ଶ୍ରେଷ୍ଠ ଡିସିପି ଭାବେ ରାଜ୍ୟପାଳଙ୍କଠାରୁ ମେଡାଲ ପାଇଥିଲେ। ଏଥିସହ ସେ ସମ୍ବଲପୁର ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ସଞ୍ଜୀବ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପାଇଁ ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲେ। ଜୁଲାଇ ୧୮ରେ ଗୃହ ବିଭାଗ ତାଙ୍କୁ ଅନୁମତି ଦେଇଥିଲା।

### ରୋଗୀଙ୍କୁ ଭରା ନଦୀ ପାର କଲେ ଗ୍ରାମବାସୀ

**କୋରାପୁଟ/ନାରାୟଣପାଟଣା, ୨୯।୭(ସ୍ୱ.ପ୍ର/ଡିଏନଏ):** ଗ୍ରାମକୁ ରାସ୍ତାର ସୁବିଧା ନ ଥିବାରୁ ସୋମବାର ଜଣେ ରୋଗୀଙ୍କୁ ଭରା ଝଞ୍ଜାବତୀ ନଦୀ ପାର କରି ସଦର ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏପରି ବିପଦପୂର୍ଣ୍ଣ ଭାବେ ଲୋକେ ପାର ହେଉଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଏହି ସମସ୍ୟା ନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ନାରାୟଣପାଟଣା ବ୍ଲକ ସଦର ପଞ୍ଚାୟତ କାରିକଣା ଗ୍ରାମର ନେରେକିଆ ଲିଙ୍ଗା(୪୦)ଙ୍କର ରବିବାର ରାତିରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ବୁଢାଙ୍କ ପରାମର୍ଶକ୍ରମେ ଗ୍ରାମର ମେରଚିଆ ରେଲି, ମେରଚିଆ ଟିଟୁ, ଜଗନ୍ନାଥ କୁନ୍ଦରିଆ, ତ୍ରିନାଥ କୁନ୍ଦରିଆ ପ୍ରମୁଖ ଗ୍ରାମବାସୀ ତାଙ୍କୁ କାନ୍ଧେଇ ବର୍ଷାରେ ଜଳ ପୂର୍ଣ୍ଣ ଝଞ୍ଜାବତୀ ନଦୀ ପାର କରିଥିଲେ। ପରେ ସେଠାରୁ ପ୍ରାୟ ଅଢେଇ କିମି ଭାର କରି ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ନେରେକିଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି। ନାରାୟଣପାଟଣା ବ୍ଲକରୁ ୪ କିମି ଦୂରରେ ରହିଛି କାରିକଣା ଗ୍ରାମ। କିନ୍ତୁ ଏହି ଗ୍ରାମକୁ ଯିବାକୁ ହେଲେ ଝଞ୍ଜାବତୀ ନଦୀ ପାର ହେବାକୁ ପଡ଼େ। ଗ୍ରାମରେ ବିଦ୍ୟାଳୟ ରହିଛି ସତ। ହେଲେ ଏହି ନଦୀ ଯୋଗୁ ଶିକ୍ଷକ ଆସୁ ନ ଥିବା ଗ୍ରାମର ମେଚିଆ ଟିଙ୍କୁ ପ୍ରକାଶ କରିଛନ୍ତି। ସବୁବେଳେ ରୋଗୀକୁ ଗ୍ରାମବାସୀ ଭାର ସାହାଯ୍ୟରେ ଏହି ନଦୀ ପାର କରି ହସପିଟାଲ ନେଇଥାନ୍ତି।

### ରୂପୁଗୁଡା ଗ୍ରାମରେ ୧୪ ଆନ୍ତ୍ରାଳ୍ପରେ ଆକ୍ରାନ୍ତ

**ବୈପାରୀଗୁଡା, ୨୯।୭(ଡ଼ି.ଏନ.ଏ):** କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ମାଠପଡା ପଞ୍ଚାୟତର ରୂପୁଗୁଡା ଗ୍ରାମରେ ୧୪ ଜଣ ଆନ୍ତ୍ରାଳ୍ପରେ ଆକ୍ରାନ୍ତ ହୋଇଛନ୍ତି। ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଥିଲେ। ସେମାନେ ସୁସ୍ଥ ହେବା ପର୍ଯ୍ୟନ୍ତ ରାମଗିରି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଇଞ୍ଜେକ୍ସନ ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ କରିଛନ୍ତି।

# ମାଲକାନଗିରି ଜିଲାରେ ବନ୍ୟା ପରିସ୍ଥିତି

- ସିଲେରୁ, ସାବେରୀ, ଚିନା, ଗୋଦାବରୀ ନଦୀରେ ଜଳସ୍ତର ବୃଦ୍ଧି
- ମାଲକାନଗିରି-ପଡ଼ିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ
- ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



ପୋଟେରୁ ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

**ମାଲକାନଗିରି/ କାଳିମେଳା/ ବୀରମହାରାଜପୁର, ୨୯।୭(ଡି.ଏନ୍.ଏ.)**

ଗତ ୩ ଦିନ ହେଲା ଲଘୁଚାପଜନିତ ବର୍ଷା ଯୋଗୁ ମାଲକାନଗିରି ଜିଲା ସ୍ଥିତି ବେହାଲ ହୋଇଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କୋରୁକୋଣ୍ଡା ବ୍ଲକରେ ୧୦ଟି ଘର ଭାଙ୍ଗିଛି। ମାଥିଲି ବ୍ଲକର କୁଟନପାଲି ଅଞ୍ଚଳରେ କୋଲାବ ନଦୀ ବନ୍ୟାଜଳ ପ୍ରବେଶ କରିଛି। ସିଲେରୁ, ସାବେରୀ, ଚିନା, ଗୋଦାବରୀ ସମେତ ଚିତ୍ରକୋଣ୍ଡା ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ପାଟେରୁ ପୋଲ, କାଙ୍ଗୁରୁକୋଣ୍ଡା ପୋଲ ଓ ଚାଲାଣଗୁଡ଼ା ପୋଲ ଉପରେ ପ୍ରାୟ ୨ରୁ ୩ ଫୁଟର ଜଳ ପ୍ରବାହିତ ହେଉଛି। ମାଲକାନଗିରି ଜିଲା ସଦର ମହକୁମାରୁ କାଳିମେଳା, ପଡ଼ିଆ, ଏମ.ଭି-୭୯, ମୋଟୁ ସହ ପଡ଼ୋଶୀ ଛତିଶଗଡ଼ର ସୁକୁମା ଜିଲାକୁ ଗାଡିମୋଟର ଚଳାଚଳ ବନ୍ଦ ରହିଛି। ଜାପ୍ରା ନଦୀ ଉପରେ ୪ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେବାରୁ ହାଇଦ୍ରାବାଦ, ରାୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଛି। ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ବ୍ଲକରେ ୧୫୭.୫୧ମିଲିମିଟର ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକରେ ୧୪୮.୦୦ ମିମି, ଖଇରପୁଟରେ ୧୨୫.୦୦ ମିମି, କୁଡୁମୁଲୁଗୁମ୍ମାରେ ୧୦୦.୦୦ ମିମି, କୋରୁକୋଣ୍ଡାରେ ୨୩୨.୦୦ ମିମି, କାଳିମେଳାରେ ୬୩ ମିମି ଓ ପଡ଼ିଆ ବ୍ଲକରେ ୭୭.୦୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବନ୍ୟାକୁ ଦୃଷ୍ଟିରେ ରଖି କେତେକ ପଞ୍ଚାୟତରେ ଆଗୁଆ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଛି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଓ ପୋଲିସ ବିଭାଗକୁ ସଜାଗ ରଖାଯାଇଛି। ଏମ୍.ଭି.-୧୧, କୋରୁକୋଣ୍ଡା ଓ ତାର୍ଲାକୋଟା ପୋଲ ନିର୍ମାଣାଧୀନ ଥିବା ବେଳେ ବର୍ଷାରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

ସେହିପରି କାଳିମେଳାରେ ୫ ଦିନ ହେବ ବର୍ଷା ଲାଗି ରହିଛି। ସୋମବାର ମାଲକାନଗିରିକୁ ଯୋଗାଯୋଗ କରୁଥିବା କାଙ୍ଗୁରୁକୋଣ୍ଡା, ପୋଟେରୁ ଓ କନ୍ୟାଶ୍ରମ ପୋଲ ପ୍ରାୟ ୪ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବାରୁ ମାଲକାନଗିରି-କାଳିମେଳା ଓ ମାଲକାନଗିରି-ପଡ଼ିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

ରବିବାର ରାତିରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପାନ୍ତ ଅଞ୍ଚଳର ବିଭିନ୍ନ ଯୋର ଓ ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଅନେକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକର ଭୁଡିଆପାଲି ଓ ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ଉପରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ବୀରମହାରାଜପୁର-ଅମରପାଲି ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଛି।

# ଶ୍ୱେତପତ୍ରରେ ନାହିଁ ତୁଳନାତ୍ମକ ଚିତ୍ର: ନରସିଂହ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ବିଧାନସଭାରେ ସୋମବାର ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିବା ସରକାର କହୁଛନ୍ତି। ହେଲେ କେଉଁ ଆଧାରରେ ଏହା କହୁଛନ୍ତି ତାହା କହିବା ଗୃହ ବିଭାଗ ପକ୍ଷରୁ ଗତବର୍ଷ ଶ୍ୱେତପତ୍ରରେ କିଛି ଅଲଗା ଚିତ୍ର ରଖିଥିଲେ। ଏକ ତୁଳନାତ୍ମକ ଚିତ୍ର ଦିଆଯାଇଥିଲା, ଯେଉଁଥିରୁ ରାଜ୍ୟର କେଉଁ ଅପରାଧ ବୃଦ୍ଧି ପାଉଛି ଏବଂ ହ୍ରାସ ପାଉଛି ତାହା ଜଣାପଡୁଥିଲା। ହେଲେ ଏଥର ଶ୍ୱେତପତ୍ରରେ କିଛି ଅଲଗା ଅଛି। ଏଥର କୌଣସି ଅପରାଧର ତୁଳନାତ୍ମକ ଚିତ୍ର ଦର୍ଶାଯାଇନାହିଁ। ଫଳରେ ସେଥିରୁ ସ୍ପଷ୍ଟ କିଛି ବୁଝାପଡୁନାହିଁ, ଏଥିରେ କିଛି ଲୁଚାଇବାକୁ ଚେଷ୍ଟା କରାଯାଇଛି। ନାବାଳିକା ବଳାତ୍କାର ସମ୍ପର୍କରେ ଆଲୋଚନା ବେଳେ ଏହା ହ୍ରାସ ପାଇଥିବା ମୁଖ୍ୟମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ। ମାତ୍ର ଏହା କେଉଁଠାରେ କମିଲା ତାହା ଜଣାପଡୁନାହିଁ ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ରାଜ୍ୟରେ ସାଇବର କ୍ରାଇମ ବଢ଼ିବାରେ ଲାଗୁଛି। ତେଣୁ ସବୁ ଜିଲାରେ ସାଇବର ପୋଲିସ ଷ୍ଟେଶନ କରାଯିବା ଆବଶ୍ୟକ। ବହୁ ଜାଗାରେ ଗଣବଳାତ୍କାର କରାଯାଉଛି ଏବଂ ଏହାପରେ ତାକୁ ଭାଇରାଲ କରାଯାଉଛି। ରାଜ୍ୟରେ ଯେତେସବୁ ପୋଲିସ ପଦବୀ ଖାଲି ରହିଛି ତାହାକୁ ତୁରନ୍ତ ପୂରଣ କରାଯାଉ। ଯଦି ସରକାର କାଳିଆ ପାଇଁ ସବୁକିଛି କରିପାରୁଛନ୍ତି ତେବେ ମଣିଷର ଜୀବନ ରକ୍ଷା କରିବାକୁ ଯାହା ଆବଶ୍ୟକ ତାହା କାହିଁକି କରିବେ ନାହିଁ ବୋଲି ସେ କହିଛନ୍ତି। ୨୦୦୯ ମସିହାରୁ ଖଣି ଦୁର୍ନୀତି ସମ୍ପର୍କରେ ବହୁ ଆଲୋଚନା ହେଲା। ଏନେଇ ହାଇକୋର୍ଟରେ ପିଆଇଏଲ୍ ମଧ୍ୟ ଦାଖଲ କରାଗଲା ଏବଂ ଏହି ଦୁର୍ନୀତିର ସିବିଆଇ ତଦନ୍ତ କରିବା ଲାଗି ଦାବି ହୋଇଥିଲା। ମାତ୍ର ଏହାପରେ ଦିଲ୍ଲୀରୁ ଓକିଲ ଆଣି ଲିଜଧାରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ ଚାଲିଲା। ଏଥିପାଇଁ ସେହି ଓକିଲଙ୍କୁ ଦୈନିକ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଗଲା। ମାତ୍ର ଏ ପର୍ଯ୍ୟନ୍ତ ରାୟ ପ୍ରକାଶ କରାଗଲାନାହିଁ ବୋଲି ସେ କହିଛନ୍ତି। ଭୁବନେଶ୍ୱରରେ ଏକ ବଡ ଧରଣର ଜମି ଦୁର୍ନୀତି ହୋଇଛି। ଜଣେ ୫ ଏକର ଜମି ସରକାରଙ୍କଠାରୁ ହୋଟେଲ କରିବା ନାଁରେ ନେଇଥିଲେ। ହେଲେ ସେହି ସ୍ଥାନରେ ଏ ପର୍ଯ୍ୟନ୍ତ ହୋଟେଲ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ଏକ ଉତ୍ତରରେ କହିଥିଲେ, ଯଦି କେହି ସରକାରଙ୍କଠାରୁ ହୋଟେଲ କରିବା ପାଇଁ ଜମି ନେଇ ତାହା ନ କରିବେ, ତେବେ ସେହି ଜମି ସରକାରଙ୍କ ନିକଟକୁ ଫେରିଆସିବ। ହେଲେ ତାହା କରାଯାଉ ନାହିଁ। ଜମି ନେଇଥିବା ଲୋକ ହୋଟେଲ ନାଁରେ ସେହି ସ୍ଥାନରେ ଆଉ କିଛି କରିବାକୁ ଚେଷ୍ଟା କରୁଛନ୍ତି, ତେଣୁ ଏଥିରୁ ଭିଜିଲାନ୍ସ କେମିତି କାର୍ଯ୍ୟ କରୁଛି ତାହା ସ୍ପଷ୍ଟ ହୋଇଯାଇଛି ବୋଲି ନରସିଂହ କହିଛନ୍ତି।

- ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା

# ‘ଅପରାଧ ବୃଦ୍ଧି ପାଇଲେ ବିକାଶ ହୁଏନାହିଁ’

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ବିଧାନସଭାରେ ସୋମବାର ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚ ଦାବି ଉପରେ ଆଲୋଚନା ବେଳେ ବିରୋଧୀ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କଥା ଉଠାଇ ଶାସକ ଦଳକୁ ଘେରିଛନ୍ତି। ଅନ୍ୟପଟେ ରାଜ୍ୟରେ ବଢୁଥିବା ନାବାଳିକା ବଳାତ୍କାର ପ୍ରସଙ୍ଗରେ ମଧ୍ୟ ଶାସକ ଦଳକୁ କଡା ଭାଷାରେ ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି ଯେ, ଯେଉଁଠାରେ ଅପରାଧ ବୃଦ୍ଧି ପାଏ ସେହି ରାଜ୍ୟରେ ବିକାଶ ହୋଇପାରେନି। ଓଡିଶାରେ ଅପରାଧ ଏକ ବଡ ସମସ୍ୟା ହୋଇ ସୃଷ୍ଟି ହୋଇଛି। ରାଜ୍ୟ ଯେପରି ଆଗେଇବା କଥା ସେମିତି ଆଗେଇପାରୁ ନାହିଁ। ଏଠାରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଯେପରି ଭିତ୍ତିଭୂମି ଏବଂ ମାନବ ସମ୍ବଳର ଆବଶ୍ୟକତା ରହିଛି ତାହା ନାହିଁ। ପ୍ରତ୍ୟେକ ରାଜ୍ୟର ଥାନାରେ ୩୦ରୁ ୪୦ ଜଣ ଲେଖା ପୋଲିସ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ହେଲେ ଓଡିଶାର ବହୁ ଥାନାରେ ୫ ଜଣ ଲେଖାଏ ପୋଲିସ କର୍ମଚାରୀ ରହୁଛନ୍ତି। ଓଡିଶାରେ ଅପରାଧ ବଢିବା ସାଙ୍ଗକୁ ଧନଜୀବନ ଅସୁରକ୍ଷିତ ଅଛି। ମାଓବାଦୀ ଦମନରେ ସରକାର ଏ ପର୍ଯ୍ୟନ୍ତ ସଫଳ ହୋଇପାରିଲେ ନାହିଁ। କେନ୍ଦ୍ରୀୟ ସୁରକ୍ଷାକୁ ଯେଉଁଭଳି ସହଯୋଗ ମିଳିବା ଆବଶ୍ୟକ ରହିଛି ତାହା ମିଳୁନାହିଁ। ସ୍ଥାନୀୟ ପୋଲିସ ମଧ୍ୟ ଏନେଇ ସମର୍ଥନ ଦେଉନାହିଁ। ନାରୀ ନିର୍ଯାତନା, ଚୋରି, ଡକାୟତି, ହତ୍ୟା ଏବଂ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ବୃଦ୍ଧି ପାଇଛି। ଅପରାଧ ହ୍ରାସ କରିବା ପାଇଁ ବିଭିନ୍ନ କମିଟି ସୁପାରିସ କଲେ ମଧ୍ୟ ସରକାର ତାକୁ କାର୍ଯ୍ୟକାରୀ କରୁନାହାନ୍ତି। ବହୁ ଅପରାଧରେ ଦୋଷୀ ଧରାହୋଇପାରୁ ନାହାନ୍ତି। ୯୦ ଭାଗ ଦୋଷୀ ଖସିଯିବାରେ ସମର୍ଥ ହେଉଛନ୍ତି। କ୍ୟାଡରଭୁକ୍ତ ପବ୍ଲିକ ପ୍ରସିକ୍ୟୁଟର ବହୁତ କମ୍ ଅଛନ୍ତି। ଗୃହ ବିଭାଗ ଠିକ୍ ଚାଲିଲେ ରାଜ୍ୟର ଉନ୍ନତି ହେବ। ସରକାର ପିପିପି ଏବଂ ଏପିପିକୁ କ୍ୟାଡରଭୁକ୍ତ କରନ୍ତୁ। ହୋମଗାର୍ଡମାନଙ୍କ ଦରମା ବୃଦ୍ଧି କରାଯାଉ, ଥାନାରେ ବ୍ୟବହାର ହେଉଥିବା ଗାଡିରେ ତେଲ ଅଧିକ ଦେବାକୁ ଯୋଜନା କରାଯାଉ। ଭବାନୀପାଟଣାରେ ମାଓବାଦୀମାନେ ଥାନାରୁ ବନ୍ଧୁକ ନେଇ ପଳାଇଯାଉଛନ୍ତି। ପୋଲିସ ଠିକ୍ କାମ କରିପାରୁନାହିଁ। ସବୁ ଛକରେ ସିସିଟିଭି ଲଗାଯାଉ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯେତେକି ଅର୍ଥ ଦେଉଛନ୍ତି ତାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଖର୍ଚ୍ଚ କରିପାରୁନାହାନ୍ତି। ସେହି ବଳକା ଟଙ୍କାକୁ ସରକାର ତୁରନ୍ତ ଖର୍ଚ୍ଚ କରନ୍ତୁ। ସାଧାରଣ ଲୋକମାନଙ୍କୁ ପୋଲିସ ଇନଫର୍ମର ଭାବି ହତ୍ୟା କରାଯାଉଥିଲେ ମଧ୍ୟ ପୋଲିସ କିଛି କରିପାରୁନାହିଁ। ଅପରାଧ କମିବା ଦିଗରେ ସରକାର ଆଦୌ ଗୁରୁତ୍ୱ ଦେଉନାହାନ୍ତି ବୋଲି ନାଏକ କହିଛନ୍ତି।



## ଜିଲା ଚିଠି
## କୋରାପୁଟ

# ବାଇପାସ ରାସ୍ତା

କୋରାପୁଟ ସହର ଅବିଭକ୍ତ କୋରାପୁଟ ଜିଲାର ମୁଖ୍ୟ ପ୍ରାଣକେନ୍ଦ୍ର। ଏହି ସହର ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ, ଯାହା ଜିଲାର ମୁଖ୍ୟ ଜୀବନ ରେଖା। ଏହି ଜାତୀୟ ରାଜପଥ ଆନ୍ଧ୍ରରୁ ଓଡ଼ିଶା ଦେଇ ଛତିଶଗଡ଼ର ରାୟପୁରକୁ ସଂଯୋଗ କରୁଛି। ସେହି ରାସ୍ତା ଦେଇ ବିଶାଖାପାଟଣା ବନ୍ଦରରୁ ଛତିଶଗଡ଼ର ରାୟପୁର, ଜଗଦଲପୁର ଅଞ୍ଚଳରେ ନିର୍ମାଣାଧୀନ କଳକାରଖାନା ପାଇଁ ବଡ ବଡ ଯନ୍ତ୍ରାଂଶ ଓ ବିଭିନ୍ନ ସାମଗ୍ରୀ ନେଇ ବହୁ ଗାଡି ଯାତାୟାତ କରିଥାଏ। ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନସ୍ଥଳୀ, ଆଦିବାସୀଙ୍କ ଚଳଣି ଓ ଜୀବନଚର୍ଯ୍ୟାରେ ଆକୃଷ୍ଟ ହୋଇ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଥିସହ ବିଭିନ୍ନ କାମ ପାଇଁ ଅବିଭକ୍ତ କୋରାପୁଟ ଓ ପଡ଼ୋଶୀ ରାଜ୍ୟରୁ ବହୁ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ଦୈନିକ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଯାନବାହନ କୋରାପୁଟ ସହର ଦେଇ ଯାତାୟାତ କରୁଥିବାରୁ ଏହି ରାସ୍ତାରେ ସବୁବେଳେ ଟ୍ରାଫିକ ଜାମ ସମସ୍ୟା ଲାଗି ରହିଛି। ବିଶେଷକରି ପୂର୍ବାହ୍ନ ୯ ଟାରୁ ୧୧ଟା ଏବଂ ଅପରାହ୍ନ ୪ଟାରୁ ୭ଟା ମଧ୍ୟରେ ଏଠାରେ ଟ୍ରାଫିକ ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ପାଠ ହୋଇଥାଏ। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ୧୦ ବର୍ଷ ତଳେ କୋରାପୁଟ ସହର ବାହାରେ ଏକ ବାଇପାସ ରାସ୍ତା ନିର୍ମାଣ ଲାଗି ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ୨୦୧୬ରେ ଏଥିପାଇଁ ସର୍ଭେ ଶେଷ କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କୋରାପୁଟ-ଜୟପୁର ରାସ୍ତାର କଫି ବୋର୍ଡ ନିକଟରୁ ଏହି ବାଇପାସ ରାସ୍ତା ବାହାରି ପୂଜାରୀପୁଟ ଷ୍ଟାଡିୟମ ଦେଇ ମହିଳା କଲେଜ ଛକ ନିକଟରେ ଜାତୀୟ ରାଜପଥକୁ ସଂଯୋଗ କରିବାର ପ୍ରସ୍ତାବ ଥିଲା। ଲମ୍ବ ୭ କି.ମି., ପ୍ରସ୍ଥ ୬୦ ମିଟର ବିଶିଷ୍ଟ ଏହି ବାଇପାସ ରାସ୍ତା ନିମନ୍ତେ ପ୍ରାୟ ୨୮ ଏକର ଜମି ଆବଶ୍ୟକ ଥିବାବେଳେ ସମୁଦାୟ ୪୮ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ ହୋଇସାରିଥିଲା। ସେତେବେଳର କୋରାପୁଟ ଜିଲାପାଳ ଭି. ଜୟକୁମାର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ କେବେ ଜମି ଅଧିଗ୍ରହଣ ହେବ, କେତେ ଜମି ସରକାରଙ୍କ ଖାତାରୁ ଯିବ, କେତେ ଗଛ କଟୁଛି ଆଦି ସର୍ଭେ ସରିବା ପରେ ଜମି ଅଧିଗ୍ରହଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏପରି କି ରେଳପଥ ଜମି ଏହି ବାଇପାସ ନିର୍ମାଣ ଅଧୀନରେ ଆସୁଥିବାରୁ ଉକ୍ତ ବିଭାଗ ସହିତ ଏ ନେଇ ୩ ଥର ଆଲୋଚନା କରାଯାଇ ସମାଧାନ ରାସ୍ତା ବାହାରିଥିଲା। ୨୦୧୬ ମେ ୧୪ରେ ବାଇପାସ ନିର୍ମାଣରେ ୨୩ ଟି ସରକାରୀ ପ୍ଲଟ ଓ ୫୫ ଟି ବେସରକାରୀ ପ୍ଲଟ ଜମି ଯାଉଥିବା ସମ୍ପର୍କିତ ଏକ ବିସ୍ତୃତ ବିଜ୍ଞପ୍ତି ଜାତୀୟ ରାଜପଥ ଅଥରିଟି ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ଧରି ଆରମ୍ଭ ହୋଇପାରିନାହିଁ। ଏହା ଭିତରେ ବାଇପାସ ନିର୍ମାଣ ନେଇ କୌଣସି ନେତା ମୁହଁ ଖୋଲିଲେ ନାହିଁ। ଏପରି କି ସେତେବେଳେ ଜିଲାର ବିରୋଧୀ ଦଳ ବିଧାୟକମାନେ ବିଧାନସଭାରେ ଏ ନେଇ ପ୍ରଶ୍ନ ଉଠେଇ ସରକାରଙ୍କ ନିକଟରେ ଦାବି ରଖିବାକୁ ଉଚିତ ମଣିଲେ ନାହିଁ। ଇତିମଧ୍ୟରେ ୩ ଜିଲାପାଳ ନିଯୁକ୍ତି ପାଇ ପୁଣି ବଦଳି ହେଲେଣି। କିନ୍ତୁ ସମସ୍ତେ ସହରର ଏହି ବାଇପାସ ରାସ୍ତାକୁ ବାଇପାସ କରିଦେଇଛନ୍ତି। ପୂର୍ବତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପୂର୍ବରୁ ଥିବା ବାଇପାସ ରାସ୍ତାକୁ ଏଡାଇ ପୁଣି ଏକ ବାଇପାସ ଲାଗି ନୂତନ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଇଛନ୍ତି। ଏହି ନୂତନ ବାଇପାସ ରାସ୍ତାଟି କୋରାପୁଟ ଓଏସଏପି କ୍ୟାମ୍ପଠାରୁ ବାହାରି ଚିନ୍ଦିରି ନିକଟରେ ରାଞ୍ଚି ବିଜୟୱାଡା-ରାୟଗଡା ରାସ୍ତାକୁ ପାର କରିବ। ସେହିପରି ମାନବାର ନିକଟରେ କୋରାପୁଟ ବୋରିଗୁମ୍ମା ରାସ୍ତାକୁ ପାର କରି କୋରାପୁଟ-ଜୟପୁର ରାସ୍ତାରେ ଥିବା ବନ ବିଭାଗର କଫି ବୋର୍ଡ ନିକଟରେ ଜାତୀୟ ରାଜପଥ ନଂ. ୨୬ କୁ ସଂଯୋଗ କରିବ। ଏହି ବାଇପାସ ରାସ୍ତା ୯ କିମି ହେବ। ଏହା ଦ୍ୱାରା ସହର ରାସ୍ତା ଦେଇ ଯାଉଥିବା ଭାରିଯାନ ବାଇପାସ ଦେଇ ଯିବା ଆସିବା କରିବ। ତେବେ ପ୍ରଥମ ବାଇପାସ ଭଳି ଦ୍ୱିତୀୟ ବାଇପାସ ସରକାରଙ୍କ ଫାଇଲ ତଳେ ରହିଯିବକି ନା କାର୍ଯ୍ୟକାରୀ ହେବ ତାହା ସମୟ କହିବ। ତେଣୁ ବେଳ ଥାଉ ଜିଲାର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ଜିଲା ପ୍ରଶାସନ ସମେତ ସହରର ବୁଦ୍ଧିଜୀବୀ ବାଇପାସ ପାଇଁ ମିଳିତ ପଦକ୍ଷେପ ନେବାର ସମୟ ଆସିଛି।

– ଅମିତାଭ ବେହେରା

- ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

# ବାପା ମୃତ, ମା’ ପୁଅ ଗୁରୁତର

**କାଶୀପୁର, ୨୯।୭(ଡି.ଏନ୍.ଏ.)**

ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ରାୟଗଡା ଜିଲା କାଶୀପୁର ଥାନା ଅଧୀନ ପଣସଗୁଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ କାନ୍ଥ ଭୁଶୁଡି ଗୋଟିଏ ପରିବାରର ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସମ୍ବରୁ ମାଝି(୫୫)। ଏହି ଘଟଣାରେ ସମ୍ବରୁଙ୍କ ସ୍ତ୍ରୀ ବୁଦୁରୀ ଓ ପୁଅ ନିରଞ୍ଜନ ଗୁରୁତର ହୋଇଛନ୍ତି। ସୋମବାର ବ୍ଲକ ପ୍ରଶାସନ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପ୍ରକାଶ ଯେ, ସମ୍ବରୁ ଓ ତାଙ୍କ ପରିବାର ରବିବାର ରାତ୍ରଭୋଜନ ପରେ ଘରେ ଶୋଇଥିଲେ। ରାତି ପ୍ରାୟ ୧ଟା ୩୦ରେ ହଠାତ୍ ଘର କାନ୍ଥ ଭାଙ୍ଗି ପଡିଥିଲା। ବୁଦୁରୀ ଓ ନିରଞ୍ଜନଙ୍କ ଚିତ୍କାର ଶୁଣି ପାଖପଡୋଶୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଏହା ମଧ୍ୟରେ ଘଟଣାସ୍ଥଳରେ ସମ୍ବରୁଙ୍କ ମୃତ୍ୟୁ ହୋଇଯାଇଥିଲା। ସେହିଭଳି ବୁଦୁରୀଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ନିରଞ୍ଜନଙ୍କ ଦେହର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି।

# ଧାନ ରୋଇଲେ ଜିଲାପାଳ

**ଛତ୍ରପୁର, ୨୯।୭(ଡି.ଏନ.ଏ.):** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ପୂର୍ବାହ୍ନରେ ଖଲ୍ଲିକୋଟ ବ୍ଲକ ମଥୁରା ପଞ୍ଚାୟତ ଭରସା ଗାଁ ନିକଟ ଜମିରେ ଧାନତଳି ରୋଇଛନ୍ତି। ବେଗୁନିଆପଡା ବ୍ଲକରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ସାରି ଜିଲାପାଳ ଅପରାହ୍ନରେ ଛତ୍ରପୁର ଫେରୁଥିଲେ। ଭରସା ଗାଁ ନିକଟ ଜମିରେ କେତେଜଣ ମହିଳା ଓ ପୁରୁଷ ଧାନତଳି ରୋଉଥିବା ସେ ଦେଖିଥିଲେ। ଏହାପରେ ଜିଲାପାଳ କୁଲାଙ୍ଗେ ମଧ୍ୟ ଜମିକୁ ଯାଇ ଧାନତଳି ରୋଇଥିଲେ। ସେଠାରେ ଉପସ୍ଥିତ ମହିଳା ଚାଷୀମାନଙ୍କ ସହ ଖରିଫ୍ ଫସଲ ଋଣ ଓ ଫସଲ ବୀମା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ କୃଷି ଋଣ ଓ ବୀମା ସମ୍ପର୍କରେ ଜାଣି ନ ଥିବା କେତେଜଣ ମହିଳା ଚାଷୀ କହିଥିଲେ। ଏନେଇ ସଚେତନ କରିବାକୁ ସେଠାରେ ଉପସ୍ଥିତ କୃଷି ଉପନିର୍ଦ୍ଦେଶକ ଓ ବ୍ଲକ କୃଷି ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



# କଳିଙ୍ଗ ହସ୍ପିଟାଲରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

- ୨ ଅଲଟ୍ରାସାଉଣ୍ଡ୍ ମେଶିନ ସିଲ୍
- କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ରୁଜୁ



କଳିଙ୍ଗ ହସ୍ପିଟାଲରେ ସୋମବାର ଚଢ଼ାଉ କରାଯାଇ ଅଲଟ୍ରାସାଉଣ୍ଡ ମେଶିନ ଜବତ କରାଯାଇଛି।

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ପୁଣି କଳିଙ୍ଗ ହସ୍ପିଟାଲ ଉପରେ ଚଢ଼ାଉ ହୋଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ପିସିପିଏନ୍‌ଡିଟି ସେଲ୍ ପକ୍ଷରୁ ସୋମବାର ମିଳିତ ଭାବେ ଏହି ଚଢ଼ାଉ ହୋଇଥିଲା। ଡାକ୍ତରଖାନାରେ ପିସିପିଏନ୍‌ଡିଟି ଆଇନ କିଭଳି କାର୍ଯ୍ୟକାରୀ ହେଉଛି ତାହାର ଟିକିନିଖି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଆଇନ ଉଲ୍ଲଂଘନ କାର୍ଯ୍ୟ ହୋଇଥିବା ଜଣାପଡ଼ିଥିଲା। ପ୍ରସୂତିମାନଙ୍କର ଅଲଟ୍ରାସାଉଣ୍ଡ୍ ରେକର୍ଡପତ୍ର ଠିକଣା ଭାବେ ମିଳି ନ ଥିଲା। ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ ‘ଏଫ୍’ରେ ଅଲଟ୍ରାସାଉଣ୍ଡ କରୁଥିବା ଡାକ୍ତରଙ୍କ ଦସ୍ତଖତ ବାଧ୍ୟତାମୂଳକ ଥିବାବେଳେ ଅନେକ ଫର୍ମରେ ତାହା ନ ଥିବା ଯାଞ୍ଚ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏଥିଯୋଗୁ ଏଠାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଚାଲିଥିବା ନେଇ ଅଧିକାରୀମାନେ ସନ୍ଦେହ କରିଥିଲେ। ତେଣୁ ଆଇନ ଉଲ୍ଲଂଘନ ଅଭିଯୋଗରେ କଳିଙ୍ଗ ହସ୍ପିଟାଲର ଦୁଇଟି ଅଲଟ୍ରାସାଉଣ୍ଡ୍ ମେଶିନକୁ ସିଲ୍ କରାଯାଇଛି। ପୂର୍ବରୁ ଖୋର୍ଦ୍ଧା ଜିଲା ପ୍ରଶାସନ ମଧ୍ୟ ଗୋଟିଏ ଅଲଟ୍ରାସାଉଣ୍ଡ୍ ମେଶିନକୁ ସିଲ୍ କରିଥିଲା। ଏବେ ଆଉ ଦୁଇଟି ମେଶିନ ସିଲ୍ ହେବା ସହିତ ଆଇନ ଉଲ୍ଲଂଘନ ଅଭିଯୋଗରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ପୁରନ୍ଦର ନନ୍ଦଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ, ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ବିନୋଦ ବିହାରୀ ରଥ ଓ ପିସିପିଏନ୍‌ଡିଟି ସେଲ୍‌ର ଆଇନ ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ୍ ଥିଲେ।

ସୂଚନାଯୋଗ୍ୟ, ଗତ ସପ୍ତାହରେ ଡ୍ରଗ୍ସ କଣ୍ଟ୍ରୋଲ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କଳିଙ୍ଗ ହସ୍ପିଟାଲରେ ଅଚାନକ ଚଢ଼ାଉ କରାଯାଇ ଔଷଧ ଯାଞ୍ଚ କରାଯାଇଥିଲା। ୬ଟି ଔଷଧ ଉପରେ ସନ୍ଦେହ ହେବାରୁ ତାହାକୁ ଜବତ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ଔଷଧ ବିକ୍ରି କିମ୍ବା ବ୍ୟବହାର ଉପରେ କର୍ତ୍ତୃପକ୍ଷ କଟକଣା ଜାରି କରିଛନ୍ତି। ଏହା ପୂର୍ବରୁ ବିଧାୟକଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ରିପୋର୍ଟ ଆସିବା ପରେ ରାଜ୍ୟ ସରକାର କଳିଙ୍ଗ ହସ୍ପିଟାଲର ଓଏସ୍‌ଟିଏଫ୍ ସୁବିଧାକୁ ସାମୟିକ ଭାବେ ପ୍ରତ୍ୟାହାର କରିନେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଜୁଲାଇ, ୨୦୧୯



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି। - ଜନ୍ ଡ୍ରାଇଡେନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା, ବିଦ୍ୟାଳୟ ପରିସର, ଜୟଦେବ ବିହାର, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ୩ୟ ବର୍ଣ୍ଣାଳୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।





ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ତୃତୀୟ ବର୍ଣ୍ଣାଳି ଉତ୍ସବରେ ଦୁଇ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପରିବେଷଣ।



### ଦିନ କେଇଟାରେ ଉଭେଇଗଲା ସ୍ମାର୍ଟସିଟିର ସୌନ୍ଦର୍ଯ୍ୟ

# ମାଟି କାମୁଡ଼ିଛି କଳାକୃତି

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର,୨୯।୭(ବ୍ୟୁରୋ)

ସ୍ମାର୍ଟସିଟି ମାନ୍ୟତା ପାଇବା ପାଇଁ ସମସ୍ତେ ଅଣ୍ଟା ଭିଡି ଦେଇଥିଲେ। ନୂଆ ଉତ୍ସାହ ଓ ସମ୍ଭାବନାକୁ ନେଇ ଭୁବନେଶ୍ୱରର ରୂପ ବଦଳାଇଦେଇଥିଲେ। ବିଶେଷକରି ସୌନ୍ଦର୍ଯ୍ୟକରଣ ଉପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସର୍ବାଧିକ ଗୁରୁତ୍ୱ ଦେଇଥିଲା। ଏବାବଦକୁ ବିପୁଳ ଟଙ୍କା ଖର୍ଚ୍ଚ କରାଗଲା। ହେଲେ କିଛିବର୍ଷର ତତ୍ପରତା ପରେ ଏବେ ଅଧିକାରୀମାନେ ଶୋଇଗଲେ। ଆବଶ୍ୟକ ଯତ୍ନ ଓ ସୁରକ୍ଷା ଅଭାବରୁ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଧୀରେ ଧୀରେ ମାଟିରେ ମିଶିବାରେ ଲାଗିଛି। କେଉଁଠି ମତ୍ସ୍ୟକନ୍ୟା କଳାକୃତି ଘାସବୁଦାରେ ମିଶିଯାଇଛି ତ ଆଉ କେଉଁଠି ଭଗ୍ନ କାରୁକାର୍ଯ୍ୟ ମାସ ମାସ ଧରି ପଡି ରହିଛି। ବିଭାଗଗୁଡିକ ମଧ୍ୟରେ ତାଳମେଳ ଓ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସହରର ସୌନ୍ଦର୍ଯ୍ୟକରଣ ଉଭେଇ ଯାଇଛି।

ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଘରୋଇ ସଂସ୍ଥା ସହଯୋଗରେ ପିପିପି ମୋଡ୍‌ରେ କରାଯାଇଥିଲା। ସହରର ତିନିଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ସୌନ୍ଦର୍ଯ୍ୟକରଣ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ଛକରୁ ଏଜି ଛକ, ସଚିବାଳୟ ସାମ୍ନା ଏବଂ ଆଚାର୍ଯ୍ୟ ବିହାର ଛକରୁ ସୈନିକ ସ୍କୁଲ ଛକ। ସୌନ୍ଦର୍ଯ୍ୟକରଣ ହେବା ପରେ ରାସ୍ତାରେ ଯାଉଥିବା ଲୋକ ଠିଆ ହୋଇ ଏହାର ଶୋଭାକୁ ଉପଭୋଗ କରୁଥିଲେ। ଏଥିପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୪ରେ ଆଚାର୍ଯ୍ୟ ବିହାରରୁ ସୈନିକ ସ୍କୁଲ ଯାଏ ରାସ୍ତା ପାର୍ଶ୍ୱ ଓ ଦୁଇ ରାସ୍ତା ମଝିରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ମତ୍ସ୍ୟକନ୍ୟା, ବିଭିନ୍ନ ରାଶିକୁ ଇଟାପଥର ଓ ବିଭିନ୍ନ ସାମଗ୍ରୀ ବ୍ୟବହାର କରାଯାଇ ଜୀବନ୍ତ ରୂପ ଦିଆଯାଇଥିଲା। ଏବେ ସେସବୁର ସ୍ଥିତି ନ ଥିବାଭଳି ଜଣାପଡୁଛି। ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ମତ୍ସ୍ୟକନ୍ୟା ଏବେ ଘାସ ଓ ଗୁଳ୍ମରେ ଭରି ଯାଇଛି। କିଛି ଅଂଶ ଫାଟି ଯାଇ ସେଥିରେ ଗଛ ଉଠିଛି। ସେହିପରି ରାଶି ସ୍ଥାପତ୍ୟର ସମଦଶା ଦେଖିବାକୁ ମିଳିଛି। ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା କଳାକୃତିର ମରାମତି କିମ୍ବା ପୁନରୁଦ୍ଧାର କରାଯାଉନାହିଁ। ଆଉ କିଛି କଳାକୃତି କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ ମାଟି ଓ ଗଛ ଯୋଗୁ ସୌନ୍ଦର୍ଯ୍ୟ ହରାଇଛି। ଚତୁଃପାର୍ଶ୍ୱ ସଫେଇ ନ ହେବାରୁ ସେଗୁଡ଼ିକ ଏବେ ଦୟନୀୟ ସ୍ଥିତିରେ ପଡ଼ିରହିଛି। ରାସ୍ତାକଡ଼ରେ ଶୋଭା ବର୍ଦ୍ଧନ କରୁଥିବା କଳସ ଓ ଝରଣା ସଦୃଶ କଳାକୃତି ମଧ୍ୟ ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଟାୱାର ଚାରିପଟେ ହୋଇଥିବା ସୌନ୍ଦର୍ଯ୍ୟକରଣ ମଧ୍ୟ ବିକୃତ ରୂପ ନେଇଛି।






ଫଟୋ: ମୌସୁମ ନନ୍ଦ



### ପରସ୍ପର ଉପରେ ଦୋଷ ଲଦାଲଦି

ପୁନରୁଦ୍ଧାର କାହିଁକି ହେଉନାହିଁ ବୋଲି ପଚାରିବାରୁ ବିଏମ୍‌ସି ଓ ବିଡିଏର ଅଧିକାରୀମାନେ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ସହରର ମୁଖ୍ୟ ଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର ଏହାର କାର୍ଯ୍ୟ ବିଡିଏ କରୁଥିଲା ଓ ଏନେଇ ଅନ୍ୟ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ହେଲେ ବିଡିଏ କର୍ତ୍ତୃପକ୍ଷ ଏନେଇ ରୋକ୍‌ଠୋକ୍ ମନା କରିଛନ୍ତି। ରକ୍ଷଣାବେକ୍ଷଣ ସହ ପୁନରୁଦ୍ଧାର ଦାୟିତ୍ୱ ବିଏମ୍‌ସିକୁ ଦେଇଥିଲା ବୋଲି ବିଡିଏ ପ୍ରଶାସନିକ ଅଧିକାରୀ କହିଛନ୍ତି। ଏନେଇ ବିଏମ୍‌ସି ଅତିରିକ୍ତ ଆୟୁକ୍ତ ଶ୍ରୀମନ୍ତ ମିଶ୍ରଙ୍କୁ ପଚାରିବାରୁ ସେ ଏନେଇ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। ଏପରିସ୍ଥଳେ ଏହି ସୌନ୍ଦର୍ଯ୍ୟକରଣ ଫେରିବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି।

# ପୁଣି ଭକ୍ତଙ୍କୁ ମିଳିବ ଟଙ୍କତୋରାଣି

ପୁରୀ ଅଫିସ, ୨୯।୭

ପୁଣି ଭକ୍ତଙ୍କୁ ମିଳିବ ଟଙ୍କତୋରାଣି। ପ୍ରାୟ ୨ବର୍ଷ ଧରି ଆନନ୍ଦବଜାରରୁ ଉଭାନ ହୋଇଯାଇଥିବା ଟଙ୍କତୋରାଣି ଉପଯୁକ୍ତ ମାନ ସହ ଫେରିବ। ସୋମବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହାକୁ ସବୁଜ ସଙ୍କେତ ମିଳିଛି। ଏଥିପାଇଁ ଖୁବ୍‌ଶୀଘ୍ର ସୁଆର ମହାସୁଆର ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ବୈଠକ କରିବ। ଏଥିରେ ଟଙ୍କତୋରାଣିର ମାନ ଓ ସ୍ଥାନ ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ପୂର୍ବ ବୈଠକରେ ସଦସ୍ୟ ଅନନ୍ତ ତିଆଡ଼ି ଟଙ୍କତୋରାଣି ପୁନଃ ଚାଲୁ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସୋମବାର ବୈଠକରେ ତିଆଡ଼ି ଏହି ପ୍ରସଙ୍ଗ ଉଠାଇବା ପରେ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଛି। ତେବେ ଏହାକୁ ଚାଲୁ କରିବାକୁ ହେଲେ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ରଖାଯାଇଛି। କୌଣସି ପରିସ୍ଥିତିରେ ଏହାର ମାନରେ ସାଲିସ୍ କରାଯିବ ନାହିଁ। କେବେ ବି ବାସି ଟଙ୍କତୋରାଣି ଶ୍ରଦ୍ଧାଳୁଙ୍କୁ ଦିଆଯିବ ନାହିଁ । ଆନନ୍ଦବଜାରର କେଉଁ ସ୍ଥାନରେ ଏହା ବିକ୍ରି କରାଯିବ ତାହା ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଦୀର୍ଘବର୍ଷ ହେବ ଆନନ୍ଦବଜାରରେ ଟଙ୍କତୋରାଣି ବିକ୍ରି କରାଯାଉଥିଲା। ମାତ୍ର ବେଳେବେଳେ ବାସି ଟଙ୍କତୋରାଣି ବିକ୍ରି ହେବା ଏବଂ ଏହାର ମାନ ଠିକ୍ ନ ରହିବା ନେଇ ଅଭିଯୋଗ ହେବା ପରେ ୨୦୧୭ ସେପ୍ଟେମ୍ବର ୮ରେ ଶ୍ରୀମନ୍ଦିର ପ୍ରଶାସନ ଏହାର ବିକ୍ରିକୁ ବନ୍ଦ କରିଦେଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ ବିଜ୍ଞପ୍ତି ଜାରି ପରେ ଏହାକୁ ଟଙ୍କତୋରାଣି ବ୍ୟବସାୟୀ ବିରୋଧ କରିଥିଲେ। ଏହା ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ଥିବାବେଳେ କେଉଁ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ବନ୍ଦ ନିଷ୍ପତ୍ତି ନେଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ।

### ସ୍ଥାନ, ମାନ ନେଇ ସୁଆର ନିଯୋଗ ସହ ହେବ ଆଲୋଚନା



# ଖୁବ୍‌ଶୀଘ୍ର ସେବାୟତଙ୍କୁ ପରିଚୟପତ୍ର

ପୁରୀ ଅଫିସ, ୨୯।୭

ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ବେଳେ ସେବକ ଏବଂ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ଉପରେ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ହେଲେ ଏ ପର୍ଯ୍ୟନ୍ତ ପରିଚୟପତ୍ର ବଣ୍ଟାଯାଇନାହିଁ। ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଥିବାରୁ ମନ୍ଦିର ପ୍ରଶାସନ ଏ ନେଇ ତତ୍ପରତା ପ୍ରକାଶ କରିଛି। ଖୁବ୍‌ଶୀଘ୍ର ସେବାୟତଙ୍କୁ ପରିଚୟପତ୍ର ବଣ୍ଟନ କରାଯିବ ବୋଲି ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ପ୍ରଥମେ ସୁଆର ମହାସୁଆର ସେବାୟତଙ୍କୁ ଏହି ପରିଚୟପତ୍ର ଦିଆଯିବ। ଆସନ୍ତା ୩ ଦିନ ମଧ୍ୟରେ ଏହା ବଣ୍ଟାଯିବ ବୋଲି ଜଣାପଡ଼ିଛି।

ଶ୍ରୀମନ୍ଦିରର ସୁରକ୍ଷା ଓ ଶୃଙ୍ଖଳା ଆଣିବା କ୍ଷେତ୍ରରେ ପରିଚୟପତ୍ର ବେଶ୍ ସହାୟକ ହୋଇପାରିବ। ସହଜରେ ସେବକମାନଙ୍କୁ ଚିହ୍ନି ହେବ। ବିଭିନ୍ନ ସମୟରେ ସେବାୟତ ବେଶ ଧାରଣ କରି ଅଣସେବକ ପଶିଯାଉଛନ୍ତି। ମନ୍ଦିର ଭିତରେ ଭକ୍ତଙ୍କୁ ଟଙ୍କା, ପଇସା ମାଗି ହଇରାଣ କରୁଛନ୍ତି। ତେଣୁ ପ୍ରବେଶ ପଥରେ ସେହିଭଳି ଲୋକଙ୍କୁ ଅଟକାଇ ଦିଆଯାଇପାରିବ। ଏଥିସହ ଅନେକ ସମୟରେ ସେବକ ଭକ୍ତଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଥାଏ। ପରିଚୟପତ୍ର ପକାଇଥିଲେ ଜଣେ ଭକ୍ତ ସମ୍ପୃକ୍ତ ସେବାୟତଙ୍କ ନାମ ମଧ୍ୟ ସହଜରେ ଜାଣିପାରିବା ସହ ଅଭିଯୋଗ କରିପାରିବେ।

### ଶ୍ରୀମନ୍ଦିର ସେବକ ବାହାରେ ପୂଜା କରିବା ପ୍ରସଙ୍ଗ

# ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଲାଗି ବିଚାର ହେବ

ପୁରୀ ଅଫିସ, ୨୯।୭

ଶ୍ରୀମନ୍ଦିରରେ ହେଉଥିବା ମହାପ୍ରଭୁଙ୍କ ସେବାପୂଜା ଓ ରୀତିନୀତି ବାହାରେ କରାଯାଉଛି। ଶ୍ରୀମନ୍ଦିରର କେତେଜଣ ନିର୍ଦ୍ଦିଷ୍ଟ ସେବକ ଯାଇ ଏହି ସେବାପୂଜା କରୁଛନ୍ତି। ଏହାର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବିବାଦ ମୁଣ୍ଡ ଟେକିଛି। ମହାପ୍ରଭୁଙ୍କ କେତେକ ଗୁପ୍ତ ବିଧି ଅନ୍ୟତ୍ର ପ୍ରଘଟ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତିଗବେଷକ, ଭକ୍ତ ଏବଂ ଖୋଦ୍ ସେବାୟତ। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, କିଛି ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇଛି। ଏହାର ଅନୁଧ୍ୟାନ କରାଯିବ। କେଉଁ ସେବକମାନେ ଏପରି କରୁଛନ୍ତି, ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ତାହା ବିଚାର କରାଯିବ।

ସୂଚନାଯୋଗ୍ୟ, କୌଶିକ ନାମଧାରୀ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ମହାପ୍ରଭୁଙ୍କ ସେବାପୂଜାର ସଂଖ୍ୟାଧିକ ଫଟୋ ଅପ୍‌ଲୋଡ କରାଯାଇଛି। ଶ୍ରୀମନ୍ଦିରରେ ଯେଉଁପରି ଭାବେ ଦାରୁବିଗ୍ରହଙ୍କ ପୂଜାର୍ଚ୍ଚନା, ରୀତିନୀତି କରାଯାଏ ଠିକ୍ ସେହିଭଳି ପୂଜାର୍ଚ୍ଚନା କରାଯାଉଛି। ସବୁଠୁ ପରିତାପର ବିଷୟ ହେଉଛି ଶ୍ରୀମନ୍ଦିରର କେତେକ ସେବକ ଏହା କରୁଛନ୍ତି। ଏହାଫଳରେ ମହାପ୍ରଭୁଙ୍କ କେତେକ ଗୁପ୍ତ ବିଧିର ପ୍ରଘଟ ହୋଇଛି।




ଭୁବନେଶ୍ୱରସ୍ଥିତ ହୋଟେଲ ମେ' ଫେୟାରଠାରେ ଆରମ୍ଭ ହୋଇଥିବା ସୂତ୍ର ଇଣ୍ଡିଆନ ଫ୍ୟାଶନ ପ୍ରଦର୍ଶନୀରେ ମହିଳାମାନେ କିଣାକିଣି କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦୀପ୍ତିପ୍ରଭା



ଅନ୍ତର୍ଯ୍ୟାମୀ



ଊର୍ମି



ସୁଧାଂଶୁ



ସନ୍ତୋଷ




ଦିବ୍ୟଜ୍ୟୋତି



ଗଙ୍ଗା





ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



## ସଂକ୍ଷେପରେ

### ବ୍ରାଉନ୍‌ସୁଗାର, ଦେଶୀମଦ ବିକ୍ରି ଅଭିଯୋଗରେ ୪ ଗିରଫ

**ଜଟଣୀ,୨୯।୭(ଡି.ଏନ୍.ଏ.):** ବ୍ରାଉନ୍‌ସୁଗାର ଓ ଦେଶୀମଦ ବିକ୍ରି ଅଭିଯୋଗରେ ସୋମବାର ଜଟଣୀ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ପୋଡ଼ପଡ଼ା ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ପୋଲିସ ବାଛରାପାଟଣା ଅଞ୍ଚଳର ସୁଶାନ୍ତ ସୁନ୍ଦରାୟ ଓ ପୋଡ଼ପଡ଼ା ଗ୍ରାମର ଉମାକାନ୍ତ ଭୂୟାଁଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୧୩ଗ୍ରାମ ବ୍ରାଉନ୍‌ସୁଗାର, ୩ହଜାର ୫ଶହ ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୭୭/୧୯)ରୁଜୁ ହୋଇଛି। ସେହିପରି ସ୍ଥାନୀୟ ଖୁଦୁପୁର ଛକରୁ ଦେଶୀମଦ ବିକ୍ରି ଅଭିଯୋଗରେ ପୋଲିସ ବଡ଼ତୋଟା ଗ୍ରାମର ବଣିଆ ଦଳେଇ ଓ ତ୍ରିଲୋଚନ ନାୟକଙ୍କୁ ଗିରଫ କରିଥିଲେ। ଏମାନଙ୍କ ଠାରୁ ୨୫ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୭୫/୧୯) ରୁଜୁ ହୋଇଛି।

### ଗ୍ୟାସ ଟାଙ୍କି ଫାଟି ୮ ବଖରା ଜଳିଗଲା, ୨ ଆହତ

**ଖୋର୍ଦ୍ଧା ଅଫିସ,୨୯।୭:** ବାଣପୁର ବ୍ଲକ ନୀଳାଦ୍ରୀପ୍ରସାଦ ପଞ୍ଚାୟତ ମାଳପୁଆମା ଗ୍ରାମରେ ସୋମବାର ଗ୍ୟାସ ଟାଙ୍କି ଫାଟି ୮ବଖରା ଜଳିଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯାଇ ଗ୍ରାମର ସନ୍ତୋଷ ପ୍ରଧାନ ଓ ଗନ୍ତେଇ ପ୍ରଧାନ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଆହତଦ୍ୱୟଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୂଚନା ଅନୁଯାୟୀ, ମାଳପୁଆମା ଗ୍ରାମର ଡାକ ପ୍ରଧାନଙ୍କ ସ୍ତ୍ରୀ ସାରଣ ପୂର୍ବାହ୍ନରେ ଘରେ ଗ୍ୟାସ ଚୁଲାରେ ରୋଷେଇ କରୁଥିଲେ। କୌଣସି କାରଣରୁ ଗ୍ୟାସ ପାଇପରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ସାରଣ ବାହାରକୁ ଆସି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଏହି ସମୟରେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ବିସ୍ଫୋରଣ ହୋଇ ଚାଳକୁ ନିଆଁ ଧରିଥିଲା। କିଛି ସମୟ ମଧ୍ୟରେ ନିଆଁ ଗୁରୁଦେବ ପ୍ରଧାନ, ଯୋଗେନ୍ଦ୍ର ପ୍ରଧାନ ଓ ଆରତ ପ୍ରଧାନଙ୍କ ଘରକୁ ବ୍ୟାପି ଯାଇ ୮ବଖରା ପୋଡ଼ି ଯାଇଥିଲା। ଖବରପାଇ ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୨ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡିଛି।

### ୫ ଲକ୍ଷ ଋଣ ଆତ୍ମସାତ ଘଟଣାର ତଦନ୍ତ ଆରମ୍ଭ

**ଖୋର୍ଦ୍ଧା ଅଫିସ,୨୯।୭:** ବାଣପୁର ବ୍ଲକ କୁଲେଇ ପଞ୍ଚାୟତର ବିଞ୍ଝଳା ଗ୍ରାମରେ ୫ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ଆତ୍ମସାତ ଘଟଣାର ବାଣପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ବିଞ୍ଝଳା ଗ୍ରାମରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆର୍ଥିକ ଆତ୍ମନିର୍ଭରଶୀଳ ହେବା ପାଇଁ ପୋଷାକ ସିଲେଇ ପ୍ରକଳ୍ପ କରିଥିଲେ। ଏହାର ସଭାନେତ୍ରୀ ଗତ ଡିସେମ୍ବରରେ ବାଣପୁରସ୍ଥିତ ୟୁକୋ ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଋଣ ନେଇଥିଲେ। ବ୍ୟାଙ୍କ ଋଣ ସମ୍ପର୍କରେ ସଭାନେତ୍ରୀ ଗୋଷ୍ଠୀର ଅନ୍ୟ ସଦସ୍ୟାମାନଙ୍କୁ ଅବଗତ ନ କରାଇ ଋଣ ଟଙ୍କା ନିଜ ପାଖରେ ରଖିଥିଲେ। ଋଣ ଟଙ୍କା ଉଠାଇବା ସମୟରେ ସଭାନେତ୍ରୀ ଏକ କାଗଜରେ ସଦସ୍ୟାମାନଙ୍କ ଦସ୍ତଖତକୁ ନିଜେ କରିଥିବା ଅଭିଯୋଗ ରହିଛି। ବ୍ୟାଙ୍କ ଋଣ ବିଷୟରେ ସୂଚନା ପାଇବା ପରେ ସଭାନେତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ସଦସ୍ୟାମାନଙ୍କୁ ସହଯୋଗ କରି ନ ଥିଲେ। ଅନିୟମିତତା ସମ୍ପର୍କରେ ଗୋଷ୍ଠୀର ସଦସ୍ୟାମାନେ ବାଣପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରିବାରୁ ତଦନ୍ତ ହୋଇଛି। ହେଲେ ସଭାନେତ୍ରୀ ତଦନ୍ତରେ ସହଯୋଗ ନ କରିବା ସହ ଗୋଷ୍ଠୀର ଖାତାପତ୍ର ମଧ୍ୟ ଦେଖାଇ ନ ଥିଲେ। ଫଳରେ ପ୍ରକଳ୍ପ ଅଧିକାରୀ ଅଭିଯୋଗପତ୍ରକୁ ବାଣପୁର ଥାନାକୁ ପଠାଇ ଦେଇଥିଲେ।

## ୮୫ ବର୍ଷ ବୟସରେ ବି ଚଳଚଞ୍ଚଳ

# ବେଳାଭୂମି ସଫେଇ ପାଇଁ ଶକୁବାଇ ସମ୍ମାନିତ




**ବୟସ ୮୫ ଛୁଇଁଲାଣି। ହେଲେ ଏବେ ବି ତାଙ୍କ ମନ ଆଉ ଶରୀର ବେଶ୍ ଚଳଚଞ୍ଚଳ। ଯୁବ ସୁଲଭ ଠାଣିରେ ସେ କୌଣସି କାମ କରିବାକୁ ଆଗେଇ ଆସନ୍ତି। ହସ ହସ ମୁଖରେ ସମସ୍ତଙ୍କୁ ଆପଣାର କରିନେବାର କଳା ତାଙ୍କୁ ବେଶ୍ ଜଣା। ସୁଦୂର ମହାରାଷ୍ଟ୍ରରୁ ପୁରୀ ବୁଲିବାକୁ ଆସି ବେଳାଭୂମି ସଫେଇ କରି ସେ ସାଜିଛନ୍ତି ଉଦାହରଣ। ଇଚ୍ଛା ଥିଲେ ବୟସ ବି ହାର୍ ମାନିଯାଏ, ତାହା ଶକୁବାଇ ଦେଶମୁଖ୍‌ଙ୍କୁ ଦେଖିଲେ ଯେ କେହି ବେଶ୍ ଠଉରାଇ ପାରିବେ। ଏଥିପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।**

**ପୁରୀ ଅଫିସ, ୨୯।୭**

ପର୍ଯ୍ୟଟନ ସହର ପୁରୀକୁ ପ୍ରତ୍ୟହ ଦେଶ ବିଦେଶର ବହୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ତେବେ ଶ୍ରୀକ୍ଷେତ୍ର ବୁଲିବାକୁ ଆସି ସେବା ଯୋଗାଇଦେବା ଆନନ୍ଦ ଅତ୍ୟନ୍ତ ନିଆରା। ମହାରାଷ୍ଟ୍ରର ଶକୁବାଇ ଦେଶମୁଖ୍ ନାମ୍ନୀ ୮୫ ବର୍ଷୀୟା ବୃଦ୍ଧା ସେବା ଯୋଗାଇ ପ୍ରଶଂସା ସାଉଣ୍ଟିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଶକୁବାଇ ହେଉଛନ୍ତି ମହାରାଷ୍ଟ୍ରର ଏଲୋରାସ୍ଥିତ ଶ୍ରୀସନ୍ଥ ଜନାର୍ଦ୍ଦନ ସ୍ୱାମୀ ଶଙ୍କର ସଂସ୍ଥା ମୁଖ୍ୟ ଶାନ୍ତିଗିରି ମହାରାଜଙ୍କ ଅନୁଗାମୀ। ଏହି ସଂସ୍ଥାର ପ୍ରାୟ ୨ହଜାର ଅନୁଗାମୀ ପୁରୀ ଆସି ଗତ କିଛିଦିନ ହେବ ବେଳାଭୂମି ସଫେଇ କରିବା ସହ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିଛନ୍ତି। ଏମାନଙ୍କ ମଧ୍ୟରୁ ଶକୁବାଇ ବେଳାଭୂମିରେ ସଫେଇ କରି ବୋଝରେ ଆବର୍ଜନା ସଂଗ୍ରହ କରୁଥିବା ଫଟୋକୁ ଜିଲାପାଳ ବଲୱନ୍ତ ସିଂ ଟୁଇଟ୍ କରିବା ପରେ ଏହା ଭାଇରାଲ ହୋଇଛି।

ନାସିକ ଜିଲା ଦେଏନ୍ଦା ତାଲୁକ ଅନ୍ତର୍ଗତ କୁମ୍ଭାରଡ଼ି ଗାଁରେ ଶକୁବାଇଙ୍କ ଜନ୍ମ। ସଂସାର କହିଲେ ୩ପୁଅ ଓ ୫ଝିଅ। ସାନଝିଅ ବର୍ଷକର ହୋଇଥିବାବେଳେ ସ୍ୱାମୀ ଭୈରବ ଦେଶମୁଖଙ୍କ ପରଲୋକ ଘଟିଥିଲା। ପୈତୃକ ୬ଏକର ଜମିରେ ଜଣେ ସଫଳ ମହିଳା ଚାଷୀ ଭାବେ ଅକ୍ଳାନ୍ତ ପରିଶ୍ରମ କରି ମକା ଓ ବାଜରା ଚାଷ କରି ଗୁଜୁରାଣ ମେଣ୍ଟାଇଛନ୍ତି। ବର୍ତ୍ତମାନ ତାଙ୍କର ୩ ପୁଅ ଜଣେ ଜଣେ ସଫଳ ଚାଷୀ। ତାଙ୍କର ୮ ନାତି ଓ ୧୫ ନାତୁଣୀଙ୍କୁ ନେଇ ହସିଲା ସଂସାର। ମାତ୍ର ୧ ମାସ ପାଇଁ ସେ ଏଲୋରାସ୍ଥିତ ଆଶ୍ରମକୁ ଆସି ସେବା ଦେବା ପାଇଁ ମନସ୍ଥ କରିଥିଲେ ସୁଦ୍ଧା ୧୧ମାସ ଧରି ଆଶ୍ରମର ଗୁରୁକୁଳ ଛାତ୍ରୀଛାତ୍ରଙ୍କ ସେବା ଯତ୍ନ କରିଛନ୍ତି। ପୁରୀ ବୁଲିବାକୁ ଆସି ବେଶ୍ ଖୁସି ଥିବା ଶକୁବାଇ ପରିବେଶକୁ ସୁନ୍ଦର ଭାବେ ଗଢି ତୋଳିବାକୁ ବାର୍ତ୍ତା ଦେଇଛନ୍ତି। ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଲାଗି ତାଙ୍କ ପ୍ରୟାସ ଭବିଷ୍ୟତ ପିଢି ପାଇଁ ପ୍ରେରଣାଦାୟୀ ହୋଇରହିବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଜିଲାପାଳ ଶକୁବାଇ ଏବଂ ଅନ୍ୟମାନଙ୍କୁ ସମ୍ମାନିତ କରିଛନ୍ତି। ସୋମବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ସୁଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ତଥା ପୂର୍ବ ଭାରତରେ ୧ ନମ୍ବର ଶିଶୁରୋଗ ଚିକିତ୍ସାଳୟ ଭାବେ ଭୁବନେଶ୍ୱରର ଜଗନ୍ନାଥ ହସ୍ପିଟାଲକୁ ମିଳିଛି ଟାଇମ୍ସ ହେଲ୍‌ଥ ଆଇକନ ଆୱାର୍ଡ୍ସ ୨୦୧୯। ହସ୍ପିଟାଲ ପକ୍ଷରୁ ଡା. ବିଶ୍ୱଜିତ୍ ମିଶ୍ର(ବାମ) ଏହି ଆୱାର୍ଡ ଗ୍ରହଣ କରୁଛନ୍ତି।

## ବିଏସ୍‌ସିଏଲ୍ ପାଇଲା ସାଣ୍ଡଭିକ୍ ଇଣ୍ଡିଆ ଜେଣ୍ଡର ଆୱାର୍ଡ




ଭୁବନେଶ୍ୱର, ୨୯।୭(ବ୍ୟୁରୋ): ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍‌ସିଏଲ୍)ର ସ୍ମାର୍ଟ ସାମାଜିକ ପ୍ରକଳ୍ପ ସାଣ୍ଡଭିକ୍ ଇଣ୍ଡିଆ ଜେଣ୍ଡର ଆୱାର୍ଡ ୨୦୧୯ର ତୃତୀୟ ସଂସ୍କରଣର ବିଜେତା ହୋଇଛି। ଗତ ଶନିବାର ପୁଣେଠାରେ ବିଏସ୍‌ସିଏଲ୍‌କୁ ଏହି ପୁରସ୍କାର ମିଳିଛି। ମହିଳାଙ୍କ ବିରୋଧରେ ହେଉଥିବା ହିଂସା, ନାରୀ ସଶକ୍ତୀକରଣ ଓ ଲିଙ୍ଗଗତ ସମାନତା ଦିଗରେ କାମ କରୁଥିବା ସଂସ୍ଥା ଓ ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପ୍ରତିଯୋଗିତାରେ ୬୫୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ସାମିଲ ଥିଲେ। କର୍ପୋରେଟ୍, ଶିକ୍ଷାନୁଷ୍ଠାନ, ଏନ୍‌ଜିଓ, ସରକାରୀ ଅନୁଷ୍ଠାନ ଆଦି ବର୍ଗକୁ ନେଇ ପ୍ରତିଯୋଗିତା ହୋଇଥିଲା। ବିଏସସିଏଲ ସରକାରୀ ବର୍ଗରେ ବିଜେତା ହୋଇଛି। ଏହି ବର୍ଗରେ ଟିସ୍ ଓ ନାବାର୍ଡକୁ ପଛରେ ପକାଇ ବିଏସସିଏଲ ବିଜେତା ହୋଇଛି। ଉଲ୍ଲେଖଥାଉ କି, ସୋସିଆଲ ସ୍ମାର୍ଟ ପ୍ରୋଜେକ୍ଟକୁ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳରେ ସଚେତନ କରିବା ଉଦ୍ଦେଶ୍ୟରେ ଗଢ଼ାଯାଇଥିଲା। ଏଥିରେ ବିଏମ୍‌ସି ଦ୍ୱାରା ପରିଚାଳିତ ଗୋଷ୍ଠୀ ସଂଗଠକ, ପ୍ରଗତି ସାଥୀ ଓ ୱାର୍ଡ ଅଫିସରମାନଙ୍କୁ ତାଲିମ ଦିଆଯାଇ ପଛୁଆ ବର୍ଗଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି। ଏଥିରେ ସଫଳ ହୋଇଥିବାରୁ ଏହି ଆୱାର୍ଡ ମିଳିଛି।

## ମାଷ୍ଟର କୋଡିଂ ହାକାଥନରେ ସିଭି ରମଣ ଛାତ୍ରୀଛାତ୍ରଙ୍କ ସଫଳତା




**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଚଳିତ ମାସ ୨୭ରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ମାଷ୍ଟର କୋଡିଂ ହାକାଥନରେ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସିଭି ରମଣ କମ୍ପ୍ୟୁଟର ସାଇନ୍ସ ବିଭାଗର ଚତୁର୍ଥ ବର୍ଷ ଛାତ୍ର କୌଶିକ ଓଝା ଓ ଛାତ୍ରୀ ଅଙ୍କିତା ଶର୍ମା ସର୍ବଭାରତୀୟ ସ୍ତରରେ ପ୍ରଥମ ରନର୍ସ ଅପ୍ ହୋଇଛନ୍ତି। ଏମାନଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପ୍ରତିଷ୍ଠିତ ଆଇଟି କମ୍ପାନୀ କଗନିଜାଣ୍ଟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦,୫୮୦ଟି ଦଳ ଭାଗ ନେଇଥିଲେ। ଏହା ମଧ୍ୟରେ ଉଭୟ ବିଶ୍ୱବିଦ୍ୟାଳୟ ଏବଂ ଇଞ୍ଜିନିୟରିଂ କଲେଜ ସାମିଲ ରହିଥିଲା। ଏହି ସଫଳତା ଲାଗି କଲେଜର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ସଞ୍ଜୀବ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ନନ୍ଦନକାନନ ପାଳିଲା ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

# ବାଘ ବଂଶ ବୃଦ୍ଧି ପାଇଁ ଅତ୍ୟାଧୁନିକ ପଦ୍ଧତି ଆପଣାଯିବ

**ବାରଙ୍ଗ,୨୯।୭(ଡି.ଏନ୍.ଏ.)**

ବିଂଶ ଶତାବ୍ଦୀରେ ଦେଶରେ ବାଘଙ୍କ ସଂଖ୍ୟା ୧ଲକ୍ଷ ଥିବାବେଳେ ଏବେ ମାତ୍ର ୩ ହଜାର ମଧ୍ୟରେ ସୀମିତ ରହିଛି। ଏଭଳି ହ୍ରାସ ପଛରେ ବାସସ୍ଥଳୀ, ଖାଦ୍ୟ, ପାଣି ଅଭାବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଣୁ ଆମେ ଜଙ୍ଗଲ ଅବକ୍ଷୟ ରୋକିବା ସହ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ। ସୋମବାର ବିଶ୍ୱ ବ୍ୟାଘ୍ର ଦିବସ ପାଳନ ଅବସରରେ ପ୍ରାଣୀଉଦ୍ୟାନ ନନ୍ଦନକାନନ ସଭାଗୃହରେ ଆୟୋଜିତ ସଭାରେ ବକ୍ତାମାନେ କହିଛନ୍ତି। ପ୍ରାଣୀଉଦ୍ୟାନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିର୍ଦ୍ଦେଶକ ଶଶି ପାଲ, ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ସଂଯୋଜକ ମାଇକେଲ ପିଟର, ପ୍ରାଣୀଉଦ୍ୟାନ ବନ୍ୟପ୍ରାଣୀ ଚିକିତ୍ସାଳୟର ବରିଷ୍ଠ ପ୍ରାଣୀ ଚିକିତ୍ସକ ଆଲୋକ କୁମାର ଦାସ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାୟୋଲୋଜି ଅଧ୍ୟାପକ ଡ. ଶିବ ପ୍ରସାଦ ପରିଡା ପ୍ରମୁଖ ଯୋଗଦେଇଥିଲେ।



ବାଘ ବଂଶର ବିସ୍ତାର ଦିଗରେ ନନ୍ଦନକାନନ ୯୫ପ୍ରତିଶତ ସଫଳତା ଲାଭ କରିଛି। ବର୍ତ୍ତମାନ ନନ୍ଦନକାନନରେ ବାଘମାନଙ୍କ ସଂଖ୍ୟା ୨୭ ରହିଛି। ସେଥିମଧ୍ୟରେ ୧୪ ସାଧାରଣ, ୯ ଧଳା ଓ ୪ କଳାଲୋମଯୁକ୍ତ ବାଘ ରହିଛନ୍ତି। କଳା ଲୋମଯୁକ୍ତ ବାଘ ଛୁଆ ଜନ୍ମକରି ଚର୍ଚ୍ଚାରେ ଥିବା ନନ୍ଦନକାନନ ଏଥର ସ୍ନେହା ସହ ସେଫ୍, ନନ୍ଦନ ସହ ସାରା, ରେଣୁକା ସହ ସମ୍ରାଟର ମିଳନ ପାଇଁ ଯୋଜନା କରାଯାଇଛି। ଏବେ କଳରାପତରିଆ ବାଘ ସଂଖ୍ୟା ୭ ଥିବାବେଳେ ସେମାନଙ୍କ ମଧ୍ୟରେ ୩ ଅଣ୍ଡିରା ଓ ୪ ମାଇ ରହିଛନ୍ତି। ୨୦୧୭ ଜୁଲାଇ ୧୬ରେ ନନ୍ଦନକାନନକୁ ଆସିଥିବା ସୁନାବେଡା ରେଞ୍ଜରେ ଚର୍ଚ୍ଚାରେ ଥିବା ମଣିଷଖିଆ ବାଘ ସହ ବାଘୁଣୀ ମଞ୍ଜୁ ଏବଂ ସୂରଜ ସହ ଅନିତାର ମିଳନ ପାଇଁ ସେମାନଙ୍କୁ ପାଖାପାଖି ଏନକ୍ଲୋଜରେ ରଖାଯାଇଛି ବୋଲି ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଏସିଏଫ ଅଶୋକ କୁମାର ଦାସ କହିଛନ୍ତି। ଆଗକୁ ବାଘ ବଂଶ ବୃଦ୍ଧି କରିବା ପାଇଁ ଅନ୍ୟ ପ୍ରଜାତିର ବାଘ ବାହାରୁ ଅଣାଯାଇ ମିଳନ କରାଯିବ ଓ ଅତ୍ୟାଧୁନିକ ପଦ୍ଧତି ଆପଣାଇବା ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଉପନିର୍ଦ୍ଦେଶକ ଜୟନ୍ତ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ଅଦଳବଦଳ ପ୍ରକ୍ରିୟାକୁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ମୋହର ଦେଇସାରିଛନ୍ତି। ତେଣୁ ଅଗଷ୍ଟ ଶେଷସୁଦ୍ଧା ନନ୍ଦନକାନନକୁ ଆନାକୋଣ୍ଡା ଆସିବ।

### ଏବେ ଅଛନ୍ତି ୨୭ ବାଘ

ଶେଷରେ ବ୍ୟାଘ୍ର ସୁରକ୍ଷା ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି ଉପଲକ୍ଷେ ଆଖପାଖ ଅଞ୍ଚଳର ୬ଟି ସ୍କୁଲର ୫୦ ଛାତ୍ରୀଛାତ୍ରମାନଙ୍କୁ ନେଇ ବାଘମାନଙ୍କ ସୁରକ୍ଷା ବିଷୟରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ୟପ୍ରାଣୀ ଏସିଏଫ୍ ଅଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏସିଏଫ ପ୍ରଶାନ୍ତ ପଣ୍ଡାଙ୍କ ସମେତ ଅନ୍ୟ ବିଭାଗୀୟ ରେଞ୍ଜ ଅଧିକାରୀ, କର୍ମଚାରୀ, ବନ୍ୟପ୍ରାଣୀ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଆମ୍ରିରେ ସିୟର ୱେଭ ଇଲାଷ୍ଟୋଗ୍ରାଫି ଚିକିତ୍ସା ସୁବିଧା

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ସିୟର ୱେଭ ଇଲାଷ୍ଟୋଗ୍ରାଫି ଚିକିତ୍ସା ସୁବିଧା ଶୁଭାରମ୍ଭ ହୋଇଛି। ଏହି ନୂଆ ଫାସିଲିଟି ଦ୍ୱାରା ହସ୍ପିଟାଲ ପରିସରରେ ଏକ ସୁପର ସୋନିକ ଇମେଜ ମେଶିନ ସ୍ଥାପନ କରାଯାଇଛି। ଯକୃତ,ସ୍ତନ ଏବଂ ଥାଇରଏଡ ଇଲାଷ୍ଟୋଗ୍ରାଫିର ଚିହ୍ନଟ କରିବାରେ ଏହା ବେଶ ସହାୟକ ହେବ। ମେଶିନରେ ଇନବିଲ୍ଟ ଥିବା ଏଲ୍‌ଓଜିଆଇକ୍ୟୁ ଏସ୍୮ ଅଲ୍ଟ୍ରା ସାଉଣ୍ଡ ମେଶିନ ଦ୍ୱାରା ଏବେ ଯକୃତ ଅନିୟମିତତା, ସ୍ତନ ଏବଂ ଥାଇରଏଡ ଇଲାଷ୍ଟୋଗ୍ରାଫି ମପାଯାଇ ପାରିବ। ଏହାକୁ ହସ୍ପିଟାଲର ତାଲିମପ୍ରାପ୍ତ ଏବଂ ଅଭିଜ୍ଞ ଡାକ୍ତରମାନେ ପରିଚାଳନା କରୁଛନ୍ତି। ଏହି ପରୀକ୍ଷା ସମୟରେ ପେଶୀ ଅନିୟମିତତା, ଏହାର ପରିମାଣକୁ ଗୁଣାତ୍ମକ କଲର କୋଡେଡ ମ୍ୟାପରେ ପ୍ରଦାନ କରିବ। ଯାହା କିଲୋପାସ୍‌କାଲ୍‌ସରେ ପ୍ରଦର୍ଶିତ ହେବ। ଉନ୍ନତ ସ୍ୱାସ୍ଥ୍ୟ ସେବା ଉପକରଣ ଦ୍ୱାରା ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଣ ଦିଗରେ ପ୍ରୟାସ ଜାରି ରହିବ ବୋଲି ଆମ୍ରି ହସ୍ପିଟାଲ୍ସର ଭୁବନେଶ୍ୱରର ୟୁନିଟ ମୁଖ୍ୟ ତଥା ଉପସଭାପତି ଡ.ଅନୁଜ ତିୱାରୀ କହିଛନ୍ତି।



## ଫଟୋରେ ଖବର



ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ଶ୍ରେଣୀର ଛାତ୍ର ତଥା କୁନି ୱେବ୍ ଡିଜାଇନର ଆୟୁଷ ରଞ୍ଜନ ରାଉତ ପରିବାର ଲୋକଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ରାଜଭବନରୁ ଫେରୁଛନ୍ତି।




ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀରେ କୁନି ବୈଜ୍ଞାନିକମାନେ ସେମାନଙ୍କ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।




ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ୧୧ ଦଫା ଦାବି ନେଇ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ସ୍ୱାଭିମାନ ସମାବେଶରେ ଉପସ୍ଥିତ ନେତୃବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଜୁଲାଇ, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍ୱର୍ଥ



## ସଂକ୍ଷେପରେ

### ଦୁଇ ଚୋରଙ୍କୁ ନିସ୍ତୁକ ପିଟିଲେ ଲୋକେ

**ଖୋର୍ଦ୍ଧା ଅଫିସ,୨୯।୭:** ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ରାଉନସୁଗାର ବ୍ୟବସାୟ ବଢ଼ି ଚାଲିଥିବାବେଳେ ପୋଲିସ ଏଥିରେ ଲଗାମ ଦେଇ ପାରୁ ନ ଥିବାରୁ ସହରରେ ଚୋରି, ଲୁଟ୍ ବଢ଼ି ଚାଲିଛି। ପୋଲିସ ଉପରୁ ଲୋକେ ଆସ୍ଥା ହରାଇ ଆଇନକୁ ହାତକୁ ନେଇ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖିବାକୁ ମିଳିଛି। ସୋମବାର ପୂର୍ବାହ୍ନରେ ଜଣେ ଯୁବକ ମାଛ ମାର୍କେଟକୁ ଆସି ଏକ ସାନିଟାରୀ ଦୋକାନାରେ ପାଣିପମ୍ପ ମୋଟରର ଫୁଟବଲ ମାଗିଥିଲେ। ପରେ ଫୁଟବଲ ନେବେ ନାହିଁ କହି ଚତୁରତାର ସହ ପାଣି ମୋଟର ନେଇ ଖସି ଯିବାକୁ ଉଦ୍ୟମ କରିଥିଲେ। ଦୋକାନୀଜଣଙ୍କ ମୋଟର ଚୋରି ସମ୍ପର୍କରେ ଜାଣି ତନଖି କରିଥିଲେ। ମୋଟର ପାଇବା ପରେ ସ୍ଥାନୀୟ ଲୋକ ଚୋରକୁ ଗୋଡେଇ ଗୋଡେଇ ପିଟବା ସହ ଏକ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ମାଡ ମାରିଥିଲେ। ଶେଷରେ ଛାଡି ଦେଇଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ତହସିଲ ସମ୍ମୁଖରେ ଥିବା ଏକ ମୋବାଇଲ ଫୋନ ଦୋକାନରୁ ଜଣେ ଯୁବକ ମୋବାଇଲ କିଣିବାକୁ କହି ୨୫ହଜାର ଟଙ୍କାର ମୋବାଇଲ ଚୋରାଇ ନେଇଥିଲେ। ଦୋକାନ ମାଲିକ ଜାଣିବା ପରେ ଚୋରକୁ ଧରି ମୋବାଇଲ ଉଦ୍ଧାର କରିଥିଲେ। ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକ ଗୋଡେଇ ଗୋଡେଇ ପିଟିଥିଲେ। ପରେ ଆଦର୍ଶ ଥାନା ପୋଲିସକୁ ଚୋରକୁ ହସ୍ତାନ୍ତର କରିଥିଲେ। ପୋଲିସ ଚୋରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଭିଏସ୍ଏସ୍ ନଗରରେ ବଢୁଛି ଚୋରି
### ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ପାଟ୍ରୋଲିଂ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ଶହୀଦନଗର ଥାନା ଅଧୀନ ବୀର ସୁରେନ୍ଦ୍ର ସାଏ ନଗରରେ କିଛି ଦିନ ହେବା ଚୋରି ବଢ଼ିବାରେ ଲାଗିଛି। ଭିଏସ୍ଏସ୍ ନଗରରେ ଥିବା ହାଟ ପାଖରୁ କିଛି ଦିନ ହେବ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଉପଦ୍ରବ ବଢୁଛି। ଅଳ୍ପଦିନ ତଳେ ଏ/ଏଲ କଲୋନୀରେ ଥିବା ପୋଷ୍ଟ ଅଫିସରେ ଚୋରି ହୋଇଥିବା ବେଳେ ଗତ ଶନିବାର ରାତିରେ ଜିଏଲ୍ କଲୋନୀର ୨ଟି ଘରୁ ଓ ଡିଏଲ କଲୋନୀ ୨ଟି ଘରୁ ଚୋରି ଉଦ୍ୟମ ହୋଇଥିଲା। ଏହାର ପ୍ରତିକାର ପାଇଁ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାସଶର୍ମା ଏବଂ ଅନ୍ୟ ସଦସ୍ୟମାନେ ସୋମାବାର ଥାନାଧୀକାରୀ ବିରଞ୍ଚି ନାରାୟଣ ପତିଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଗୋଟିଏ ୪ ଚକିଆ ସହ ୨ଟି ୨ ଚକିଆ ଯାନରେ ସ୍ୱତନ୍ତ୍ର ଭାବେ ପାଟ୍ରୋଲିଂ ହେବ ବୋଲି ଥାନାଧିକାରୀ ପତି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଣେ ଅଫିସରଙ୍କୁ ଫାଣ୍ଡି ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ବିରଞ୍ଚି ପତି କହିଛନ୍ତି। ଭିଏସ୍ଏସ୍ ନଗର ହାଟ ନିକଟରେ ଭାରିଯାନ ଚଳାଚଳ ନ କରିବା ପାଇଁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଥାନାଧିକାରୀ ପତି କହିଥିଲେ।

### ଧଉଳି ରାସ୍ତାରୁ ଷ୍ଟ୍ରିଟ ଲାଇଟ ଚୋରି

**ପୁରୁଣା ଭୁବନେଶ୍ୱର,୨୯।୭ (ଡି.ଏନ୍.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଧଉଳି ରାସ୍ତାରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ଚୋରି ହୋଇଥିବା ନେଇ ସୋମବାର ଧଉଳି ଥାନରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଧଉଳି ପଞ୍ଚାୟତ କାର୍ଯ୍ୟାଳୟଠାରୁ ସଙ୍କଟେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଥିବା ପ୍ରାୟ ୧୮ଟି ଷ୍ଟ୍ରିଟ ଲାଇଟ ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ନେଇଯାଇଛନ୍ତି। ଖବରପାଇ ସୋମବାର ଓଟିଡିସି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ୧୮ଟି ଷ୍ଟ୍ରିଟ ଲାଇଟର ମୂଲ୍ୟ ପ୍ରାୟ ୧ଲକ୍ଷ ୪୪ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ବାଟହୁଡ଼ା ଉଜ୍ଜ୍ୱଳା ଯୋଜନା
# ମିଳୁନି ଏଲ୍ଇଡି ବଲ୍ବ, କାର୍ଯ୍ୟାଳୟ ବନ୍ଦ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**




ସବୁ ଘରକୁ ବିଦ୍ୟୁତ୍ ସଂଯୋଗ ସହ ଏଲଇଡି ବଲ୍ବ। ଘର ପିଛା ୧୦ ଏଲ୍ଇଡି ବଜାର ମୂଲ୍ୟଠାରୁ ଅଧା ଦାମରେ ମିଳିବ। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ସବୁ ବିଦ୍ୟୁତ୍ କାର୍ଯ୍ୟାଳୟରେ ଏହା ଉପଲବ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିବା ସମୟରେ କହିଥିଲେ। ହେଲେ ଭୁବନେଶ୍ୱରରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ରାଜଧାନୀରେ ବଲ୍ବ ଯୋଗାଉଥିବା ସଂସ୍ଥାର ଦେଖା ମିଳୁନି। ଉକ୍ତ ସଂସ୍ଥା ହିତାଧିକାରୀଙ୍କୁ ଯୋଗାଇ ଦେଇଥିବା ବଲ୍ବଗୁଡ଼ିକର ୩ବର୍ଷ ୱାରେଣ୍ଟି ଦେବା ସହ ତାରିଖ ଉଲ୍ଲେଖ କରିଥିଲା। ହେଲେ ତାହା ୬ମାସ ବି ଜଳିପାରିଲା ନାହିଁ। ବଲ୍ବ ବଦଳାଇବାକୁ ଲୋକେ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି।

ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ (ଇଇଏସ୍ଏଲ୍) ଏଲ୍ଇଡି ବଲ୍ବ ଯୋଗାଣ ଦାୟିତ୍ୱ ନେଇଥିଲା। ପ୍ରଥମେ ସଂସ୍ଥାର କର୍ମଚାରୀମାନେ ସହରର ବିଦ୍ୟୁତ୍ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ବଲ୍ବ ଯୋଗାଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ୬ଟି ସ୍ଥାନ ଯଥା ୟୁନିଟ୍-୮ କଲ୍ୟାଣ ମଣ୍ଡପ ନିକଟ ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ, ପୁରୁଣା ଭୁବନେଶ୍ୱର ବିଦ୍ୟୁତ୍ କାର୍ଯ୍ୟାଳୟ, ସୁନ୍ଦରପଦା ବିଦ୍ୟୁତ୍ କାର୍ଯ୍ୟାଳୟ, ଲକ୍ଷ୍ମୀସାଗର ବିଦ୍ୟୁତ୍ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ କାର୍ଯ୍ୟାଳୟ ଓ କଳିଙ୍ଗ ନଗର ବିଦ୍ୟୁତ୍ କାର୍ଯ୍ୟାଳୟରେ ଏହି ସେବାକୁ ଉପଲବ୍ଧ କରାଯାଉଥିଲା। ହେଲେ ଦୀର୍ଘ ୩ମାସ ହେବ ୟୁନିଟ୍-୮ ମୁଖ୍ୟ କାର୍ଯ୍ୟାଳୟରେ ଏହି ସେବା ମିଳୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିସହିତ ଅନ୍ୟ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ନିୟମିତ ଭାବେ ଖୋଲା ରହୁନି। ଏଥିରେ ଏବେ ନାନା ଅବ୍ୟବସ୍ଥା ପଦାକୁ ଆସିଛି। ସମ୍ପୃକ୍ତ କର୍ମଚାରୀମାନେ ମନ ହେଲେ ସେଠାକୁ ଆସୁଛନ୍ତି ନ ହେଲେ ନାହିଁ। ସଂସ୍ଥାର କୌଣସି ସ୍ଥାୟୀ ଠିକଣା ବା କାର୍ଯ୍ୟାଳୟ ନାହିଁ। ଫଳରେ ଫ୍ୟୁଜ୍ ବଲ୍ବ ବଦଳାଇବାକୁ ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟରେ ସଂସ୍ଥାର କର୍ମଚାରୀଙ୍କୁ ନ ପାଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏ ସଂକ୍ରାନ୍ତରେ ଇଇଏସ୍ଏଲ ଭୁବନେଶ୍ୱରର ଡିଜିଏମ ଅରୁଣ ସାହୁ କହିଛନ୍ତି, ଏଲ୍ଇଡି ବଲ୍ବ ନିୟମିତ ଭାବେ ଯୋଗାଇ ଦିଆଯାଉଥିଲା। ସମସ୍ତ ହିତାଧିକାରୀଙ୍କୁ ୧୦ଟି ପର୍ଯ୍ୟନ୍ତ ମିଳୁଥିଲା। ହେଲେ କିଛିଦିନ ପରେ ଅଧିକ ସଂଖ୍ୟାରେ ବଲ୍ବ ବଦଳାଇବାକୁ ଲୋକେ ଆସିଲେ। କିନ୍ତୁ ଆବଶ୍ୟକ ପରିମାଣର ବଲ୍ବ ନ ଥିବାରୁ ଅଧିକାଂଶ ବିତରଣ କେନ୍ଦ୍ରକୁ ବନ୍ଦ ରଖାଯାଇଥିଲା। ଗତ ଦେଢମାସ ହେବ ଅଳ୍ପକିଛି ସ୍ଥାନରେ ଏହି ସେବା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇଇଏସ୍ଏଲର ଜଣେ କର୍ମଚାରୀ କହିଛନ୍ତି, ରାଜ୍ୟ ସରକାର 'ଆମ ଘର ଏଲ୍ଇଡି ଯୋଜନା' ଶୁଭାରମ୍ଭ କଲାପରେ ଯେଉଁ ହିତାଧିକାରୀ ଉଜ୍ଜ୍ୱଳାରେ ବଲ୍ବ ପାଇଥିଲେ ସେମାନେ ସେଥିରେ ବି ୪ଟି ବଲ୍ବ ପାଇଲେ। ଦିନକୁ ୭ରୁ ୮ଘଣ୍ଟା ସେ ବଲ୍ବଟି ଜାଳିବା ପାଇଁ ନିୟମ ଥିବାବେଳେ ସେମାନେ ଅହରହ ଜାଳିବାରୁ ଅଧିକାଂଶ ଫ୍ୟୁଜ୍ ହେଲା। ତାହାକୁ ବଦଳାଇବାକୁ ଲୋକ ଭିଡ଼ ଜମାଇ ହୋହଲ୍ଲା କଲେ। ଏପରିକି କେତେଜଣ ଲୋକ ବଲ୍ବ ଯୋଗାଉଥିବା କର୍ମଚାରୀଙ୍କ ଉପରେ ହାତ ଉଠାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ବଲ୍ବ ଯୋଗାଣକୁ କିଛିଦିନ ଲାଗି ବନ୍ଦ କରି ଦିଆଯାଇଥିଲା। ଏବେ ମୁଖ୍ୟ କାର୍ଯ୍ୟାଳୟକୁ ଛାଡ଼ି ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ଇଇଏସ୍ଏଲ ବଲ୍ବ ଯୋଗାଣ କରୁଛି ବୋଲି ସେ କହିଛନ୍ତି।

**ରିପୋର୍ଟ(ଫଟୋ)- ସ୍ମିତପ୍ରଜ୍ଞ ମିଶ୍ର**

- ବଲ୍ବ ବଦଳାଇବାକୁ କାର୍ଯ୍ୟାଳୟ ଯାଇ ଫେରୁଛନ୍ତି ଲୋକେ
- ଆବଶ୍ୟକ ପରିମାଣର ବଲ୍ବ ନାହିଁ : ଇଇଏସ୍ଏଲ୍ ଡିଜିଏମ୍
- ଲୋକେ ହାତ ଉଠାଉଛନ୍ତି ବୋଲି ଯାଉନାହୁଁ : କର୍ମଚାରୀ

### ୬ ବଲ୍ବ ଫ୍ୟୁଜ୍, କର୍ମଚାରୀଙ୍କ ଦେଖାମିଳୁନି



ଇଲେକ୍ଟ୍ରି ବିଲ୍ ଦେଖାଇ ୟୁନିଟ-୮ ବିଦ୍ୟୁତ୍ ଅଫିସ୍‌ରୁ ୮ ବଲ୍ବ ଆଣିଥିଲୁ। ୩ବର୍ଷ ୱାରେଣ୍ଟି ଦିଆଯାଇଥିଲେ ମଧ୍ୟ ୮ମାସ ବି ଗଲାନି। ବଲ୍ବ ବଦଳାଇବାକୁ ଗଲାବେଳେ ଏବେ ସେମାନଙ୍କ ଦେଖାମିଳୁନି। ୬ରୁ ୭ଥର ବିଦ୍ୟୁତ୍ କାର୍ଯ୍ୟାଳୟ ଯାଇ ଫେରୁଛୁ। ବିଦ୍ୟୁତ କାର୍ଯ୍ୟାଳୟରେ ପଚାରିଲେ କିଛି କହିପାରିବେନି ବୋଲି ଉତ୍ତର ମିଳୁଛି।

**- ଜ୍ୟୋତ୍ସ୍ନାମୟୀ ଶତପଥୀ, ଜଗନ୍ନାଥ ନଗର ବାସିନ୍ଦା, ଭୁବନେଶ୍ୱର**

### ନୂଆ ବଲ୍ବ ମିଳୁନି



୩ରୁ ୪ମାସ ହେବ ଲକ୍ଷ୍ମୀ ସାଗର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ଫେରୁଛି, ହେଲେ ବଲ୍ବ ମିଳୁନାହିଁ। ବଲ୍ବ ଯୋଗାଉଥିବା ସଂସ୍ଥା ୭/୮ ଦିନରେ ଥରେ ଆସୁଛନ୍ତି ବୋଲି କର୍ମଚାରୀ କହୁଛନ୍ତି। କିନ୍ତୁ କେବେ ଆସୁଛନ୍ତି ତା'ର ବି ଠିକଣା ନାହିଁ। ବଜାରଠାରୁ ଶସ୍ତା ଦରରେ ବଲ୍ବ ମିଳୁଥିବାରୁ ସେଠାକୁ ୨-୩ ଥର ଗଲିଣି, ହେଲେ ନିରାଶ ହୋଇ ଫେରୁଛି।

**- ରମେଶଚନ୍ଦ୍ର ନାଥ, ଲକ୍ଷ୍ମୀସାଗର ବାସିନ୍ଦା, ଭୁବନେଶ୍ୱର**

### ରେଲବ୍ରିଜ୍ ଉପରୁ ଅଚିହ୍ନା ମୃତଦେହ ଉଦ୍ଧାର

**ବାରଙ୍ଗ/ନରାଜ,୨୯।୭(ଡି.ଏନ୍.ଏ.)**

ବାରଙ୍ଗ ଜିଆରପି ପୋଲିସ ସୋମବାର ମଧ୍ୟାହ୍ନ ୧୨ଟାରେ କଣ୍ଟାପାଟଣା ରେଲବ୍ରିଜ୍ ଉପରୁ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କର ବୟସ ୬୦ରୁ ୬୫ ବର୍ଷ ହେବ ବୋଲି ଆନୁମାନ କରାଯାଉଛି। ଲୋକଟି ଗୋଟିଏ ଧଳାରଙ୍ଗର ଧୋତି ଓ ଧଳାରଙ୍ଗର ଶାର୍ଟ ପିନ୍ଧିଛନ୍ତି। ତେବେ ସେ ପୁରୀ ମେନ କେନାଲ ଉପର ବ୍ରିଜଟିକୁ ପାରହୋଇ ବାରଙ୍ଗରୁ କଣ୍ଟାପାଟଣା ଅଭିମୁଖେ ଯିବାସମୟରେ କୌଣସି ଟ୍ରେନ ତାଙ୍କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଧକ୍କାରେ ତାଙ୍କର ମୁଣ୍ଡ ଓ ଅଣ୍ଟା ମାଡ ହେବାଫଳରେ ମୃତ୍ୟୁ ଘଟିଛି। କଟକ-ବାରଙ୍ଗ ଅପଲାଇନ ଟ୍ରାକର କିଲୋମିଟର ନଂ୪୧୮ ରେଲବ୍ରିଜରେ ତାଙ୍କ ମୃତଦେହ ପଡିଥିବାର ଖବରପାଇ ବାରଙ୍ଗ ଜିଆରପି ଫାଣ୍ଡିଅଧିକାରୀ ରାମଚନ୍ଦ୍ର ହାତୀ ନଂ୫୭/୧୯ ରେ ଏକ ମାମଲା ରୁଜୁକରି ଶବକୁ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି।

### ପୋଖରୀରେ ବୁଡ଼ି ଯୁବତୀ ମୃତ

**ସାକ୍ଷୀଗୋପାଳ, ୨୯।୭(ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ଭୁତପଡା ଗ୍ରାମର ସରୋଜିନୀ ସ୍ୱାଇଁ (୨୦) ନାମକ ଜଣେ ଯୁବତୀଙ୍କର ପୋଖରୀରେ ବୁଡି ସୋମବାର ମୃତ୍ୟୁ ଘଟିଛି। ଘର ନିକଟରେ ଏକ ପୋଖରୀକୁ ଗାଧୋଇବାକୁ ଯାଇ ସେ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇ ନ ଥିଲେ। କିଛି ସମୟ ପରେ ସରୋଜିନୀ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ଲାଗି ପୁରୀ ମେଡିକାଲ୍‌କୁ ପଠାଇଛି।

## ଯୁବତୀଙ୍କୁ ଅସଦାଚରଣ, ପର୍ଯ୍ୟଟକ ଗିରଫ

**ପୁରୁଣା ଭୁବନେଶ୍ୱର, ୨୯।୭(ଡି.ଏନ୍.ଏ.)**

ଗୋଶାଗୋରେଶ୍ୱର ଛକରେ ସୋମବାର ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ପର୍ଯ୍ୟଟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉତ୍ତରପ୍ରଦେଶର ଝରିଆ ଥାନା ଅଞ୍ଚଳର କାଲୁ ହରିଜନ(୨୮)। ପୋଲିସ ସୂଚନା ଅନୁଯାୟୀ, ଯୁବତୀଜଣଙ୍କ ପୂର୍ବାହ୍ନରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ସାରି ସ୍କୁଟିରେ ଫେରୁଥିବା ବେଳେ ଗୋଶାଗୋରେଶ୍ୱର ଛକରେ କାଲୁ ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ଏହା ପରେ ଯୁବତୀଜଣକ ପଳାଉଥିବା ବେଳେ କାଲୁ ମଧ୍ୟ ତାଙ୍କ ପଛରେ ଯାଇଥିଲେ। ଯୁବତୀଜଣକ ପାଟି କରିବାରୁ ସ୍ଥାନୀୟ ଲୋକେ କାଲୁଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୧୫/୧୯)ରୁଜୁ ହୋଇଛି।



ଓୟୁଏଟି କୁଳପତିଙ୍କ କାର୍ଯ୍ୟାଳୟ ଆଗରେ କୃଷି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନିଯୁକ୍ତି ପାଇଁ କୃଷି ଛାତ୍ରୀଛାତ୍ରଙ୍କ ଧାରଣା

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର କୃଷି ଛାତ୍ରୀଛାତ୍ରଙ୍କ ପ୍ରତି ଅବହେଳା କରୁଥିବା ଅଭିଯୋଗ କରି ଛାତ୍ରୀଛାତ୍ରମାନେ ଧାରଣାକୁ ଓହ୍ଲାଇଛନ୍ତି। ଗତ ଶନିବାର ଠାରୁ ଓୟୁଏଟି କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଏହି ଧାରଣା ଚାଲିଛି। ପୂର୍ବରୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିଯୁକ୍ତିରେ ଉଦ୍ୟାନ ବିଭାଗ ଛାତ୍ରୀଛାତ୍ରଙ୍କୁ ଶତ ପ୍ରତିଶତ ଏବଂ ଉପ କୃଷି ଅଧିକାରୀ ପଦବୀରେ ଉଦ୍ୟାନ କୃଷି ବିଭାଗର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବାକୁ ଉଦ୍ୟାନ କୃଷି ବିଭାଗ ଛାତ୍ରୀଛାତ୍ର ଦାବି କରିଥିଲେ। ଏହି ପ୍ରସଙ୍ଗକୁ ନେଇ କୁଳପତି ହସ୍ତକ୍ଷେପ ନ କରିବା ଯାଏ ଧାରଣା ଜାରି ରହିବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଅନ୍ୟପଟେ ଏହି ମାମଲାରେ ବିଶ୍ୱବଦ୍ୟାଳୟ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ବିଚାର ପରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଓୟୁଏଟି ଡିନ୍ କହିଛନ୍ତି।



ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ବୁଝାଶୁଝା କରୁଛନ୍ତି।




ବିଜିୟୁ ପରିସରରେ ସୋମବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ବିବିଏ ନୂତନ ବ୍ୟାଚ୍ ଛାତ୍ରୀଛାତ୍ର।

## ରୋଜଗାର ପାଇଁ ଜ୍ଞାନ, କୌଶଳ ହାସଲ କରିବା ଉଚିତ

**ଭୁବନେଶ୍ୱର, ୨୯।୭ (ବ୍ୟୁରୋ)**

ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିର୍ଲା ଗ୍ଲୋବାଲ ୟୁନିଭରସିଟି(ବିଜିୟୁ) ଭୁବନେଶ୍ୱର ପକ୍ଷରୁ ବିବିଏ ୨୦୧୯-୨୨ ବ୍ୟାଚ୍‌ର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଜୀବନରେ ସଫଳତା ପାଇବା ପାଇଁ ଭଲ ମନୋଭାବ, ଭଲ ବ୍ୟବହାର, ଡିସିପ୍ଲିନ ସହ ରହିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କର ମୁଖ୍ୟ ଅଧିକାରୀ ଚନ୍ଦ୍ରଶେଖର ମୁଖାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସକାରାତ୍ମକ ଦୃଷ୍ଟିକୋଣ ସହିତ ରୋଜଗାର ପାଇଁ ଜ୍ଞାନ ଓ କୌଶଳ ହାସଲ କରିବାକୁ ପରାମର୍ଶ ଦେଇଥିଲେ।

ପାରାଡାଇମ୍ କନସଲ୍‌ଟାଣ୍ଟ ଆଣ୍ଡ ରିସୋର୍ସ ମ୍ୟାନେଜ୍‌ମେଣ୍ଟ ପ୍ରାଃ ଲି. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପରାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ କହିଥିଲେ। ନ୍ୟାଶନାଲ ପ୍ରଫେସର ତଥା ଉପଦେଷ୍ଟା ଡ. ଶରତ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଔଦ୍ୟୋଗିକ ଅନୁଭବ ବାଣ୍ଟିଥିଲେ। ବିଜିୟୁ କୁଳପତି ପ୍ରଫେସର ସୁଧାକର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଏଠାରେ ରହିବା ସମୟରେ ପାଠପଢ଼ାକୁ ଉପଭୋଗ କରି ପାରିବେ ବୋଲି କହିଥିଲେ। ରେଜିଷ୍ଟ୍ରାର ଡ. ବି.କେ. ଦାସ ବିଜିୟୁ ସମ୍ପର୍କରେ ଆଲୋଚନା କରିବାସହ ବ୍ୟବସାୟିକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ଡ. ସ୍ନିଗ୍ଧା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ

**ନରାଜ,୨୯।୭(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ବାଙ୍କୀ- କଟକ ମୁଖ୍ୟରାସ୍ତାର ଫକୀରପଡାଠାରେ ସୋମବାର ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କଲିକତା ଅଞ୍ଚଳର ଥିବାବେଳେ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳି ନାହିଁ। ସେ ଫକିରପଡାଠାରେ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ତାଙ୍କର ବୟସ ପାଖାପାଖି ୪୦ବର୍ଷ ହେବ। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ହୋଇଯାଇଛି। ଖବରରୁ ପ୍ରକାଶ ସୋମବାର ସକାଳ ୬ଟା ୩୦ରେ ଉକ୍ତ ଲୋକଟି ଚା ପିଇବା ପାଇଁ ଯାଉଥିବାବେଳେ ବାଙ୍କୀ ପଟୁ ଆସୁଥିବା ଏକ ବାଇକରେ ଆସୁଥିବା କାଉଡିଆଜଣକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଲୋକଟି ପଡିଯିବା ସହ ତାଙ୍କର ମୁଣ୍ଡଟି ମାଡ ହୋଇଯିବା ଯୋଗୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ମେଡିକାଲକୁ ଅଟୋ ଯୋଗେ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

- ବିଭିନ୍ନ ବିଦ୍ୟାଳୟରେ ବ୍ରିଟିଶ୍ କାଉନ୍‌ସିଲ ସଦସ୍ୟଙ୍କ ଅଭିଭାଷଣ


## ଭାରତରେ ବିଜ୍ଞାନକୁ ପ୍ରୋତ୍ସାହନ ମିଳୁଛି

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ବ୍ରିଟିଶ୍ କାଉନସିଲ ସଦସ୍ୟ ତଥା ଜଣାଶୁଣା ଗବେଷକ, ବୈଜ୍ଞାନିକ ପ୍ରଫେସର ଲୁଇସ୍ ଡାର୍ଟନେଲ ସୋମବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି। ଏହା ସହ ପ୍ରଫେସର୍ ଡାର୍ଟନେଲ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ୩୦ଟି ଜିଲାର ବିଭିନ୍ନ ବିଦ୍ୟାଳୟ ଓ ସିଭି ରମଣ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ରମାନଙ୍କ ସହ କଥା ହୋଇଛନ୍ତି। ବିଜ୍ଞାନ ଓ ଜୀବ ବିଜ୍ଞାନରେ ନିଜର ଭବିଷ୍ୟତ ଗଢିବା ଲାଗି ଛାତ୍ରୀଛାତ୍ରମାନେ ଚେଷ୍ଟା କରିବା ଆବଶ୍ୟକ। ଭାରତରେ ଏବେ ବିଜ୍ଞାନକୁ ଅଧିକ ପ୍ରୋତ୍ସାହନ ମିଳୁଛି। ଚନ୍ଦ୍ରାୟନ ୨ ଏହାର ଜ୍ୱଳନ୍ତ ଉଦାହରଣ। ଛାତ୍ରୀଛାତ୍ରମାନେ ଅଧିକ ଆଗ୍ରହ ଦେଖାଇ ଜଣେ ଜଣେ ବୈଜ୍ଞାନିକ ହେବା ଲାଗି ଚେଷ୍ଟା କରିବା ଜରୁରୀ ବୋଲି ସେ କହିଥିଲେ। ସ୍ଥାନୀୟ ଏକ ହୋଟେଲରେ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ପ୍ରଫେସର ଡାର୍ଟନେଲ କହିଥିଲେ, 'ୟୁକେ'ରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଲାଗି ବହୁତ ସୁବିଧା ଅଛି। ଏଇ ଗୋଟିଏ ଦଶନ୍ଧିରେ ଆଷ୍ଟ୍ରୋବାଇଓଲୋଜି ଶିକ୍ଷା ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କ ଲାଗି ଏକ ସ୍ୱତନ୍ତ୍ର ଉପାଦାନ ପାଲଟିଛି। ଏଥିରେ ବିଶେଷ କରି ଛାତ୍ରୀଛାତ୍ରମାନେ ମହାକାଶ ଓ ଅନ୍ୟ ଗ୍ରହଗୁଡ଼ିକରେ ଥିବା ଜୀବସତ୍ତା ଓ ଅନ୍ୟ ବିଷୟଗୁଡ଼ିକରେ ଜାଣିବାକୁ ପାଇବେ। ଏଥିପ୍ରତି ଛାତ୍ରୀଛାତ୍ରମାନଙ୍କ ଆଗ୍ରହ ବଢୁଛି। ଏଥିରେ ଭାରତରୁ ବି କେହି ନା କେହି ସାମିଲ ହୁଅନ୍ତୁ ବୋଲି ସେ ଆଶ ପ୍ରକାଶ କରିଛନ୍ତି। ଏହି ବାର୍ତ୍ତାଳାପରେ ସେ ଭାରତର ବିଭିନ୍ନ ବିଭିନ୍ନ ସ୍ଥାନ ବୁଲି ବିଜ୍ଞାନ ଓ ଜୀବବିଜ୍ଞାନ ଉପରେ ନିଜର ଅଭିଜ୍ଞତା ବଖାଣିବେ ବୋଲି କହିଥିଲେ। ଓଡ଼ିଶା ତାଙ୍କୁ ବହୁତ୍ ଭଲ ଲାଗୁଛି ବୋଲି ପ୍ରଫେସର୍ ଡାର୍ଟନେଲ କହିଥିଲେ।



ପ୍ରଫେସର ଲୁଇସ୍ ଡାର୍ଟନେଲ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ମହିଳାଙ୍କଠାରୁ ସୁନାଚେନ ଲୁଟ୍

**ବାଲିଅନ୍ତା,୨୯।୭(ଡି.ଏନ୍.ଏ.):** ବାଲିଅନ୍ତା ଥାନା ପାହାଲ ଫାଣ୍ଡି ଅଧୀନ ନଖରାସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିର ପରିସରରୁ ସୋମବାର ସକାଳେ ଜଣେ ମହିଳା ଭକ୍ତଙ୍କଠାରୁ ୨ଭରି ଓଜନର ସୁନାଚେନ ଚୋରି ହୋଇଯାଇଛି। ସ୍ଥାନୀୟ ନୂଆପାଟଣା ଗ୍ରାମର ଜଣେ ମହିଳା ତାଙ୍କ ପରିବାର ଲୋକଙ୍କ ସହ ମନ୍ଦିରରକୁ ଆସିଥିଲେ। ମନ୍ଦିର ଭିତରକୁ ଯିବାପାଇଁ ଧାଡିରେ ଠିଆ ହୋଇଥିଲେ। ଏହି ଭିତର ସୁଯୋଗ ନେଇ କେହି ତାଙ୍କ ବେକରୁ ସୁନାଚେନଟିକୁ ଚୋରି କରି ନେଇଥିଲେ। ଏ ନେଇ ମହିଳା ଜଣକ ଫାଣ୍ଡିରେ ଅଭିଯୋଗ ହୋଇଛି।

### ସ୍କୁଟି ସମେତ ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ଇନଫୋସିଟି ଥାନା ଅଧୀନ ଷ୍ଟାରସିଟି ଅଞ୍ଚଳରେ ଥିବା ଆପାର୍ଟମେଣ୍ଟ ଫ୍ଲାଟରେ ପଶି ସ୍କୁଟି, ଲ୍ୟାପଟପ, ମୋବାଇଲ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଚୋରି କରିଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ସେ ହେଲେ ଇନଫୋସିଟି ଥାନା ଅଧୀନ ଶିଖରଚଣ୍ଡୀ ବଙ୍ଗଳାସାହି ଅଞ୍ଚଳରେ ରହୁଥିବା ଶେଖ ଇସମାଇଲ ଓରଫ ଟିକୁ ଶର୍ମା। ସୂଚନା ମୁତାବକ, ପଟିଆ ଷ୍ଟାରସିଟି ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟ ଫ୍ଲାଟରେ ଆଦିତ୍ୟ କୁମାର ରୁହନ୍ତି। ଗତ ଶନିବାର ରାତିରେ ଆଦିତ୍ୟ ସାଙ୍ଗମାନଙ୍କ ସହ ବସି ଗୋଟିଏ ରୁମରେ କଥା ହେଉଥିବା ବେଳେ ଫ୍ଲାଟର ମୁଖ୍ୟ ଫାଟକ ଖୋଲାରହିଥିଲା। ଏହାର ସୁଯୋଗ ନେଇ ଟିକୁ ଫ୍ଲାଟ ଭିତରେ ପଶି ଦୁଇଟି ବ୍ୟାଗ ସହ ସ୍କୁଟି ଚାବି ଧରି ଅପାର୍ଟମେଣ୍ଟ ପରିସରରୁ ଚମ୍ପଟ ମାରିଥିଲା। ପରେ ଚୋରି ହେବା ନେଇ ଆଦିତ୍ୟ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ୧୫୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅପାର୍ଟମେଣ୍ଟ ପରିସରରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଶିଖରଚଣ୍ଡୀ ବସ୍ତି ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କ ନିକଟରୁ ଚୋରି ସ୍କୁଟି, ୨ ଲ୍ୟାପଟପ, ୫ଟି ସ୍ମାର୍ଟ ଫୋନ, ୪ଟି ଦାମୀ ହାତ ଘଣ୍ଟା, ସାଇଣ୍ଟିଫିକ କାଲକ୍ୟୁଲେଟର ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଜବତ କରିଛି।

### ଅଟୋ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଅଟୋ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ଭାସିଆ ରାଉତ। ସୂଚନା ମୁତାବକ, ପୁରୀ ବାଇପାସ ଅଞ୍ଚଳରେ ନହରକଣ୍ଟା ଭୋଇ ସାହିର ଅଟୋ ଚାଳକ ନିରଞ୍ଜନ ଭୋଇ ରବିବାର ଅପରାହ୍ନ ୩ଟା ବେଳେ ଅଟୋ ନେଇ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ଭାସିଆ ପ୍ରଚୁର ମଦ୍ୟପାନ କରି ତାଙ୍କୁ ଅଟକାଇବା ସହ ତାଙ୍କ ସହ ବଚସା କରିଥିଲେ। ପରେ ଭାସିଆ ଉତ୍ତ୍ୟକ୍ତ ହୋଇ ନିରଞ୍ଜନଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ସ୍ଥାନୀୟ ଲୋକେ ନିରଞ୍ଜନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଏ ନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୯୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।


### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ଖୋର୍ଦ୍ଧା ଅଫିସ,୨୯।୭:** ବାଣପୁର ବ୍ଲକ ସଭାଗୃହରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସରୋଜ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ, ତହସିଲଦାର ସୁଷମା ବାରିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ମୋ କୁଡିଆ, ଆବାସ ଯୋଜନା ଓ ଭତ୍ତା ସମ୍ବନ୍ଧୀୟ ୩୧୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ହିତାଧିକାରୀଙ୍କୁ ୯୦ହଜାର ଟଙ୍କା, ଜିଲା ରେଡକ୍ରସ ପକ୍ଷରୁ ୮ଜଣଙ୍କୁ ୩୬ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ବେଳେ ୮ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ୩ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ସଂରକ୍ଷିତ ଲିଫ୍ଟରେ ଧସେଇ ପଶୁଛନ୍ତି ଲୋକେ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**





**ନିୟମ ଉଲ୍ଲଂଘନକାରୀଙ୍କ ଅଜବ ଯୁକ୍ତି**

୧- ରାଜୀବ: ସମସ୍ତେ ବ୍ୟବହାର କରୁଛନ୍ତି ତ ମୁଁ ବ୍ୟବହାର କରିବାରେ ଅସୁବିଧା କ'ଣ ?

୨- ଜଗଦୀଶ ରାଣା: ଯେଉଁମାନଙ୍କ ଲାଗି ଲିଫ୍ଟ ହୋଇଛି ସେମାନେ ବ୍ୟବହାର କରିବା କଥା। କିନ୍ତୁ ଲଗେଜ ଅଧିକ ଥିବାରୁ ଘର ଲୋକଙ୍କ ସହ ଯିବାକୁ ବାଧ ହେଉଛି।

୩- କୁନାଲ ଚୌହାନ: ଯେମିତି ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ଲିଫ୍ଟ ରହିଛି, ସେଭଳି ଅନ୍ୟମାନଙ୍କ ପାଇଁ ମଧ ଲିଫ୍ଟ ହେବା ଦରକାର। ନ ହେବା ପର୍ଯ୍ୟନ୍ତ ସମସ୍ତେ ଏହାକୁ ବ୍ୟବହାର କରିବେ।

**ଭୁବନେଶ୍ୱର ରେଳ ଷ୍ଟେଶନ**

- ହଟହଟା ହେଉଛନ୍ତି ବୟସ୍କ, ଦିବ୍ୟାଙ୍ଗ
- ବନ୍ଦ ହୋଇପଡ଼ିଛି ଫୁଟ୍ ଓଭରବ୍ରିଜ

ବଜେଟ୍‌ରେ ବ୍ୟୟ ଅଟକଳ ବଢ଼ାଇ ନୂଆ ଟ୍ରେନ, ଟ୍ରାକ୍ ଓ ଷ୍ଟେଶନକୁ ଚକାଚକ୍ କରିବାରେ ଲାଗିଛି ଭାରତୀୟ ରେଳବାଇ। ହେଲେ ଷ୍ଟେଶନ ଓ ଟ୍ରେନ ଭିତରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସମସ୍ୟାକୁ ଅଣଦେଖା କରୁଛନ୍ତି ରେଳ ବିଭାଗ। ଫଳରେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଯାତ୍ରୀ। ଏଭଳି କିଛି ସମସ୍ୟା ଭୁବନେଶ୍ୱର ରେଳ ଷ୍ଟେଶନରେ ଦେଖିବାକୁ ମିଳିଛି। ଏଠାରେ ଦୈନିକ ୪୮ ହଜାର ଯାତ୍ରୀ ଷ୍ଟେଶନକୁ ଯିବାଆସିବା କରୁଥିବାବେଳେ ୨୦୦ରୁ ଉର୍ଦ୍ଧ୍ୱ ରେଳ ଗାଡି ଚାଲୁଛି। ତେବେ ଯାତ୍ରୀମାନଙ୍କୁ ଯିବାଆସିବାରେ ଅସୁବିଧା ନ ହେବା ପାଇଁ ବିଭାଗ ପକ୍ଷରୁ ଷ୍ଟେଶନରେ ରହିଛି ତିନୋଟି ଫୁଟ ଓଭର ବ୍ରିଜ୍। ସେଥିମଧ୍ୟରୁ ଦୁଇଟି ବ୍ୟବହାର ହେଉଥିବା ବେଳେ ଆଉ ଗୋଟିଏ ଅତି ପୁରୁଣା ହୋଇଯିବାରୁ ବ୍ରିଜକୁ ବନ୍ଦ କରାଯାଇଛି। ଦୀର୍ଘ ବର୍ଷ ଧରି ବ୍ୟବହାର ହେବା ପରେ ବ୍ରିଜଟିକୁ ଅସୁରକ୍ଷିତ ମନେ କରି ବନ୍ଦ କରିଦିଆଯାଇଛି। ତେବେ ୬ଟି ପ୍ଲାଟଫର୍ମକୁ ଯୋଡିବା ଲାଗି ଏବେ ମାତ୍ର ଦୁଇଟି ଓଭରବ୍ରିଜ ବ୍ୟବହାର ହେଉଛି। ପ୍ଲାଟଫର୍ମରେ ଗାଡି ଲାଗିବା ବେଳକୁ ନାହିଁ ନ ଥିବା ଗହଳି ହେଉଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ୟବହାର ହେଉଥିବା ଦୁଇଟି ବ୍ରିଜ ଭିତରୁ ଗୋଟିଏ ଉଭୟ ପଟର ମୁଖ୍ୟଦ୍ୱାରଠାରୁ ଦୂରରେ ଥିବାରୁ ଯାତ୍ରୀମାନେ ଲଗେଜ ଧରି ଯିବାକୁ କଷ୍ଟ ମଣି ପ୍ରବେଶ ପଥ ପାଖ ବ୍ରିଜଟିକୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ଦୂରରେ ଓ ଆଉ ଗୋଟିଏରେ ଗହଳି ଦେଖି ଲୋକେ ଲିଫ୍ଟ ବ୍ୟବହାର କରିବାକୁ ଖୁବ୍ ସହଜ ମଣୁଛନ୍ତି। ସୂଚନାଯୋଗ୍ୟ, ଷ୍ଟେଶନରେ ଥିବା ଲିଫ୍ଟ କେବଳ ବୟସ୍କ, ଦିବ୍ୟାଙ୍ଗ ଓ ଗର୍ଭବତୀ ମହିଳାଙ୍କ ଲାଗି ଉଦ୍ଦିଷ୍ଟ। ଏ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଲିଫ୍ଟ ବାହାରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶରେ ତିନୋଟି ଭାଷାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ବଡ଼ ବଡ଼ ଶବ୍ଦ ଓ ସ୍ପଷ୍ଟ ଭାବେ ଲେଖାଥିଲେ ସୁଦ୍ଧା କୌଣସି ବି ସକ୍ଷମ ବ୍ୟକ୍ତି ଏହାକୁ ମାନିବାକୁ ନାରାଜ। ବୟସ୍କ, ଦିବ୍ୟାଙ୍ଗ ଓ ଗର୍ଭବତୀ ହୋଇ ନ ଥିଲେ ସୁଦ୍ଧା ଜବରଦସ୍ତି ଲିଫ୍ଟ ବ୍ୟବହାର କରୁଥିବାର ସୋମବାର ଦେଖିବାକୁ ମିଳିଥିଲା। ଏପରିକି ଲିଫ୍ଟରେ ୨୦ଜଣ ଓ ୧୩ ଜଣଙ୍କ ଭାର ସମ୍ଭାଳିବା ସୂଚନା ଲେଖାଥିଲେ ସୁଦ୍ଧା ଅତ୍ୟଧିକ ଲୋକ ହୋଇଗଲେ ଭିତରେ ଥିବା ଲୋକେ ବୟସ୍କଙ୍କୁ ବାହାର କରିଦେଉଥିବାର ଦେଖିବାକୁ ମିଳିଥିଲା। ସୋମବାର ସନ୍ଧ୍ୟାରେ ୪ଜଣ ଯୁବକ ୩ଜଣ ଦୃଷ୍ଟିହୀନଙ୍କୁ ଲିଫ୍ଟ ବ୍ୟବହାର କରିବା ବେଳେ ଦୁର୍ବ୍ୟବହାର ମଧ କରିଥିଲେ। ଲିଫ୍ଟରେ ଅତ୍ୟଧିକ ଲୋକ ହୋଇଯିବାରୁ ବାଦ୍ ପଡିଯାଇଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଏହା ନୂଆ ନୁହେଁ ସବୁଦିନିଆ କଥା। ଲୋକଙ୍କ ଚିନ୍ତାଧାରା ବଦଳିବନି କି ଆମ ବ୍ୟବସ୍ଥା ସୁଧୁରିବନି ବୋଲି ସେ କହିଥିଲେ।

ଏ ସମ୍ପର୍କରେ ଭୁବନେଶ୍ୱର ରେଳ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କୁହନ୍ତି, ସୂଚନାଫଳକ ଲଗାଯାଇଛି। ଆଉ ରେଳବାଇ ପାଖରେ ଯଥେଷ୍ଟ ବଳ ନାହିଁ ଏ ସମସ୍ୟାକୁ ମୁକାବିଲା କରିବା ଲାଗି। ଲୋକେ ସଚେତନ ହେବା ଦରକାର, ଆଗକୁ କୌଣସି ବଡ଼ ପଦକ୍ଷେପ ନେବାକୁ ଚେଷ୍ଟା କରିବେ ବୋଲି ଶ୍ରୀ ନାୟକ ସୂଚନା ଦେଇଥିଲେ। ତା'ସହ ରେଳ ସୁରକ୍ଷା ବଳକୁ ଲିଫ୍ଟ ନିକଟରେ କର୍ମଚାରୀ ମୁତୟନ କରିବାକୁ ଅନୁରୋଧ କରିବେ ବୋଲି କହିଥିଲେ। ବନ୍ଦ ଥିବା ଫୁଟ ଓଭର ବ୍ରିଜ ବିଷୟରେ ଶ୍ରୀ ନାୟକ କହିଥିଲେ, ଏହା ୩ ମାସ ହେବ ବନ୍ଦ ହୋଇପଡ଼ିଛି। ପ୍ରଥମେ ଏହାକୁ ଭଙ୍ଗାଯିବ ଓ ନୂଆ ବ୍ରିଜ ତିଆରି ହେବାର ପ୍ରସ୍ତାବ ରହିଛି। କିନ୍ତୁ ସେଥିଲାଗି ବର୍ଷେରୁ ଅଧିକ ସମୟ ଲାଗିଯିବ। ବର୍ତ୍ତମାନ ସୁଧା ଟେଣ୍ଡର ମଧ ହୋଇନାହିଁ।

### ଜାତୀୟ ମେଣ୍ଟାଲ ଏରିଥ୍‌ମେଟିକ୍: ଓଡ଼ିଶାର ମୟଙ୍କ ଚାମ୍ପିୟନ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

କଲିକତାରେ ଆୟୋଜିତ ୧୮ତମ ଜାତୀୟସ୍ତରୀୟ 'ୟୁସିମାସ ଆବାକସ୍ ଆଣ୍ଡ ମେଣ୍ଟାଲ ଏରିଥ୍‌ମେଟିକ' ପ୍ରତିଯୋଗିତାରେ ଓଡ଼ିଶାର ମୟଙ୍କ ପ୍ରିୟଦର୍ଶନ ଚାମ୍ପିୟନ ହୋଇଛନ୍ତି। କଲିକତାରେ ଗତ ୨୧ତାରିଖ ଦିନ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗ ନେଇ ସେ ଏଚ୍୧ ବିଭାଗରେ ବିଜେତା ହୋଇଛନ୍ତି। ତାଙ୍କୁ ଏଥିରେ ନୂଆପଲ୍ଲୀ ୟୁସିମାସ କେନ୍ଦ୍ରର ଶିକ୍ଷକ ଚିନ୍ମୟୀ ଭୂୟାଁ ଓ ସୁରେଶଚନ୍ଦ୍ର ପଲେଇ ସହଯୋଗ କରିବା ସହ ମେଣ୍ଟାଲ ଏରିଥ୍ ମେଟିକ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରିଥିଲେ। ମୟଙ୍କଙ୍କୁ ଏବେ ୯ବର୍ଷ ହୋଇଥିବାବେଳେ ସେ ୟୁନିଟ ୮ ଡିଏଭି ପବ୍ଲିକ୍ ସ୍କୁଲରେ ପାଠ ପଢନ୍ତି। ଗତ ୭ତାରିଖରେ କିଟ୍‌ରେ ହୋଇଥିବା ରାଜ୍ୟ ସ୍ତରୀୟ ମେଣ୍ଟାଲ ଏରିଥମେଟିକ୍ ପ୍ରତିଯୋଗିତାରେ ମଧ ମୟଙ୍କ ଚାମ୍ପିୟନ ହୋଇଥିଲେ। ପ୍ରତ୍ୟେକ ବର୍ଷ ଏହା ରାଜ୍ୟ ଓ ଜାତୀୟ ସ୍ତରୀୟ ବର୍ଗରେ ପାଳିତ ହେଉଥିବା ବେଳେ ଚଳିତବର୍ଷ ମୟଙ୍କଙ୍କୁ ଏହି ସଫଳତା ମିଳିଛି।



ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମରେ ଅତିଥି, ସ୍କାଉଟ୍ସ ଓ ଗାଇଡ୍ସର ଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଚାରାରୋପଣ କରୁଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଆହତ

**ବାଲିଅନ୍ତା,୨୯।୭(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ହଂସପାଳ ମୌଜାସ୍ଥିତ ଏକ ନିର୍ମାଣାଧୀନ ଗୃହ ଉପରେ ଚଢ଼ି କାର୍ଯ୍ୟ କରୁଥିବାବେଳେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଆହତ ହୋଇଛନ୍ତି। ବିଦ୍ୟୁତ ଝଟକା ଯୋଗୁ ଶ୍ରମିକ ଜଣକ ଘର ଛାତ ଉପରୁ ତଳକୁ ପଡିଯିବାରୁ ହାତଗୋଡରେ ଆଘାତ ଲାଗିଥିଲା। ଖବରପାଇ ମଞ୍ଚେଶ୍ୱର ଥାନା ପିସିଆର ଗାଡି ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ଶ୍ରମିକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ବାଲିଅନ୍ତା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ।

## ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଆବଶ୍ୟକ



ଆସୋସିଏଶନର ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଓଡ଼ିଶା ଘୋଡ଼ ସବାର ବାହିନୀ ଆଲୁମିନି ଆସୋସିଏଶନ ପକ୍ଷରୁ ପିପିଲି, ହରିପୁର, ସମରେଇ ଶାସନ ନିକଟସ୍ଥ ଭାର୍ଗବୀ ନଦୀ ପଠାରେ ବନ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଘୋଡ଼ ସବାର ବାହିନୀର ୨୦ ଜଣ ପୂର୍ବତନ ଅଶ୍ୱାରୋହୀ ଭାଗ ନେଇଥିଲେ। ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ତତ୍ତ୍ୱାବଧାନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ଣ୍ଣେଲ ପ୍ରଶାନ୍ତ କୁମାର ସିଂହ, ବର୍ତ୍ତମାନ କମାଣ୍ଡିଂ ଅଫିସର କର୍ଣ୍ଣେଲ ଆଲୋକ ପଲେଇ, ପୂର୍ବତନ ଏନ୍‌ସିସି ଉପନିର୍ଦ୍ଦେଶକ ଡ. ସୌର୍ଯ୍ୟ ରଞ୍ଜନ ପରିଡ଼ା, ଡା. ଜୟଶ୍ରୀ ଦାସ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱରେ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ଏହି ସମସ୍ୟାର ସମାଧାନ ତଥା ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକ ରହିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଗୋଟିଏ ଲେଖାଏ ଗଛ ଲଗାଇବା ଉଚିତ ବୋଲି ସେମାନେ ଜନସାଧାରଣଙ୍କୁ ସଚେତନତା କରିଥିଲେ।

## ବାଇକ୍ ଚୋରି, ୩ ଜଣଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ବାରଙ୍ଗ,୨୯।୭(ଡି.ଏନ୍.ଏ.)**


ବାରଙ୍ଗର ଦାରୁଠେଙ୍ଗ ଗ୍ରାମରେ ଦିନଦ୍ୱିପ୍ରହରରେ ୩ଜଣ ଯୁବକ ବାଇକ ଚୋରି କରୁଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡିଯାଇଛନ୍ତି। ପରେ ସେମାନଙ୍କୁ ଗ୍ରାମବାସୀ ଚନ୍ଦକା ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ଅପରାହ୍ନରେ ଦାରୁଠେଙ୍ଗ ଗ୍ରାମ ମଧକୁ ତିନିଜଣ ଯୁବକ ଆସି ଗ୍ରାମର ଘରଆଗରେ ଥୁଆ ହୋଇଥିବା ଟୁଲୁ ବେହେରା ନାମକ ଯୁବକଙ୍କ ବାଇକ ଉପରେ ବସିଥିଲେ। ଟୁଲୁ ଘରବାହାରକୁ ଆସିବାପରେ ବାଇକପାଖରୁ ଏହି ତିନିଜଣ ଯୁବକ ପଳାଇ ଆସିଥିଲେ ମଧ ଅଜଣା ଯୁବକଙ୍କ ପ୍ରତି ଟୁଲୁ ପ୍ରାଥମିକ ପର୍ଯ୍ୟାୟରେ ସନ୍ଦେହ କରି ନ ଥିଲେ। ଏହାପରେ ଏହି ତିନି ଯୁବକ ଘରବାହାରେ ଥୁଆ ହୋଇଥିବା ବାପି ପାତ୍ରଙ୍କ ବାଇକ ଚାବି ଖୋଲୁଥିବା ବେଳେ ପରିବାର ଲୋକ ବାହାରକୁ ଆସିବାପରେ ସେମାନେ ପଳାଇଯାଇଥିଲେ। ଏହି ଘଟଣାର କିଛି ସମୟପରେ ମନ୍ମୟ ପାହଡ ସିଂ(ଚନ୍ଦନ)ଙ୍କ ଓଆର୦୨-ବିକ୍ୟୁ-୫୦୭୪ନଂ ହୋଣ୍ଡା ବାଇକ ଘରବାହାରେ ଥୁଆ ହୋଇଥିବାର ଦେଖି କେହି ନ ଥିବାବେଳେ ବାଇକ୍ ନେଇ ଚାଲିଯାଇଥିଲେ। ସନ୍ଧ୍ୟାରେ ଚନ୍ଦନ ଘରବାହାରୁ ଆସି ବାଇକକୁ ନ ପାଇ ବହୁ ଖୋଜାଖୋଜି କରିଥିଲେ। ଗାଡି ନ ମିଳିବାରୁ ଚୋରି ହୋଇଥିବାର ଖବର ଗ୍ରାମରେ ପ୍ରଚାର ହୋଇଥିଲା। ଏହି ଘଟଣା ପରେ ଟୁଲୁ ବେହେରାଙ୍କ ସନ୍ଦେହ ଆସିବାରୁ ଗ୍ରାମ ମଧରେ କେତେକ ଯୁବକ ସଂଘବଦ୍ଧ ହୋଇ ଖୋଜାଖୋଜି କରିଥିଲେ। ରାତି ୯ଟା ପାଖାପାଖି ଦାରୁଠେଙ୍ଗ ଗ୍ରାମପାଖ ନାଳିପଡିଆ ଆଡୁ ଏକ ବାଇକରେ ତିନିଜଣ ଯୁବକ ଆସୁଥିବାର ଦେଖି ସେମାନଙ୍କୁ ରୋକିବାପରେ ଚୋରା ଗାଡି ଧରାପଡିଯାଇଥିଲା ।ସେମାନଙ୍କୁ ଉତ୍ତମମଧ୍ୟମ ଦେଇ ଚନ୍ଦକା ଥାନାରେ ଗ୍ରାମବାସୀ ପୋଲିସ ଜିମା ଦେଇଥିଲେ।

**ଶ୍ରାବଣର ଦ୍ୱିତୀୟ ସୋମବାର**

# ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼

**ପୁରୁଣା ଭୁବନେଶ୍ୱର, ୨୯।୭(ଡି.ଏନ୍.ଏ.)**

ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଶ୍ରୀଲିଙ୍ଗରାଜଙ୍କଠାରେ ଜଳ ଲାଗି କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ରାତ୍ର ୩ଟାରେ ମନ୍ଦିର ଖୋଲାଯାଇଥିଲା। ରାତ୍ର ୩ଟା ୩୦ରୁ ମଙ୍ଗଳ ଆଳତି, ଅବକାଶ ନୀତି ହୋଇଥିବାବେଳେ ଭୋର ୪ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ଠାକୁରଙ୍କୁ ପ୍ରାତଃ ଦର୍ଶନ ଏବଂ ଜଳାଭିଷେକ ପାଇଁ ରାତିଯାକ ଲମ୍ବା ଧାଡ଼ିରେ ଅପେକ୍ଷାରତ କାଉଡ଼ିଆମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଦିନ ପ୍ରାୟ ୧୨ଟା ପର୍ଯ୍ୟନ୍ତ କାଉଡ଼ିଆ ଭକ୍ତମାନେ ମନ୍ଦିରରେ ଜଳଲାଗି କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ସୋମବାର ଅପେକ୍ଷା ଦ୍ୱିତୀୟ ସୋମବାର ଶ୍ରାବଣୀ ପାଳିରେ ମାତ୍ରାଧିକ କାଉଡ଼ିଆଙ୍କ ସମାଗମ ହୋଇଥିଲା।



ଲିଙ୍ଗରାଜ ମନ୍ଦିର ପରିସରରେ କାଉଡ଼ିଆମାନେ ଜଳଲାଗି ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

#### ପାଦଚଲା ପଥ ଆବର୍ଜନାମୟ

ହଜାର ହଜାର କାଉଡ଼ିଆମାନଙ୍କ ପାଇଁ ଖୋଲାଯାଇଥିବା ଅସ୍ଥାୟୀ ଦୋକାନ ବଜାରରେ ସାଦା ବ୍ୟଞ୍ଜନ ଖାଇ ଖୋଲା ପଲିଥିନ, କାଗଜ ଟୁକୁରା, ବଳକା ଖାଦ୍ୟ ଏଣେତେଣେ ପଡ଼ି ରହିଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ୪ବର୍ଷ ତଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଦଚଲା ପଥଟି ସମ୍ପୂର୍ଣ୍ଣ ଆବର୍ଜନାମୟ ହୋଇଥିଲା। ଉତ୍ତରଦ୍ୱାର ନିକଟ ରାସ୍ତାଟି ମଧ ଦୁର୍ଗନ୍ଧରେ ଫାଟିପଡୁଥିଲା। ଅଳିଆ ରଖିବାର କୌଣସି ବ୍ୟବସ୍ଥା ନଥିବାରୁ ମେଘନାଦ ପାଚେରିକୁ ଲାଗିଥିବା ପାଦଚଲା ରାସ୍ତାଟି ପ୍ରକୃତ ଡଷ୍ଟବିନ୍ ପାଲଟିଥିଲା। ଦିନତମାମ ଏହି ଅଳିଆ ଏଣେତେଣେ ପଡ଼ିଥିବାରୁ ପର୍ଯ୍ୟଟକଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥିଲା।

#### ପୋଲିସ କାଉଡ଼ିଆ ଠେଲାପେଲା

ମନ୍ଦିର ଖୋଲାଯିବା ମାତ୍ରେ ରାତିସାରା ଅପେକ୍ଷାରତ କାଉଡ଼ିଆମାନେ ସାହାଣ ମେଳା ଦର୍ଶନରେ ମନ୍ଦିର ଭିତରକୁ ଧସେଇ ପଶିଥିଲେ। ଏ ନେଇ କାର୍ଯ୍ୟରତ ପୋଲିସ ଫୋର୍ସ ସେମାନଙ୍କୁ ପ୍ରତିରୋଧ କରିବାସହ ଧାଡ଼ିରେ ଯିବାକୁ କହିଥିଲେ ମଧ ଏହା ସମ୍ଭବ ହୋଇ ନ ଥିଲା। ବାଧହୋଇ ପୋଲିସ ଓ କାଉଡ଼ିଆଙ୍କ ମଧରେ ଠେଲାପେଲା ହୋଇଥିଲା। କିନ୍ତୁ ସିସିଟିଭି ନଜରରେ ଥିବାରୁ କୌଣସି ଅପ୍ରୀତିକର ଘଟଣା ଘଟେଇବା ପୂର୍ବରୁ ପୋଲିସ ଚୁପ ରହିଥିଲା। ପ୍ରାୟ ୧୦ମିନିଟ୍ ପରେ ପରସ୍ଥିତି ସ୍ୱାଭାବିକ ହୋଇଥିଲା।

#### ଯାଞ୍ଚ ସତ୍ତ୍ୱେ ମନ୍ଦିରରେ ପଶିଲା ପଲିଥିନ, ବୋତଲ

ମନ୍ଦିର ଗେଟରେ କଡା ଯାଞ୍ଚ ସତ୍ତ୍ୱେ କାଉଡିଆ ଓ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ନେଉଥିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ଢିଲା ଯାଞ୍ଚ ଯୋଗୁ ସ୍ଥାନୀୟ ଶ୍ରଦ୍ଧାଳୁ ନୁହନ୍ତି ବାହାର ଭକ୍ତମାନେ ମଧ ମନ୍ଦିର ଭିତରକୁ ପାଣି ବୋତଲରେ ପାଦୁକପାଣି, ପଲିଥିନରେ ଭୋଗ ଏବଂ ପ୍ଲାଷ୍ଟିକ୍ ଯାତ ଦ୍ରବ୍ୟ ମନ୍ଦିରକୁ ନେଉଥିଲେ।

#### ମନ୍ଦିର ସିଂହଦ୍ୱାରର ଦକ୍ଷିଣ ପାଶ୍ୱରେ ସ୍ୱତନ୍ତ୍ର ପ୍ରବେଶ

କାଉଡ଼ିଆଙ୍କ ମଧରେ ରହିଥିଲେ ଅନେକ ଶିଶୁ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ କାଉଡ଼ିଆ ଭକ୍ତ। ଏମାନଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ନିରାପଦ ଦୃଷ୍ଟିରୁ ଦ୍ୱିତୀୟ ଶ୍ରାବଣୀ ପାଳିରୁ ମନ୍ଦିରର ସିଂହଦ୍ୱାରର ଦକ୍ଷିଣ ପାର୍ଶ୍ୱରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସାଧାରଣ ଭକ୍ତ ସିଂହଦ୍ୱାରର ଉତ୍ତର ପାର୍ଶ୍ୱରେ ମନ୍ଦିରକୁ ପ୍ରବେଶ କରୁଥିବାବେଳେ ଏମାନଙ୍କୁ ଦକ୍ଷିଣ ପାର୍ଶ୍ୱ ଦେଇ ପ୍ରବେଶ କରାଯାଇଥିଲା।

### ବେଦପାଠଶାଳାର ସମାବର୍ତ୍ତନ ଉତ୍ସବ

**ନିରାକାରପୁର,୨୯।୭(ଡି.ଏନ.ଏ)**

ଦିବ୍ୟସିଂହପୁରସ୍ଥିତ ଶ୍ରୀଦେବ୍ୟୈ ଶୁକ୍ଳଯଜୁର୍ବେଦକାଣ୍ୱ ବେଦପାଠଶାଳାର ୫ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଦର୍ଶନ ବିଭାଗ ଅଧକ୍ଷ ଓ ନିର୍ଦ୍ଦେଶକ ମୁକ୍ତ ସ୍ୱାଧ୍ୟାୟପୀଠମ୍, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନମ୍ ପ୍ରଫେସର୍ ଡ. ସୁକାନ୍ତ କୁମାର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଧାତ୍ମିକ ସାରଗର୍ଭକ ଉପଦେଶ ପ୍ରଦାନ କରିଥିଲେ। ସଭାପତି ଭାବେ ଜ୍ୟୋତିର୍ବିଦ୍ ଡ. ପ୍ରଦୀପ ଚୌଧୁରୀ ଜଗନ୍ନାଥ ତତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ବେଦ ବିଭାଗ ଅଧକ୍ଷ ପ୍ରଫେସର ଡ. ଦିବାକର ମହାପାତ୍ର, ଅତିଥି ଭାବେ ଅଭିନେତା ବିଜୟ ମହାନ୍ତି, ଡ. ଶରଦ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରିଣୀ ସଭାପତି କନକପ୍ରଭା ଷଡ଼ଙ୍ଗୀ, ଡ.ମୃତ୍ୟୁଞ୍ଜୟ ରଥ, ପ୍ରଧାନାଚାର୍ଯ୍ୟ ଡ. କୃପାସିନ୍ଧୁ ପଣ୍ଡା, ଆଚାର୍ଯ୍ୟ ତପନ ମହାପାତ୍ର, ନୀଳକଣ୍ଠ ପଣ୍ଡା, ଡ. ବିଜୟଲକ୍ଷ୍ମୀ ମହାପାତ୍ର, କାଶୀନାଥ ପାଣିଗ୍ରାହୀ, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ

# ଖୋର୍ଦ୍ଧା: ବନ୍ଦ ହେଲା ୩୨୨ କ୍ରଶର

**ଖୋର୍ଦ୍ଧା ଅଫିସ,୨୯।୭**

■ରୋଜଗାର ହରାଇଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ
■ବିଧାନସଭାରେ ଉଠିଲା ଖୋର୍ଦ୍ଧା ଖଣି ସମସ୍ୟା

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫର ଚଢ଼ାଉ ପରେ ଖୋର୍ଦ୍ଧା ଜିଲାରେ ଗ୍ରାନାଇଟ୍ ଖଣି ଖନନ ଓ କ୍ରଶର ସାମୟିକ ଭାବେ ବନ୍ଦ ରହିଛି। ଏସ୍‌ଟିଏଫ୍‌ର ଚଢ଼ାଉକୁ ସ୍ୱାଗତ ଜଣାଇ ଖୋର୍ଦ୍ଧା ଆଞ୍ଚଳିକ କ୍ରଶର ମାଲିକ ସଂଘ କ୍ରଶର ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି ବୋଲି ସୋମବାର ଅନୁଷ୍ଠାନର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ୩୨୨କ୍ରଶର ବନ୍ଦ ଯୋଗୁ ପ୍ରାୟ ୫୦ହଜାର ଶ୍ରମିକ କାମ ହରାଇଛନ୍ତି। କ୍ରସରରେ ଗାଡି ଲଗାଇଥିବା ୫୦୦ରୁ ଊର୍ଦ୍ଧ୍ୱ ଯୁବକ କାମ ହରାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧାର ଖଣି ସମସ୍ୟା ପ୍ରସଙ୍ଗ ଉପରେ ବିଧାନସଭାରେ ଉଠାଇଥିଲେ।

ଖବରଦାତା ସମ୍ମିଳନୀରେ କୁହାଯାଇଛି, ଶ୍ରୀଜଗନ୍ନାଥଙ୍କ ସୈରାତ୍‌ରୁ ବାହାରୁ ଥିବା କଞ୍ଚାମାଲ ୩୭୨ କ୍ରଶରକୁ




ଖବରଦାତା ସମ୍ମିଳନୀରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଚଳାଇବା ସମ୍ଭବ ହେଉ ନ ଥିଲା। ତେଣୁ ମଝିରେ ୫୦ କ୍ରଶର ବନ୍ଦହୋଇଗଲା। ୩୨୨ କ୍ରସରରୁ ପୁଣି ୫୦ ଫନୀ କାରଣରୁ ବନ୍ଦ ହୋଇ ଯାଇଥିଲା। ପରେ ମରାମତି କରି ପୁଣି ୩୨୨ ଚାଲୁ ରହିଥିଲା। କଞ୍ଚାମାଲ ମଧ୍ୟ ଠିକ୍ ଭାବେ ମିଳୁ ନ ଥିଲା। ବିନା ୱାଇ ଫର୍ମରେ କଞ୍ଚାମାଲ କିଣିବା ବେଆଇନ ବୋଲି କ୍ରଶର ସଂଘ ଅବଗତ ନ ଥିଲା। ଏସ୍‌ଟିଏଫ୍‌ର ଚଢ଼ାଉ ପରେ ସଂଘ ଅବଗତ ହୋଇ କ୍ରଶର ଶିଳ୍ପକୁ ବନ୍ଦ କରି ଦେଇଛି। ତେବେ ୱାଇ ଫର୍ମରେ ସ୍ୱଳ ମିଳିଲେ କ୍ରଶର ପୁଣି ଚାଲୁ କରାଯିବ ବୋଲି ସଂଘ ପକ୍ଷରୁ ସଫେଇ ଦିଆଯାଇଛି। ଯେଉଁମାନେ ବେଆଇନ ଭାବେ କ୍ରଶର ଚଳାଇବେ ସେଥିପାଇଁ ସଂଘ ଦାୟୀ ରହିବନି ବୋଲି କୁହାଯାଇଛି। ସେହିପରି ସଂଘ ପକ୍ଷରୁ କୁହାଯାଇଛି, ଯେଉଁ ଜମିରେ କ୍ରସର କରାଯାଇଛି ତାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ। ମନ୍ଦିର ପ୍ରଶାସନ ଏକର ପିଛା ବର୍ଷକୁ ୬୦ ହଜାର ଟଙ୍କା ନେଉଛି। ବର୍ତ୍ତମାନ ଏକର ପିଛା ୧ଲକ୍ଷ ୨୦ହଜାର ଟଙ୍କା ମନ୍ଦିର ପ୍ରଶାସନ ଲାଗୁ କରିଛି। ଯାହା ବ୍ୟୟ ସାପେକ୍ଷ ଓ କ୍ରଶର ଶିଳ୍ପ ଚାଲୁ ରଖିବା କଷ୍ଟକର। କ୍ରସର ମାଲିକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି ରହିଛି ଯେ, ଖୋର୍ଦ୍ଧା ଜିଲାରେ ଥିବା ଶ୍ରୀଜଗନ୍ନାଥଙ୍କ ସମସ୍ତ ପାହାଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ୱାଇ ଫର୍ମ ଯୋଗାଇ ଦିଆଯାଉ। ୱାଇ ଫର୍ମରେ କ୍ରଶର ଶିଳ୍ପକୁ କଞ୍ଚାମାଲ ଯୋଗାଇ ଦିଆଯାଉ। ସରକାରୀ ନୀତି ନିୟମରେ କ୍ରସର ଚାଲୁ। କ୍ରସର ପାଇଁ ବାର୍ଷିକ ଭଡା ୨୦୧୫ରୁ ଲାଗୁ ହୋଇଥିବା ୬୦ହଜାର ଟଙ୍କା ରଖାଯାଉ। ଏହା କରାଗଲେ ପୁଣି ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ ପାଇପାରିବେ। ଏଥିସହ ମାଲିକ ସଂଘ ମଧ୍ୟ ଉପକୃତ ହେବ। ଆଞ୍ଚଳିକ କ୍ରଶର ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ କୁହନ୍ତି, ସଂଘର ନିୟମ ଅନୁସାରେ ଖୋର୍ଦ୍ଧାର ବିଧାୟକ ସଭାପତି ରହିବେ। ସଂଘର ବୈଠକ ବସି ରେଜୋଲେଶନ ହୋଇ ନାହିଁ ବେଗୁନିଆ ଓ ଖୋର୍ଦ୍ଧା ବିଧାୟକ ସଂଘର ସଭାପତି ଅଛନ୍ତି। ସଂଘ ୨ଜଣ ବିଧାୟକଙ୍କୁ ସଭାପତିଭାବେ ଆଗକୁ ନେଇ ଖଣି ଓ କ୍ରସର ସମସ୍ୟାର ସରକାରୀ ନୀତି ନିୟମ ଭିତରେ ସାମଧାନ କରିବାକୁ ଆଗ୍ରହୀ। ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ଉପସଭାପତି ରାଜ ପାତ୍ର, ସହକାରୀ ସମ୍ପାଦକ କେଦାର ନରେନ୍ଦ୍ର, ଯୁଗ୍ମସମ୍ପାଦକ ସାରଙ୍ଗ ପାତାଳ ସିଂ, ଅଲ ଓଡ଼ିଶା କ୍ରସର ମାଲିକ ଫେଡରେଶନ ସଭାପତି ରଞ୍ଜନ ଖାଁ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧା ବିଧାୟକ ମିତ୍ର କୁହନ୍ତି, କ୍ରଶର ମାଲିକ ସଂଘ ଆଲୋଚନା ପାଇଁ କମିଟି ଗଠନ କରୁ। ଶ୍ରୀ ଜଗନ୍ନାଥଙ୍କ ସୈରାତ୍‌ଗୁଡିକ କିପରି ନିଲାମ ସହ ନିୟମିତ ହେବ ଓ କ୍ରସର ଗୁଡିକ ପୁନଃ ଚାଲୁ ହେବ ସେ ନେଇ ମଙ୍ଗଳବାର ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ନେତୃତ୍ୱରେ ଆଇନମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ଅନ୍ୟପକ୍ଷରେ ବେଗୁନିଆ ବିଧାୟକ ସାହୁ କୁହନ୍ତି, ଖୋର୍ଦ୍ଧା ଜିଲାରେ ଖଣି ନିଲାମ ହେବା ପରେ ମଧ୍ୟ ବର୍ଷ ବର୍ଷ ଧରି କାର୍ଯ୍ୟାଦେଶ ଦିଆଯାଉନାହିଁ। ଫଳରେ ରାଜ୍ୟ ଓ ରାଜ୍ୟ ବାହାର ଅଭିଯୁକ୍ତ ଆସି ୨ରୁ ୩ଟି ହତ୍ୟାକାଣ୍ଡ କରି ସାରଲେଣି। ଏସ୍‌ଟିଏଫ ଧରପଗଡକୁ ତ୍ୱରାନ୍ୱିତ କରାଯିବା ସହ ମୁଣ୍ଡିଆରେ ଖଣି ଖନନ କରିବାକୁ କାର୍ଯ୍ୟାଦେଶ ତୁରନ୍ତ ବ୍ୟବସ୍ଥା କରିବାକୁ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିବା କହିଛନ୍ତି।

## ସଂକ୍ଷେପରେ

### ଆମ ପୋଲିସ ସମିତି ବୈଠକ

**ଚୌଦ୍ୱାର, ୨୯।୭ (ଡି.ଏନ୍.ଏ.):** କମିଶନରେଟ୍ ପୋଲିସ ପକ୍ଷରୁ ଚୌଦ୍ୱାର ଥାନା ପରିସରରେ ସୋମବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର ଥାନାଧିକାରୀ ପଦ୍ମନାଭ ପ୍ରଧାନ ଅଧକ୍ଷତା କରିଥିଲେ। ଚୌଦ୍ୱାର ଅଞ୍ଚଳରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା, ସେଠାରେ ବୁଲୁଥିବା ବଞ୍ଜାରାମାନଙ୍କୁ ଚିହ୍ନଟ କରାଯାଇ ଅନ୍ୟତ୍ର ପଠାଇବା ଉପରେ ଗୁରୁତ୍ୱ ଦିଆଯିବା, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଓ ଆଗାମୀ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉପରେ ଆଲୋଚନା ହୋଇଥିଲା। ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବରିଷ୍ଠ ନାଗରିକ, ପୂର୍ବତନ କାଉନସିଲର, ସାମାଜିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପଲିଥିନ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର,୨୯।୭(ଡି.ଏନ.ଏ.):** ଚୌଦ୍ୱାର ଗାନ୍ଧୀଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପଲିଥିନ୍ ବର୍ଜନ ସଚେତନତା କର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଦିଗମ୍ବର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଚୌଦ୍ୱାର ସଙ୍କୁଳ ପ୍ରମୁଖ ଶିବ ଶଙ୍କର ସାହୁ ଯୋଗଦେଇ ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ୧୨୦୦ରୁ ଅଧିକ ପିଲାଙ୍କୁ କପଡ଼ା ବ୍ୟାଗ ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟ ଅତିଥି ଭାବେ ସମିତି ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ଓ ପ୍ରଦ୍ୟୁମ୍ନ ତରାଇ ଯୋଗଦେଇଥିଲେ। ଗୁରୁଜୀ ବାଣୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଚାର୍ଯ୍ୟ ଶ୍ରୁତିକାନ୍ତ ରାଉତ, ସାରଦା ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ନାୟକ, ଆରତୀ ମହାପାତ୍ର, କବିତା ଜେନା, ସ୍ନିଗ୍ଧା ନାୟକ, ରୀନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଏଏସ୍‌ଆଇଙ୍କ ପରଲୋକ

**ଚୌଦ୍ୱାର,୨୯।୭(ଡି.ଏନ୍.ଏ.):** ଚୌଦ୍ୱାର ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଶତ୍ରୁଘ୍ନ ବେହେରାଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ସେ ରବିବାର ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକସ୍ଥିତ ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଥିଲେ।

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ସୁଧାର ଆଣିବା ଦାବି

**କଟକ ଅଫିସ,୨୯।୭**

କଟକ ସହର ଏବଂ ଆଖପାଖ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସହରରେ ୨୪ ଘଣ୍ଟା ମଧ୍ୟରେ ୩ ଜଣ ଦିନମଜୁରିଆଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଯାହାକୁ ନେଇ ସାଧାରଣଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଲିସ ମୁଖ୍ୟାଳୟ କଟକରେ ଥାଇ ମଧ୍ୟ

**ଡିଜିପିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର**

ପୋଲିସ ହାତବାନ୍ଧି ବସିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏ ନେଇ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ସୋମବାର ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସହରରେ ଆଇନଶୃଙ୍ଖଳାରେ ସୁଧାର ଆଣିବା ପାଇଁ କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ବାରିକ, ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ତୃପ୍ତି ଦାସ, ଲିଜାରାଣୀ ରାଉତଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



କଟକ ସିଟି ହସ୍ପିଟାଲରେ ବିଭିନ୍ନ ରୋଗର ଜନସଚେତନତା ନେଇ ସ୍ଥାପନ କରାଯାଇଥିବା ଡିଜିଟାଲ କିଓସ୍କୋକୁ ଡ. ହର ପଟ୍ଟନାୟକ ଉପସ୍ଥିତ ଅତିଥିଙ୍କ ଗହଣରେ ଉଦ୍‌ଘାଟନ କରୁଛନ୍ତି।

### କଟକ ମହାନଗର ଶାନ୍ତି କମିଟିର କାର୍ଯ୍ୟକାରିଣୀ ବୈଠକ
## ଅକ୍ଟୋବର ୪ରୁ ଦୁର୍ଗାପୂଜା, ୯ରେ ଭସାଣି

**କଟକ ଅଫିସ, ୨୯।୭**

ଦରଘାବଜାର ସ୍ଥିତ ମହାନଗର ଶାନ୍ତି କମିଟିର ସ୍ଥାୟୀ କାର୍ଯ୍ୟାଳୟଠାରେ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଅକ୍ଟୋବର ୪ରୁ ମା' ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ଆରମ୍ଭ ହୋଇ ୯ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ଦୁର୍ଗାପୂଜା ଆୟୋଜନ କରୁଥିବା ଦରଖାପାଟଣା ପୂଜା କମିଟି ତରଫରୁ ସେପ୍ଟେମ୍ବର ୧ରେ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା ଆୟୋଜନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏଥିରେ ନିର୍ବାଚିତ ଲୋକପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ଓ ପୋଲିସ ପ୍ରଶାସନ ପଦାଧିକାରୀଙ୍କ ସମେତ ୧୬୫ଟି ମଣ୍ଡପର ସଭାପତି ଓ ସମ୍ପାଦକମାନଙ୍କୁ ନିମନ୍ତ୍ରଣ କରାଯିବ। ଏହି କାର୍ଯ୍ୟକାରିଣୀ ବୈଠକରେ କାର୍ଯ୍ୟାଳୟ ସମ୍ପାଦକ କେଦାର ବେହେରା, ଆଇନଜୀବୀ ବିଜୟ କୁମାର ଦାଶ, ପ୍ରଦୀପ କୁମାର ସିହ୍ନା, ଶିବେନ୍ଦ୍ର ହାତୀ, ଆଇନଜୀବୀ ତାପସ ପ୍ରହରାଜ, ଧର୍ମେଶ ନାୟକ, ରାଜକିଶୋର ନାୟକ, କେଦାରନାଥ ବେହେରା, ସର୍ବେଶ୍ୱର ବେହେରା, ପ୍ରଦୀପ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ବିବରଣୀ ପାଠ ଓ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗାନାରିଆ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

**କଟକ ସଦର,୨୯।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନି ଓ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ ୬୩ଟି ବ୍ୟକ୍ତିଗତ ଓ ୨୬ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଚାଉଳିଆଗଞ୍ଜ ବାଳିକା ବିଦ୍ୟାଳୟ ଗୃହ ନିର୍ମାଣରେ ବିଳମ୍ବ ଘଟୁଥିବାରୁ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ନ ମିଳିବା ସମ୍ପର୍କରେ ୨୫ଟି ଅଭିଯୋଗ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ତଥା ସାହିତ୍ୟିକ ସ୍ୱର୍ଗତଃ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ସମାରୋହ ପାଳନ ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଅନୁମତି ନ ମିଳିବା ସଂକ୍ରାନ୍ତରେ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତିତ ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ବ୍ଲକର ଶିତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରେ କରିବା ପାଇଁ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡାଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ପ୍ରସ୍ତାବକୁ ଜିଲାପାଳ ଗ୍ରହଣ କରିଥିଲେ। ଜନଶୁଣାଣି ସମ୍ପର୍କରେ ଗଣମାଧ୍ୟମ ଓ ସର୍ବସାଧାରଣଙ୍କୁ ଅବଗତ କରିବା ପାଇଁ ମଧ୍ୟ ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣିରେ କଟକ ସଦର ଓ କିଶନନଗର ତହସିଲଦାରଙ୍କ ଅନୁପସ୍ଥିତିକୁ ଅତିରିକ୍ତ ଜିଲାପାଳ ଆପତ୍ତି ଉଠାଇଥିଲେ। କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତର, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଏହି ଶିବିରରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।



କଟକ ଗଡ଼ଗଡ଼ିଆ ଘାଟ ମହାନଦୀ ତଟରୁ ରବିବାର ଜଳ ନେଇ ବିଭିନ୍ନ ଶୈବପୀଠକୁ ବୋଲବମ ଭକ୍ତମାନେ ଯାତ୍ରାକରିବା ପରେ ଆବର୍ଜନା ପଡିରହିଥିଲା। ସୋମବାର ଏହାକୁ ଜାତୀୟ ଯୁବ ପ୍ରକଳ୍ପ କଟକ ଶାଖାର ଯୁବତୀଯୁବକମାନେ ସଫା କରୁଛନ୍ତି।

**ଶ୍ରାବଣର ଦ୍ୱିତୀୟ ସୋମବାର**

## ଧବଳେଶ୍ୱର ପୀଠରେ ୪୦ ହଜାର ଭକ୍ତଙ୍କ ଜଳଲାଗି

**ଖୁଣ୍ଟୁଣୀ,୨୯।୭(ଡି.ଏନ୍.ଏ.)**

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ହୋଇଉଠିଛି ଆଠଗଡର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠ। ରବିବାର ରାତି ପ୍ରାୟ ୧ଟାରେ ମନ୍ଦିରର ଦ୍ୱାର ଖୋଲାଯାଇ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରୁ ଆସିଥିବା ୪୦ ହଜାର ବୋଲବମ ଭକ୍ତ ଠାକୁରଙ୍କୁ ଜଳଲାଗି କରିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ରବିବାର ରାତିରେ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଉକ୍ତ ପୀଠରେ ପହଞ୍ଚି ଭକ୍ତଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ଶୃଙ୍ଖଳାକୁ ଗୁରୁତ୍ୱ ଦେଇଥିଲେ। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଗୁରୁଡିଝାଟିଆ ଆଇଆଇସି ବିଜୟ କୁମାର ବିସିଙ୍କ ନେତୃତ୍ୱରେ ୨ ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏସ୍‌ଆଇ, ୩୦ ହୋମଗାର୍ଡଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ବୋଲି ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ କହିଛନ୍ତି। ଏମାନଙ୍କୁ ତଦାରଖ କରିବା ପାଇଁ ଆଠଗଡ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ଓ ଅତିରିକ୍ତ ଜିଲାପାଳ ଶିବାଶିଷ ପରିଡା ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଭକ୍ତଙ୍କ ପାଇଁ ପୀଠରେ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଏଥିସହ କଟକ ଓ ଅନ୍ୟ ସ୍ଥାନରୁ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉକ୍ତ ପୀଠ ନିକଟରେ ବୋଲବୋମ ଭକ୍ତଙ୍କୁ ସେବା ଯୋଗାଉଥିବା ଦେଖିବାକୁ ମିଳିଥିଲା।

## ଅଫିମ ଫଳ ଚାଲାଣ ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ

**କଟକ ଅଫିସ,୨୯।୭:** ଅଫିମଫଳ ଚାଲାଣ ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କୁ ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରାଜଜ୍ ୧ଲକ୍ଷ ଟଙ୍କା ଓ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ସୂଚନାଯୋଗ୍ୟ, ୨୦୧୭ ନଭେମ୍ବର ୨୨ରେ ଗାନ୍ଧୀପଲ୍ଲୀ ଅଞ୍ଚଳର ଅମରେଶ୍ୱର ଦାସ(୫୨) ୩ ବସ୍ତା ଅଫିମଫଳ ନେଇ ଯାଉଥିବାବେଳେ ଅବକାରୀ ବିଭାଗ ଚଢାଉ କରି କଟକ ରେଳଷ୍ଟେଶନ ନିକଟରୁ ତାଙ୍କୁ ଗିରଫ କରିଥିଲା। ମାମଲାର ବିଚାର କରି କୋର୍ଟ ସୋମବାର ଏହି ଦଣ୍ଡବିଧାନ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବେଣୁଧର ବସ୍ତିଆ ମାମଲା ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ସମିତି ତରଫରୁ ବିକ୍ଷୋଭ

**କଟକ ଅଫିସ,୨୯।୭**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣା ଲୋକଲୋଚନକୁ ଆସିବା ପରେ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରତ୍ନଭଣ୍ଡାରରୁ ଅଳଙ୍କାର ଚୋରି ହୋଇଥିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହାର ତଦନ୍ତ ପାଇଁ ସରକାରଙ୍କ ତହବିଲରୁ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରାଇବାରୁ ଉକ୍ତ ଅଳଙ୍କାର ଚୋରି ହୋଇଥିବା ନେଇ ସନ୍ଦେହ ଆହୁରି ଦୃଢୀଭୂତ ହୋଇଛି। ଏ ନେଇ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ସମିତି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଏବଂ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ରତ୍ନଭଣ୍ଡାର ଗୃହର ତାଲା ଭାଙ୍ଗି ସମସ୍ତ ଧନରତ୍ନ ଓ ସମ୍ପତ୍ତିର ବିଧିବଦ୍ଧ ଭାବେ ଚିଠା ପ୍ରସ୍ତୁତ କରି ସର୍ବସାଧାରଣରେ ପ୍ରକାଶ କରିବାକୁ ଦାବି କରାଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ଦାସ ଆଜାଦ ଓ ସମ୍ପାଦକ ଶିବାଶିଷ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସତ୍ୟପ୍ରିୟ କୁଅଁର, ମାନସ ସାମଲ, ବିଶ୍ୱନାଥ ସାହୁ, ସର୍ବଶ୍ରୀ ବେହେରା, ବିକାଶ ପ୍ରଧାନ, ସଞ୍ଜୟ ନାୟକ, ଅରକ୍ଷୀତ ନାୟକ, ମୋହନ ନାୟକ, ବାସନ୍ତୀ ହେମ୍ବ୍ରମ, ମାମି ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ହଳଦୀପଡ଼ିଆ ବସ୍ତି: ଭଙ୍ଗାଗଲା ୭ ବ୍ରାଉନସୁଗାର ବ୍ୟବସାୟୀଙ୍କ ଘର

**କଟକ ରୋଡ,୨୯।୭(ଡି.ଏନ୍.ଏ.)**

■ମଙ୍ଗଳବାର ଜାରି ରହିବ ଉଚ୍ଛେଦ
■ପଦକ୍ଷେପ ବିଳମ୍ବ ନେଇ ଅସନ୍ତୋଷ

ଲକ୍ଷ୍ମୀସାଗର ଥାନା ତଥା ଜୋନ-୪ ଏସିପିଙ୍କ କାର୍ଯ୍ୟାଳୟ ପଛପଟେ ଥିବା ହଳଦୀପଡ଼ିଆ ବସ୍ତିରେ ବେଧଡ଼କ ବ୍ରାଉନସୁଗାର ବ୍ୟବସାୟ ଚାଲିଛି। ଗତ ପ୍ରାୟ ୧୦ବର୍ଷ ହେବ ଏଭଳି ବେଆଇନ କାରବାର ଚାଲିଥିଲେ ମଧ୍ୟ କମିଶନରେଟ ପୋଲିସ ଏହାକୁ ବନ୍ଦ କରିପାରୁନି। ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସର ଚେତା ପଶିଛି। ହଳଦୀପଡ଼ିଆ ବସ୍ତିରୁ ବ୍ରାଉନସୁଗାର ବନ୍ଦ ହେବ ସେ ନେଇ କମିଶନରେଟ ପୋଲିସ ସୋମବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ(ବିଏମ୍‌ସି) ଓ ୫ପ୍ଲାଟୁନ ଫୋର୍ସ ସହାୟତାରେ ୭ଜଣ ବ୍ରାଉନସୁଗାର ବ୍ୟବସାୟୀ ସରିଫ ଖାନ, ଆୟସା ବିବି, ଦିଲୀପ ସିଂ, ତୁଳସୀ ଦାସ, ସଞ୍ଜୟ ମହାନ୍ତି, ଅଜୟ ପରିଡା, ପ୍ରଦୀପ ପ୍ରଧାନଙ୍କ ୬ଘର ଭଙ୍ଗା ଜାରି ରହିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ କମିଶନରେଟ ପୋଲିସ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ଏସିପି ଅନିଲ କୁମାର ମିଶ୍ର, ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ, ବଡ଼ଗଡ଼ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ, ବିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ରଙ୍କ ସହ ଯୁଗ୍ମ ଟିମ ହଳଦୀପଡିଆ ବସ୍ତିରେ ପହଞ୍ଚିଥିଲେ। ହଠାତ୍ ଜଣକ ପରେ ଜଣକ ଘର ଭଙ୍ଗାଯାଇଥିଲା। ସଙ୍କୀର୍ଣ୍ଣ ରାସ୍ତାରେ ଡ୍ରୋଜର ପଶି ନ ପାରିବାରୁ କେତେକ ଘର ଶ୍ରମିକଙ୍କ ମାଧ୍ୟମରେ ଭଙ୍ଗା ଯାଇଥିଲା।

ସୂଚନାଥାଉ କି, ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ନିଶା ବ୍ୟବସାୟୀଙ୍କୁ ସାବାଡ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀସାଗର ପୋଲିସ ପ୍ରାୟ ୯ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ଜେଲ ପଠାଇଛି। ଏମାନଙ୍କ ମଧ୍ୟରୁ ୬ଜଣଙ୍କୁ ତଡିପାର ପାଇଁ ପୋଲିସ ଯୋଜନା କରିଛି ବୋଲି ଜୋନ-୪ ଏସିପି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସୋମବାର ଦିନତମାମ ନିଶା ବ୍ୟବସାୟୀଙ୍କ ଘର ପୋଲିସ ଭାଙ୍ଗିବା ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଥିଲା। କେତେଜଣ ଏହାକୁ ସ୍ୱାଗତ ପଦକ୍ଷେପ କହୁଥିବା ବେଳେ ଆଉ କେତେଜଣ ଏହା ପୋଲିସର ବିଳମ୍ବିତ ପଦକ୍ଷେପ ବୋଲି କହିଥିଲେ। ଆରମ୍ଭରୁ ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ ହେବା ଯୋଗୁ ଏହି ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ ବଢିଥିଲା ବୋଲି ଲୋକେ ଅଭିଯୋଗ କରିଥିଲେ। ହଳଦୀପଡିଆ ବସ୍ତି ସଭାପତି ସେଖ ମଇଉଦ୍ଦିନ ଖାନ କୁହନ୍ତି, ଏଠାରେ ବ୍ରାଉନସୁଗାର ବ୍ୟବସାୟ ନ କରିବାକୁ କୁହାଯାଇଛି। ପୋଲିସ ଓ ରାଜନେତାଙ୍କୁ ଆଣି ଏଠାକାର ସମସ୍ୟା ଦେଖାଇଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା। କମିଶନରେଟ ପୋଲିସ ସୋମବାର ଯେଉଁ କାମ କଲା ତାହା ଆଗରୁ କରିବାର ଥିଲା। ବସ୍ତିର ରାମ ସିଂ କୁହନ୍ତି, କେବଳ ୭ ନୁହେଁ ଆହୁରି ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଠାରେ ବ୍ରାଉନସୁଗାର ବ୍ୟବସାୟ କରୁଛନ୍ତି। ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ପୋଲିସ ସୂଚନା ସଂଗ୍ରହ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ଆବଶ୍ୟକ। ହରିପଦ ମିସ୍ତ୍ରି କୁହନ୍ତି, ୨୦୧୪ ଜୁଲାଇ ୮ ରେ ଜଣେ ଯୁବକ ଏଠାରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବେଳେ ଜଣେ ବାସିନ୍ଦା ବିରୋଧ କରିବାରୁ ମାଡ଼ ଖାଇବାକୁ ପଡିଥିଲା। ଏନେଇ ଥାନାକୁ ଜଣାଇବା ପରେ ପୋଲିସ ଅଭିଯୁକ୍ତଙ୍କୁ ନ ଧରି ମାଡ଼ ଖାଇଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏନେଇ ଶତାଧିକ ବାସିନ୍ଦା ଥାନା ଘେରାଉ କରିବାରୁ ପୋଲିସ ୫ଜଣଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରି ଜେଲ ପଠାଇଥିଲା। ଏହା ପରେ ଏ ବାବଦରେ ଆଉ ମୁଣ୍ଡ ଖେଳାଇବା ଠିକ୍ ନୁହେଁ ବୋଲି କହିଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଏହି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଘର ଭଙ୍ଗା କାର୍ଯ୍ୟ ସରିବା ପରେ ଉକ୍ତ ୬ସ୍ଥାନରେ ସରକାରୀ ଜମି ବୋଲି ଦର୍ଶାଯାଇ ସୂଚନାଫଳକ ଲେଖାଯିବ ବୋଲି ଏନଫୋର୍ସମେଣ୍ଟ ଅଧିକାରୀ ପାତ୍ର କହିଛନ୍ତି। ଥାନା ଅଧିକାରୀ ନାୟକ କୁହନ୍ତି, ଭଙ୍ଗା ଯାଇଥିବା ଘରେ ରହୁଥିବା ସମସ୍ତ ନିଶାବ୍ୟବସାୟୀଙ୍କ ବିରୋଧରେ ଅଭ୍ୟାସଗତ ଅପରାଧ ୧୧୦ଦଫା ଲଗାଯାଇଛି। ସେମାନେ ଏବେ ଜେଲରେ ରହିଛନ୍ତି। ଆଗାମୀ ଦିନରେ ଅନ୍ୟ ବ୍ୟବସାୟୀଙ୍କ ତଥ୍ୟ ସଂଗ୍ରହ ଜାରି ରହିଛି। ସେମାନଙ୍କ ପାଇଁ ମଧ୍ୟ ଏଭଳି ପଦକ୍ଷେପ ନିଆଯିବ।



ବ୍ରାଉନସୁଗାର ବ୍ୟବସାୟୀଙ୍କ ଘର ଭଙ୍ଗାଯାଉଛି।

## ହରିଣ ମାଂସ, ଚମଡ଼ା ଜବତ
# ୭ ଶିକାରୀ ଗିରଫ

**ବନ୍ତଲା, ୨୯।୭ (ଡି.ଏନ.ଏ.):** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ରେଞ୍ଜ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୬ ମୁଣ୍ଡାବନ୍ଧ ନିକଟରେ ଏକ ହରିଣ ଶିକାର କରିବା ଅଭିଯୋଗରେ ବନ ବିଭାଗ ୭ ଜଣଙ୍କୁ ସୋମବାର ଅପରାହ୍ନରେ ଗିରଫ କରିଛି। ସେମାନେ ହେଲେ ଗୋପାଳପୁର ଗ୍ରାମର କ୍ଷେତ୍ରବାସୀ ନାଏକ(୪୫), ବ୍ରଜ ଅମାନ୍ତ(୩୭), ଦୁର୍ଯ୍ୟ ପଧାନ(୪୨), ନରୁ ବେହେରା(୪୯), କୁମୁଦୁନି ନାୟକ(୨୮), ବୁଧେଇ ନାୟକ(୩୦) ଓ ରଜନୀ ନାଏକ(୪୦)। ଓଆର ନଂ. ୪ ପିକେ–୨୦୧୯/୨୦ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୮ କେଜି ହରିଣ ମାଂସ ଓ ଚମଡ଼ା ସହ ଦୁଇଟି ଟାଙ୍ଗିଆ ଜବତ କରାଯାଇଥିବା ସାତକୋଶିଆ ଡିଏଫଓ ରାମାସ୍ୱାମୀ ପି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅଭିଯୁକ୍ତମାନେ କମ୍ପାର୍ଟମେଣ୍ଟ–୬ରେ କୁକୁର ସାହାଯ୍ୟରେ ଏକ ହରିଣକୁ ଚତୁଃପାର୍ଶ୍ୱରୁ ଘେରାଉ କରି ଶିକାର କରିଥିଲେ। ପରେ ମାଂସ ଭାଗ କରି ଘରକୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଖବରପାଇ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବେଣୁଧର ବେହେରା, ଗାର୍ଡ ଅନୁପମା ସାହୁ ଓ ପୁରୁଣାକୋଟ ଆଣ୍ଟିପୋଚିଂ ସ୍କ୍ୱାର୍ଡ ଚଢ଼ାଉ କରିଥିଲେ। ଜବତ ମାଂସକୁ ଡାକ୍ତର କିଶୋର କୁମାର ସାହୁ ବ୍ୟବଚ୍ଛେଦ କରିଛନ୍ତି।

## ମାଓବାଦୀ କ୍ୟାମ୍ପ ଉପରେ ପୋଲିସ ଚଢ଼ାଉ
# ୨ ମାଓବାଦୀ ନିହତ

**ମାଲକାନଗିରି, ୨୯।୭ (ସ୍ୱ.ପ୍ର.):** ଏବେ ମାଓବାଦୀଙ୍କ ଶହୀଦ ସପ୍ତାହ ଚାଲିଛି। ଏହି ଅବସରରେ ସେମାନେ ବିଭିନ୍ନ ସ୍ଥାନରେ ହିଂସା ଘଟାଇବାକୁ ଯୋଜନା କରୁଛନ୍ତି। ଏପରି ସ୍ଥଳେ ଛତିଶଗଡର ସୁକୁମା ଜିଲାରେ ୧୪ ଜଣ ଜନ ମିଲିସିଆ ସଦସ୍ୟ ଆତ୍ମସମର୍ପଣ କରିବା ଲାଲବାହିନୀ ପ୍ରତି ଶକ୍ତ ଧକ୍କା ହୋଇଛି। ପୋଲିସ ମଧ୍ୟ ସେମାନଙ୍କ ଯୋଜନାକୁ ସଫଳ ହେବାକୁ ଦେଉନି। ସୋମବାର ସୁକୁମା ଜିଲା କୋଣ୍ଟା ଥାନା ଅନ୍ତର୍ଗତ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଅସ୍ଥାୟୀ କ୍ୟାମ୍ପ ଉପରେ ଚଢ଼ାଉ କରି ପୋଲିସ ସେମାନଙ୍କ ଯୋଜନାକୁ ଭଣ୍ଡୁର କରିଦେଇଛି। ଏଥିରେ ଘଟଣା ସ୍ଥଳରେ ୨ ମାଓବାଦୀ ନିହତ ହୋଇଛନ୍ତି। ପରେ ସେଠାରୁ ଗ୍ରେନେଡ଼ ଲଞ୍ଚର ସହିତ ବିପୁଳ ପରିମାଣରେ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ପୋଲିସ ସୂଚନାଦାତାଙ୍କ ସୂଚନାକୁ ଆଧାର କରି ସୁକୁମା ଜିଲା ଡିଆରଜି ଯବାନଙ୍କ ଏକ ଟିମ୍ କୋଣ୍ଟାଥାନା ଅଧିକାରୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରିଥିଲେ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ସଲଭ ସିଂହ୍ନା କହିଛନ୍ତି।

---

**UNIVERSITY DEPARTMENT OF TEACHER EDUCATION**
**UTKAL UNIVERSITY**
**BHUBANESWAR-751007**

**CORRIGENDUM**

Advertisement for the recruitment of Teaching and Non-Teaching staffs for UDTE, Utkal University published on 27.07.2019 (Saturday).

- The eligibility criteria for Professor-cum-Principal are M.A. in Education / M.Ed. & Ph.D. alongwith experience. Retired persons upto 65 years of age can apply.
- The last date for submission of Biodata of different posts is **09.08.2019 within 5 P.M.**

Sd/-
Chairperson, P.G. Council

---

**नालको NALCO**
**National Aluminium Company Limited**
(A Government of India Enterprise)
Nalco Bhawan, Nayapalli,
Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING E-TENDER**

Digitally signed online bids for **Two Part, Open Tender** through Central Public Procurement e-procure Portal are invited on for the following Works.

1. **Ref. No. NBC/MM/LP/SYS/Windows Server/2019, Dtd : 17.07.2019,** Supply of Microsoft Windows Server.
2. **Ref. No. NBC/MM/LP/SYS/SQL Server/ 2019, Dtd : 17.07.2019,** Supply of Microsoft SQL Server.

**DGM (Materials)**

3. **RFP No. TNCC-022/2019,** Implementation of PCCM Maturity Level-2 with Certification.

**AGM (Elect.), T&C**

For details visit **www.eprocure.gov.in** or **www.nalcoindia.com**. Any Updates / Amendments / Extension / Corrigendum will only be hosted in above websites.

---

**idco** | **ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR
Tender Call Notice No. Civil/EST-05/2019-20/12961 Date: 26.07.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work :- Construction of Central Store for Medicines & Biological at ADRI, Phulnakhara, Cuttack.

| Procurement Officer | Bid Identification No. | Period of Completion | Value of Work (Approx). | Availability of Tender on-line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil-EST-05/2019-20 | 09 (Nine) Calendar Months | Rs. 1,89,13,000/- | 18.00 Hours of 02.08.19 | 17.00 Hours of 17.08.19 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil)
IDCO, Bhubaneswar

---

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**E-mail-smorayagada@gmail.com**
**L No.4380/Central Drug Store, Rayagada, Date:26.07.2019**

**CORRIGENDUM**

No.159-E :- In pursuance to this office Tender Call Notice No.4210 Dt.20.07.2019. For Supply of "Drugs & Medical Consumables. X-Ray Articles, Bedding & Clothing (BCL) items, RNTCP / Laboratory Chemicals, Reagents, Diagnostic Equipments / Instruments and Blood Bank Consumables for the year 2019-20 under 20% Medicine Unit and other Specified Fund" is hereby cancelled due to some unavoidable circumstances.

Sd./-
Chief District Medical &
Public Health Officer, Rayagada

10035/11/0005/1920

---

# INTEGRATED TRIBAL DEVELOPMENT AGENCY, PANPOSH

Tel. No.- 0661-2501011, Fax- 2501011, e-mail: itdapan@nic.in
No. 1032/ Date: 26.07.19

**e-Procurement Notice**
**Bid Identification No. ITDAPAN-01/2019-20**

**No. CAD-147:-** The Project Administrator, ITDA, Panposh on behalf of Governor of Odisha invites Percentage Rate bids in online mode for Construction of the work detailed below.

| | | |
|---|---|---|
| 1. | Number of works | 17 (Seventeen) |
| 2. | Nature of work | Civil Construction |
| 3. | Class of Contractor | B&C & D&C |
| 4. | Period of Completion | Varies 4 to 9 Calendar months |
| 5. | Estimated Cost | Varies from Rs. 8.00 lakhs to 40.00 lakhs |
| 6. | Date & time of online availability of details of this notice and the Tender Documents | 01.08.19 to 09.08.19 upto 5.00PM in the site www.tendersorissa.gov.in and in the office of the P.A. ITDA, Panposh (on working days) |
| 7. | Online Bid receipt | 09.08.19 upto 5.00PM |
| 8. | Last date, time & place of receipt of tender through Speed Post / Registered Post | The documents should be uploaded through online |
| 9. | Bid received online shall be opened (date) | 14.08.19 at 11.00AM in the office of the P.A., ITDA, Panposh |
| 10. | Designation and address of the authority inviting Bids | Project Administrator, ITDA, Panposh |

The bidders have to participate through online bidding only.

*Sd./- Project Administrator*
*ITDA, Panposh*

19056/11/0001/1920

---

**THE ODISHA MINING CORPORATION LIMITED** **OMC** **ODISHA NEW OPPORTUNITIES**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

CAD-148

**CORRIGENDUM**

The E-Auction Notice (05.08.2019 – 62[th] E-Auction) Sub Grade Iron Ore Fines as published on dtd.27.07.2019, the last sentence may be read as "The e-auction shall be held from 11.00 AM to 2.00 PM on 05.08.2019" instead of "The e-auction shall be held from 11.00 AM to 2.00 PM on 07.08.2019". All other information as published in regards to aforesaid e-auction notice shall remain unchanged.

30005/11/0034/1920 **C.G.M. (Min.)**

---

## OFFICE OF THE EXECUTIVE ENGINEER
## R.W. DIVISION, ANANDAPUR: SALAPADA, KEONJHAR

No.220-O e-Procurement Notice for Building works Identification No.
On line- 01/EERW/AND/2019-20, E-mail address – eerw_anandapur@yahoo.co.in
No. 2522 // DT 25.07.2019 //

1. Name of the work : Construction of GAD ,GHD, Sub centre, E and D type Quarter, PHC (N), Labour room and Boundary wall of NHM Building works for the year 2019-20 (OMBADC ) and construction of ACR for High school building for the year 2017-18 (RMSA)
2. Total No. of works : 29 (Twenty Nine) Nos (Percentage rate Tender)
3. Estimated cost : Approx. Estimate Cost from 4.45 Lakhs to 49.96 lakhs
4. Class of Contractor : 'D' Class, 'C' Class, 'B' Class & 'A' Class
5. Other Details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender- Office of the Executive Engineer, R.W. Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | On line 01/ EERW AND/ 2019-20 | 09.08.19 at 10.00 A.M. | 27.08.19 up to 5.30 P.M. | 26.08.2019 up to 5.30 P.M. | 29.08.2019 at 11.30 A.M. | The bidder shall transfer online the cost of bid and EMD as specified in Column No.- 4 & 6 in Annexure-I respectively through a process as mention in DTCN |

Further details can be seen from the website **www.tendersorissa.gov.in & www.tenders.ori.nic.in**

Sd./- Executive Engineer,
R.W. Division, Anandapur.

25055/11/0002/1920

---

**OHPC**
ODISHA HYDRO POWER CORPORATION LIMITED.
**BALIMELA HYDRO ELECTRIC PROJECT, POST- BALIMELA: DIST- MALKANGIRI (ODISHA), PIN-764 051. Phones : 06861-232581 (0) / 232641(R).FAX-06861-232541**
**E mail- <unit.head_balimela@yahoo.com>**
**NOTICE INVITING TENDER No.BHEP/DE-III/19/2019-20, DTD-20.07.2019**

No.CAD-146 :- Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl. No. | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | Construction of Three (03) Nos. of Car Shed and Compound Wall Near 3r-51 at Officers Colony of BHEP, Balimela | 7,26,984.00 | 7,300/- | 4000/-+GST @ 18%=4720/- | 90 days |

Date & Time of availability of bid document in the portal : From 11:00 hrs of 29.07.2019 to 13.08.2019 (up to 16:00hrs)
Last date & time of submission of tender : 13.08.2019 (up to 16:00hrs)
The date & time of opening of the bid : 11:30 hrs onwards of 16.08.2019 (Only Technical bid)

***Further details can be seen from the e-procurement portal https://tendersodisha.gov.in***

**04019/11/0024/1920** Sd./- UNIT HEAD BHEP, BALIMELA

---

## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ
## ଘୋଷଣା

**File No.-SPL-LAO-RLY-18/18-52** **Dated: 22.03.2019**

**I-25:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ନଖରା, ଥାନା–ଚୌଦ୍ୱାର, ତହସିଲ–ଟାଙ୍ଗି–ଚୌଦ୍ୱାର, ଜିଲ୍ଲା–କଟକରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ–ବୁଢ଼ାପଙ୍କ–ତାଳଚେର–ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (FRCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. Rly.-4/18-115 ତା.27.03.2018 ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–ନଖରା, ଥାନା– ଚୌଦ୍ୱାର, ଜିଲ୍ଲା–କଟକ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର–ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–ନଖରା, ଥାନା–ଚୌଦ୍ୱାର, ତହସିଲ– ଟାଙ୍ଗି–ଚୌଦ୍ୱାର, ଜିଲ୍ଲା–କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। (ପ୍ରଯୁଜ୍ୟ ନୁହେଁ)

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ–ବୁଢ଼ାପଙ୍କ–ତାଳଚେର–ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: .................. ତହସିଲ: ..............

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି। | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। (ପ୍ରଯୁଜ୍ୟ ନୁହେଁ)

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: .................. ତହସିଲ: ..............

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥର ସାଲଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ) ୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ନଖରା, ତହସିଲ: ଟାଙ୍ଗି-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ: ୭୧, ଜିଲ୍ଲା: କଟକ**
**ଏ.ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ ନଂ | ପ୍ଲଟ୍ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧ | ୫୮୯ | ୪୦୩ (ମାହାରାପାଖ) | ୦.୫୬୦ | ୦.୦୭୪ | ମାହାରାପାଖ | ପ୍ରଫୁଲ୍ଲ କୁମାର ନାୟକ, ପ୍ରମୋଦ କୁମାର ନାୟକ, ପି: ଭୋଳାନାଥ ନାୟକ, ଜା: ଖଣ୍ଡାୟତ, ବା: କୁଜିବର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ |
| ୨ | ୮୦୨ | ୪୦୯ | ୦.୧୯୦ | ୦.୦୧୪ | ମାହାରା (ପାଣିମାହାରା) | ଶ୍ରୀ ଗୋପୀନାଥ ଜୀଉ, ଶ୍ରୀ ଗୋବିନ୍ଦ ଜୀଉ, ଶ୍ରୀ କନକ ଦୁର୍ଗା, ବିଜେବଡ଼ଚାଞ୍ଚୋ, ମାର୍ଫତ୍–ସେବାୟତ, ଜାନକୀ ପାଣ୍ଡେ, ସ୍ୱା: କାହ୍ନୁ ପ୍ରସାଦ ପାଣ୍ଡେ, ଦୁର୍ଗା ପ୍ରସାଦ ପାଣ୍ଡେ, ପି: କୃଷ୍ଣ ପ୍ରସାଦ ପାଣ୍ଡେ, ଜା: କାର୍ନୁଜ୍ୟ ବ୍ରାହ୍ମଣ, ବା: ବଡ଼ଚାଞ୍ଚୋ |
| ୩ | ୭୬୨ | ୪୨୩ | ୦.୧୧୦ | ୦.୦୬୯ | ଘରବାରି | ଶାନ୍ତିଲତା ସାହୁ, ସ୍ୱା: ବ୍ରଜକିଶୋର ସାହୁ, ଜା: ତେଲୀ, ରାଣୀହାଟ, ଶଗଡ଼ିଆସାହି, ଥାନା: ମଙ୍ଗଳାବାଗ, ଜି: କଟକ |
| ୪ | ୨୫ | ୪୨୪ | ୦.୦୫୦ | ୦.୦୫୦ | ବାଜେଫସଲ ଦୁଇ | ଜାନକୀ ପାଣ୍ଡେ, ସ୍ୱା: କାହ୍ନୁ ପ୍ରସାଦ ପାଣ୍ଡେ, ଦୁର୍ଗା ପ୍ରସାଦ ପାଣ୍ଡେ, ପି: କୃଷ୍ଣ ପ୍ରସାଦ ପାଣ୍ଡେ, ଜା: କାର୍ନୁଜ୍ୟ ବ୍ରାହ୍ମଣ, ବା: ବଡ଼ଚାଞ୍ଚୋ, କିସ୍‌ମତ୍ ଟ.୦.ଆ୦ ଅଣା, ବା: ପରୀକ୍ଷିତ ମଲିକ, ହାଡିବନ୍ଧୁ ମଲିକ, ପି: ହରି ମଲିକ, ପ୍ରେମ ମଲିକ, ସ୍ୱା: ହରି ମଲିକ, ଜା: ପାଣ, ବା: ନିଜଗାଁ, କିସ୍‌ମତ ଟ୦.ଆ୦ ଅଣା ବା |
| ୫ | ୨୪ | ୪୨୫ | ୦.୦୨୦ | ୦.୦୨୦ | ଘରବାରି | ଜାନକୀ ପାଣ୍ଡେ, ସ୍ୱା: କାହ୍ନୁ ପ୍ରସାଦ ପାଣ୍ଡେ, ଦୁର୍ଗା ପ୍ରସାଦ ପାଣ୍ଡେ, ପି: କୃଷ୍ଣପ୍ରସାଦ ପାଣ୍ଡେ, ଜା: କାର୍ନୁଜ୍ୟ ବ୍ରାହ୍ମଣ, ବା: ବଡ଼ଚାଞ୍ଚୋ |
| ୬ | ୨୪ | ୪୨୬ | ୦.୨୮୦ | ୦.୧୦୨ | ଘରବାରି | |
| ୭ | ୫୧୫ | ୪୫୬ | ୦.୦୩୦ | ୦.୦୩୦ | ଘରବାରି | ବାବାଜି ସାହୁ, ପି: ଭଜନୀ ସାହୁ, ଜା: ଗୁଡିଆ, ବା: ଶାଳଗାଁ ସାମିଲ ଭୟରିପୁର |
| ୮ | ୫୪୯ | ୪୫୭ | ୦.୦୩୦ | ୦.୦୩୦ | ଘରବାରି | ବିଜୟ କୁମାର ସାହୁ, ପି: ହରେକୃଷ୍ଣ ସାହୁ, ଜା: ତେଲୀ, ବା: ଶାଳଗାଁ, ସାମିଲ ଭୟରପୁର |
| ୯ | ୭୬୫ | ୪୫୮ | ୦.୦୭୦ | ୦.୦୪୫ | ଘରବାରି | ହରେକୃଷ୍ଣ ସାହୁ, ପି: ଗନ୍ଧର୍ବ ସାହୁ, ଜା: ତେଲୀ, ଶାଳଗାଁ |
| ୧୦ | ୩୧୪ | ୪୬୦ | ୦.୧୦୦ | ୦.୧୦୦ | ଘରବାରି | ଦୁର୍ଯ୍ୟୋଧନ ଜେନା, ଯଦୁନାଥ ଜେନା, ପି: ହରି ଜେନା, ଜା: ଖଣ୍ଡାୟତ, ବା: ଭୟରପୁର |
| ୧୧ | ୭୧୭ | ୪୬୧ | ୦.୧୩୦ | ୦.୦୭୨ | ଘରବାରି | ଲଛମନ ଦେବତା, ପି: ଯୋଗେନ୍ଦ୍ର ଦେବତା ଓରଫ ଶ୍ରୀଧର ଦେବତା, ବା: ପଧାନିଆ |
| ୧୨ | ୨୨୮ | ୪୬୨ | ୦.୦୧୦ | ୦.୦୧୦ | ପତିତ | ଗୋପୀନାଥ ମହାପାତ୍ର, ପି: ପାଣ୍ଡୁ ମହାପାତ୍ର, ଜା: ତେଲୀ, ବା: ନିଜଗାଁ, ସାମିଲ ଭୟରପୁର |
| ୧୩ | ୨୮୦ | ୪୬୩ | ୦.୦୬୦ | ୦.୦୩୨ | ଘରବାରି | ସୁକାନ୍ତୀ ବେହେରା, ସ୍ୱା: ସୁଧାକର ବେହେରା, ଜା: ଖଣ୍ଡାୟତ, ବା: ପଧାନିଆ, ଥାନା: ଚୌଦ୍ୱାର, ଜି: କଟକ |
| ୧୪ | ୬୦୫ | ୪୬୪ | ୦.୦୫୦ | ୦.୦୫୦ | ଘରବାରି | ମଧୁ ଜେନା, ସାଧୁ ଜେନା, ପି: ଚୈତନ୍ୟ ଜେନା, ଜା: ଖଣ୍ଡାୟତ, ବା: ଶାଳଗାଁ |
| ୧୫ | ୪୨୮ | ୪୬୫ | ୦.୦୩୦ | ୦.୦୩୦ | ଘରବାରି | ରୀନା ପାଣିଗ୍ରାହୀ, ସ୍ୱା: ଦିଲ୍ଲୀପ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ପଧାନିଆ, ଥାନା: ଚୌଦ୍ୱାର, ଜିଲ୍ଲା: କଟକ |
| ୧୬ | ୩୩୪ | ୪୬୬ | ୦.୦୨୦ | ୦.୦୨୦ | ଘରବାରି | ଧୀରେନ୍ଦ୍ର କୁମାର ମହାନ୍ତି, ପି: ବାଜ ମହାନ୍ତି, ଜା: ଖଣ୍ଡାୟତ, ବା: ଗରୁଡଗାଁ |
| ୧୭ | ୫୫୨ | ୪୬୮ | ୦.୮୫୦ | ୦.୪୮୦ | ଘରବାରି | ବିନେଶ୍ୱର ରାୟ, ପି: ବିକାର ରାୟ, ଜା: ବ୍ରାହ୍ମଣ, ବା: ବିହାର ହାଲ ବାସସ୍ଥାନ– ଅଲାରପୁର, ସାମିଲ ପଣ୍ଡୁଆ |
| ମୋଟ | | | | ୧.୨୨୮ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅରବିନ୍ଦ ଅଗ୍ରୱାଲ
ଜିଲ୍ଲାପାଳ, କଟକ

24178/14/0012/1920

---

**idco** | **ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR
Tender Call Notice No. Civil/EST-06/2019-20/12934 Date: 26.07.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work :- Construction of New Administrative Building of Utkal Balashram at Balasore.

| Procurement Officer | Bid Identification No. | Period of Completion | Value of Work (Approx). | Availability of Tender on-line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil-EST-06/2019-20 | 06 (Six) Calendar Months | Rs. 53,25,255/- | 18.00 Hours of 01.08.19 | 17.00 Hours of 16.08.19 |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil)
IDCO, Bhubaneswar

---

**C.D.A**
# କଟକ ଉନ୍ନୟନ କର୍ତ୍ତୃପକ୍ଷ
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର – ୨ ରେ ପ୍ଲଟ ନଂ – C/137 (SBI Employees Housing Co.Operative Society) ଟିକୁ ମିହିର କୁମାର ମହାନ୍ତି, ପିତା – ୰ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସା – ସାମନ୍ତ ସାହି, ବଜ୍ରକବାଟି ରୋଡ୍, ପୋ – ବକ୍ସିବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ମିହିର କୁମାର ମହାନ୍ତିଙ୍କ ମୃତ୍ୟୁପରେ ତାଙ୍କର ପତ୍ନୀ ଶକୁନ୍ତଳା ମହାନ୍ତି, ସା – ସାମନ୍ତ ସାହି, ବଜ୍ରକବାଟି ରୋଡ୍, ପୋ – ବକ୍ସିବଜାର, ଥା – ପୁରୀଘାଟ, ଜିଲ୍ଲା – କଟକ ଉକ୍ତ ପ୍ଲଟଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**

---

# OFFICE OF THE JUDGE FAMILY COURT, RAYAGADA

**ADVERTISEMENT**

**Date: 29th day of July 2019**

Applications are invited for the Post of Counsellor for the Counselling Centre in the Family Court, Rayagada from desirous candidates having Master's Degree in Social Science (preferably in Sociology or Psychology) with minimum experience of three years in Family Counselling [See-Rule-5 and 6 of Family Courts (Orissa) Rules, 1990]. Applications along with necessary documents are to be submitted to the Judge, Family Court, Rayagada, At/Po- Rayagada, Dist-Rayagada by registered post or through the Drop Box provided in the Office of the Family Court, Rayagada latest by 31st August, 2019.

**For further details about the advertisement, please visit the following link.-** https://districts.ecourts.gov.in/india/odisha/rayagada/recruit

| | |
|---|---|
| Last date of receipt of Application | 31.08.2019 (5 P.M.) |
| Appointing Authority | HON'BLE HIGH COURT OF ORISSA, CUTTACK |

Sd./-
JUDGE, FAMILY COURT, RAYAGADA

---

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH

**TENDER CALL NOTICE**

**No. 3603 / C.S** **Dt. 29.07.2019**

**No.161-E:-** Sealed tenders are invited from registered firms/ dealers/ agencies for supply of Drugs, consumables, Laboratory reagent & BCL Items for Deogarh District for the year 2019-20 through Registered Post/ Speed Post. The last date of receiving the tender is **20.08.2019** upto 5 PM and the same will be opened on **21.08.2019** at 11 AM. The detailed tender paper with terms & conditions may be downloaded from district website www.deogarh.nic.in or collected from Central Store, of D.H.H., Deogarh in official working hour by depositing tender paper cost of Rs. 2000/- in shape of D.D. in favour of R.K.S., DHH, Deogarh payable at SBI, Deogarh which is non-refundable. The undersigned reserves the right to accept or reject any or all tenders without assigning any reason thereof.

**10113/11/0007/1920** **Sd./- CDM & PHO, Deogarh**

---

**T.E.&S.C.E.R.T**
# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
## ଓଡ଼ିଶା, ଭୁବନେଶ୍ୱର

## ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (NMMS) ଓ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା (NTS)

**No.26-n :-** ଆସନ୍ତା ୦୩।୧୧।୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ଓ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ୨୦୧୯–୨୦ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଚଳିତ ଶିକ୍ଷାବର୍ଷରେ ୨୦୧୯–୨୦ ଅଷ୍ଟମ ଶ୍ରେଣୀରେ ପଢୁଥିବା ଓ ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା **(NMMS)** ଏବଂ ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ମେଧାବୃତ୍ତି ପରୀକ୍ଷା **(NTS)** ନିମନ୍ତେ ଆବେଦନ କରିପାରିବେ।

ଏଥିପାଇଁ ଛାତ୍ରଛାତ୍ରୀମାନେ ତା.୦୧।୦୮।୨୦୧୯ରିଖଠାରୁ ଅନ୍‌ଲାଇନ୍ **(Online)** ଆବେଦନ କରିପାରିବେ। ବିଜ୍ଞାପନ ଓ ସବିଶେଷ ବିବରଣୀ **TE & SCERT** ୱେବ୍‌ସାଇଟ୍ **www.scertodisha.nic.in**ରେ ଉପଲବ୍ଧ ହୋଇଅଛି।

**ନିର୍ଦ୍ଦେଶକ**
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

27006/11/0005/1920



# ପ୍ରକୃତିର ବରଦାନ

ପ୍ରକୃତି ମା' ସ୍ତନରେ ଖଞ୍ଜିଦେଇଛି ଏକ ଅମୃତର ଉତ୍ସ। ଯାହାକି ଜନ୍ମ ହେବାପରେ ଶିଶୁ ବଞ୍ଚିବା ଲାଗି ସମସ୍ତ ଆବଶ୍ୟକ ଉପାଦାନ ସହ ଶିଶୁର ଶାରୀରିକ ତଥା ମାନସିକ ବିକାଶ ଲାଗି ସମସ୍ତ ପୋଷକତତ୍ତ୍ୱ ଶିଶୁ ଦେହରେ ପହଞ୍ଚାଇଥାଏ।

ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍ତମ। ଏ ସମ୍ପର୍କରେ ବିଶ୍ୱବ୍ୟାପୀ ପ୍ରସାର କରିବା ପାଇଁ ୧୯୯୧ ମସିହା ଫେବୃୟାରୀ ୧୪ରେ ୱାର୍ଲ୍ଡ ଆଲିଆନ୍ସ ଫର୍ ବ୍ରେଷ୍ଟ ଫିଡିଙ୍ଗ୍ ଆକ୍ସନ ପ୍ରତିଷ୍ଠା କରାଯାଇଥିଲା। ୧୯୯୨ ମସିହାରୁ ଅଗଷ୍ଟ ପ୍ରଥମ ସପ୍ତାହକୁ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇଥିଲା। ଜାତିସଂଘର ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଘଟନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଇଥିଲା। ସେବେଠୁ ପ୍ରତିବର୍ଷ ଏହି ସପ୍ତାହ ପାଳନ କରାଯାଉଛି ଏବଂ ସ୍ଲୋଗାନ ଘୋଷଣା କରାଯାଉଛି। ଆଉ ମାତ୍ର ଦିନକ ପରେ ଆରମ୍ଭ ହେବାକୁ ଯାଉଛି ସ୍ତନ୍ୟପାନ ସପ୍ତାହ। ଆଉ ଚଳିତ ବର୍ଷ ଏହାର ସ୍ଲୋଗାନ ହେଉଛି– 'ଏମ୍ପାୱାର ପ୍ୟାରେଣ୍ଟ୍ସ ଆଣ୍ଡ ଏନେବଲ୍ ବ୍ରେଷ୍ଟ ଫିଡିଙ୍ଗ୍' ।

## ମା' କର୍ମଜୀବୀ ହୋଇଥିଲେ...

ସାଧାରଣତଃ ଶିଶୁକୁ ଅତି କମ୍‌ରେ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ପରାମର୍ଶ ଦିଆଯାଏ। ହେଲେ ମା' କର୍ମଜୀବୀ ହୋଇଥିଲେ ତା'ଙ୍କୁ ପ୍ରସବର କିଛି ମାସ ମଧ୍ୟରେ କର୍ମକ୍ଷେତ୍ରରେ ଯୋଗଦେବାକୁ ପଡିଥାଏ। ଯେଉଁଥିପାଇଁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇବାରେ ଅବହେଳା ହୋଇଥାଏ। ଏଭଳି କ୍ଷେତ୍ରରେ ମା' ଡବାକ୍ଷୀର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ମା' କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ। ତେଣୁ କର୍ମଜୀବୀ ମହିଳା ଚାହିଁଲେ ଡବା କ୍ଷୀର ପରିବର୍ତ୍ତେ ନିଜ କ୍ଷୀର କାଢି(ଏକ୍ସପ୍ରେସ୍‌ଡ ମଦର୍ସ ମିଲ୍କ ବା ଇଏମ୍‌ଏମ୍) ଶିଶୁ ପାଇଁ ସାଇତି କରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇ ପାରିବେ। ସକାଳେ ଶିଶୁକୁ ଖୁଆଇ ସାରିବା ପରେ ହାତରେ ବା ହସ୍ତଚାଳିତ ବ୍ରେଷ୍ଟ ପମ୍ପ, ଇଲେକ୍ଟ୍ରି ବା ବ୍ୟାଟେରି ଚାଳିତ ବ୍ରେଷ୍ଟ ପମ୍ପ ସାହାଯ୍ୟରେ କ୍ଷୀର କାଢି ରଖିପାରିବେ। ଏହାକୁ ଫ୍ରିଜ୍‌ରେ ୭–୮ ଦିନ ପର୍ଯ୍ୟନ୍ତ ରଖି ମଧ୍ୟ ଶିଶୁକୁ ଖୁଆଇ ପାରିବେ। ଏପରି କି ଡିପ୍ ଫ୍ରିଜରରେ ଏକମାସ ପର୍ଯ୍ୟନ୍ତ ଷ୍ଟୋର କରିପାରିବେ। ତେବେ ଏଥିପାଇଁ ସଂକ୍ରମଣର ଆଶଙ୍କା ଥିବାରୁ ପ୍ରତିଦିନ ନିଜର ତଟକା କ୍ଷୀର କାଢି ଶିଶୁକୁ ଖୁଆଇବା ଭଲ। ଦିନକୁ ୭ରୁ ୮ ଥର କ୍ଷୀର କାଢିବା ଦ୍ୱାରା ସ୍ତନରେ କ୍ଷୀର କମିବା କିମ୍ବା ସ୍ତନ ଦରଜ ହେବା ଭଳି ସମସ୍ୟା ଦେଖାଦେଇ ନ ଥାଏ। ପ୍ରତିଥର କ୍ଷୀର କାଢିଲା ବେଳେ ତା' ପାଇଁ ସଫା କିମ୍ବା ଅଲଗା ପାତ୍ର ବ୍ୟବହାର କରିବା ନିରାପଦ। କ୍ଷୀର କଢ଼ା ହେବାର ୧ ଘଣ୍ଟା ମଧ୍ୟରେ ଫ୍ରିଜ୍‌ରେ ରଖି ଶିଶୁକୁ ଖୁଆଇ ପାରିବେ। ଯଦି ଶିଶୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଖାଇବ, ତେବେ ସଙ୍ଗେସଙ୍ଗେ ମା' କ୍ଷୀର ଫ୍ରିଜ୍‌ରେ ରଖିବେ କିମ୍ବା ଥଣ୍ଡା ପାଣି ପାତ୍ରରେ ରଖି ଘୋଡାଇ ଦେବେ। ଫ୍ରିଜ୍‌ରୁ କାଢିବା ପରେ କ୍ଷୀର ରୁମ୍ ଟେମ୍ପରେଚରକୁ ଆସିବା ପରେ ଶିଶୁକୁ ଖୁଆନ୍ତୁ ଏବଂ ସଂକ୍ରମଣ ନ ହେବା ଲାଗି ବଳକା କ୍ଷୀରକୁ ଫିଙ୍ଗି ଦିଅନ୍ତୁ।



## ମା'ର ଖାଦ୍ୟ

– ଡା.ନିତ୍ୟାନନ୍ଦ ସ୍ୱାଇଁ

ମା' କ୍ଷୀର ହେଉଛି ପ୍ରକୃତିର ଏକ ବିସ୍ମୟକର ବ୍ୟବସ୍ଥା। ଶିଶୁଟିଏ ଜନ୍ମ ହେବା ମାତ୍ରେ ତା'ର ଅଭିବୃଦ୍ଧି ନିମନ୍ତେ ମା' ସ୍ତନରୁ ଝରିଆସେ କ୍ଷୀର। ମା' କ୍ଷୀରରେ ବିଶେଷ କରି ପ୍ରଥମ କଷ କ୍ଷୀର ବା କୋଲେଷ୍ଟ୍ରମରେ ଭରି ରହିଥାଏ ଶିଶୁ ପାଇଁ ସମସ୍ତ ପୋଷକ ତତ୍ତ୍ୱ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି। ତେଣୁ ଜନ୍ମର ଅତି କମ୍‌ରେ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ସ୍ତନ୍ୟପାନ କରାଇବା ଆବଶ୍ୟକ। ମା' କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିୟମ୍, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି। ତେଣୁ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି। ଯାହାକୁ ଭରଣା କରିବା ଆବଶ୍ୟକ। ନଚେତ ମା'କୁ ଏସବୁ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଏପରି ନ ହେବା ଲାଗି ମା' ମଧ୍ୟ ଠିକ୍ ଭାବେ ଖାଇବା ଆବଶ୍ୟକ। ତେବେ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ କିମ୍ବା ଭିଟାମିନ୍ ଔଷଧ, ପ୍ରୋଟିନ୍ ପାଉଡର, ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ ଇତ୍ୟାଦି ଖାଇଲେ ମା' ଶାରୀରିକ ଆବଶ୍ୟକତା ଭରଣା କରିହେବା ସହ କ୍ଷୀର ଅଧିକ ହେବ। ସେହିପରି କେହି କେହି ସ୍ତନ୍ୟଦାତ୍ରୀ ମା' ଏହା ଖାଇବା ଠିକ୍ ନୁହେଁ। ଏହା ଖାଇଲେ ଶିଶୁର ଝାଡ଼ା ଓ ଦେହ ଖରାପ ହୋଇଥାଏ। ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ସୋସିଓ କଲ୍‌ଚରାଲ୍ ଆସ୍ପେକ୍ଟସ୍ ଅଫ୍ ଫୁଡ୍' ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାରକଗୁଡିକର ପ୍ରଭାବ କୁହାଯାଏ। ବାସ୍ତବରେ ଧନୀ ହୁଅନ୍ତୁ ଅବା ଗରିବ ସବୁ ମା'ଙ୍କ ସ୍ତନରୁ ଶିଶୁ ପାଇଁ ସମାନ ପରିମାଣର କ୍ଷୀର ଝରିଥାଏ। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଠିକ୍ ପରିମାଣରେ କ୍ଷୀର ହେବା ସହ ମା' ଶରୀର ସୁସ୍ଥ ରହିବା ଲାଗି ମା'କୁ ସବୁବେଳେ ପେଟ ପୂରା ଖାଇବା ଦରକାର ଏବଂ ଯାହାବି ପୂର୍ବରୁ ଖାଉଥିଲେ ତା'ଠାରୁ ଅଧିକ ପରିମାଣରେ ଖାଦ୍ୟ ଆବଶ୍ୟକ। ଅର୍ଥାତ୍ ଦୈନିକ ଭାତ ୬୦ ଗ୍ରାମ୍, ଡାଲି ୩୦ଗ୍ରାମ, କ୍ଷ 1 ର ୧୦୦ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ୍ ଏବଂ ଚିନି, ଗୁଡ଼ ୧୦ ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, କ୍ଷୀର, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭକରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ, ସୁସ୍ୱାଦୁ ଏବଂ ସୁପାଚ୍ୟ ହେବା ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଉଥିବା ଅଧିକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ। ଏହାବ୍ୟତୀତ କେବଳ କେତୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଇଁ ଠିକ୍ ନୁହେଁ।

*– ବରିଷ୍ଠ ପୁଷ୍ଟି ବିଜ୍ଞାନୀ*



## ସ୍ତନ୍ୟପାନ ବେଳେ ଅସୁବିଧା

ଡା. ପ୍ରଦୀପ କୁମାର ପାଣିଗ୍ରାହୀ

- ପ୍ରଥମେ ଶିଶୁ ଜନ୍ମ ପରେ କ୍ଷୀରର ପରିମାଣ କମ୍ ଥାଏ। ସାଧାରଣତଃ ତୃତୀୟ ଦିନ କ୍ଷୀର ସର୍ବାଧିକ ଝରିଥାଏ। ତେଣୁ ତା' ପର ଠାରୁ ସ୍ତନ ଟାଣ ହେବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। କେବଳ ଏତିକି ନୁହେଁ କେବେ କେବେ ଜ୍ୱର ମଧ୍ୟ ହୋଇଥାଏ। ତେଣୁ ମା'ମାନେ ବ୍ୟସ୍ତ ନ ହୋଇ ଶିଶୁକୁ ଯେତେ ପାରିବେ କ୍ଷୀର ପିଆଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଆବଶ୍ୟକ ସ୍ଥଳେ ମାନୁଆଲ୍ ଏକ୍ସପ୍ରେଶନ୍ ବା ହାତରେ ଚିପି କ୍ଷୀର ବାହାର କରିବାକୁ ପଡିଥାଏ।
- ଅନେକ ସ୍ତନ୍ୟଦାତ୍ରୀଙ୍କ ଠାରେ ସ୍ତନର ଅଗ୍ର ଭାଗ ବା ନିପ୍‌ଲରେ କ୍ରାକ୍ ହେବା ବା ଫାଟିବା ସମସ୍ୟା ଦେଖା ଦେଇଥାଏ। ଯାହାଫଳରେ ମା'ଙ୍କୁ ସ୍ତନପାନ କରାଇବା ସମୟରେ ଅତ୍ୟଧିକ ବ୍ୟଥା ହୋଇଥାଏ। ତେଣୁ ଏପରି ସମସ୍ୟା ଦେଖା ଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଅଏଣ୍ଟମେଣ୍ଟ ଲଗାଇବା ଆବଶ୍ୟକ। ଏହାଦ୍ୱାରା ନିପ୍‌ଲ ନରମ ହେବା ସହ ସ୍ତନ୍ୟପାନ ସମୟରେ କଷ୍ଟ କମ୍ ହୋଇଥାଏ। ହେଲେ ଏହି ଅଏଣ୍ଟମେଣ୍ଟ ବ୍ୟବହାର କରୁଥିଲେ ଶିଶୁକୁ ସ୍ତନ୍ୟପାନ କରାଇବା ପୂର୍ବରୁ ଭଲ ଭାବେ ନିପ୍‌ଲରୁ ଅଏଣ୍ଟମେଣ୍ଟ ପୋଛି ସଫା କରିବାକୁ ପଡିବ, ନଚେତ ତାହା ଶିଶୁର ପେଟକୁ ଚାଲିଯିବ। କ୍ରାକ୍ ନିପଲ୍ କଷ୍ଟର ଉପଶମ ପାଇଁ ନିପଲ୍ ଶିଲ୍ଡ ମଧ୍ୟ ବ୍ୟବହାର କରାଯାଇଥାଏ।
- ବେଳେ ବେଳେ ନିପଲ୍ ସ୍ତନ ବାହାରକୁ ନ ଥାଇ ଭିତରକୁ ପଶିଲା ଭଳି ରହିଥାଏ। ଯାହାକୁ ରିଟ୍ରାକ୍ଟେଡ୍ ନିପଲ୍ ବୋଲି କୁହାଯାଇଥାଏ। ଫଳରେ ମା' ଶିଶୁକୁ କ୍ଷୀର ଖୁଆଇ ପାରନ୍ତି ନାହିଁ ଓ କ୍ଷୀର ରହିବା ଯୋଗୁ ଅତ୍ୟଧିକ କଷ୍ଟ ହୋଇଥାଏ। ଏ କ୍ଷେତ୍ରରେ ତୁରନ୍ତ ସମାଧାନ କରିବାକୁ ପଡିଥାଏ। ଅର୍ଥାତ୍ ଡାକ୍ତରଖାନାରେ ସିରିଞ୍ଜି ମାଧ୍ୟମରେ ପ୍ରେସର ଦେଇ ନିପ୍‌ଲକୁ ବାହାରକୁ ଟଣା ଯାଇଥାଏ।
- ଶିଶୁ NICU ରେ ରହିବା କିମ୍ବା କୌଣସି କାରଣରୁ କ୍ଷୀର ନ ଖାଇବା ଦ୍ୱାରା ସ୍ତନରେ କ୍ଷୀର ଜମାଟ ବାନ୍ଧି ଖୁବ୍ ବ୍ୟଥା ହୋଇଥାଏ। ଏହା ପ୍ରଭାବରେ ଜ୍ୱର ହୋଇଥାଏ। କେବେ କେବେ କ୍ଷୀର ରହିଯାଇ ବଥ ହୋଇଯାଏ। ତେଣୁ କ୍ଷୀର ରହିଯାଇ ସ୍ତନ ଟାଣ ଲାଗିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଯଥା ସମୟରେ ବିଭିନ୍ନ ଉପାୟରେ କ୍ଷୀର କାଢିବାକୁ ପଡ଼ିଥାଏ। *–ସ୍ୱର୍ଶ ହସ୍ପିଟାଲ*

## ସ୍ତନ୍ୟପାନ ମା'କୁ ଦେଇଥାଏ ଅଖଣ୍ଡ ଲାବଣ୍ୟ

ଡା. ସରୋଜିନୀ ଷଡ଼ଙ୍ଗୀ



ମା' ସ୍ତନରୁ ଝରୁଥିବା କ୍ଷୀର ଶିଶୁ ପାଇଁ ଅମୃତର ଧାରା। ଯାହା ପ୍ରତିଷେଧକ ଟିକା ସଦୃଶ ଶିଶୁକୁ ସମସ୍ତ ରୋଗ ଓ ଜଟିଳତାରୁ ରକ୍ଷା କରିଥାଏ। ଏହା କେବଳ ଶିଶୁ ପାଇଁ ଉପକାରୀ ନୁହେଁ ବରଂ ଏହା ଦ୍ୱରା ମା' ମଧ୍ୟ ସୁସ୍ଥ ରହିବା ସହ ପାଲଟିଯାଏ ସୌନ୍ଦର୍ଯ୍ୟମୟୀ। ମାତୃତ୍ୱ ଲାଭ କରିବା ମାତ୍ରେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି ପଛରେ ରହିଛି ମା' ଦେହରେ ଝରୁଥିବା ହର୍‌ମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍‌ର କରାମତି। ତେବେ ଦୁଃଖର ବିଷୟ ଏବେ ବି ଅନେକ ଆଧୁନିକ ମା'ମାନେ ଏବଂ କର୍ମଜୀବୀ ମହିଳାମାନେ ସୌନ୍ଦର୍ଯ୍ୟ ହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଞ୍ଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯିବା ସହ ବକ୍ଷର ଚର୍ମ ମଧ୍ୟ କୁଞ୍ଚିତ ହୋଇଯିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଞ୍ଚିତ କରିଥାଏ। କିନ୍ତୁ ଏହି ଧାରଣା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା'ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା'ଦେହରୁ ଅଯଥା ଚର୍ବି ଅଂଶ ଓ ମୋଟାପଣିଆ (ଓବେସିଟି)କୁ କମାଇ ଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବାଦ୍ୱାରା ଜରାୟୁ ସଂକୁଚିତ ହୋଇଥାଏ, ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ୍ୟ କମ୍ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମାସିକ ଋତୁସ୍ରାବ ବିଳମ୍ବରେ ହୋଇଥାଏ (ଲାକ୍ଟେସନାଲ ଆମିନୋରିଆ) ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପ୍‌ସନ୍)।

ସ୍ତନ୍ୟପାନ ମଧ୍ୟ ମା'କୁ ଅନେକ ରୋଗରୁ ରକ୍ଷା କରିଥାଏ, ଯଥା ସ୍ତନକର୍କଟ (ବ୍ରେଷ୍ଟ କ୍ୟାନସର୍), ଡିମ୍ବକୋଷ କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ୍ କ୍ୟାନସର), ଜରାୟୁଗ୍ରୀବା କର୍କଟ ରୋଗ (ସର୍ଭାଇକାଲ କ୍ୟାନସର୍), ରିଉମାଟଏଡ୍ ଆର୍ଥ୍ରାଇଟିସ୍, ହାଡ଼ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରଲ୍ ଓ ଟ୍ରାଇଗ୍ଲିସରାଇଡ (ରକ୍ତରେ ଚର୍ବିଅଂଶ) କମ୍ ପରିମାଣରେ ଥାଏ, ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ଦିଆଯାଇଥାଏ, ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏ ସ୍ତନ୍ୟପାନ କରାଇଥିଲେ, ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ ଭାଗ ସ୍ତନକର୍କଟ ରୋଗ ହେବା ଆଶଙ୍କା କମିଯାଇଥାଏ। ୬ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ମେନୋପଜ୍ ଆଗରୁ ସ୍ତନକର୍କଟ ରୋଗ ହେବାର ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥିବା ବେଳେ ୭ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ମା'ର ସ୍ତନକର୍କଟ ରୋଗ ହେବାର ଆଶଙ୍କା ପ୍ରାୟ ରୁହେ ନାହିଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା' ଓ ଶିଶୁ ଭିତରେ ଏକ ସ୍ନେହର ବନ୍ଧନ ଗଢିଉଠେ। ଯାହା ଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେ କରିଥାଏ, ତା'ର ଶାରୀରିକ ଓ ମାନସିକ ବିକାଶ ଭଲ ହେବା ସହ ମା'କୁ ମଧ୍ୟ ଭାବନାତ୍ମକ ସନ୍ତୋଷ ମିଳିଥାଏ ଏବଂ ଆତ୍ମସନ୍ତୋଷର ଏକ ଅପୂର୍ବ ଆଭା ସାରା ଦେହରେ ଉଛୁଳିଉଠେ, ଯାହାକି ମା'ର ସୌନ୍ଦର୍ଯ୍ୟ ବୃଦ୍ଧି କରେ।

*– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ମୋ–୯୪୩୭୦୫୫୦୦୭*

## ଜାଣି ରଖନ୍ତୁ...

ମା' ଅତି ଦୁର୍ବଳ କିମ୍ବା କୁଷ୍ଠ, ଯକ୍ଷ୍ମା, ଏଚ୍‌ଆଇଭି ଏଡ୍‌ସ ଭଳି ରୋଗରେ ଆକ୍ରାନ୍ତ ହୋଇଥିଲେ ଶିଶୁକୁ କ୍ଷୀର ଖୁଆଇବା ଠାରୁ ଦୂରେଇ ରୁହନ୍ତୁ। କିନ୍ତୁ ମା' ଯଦି ଉକ୍ତ ରୋଗ ପାଇଁ ଔଷଧ ଖାଉଥାନ୍ତି ଏବଂ ରୋଗ ସଂକ୍ରାମକ ଅବସ୍ଥାରେ ନ ଥାଏ, ତେବେ ସେ ପିଲାକୁ କ୍ଷୀର ପିଆଇ ପାରିବ। ଏହା ବ୍ୟତୀତ ମା'କୁ ବାତ ମାରୁଥିଲେ ଏବଂ ସେ ଖାଉଥିବା ଔଷଧ ଯଦି ଶିଶୁ ପାଇଁ କ୍ଷତିକାରକ ହୋଇଥାଏ ତେବେ ସେ ସ୍ତନ୍ୟପାନ କରାଇବା ଅନୁଚିତ। ସେହିପରି ମା' ପାଗଳ ବା ମାନସିକ ରୋଗାକ୍ରାନ୍ତ ହୋଇଥିଲେ, ସ୍ତନର ଚୁଚୁକ ଫାଟି ଘା' ହୋଇଥିଲେ, ହାଡ଼ଫୁଟି, ବସନ୍ତ, ମିଳିମିଳା ଇତ୍ୟାଦି ଡିଆଁରୋଗ ହୋଇଥିଲେ ମଧ୍ୟ ପିଲାକୁ କ୍ଷୀର ଖୁଆଇବା ଉଚିତ ନୁହେଁ।



| Dollar | Sensex | Nifty | Gold | Silver |
|---|---|---|---|---|
| 68.75 (14) | 196.42 ↓ 37,686.37 | 92.15 ↓ 11,192.15 | ₹50 ↓ 35,720.00 | ₹100 ↓ 41,900.00 |



“ପର୍ଯ୍ୟଟନକୁ ଦୃଷ୍ଟିରେ ରଖି କୋଚି ଓ ଜେଡାହ ମଧ୍ୟରେ ଇଣ୍ଡିଗୋ ପକ୍ଷରୁ ଫ୍ଲାଇଟ୍ ଚଳାଚଳ ଘୋଷଣା କରାଯାଉଛି।
– ୱିଲିୟାମ ବଲ୍‌ଟର, ଇଣ୍ଡିଗୋ ଚିଫ୍ କମର୍ସିଆଲ ଅଫିସର



“ଡେକୋରେଟିଭ ପେଣ୍ଟ ସେଗ୍‌ମେଣ୍ଟରେ କାନସାଇ ନେରୋଲାକ୍‌ର ଭଲ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଛି। ତେବେ ଅଟୋ ସେଗ୍‌ମେଣ୍ଟରେ ମାନ୍ଦାବସ୍ଥା କମ୍ପାନୀ ପାଇଁ କ୍ଷତିକାରକ ହୋଇଛି।
– ଏଚ.ଏମ୍.ଭାରୁକା, ଏମ୍‌ଡି, କାନସାଇ ନେରୋଲାକ୍

## ସଂକ୍ଷେପରେ

### ସର୍ବଶ୍ରେଷ୍ଠ ସିଇଓ ତାଲିକାରେ ମିତ୍ତଲ, ମୁକେଶ

**ନୂଆଦିଲ୍ଲୀ,୨୯-୭:** ବିଶ୍ୱର ସର୍ବଶ୍ରେଷ୍ଠ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତାଲିକାରେ ଦେଶର ସବୁଠାରୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମୁଖ୍ୟ ମୁକେଶ ଅମ୍ବାନୀ, ଇଣ୍ଡିଆନ ଅଏଲ କର୍ପୋରେଶନର ଚେୟାରମ୍ୟାନ୍ ସଞ୍ଜୀବ ସିଂ ଓ ଓଏନ୍‌ଜିସି ପ୍ରମୁଖ ଶଶି ଶଙ୍କର ସାମିଲ ହୋଇଛନ୍ତି। ସିଇଓ ୱାର୍ଲ୍ଡ ମାଗାଜିନ୍ ପକ୍ଷରୁ ଚଳିତ ବର୍ଷ ଲାଗି ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ସିଇଓଙ୍କ ତାଲିକା ଜାରି କରାଯାଇଛି। ଏହି ତାଲିକାରେ ୧୦ ଭାରତୀୟ ସିଇଓ ସ୍ଥାନ ପାଇଛନ୍ତି। ଆର୍ସେଲର ମିତ୍ତଲ ଚେୟାରମ୍ୟାନ ତଥା ସିଇଓ ଲକ୍ଷ୍ମୀ ନିବାସ ମିତ୍ତଲ ତୃତୀୟ ସ୍ଥାନ ସହ ଭାରତୀୟଙ୍କ ମଧ୍ୟରେ ଉପରେ ରହିଛନ୍ତି। ତେବେ ତାଙ୍କ କମ୍ପାନୀକୁ ଲକ୍ସମବର୍ଗର କମ୍ପାନୀ ଭାବେ ଦର୍ଶାଯାଇଛି। ୧୨୧ ଜଣ ସିଇଓଙ୍କ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସିଏମ୍‌ଡି ମୁକେଶ ଅମ୍ବାନୀ ୪୯ତମ, ଆଇଓସି ମୁଖ୍ୟ ସିଂ ୬୯ତମ ଓ ଓଏନ୍‌ଜିସି ସିଏମ୍‌ଡି ଶଶି ଶଙ୍କର ୭୭ତମ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଭାରତୀୟ ସିଇଓମାନେ ହେଲେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର(୮୩ତମ), ଟାଟା ମୋଟର୍ସ ସିଇଓ ଗୁଏଣ୍ଟର ବଟଶେକ୍(୮୯ତମ), ବିପିସିଏଲ୍ ସିଏମ୍‌ଡି ଡି.ରାଜକୁମାର(୯୪ତମ), ରାଜେଶ ଏକ୍ସପୋର୍ଟ୍ସ କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ରାଜେଶ ମେହଟ୍ଟା(୯୯ତମ) ରହିଛନ୍ତି। ସେହିପରି ଟିସିଏସ୍ ସିଇଓ ରାଜେଶ ଗୋପୀନାଥନ ଓ ୱିପ୍ରୋ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀ ଜେଡ୍ ନିମଚୱାଲା ଯୁଗ୍ମ ଭାବେ ୧୧୮ତମ ସ୍ଥାନରେ ରହିଛନ୍ତି। ମାଗାଜିନ୍ ପକ୍ଷରୁ କୁହାଯାଇଛି ଯେ, ୱାଲମାର୍ଟ ସିଇଓ ଡଗଲସ୍ ମ୍ୟାକମିଲନ ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରୟାଲ ଡଚ୍ ସେଲ୍‌ର ବିଶ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ବେନ୍ ଭନ୍ ବୁଏଣ୍ଡର ରହିଛନ୍ତି।

### ରେପୋ ରେଟ୍ ହ୍ରାସର ସଙ୍କେତ ଦେଲେ ସୀତାରାମନ୍

**ନୂଆଦିଲ୍ଲୀ,୨୯-୭:** ଅଗଷ୍ଟ ପ୍ରଥମ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି ସମୀକ୍ଷା ବୈଠକ ବସିବାକୁ ଯାଉଛି। ଏହାପୂର୍ବରୁ ରେପୋ ରେଟ୍ ହ୍ରାସ ପାଇବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଙ୍କେତ ଦେଇଛନ୍ତି। ମିଡିଆ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ରେପୋ ରେଟ୍ ହ୍ରାସ ପାଉ ଏହା ତାଙ୍କର ଆନ୍ତରିକ ଇଚ୍ଛା। ଏହା ଦେଶ ପାଇଁ ନିଶ୍ଚିତ ଭାବେ ଶୁଭ ସଙ୍କେତ ହେବ। ସେ କହିଛନ୍ତି ଯେ, ଆର୍‌ବିଆଇ ରେପୋ ରେଟ୍ ହ୍ରାସ କରିବା ମାତ୍ରେ ବ୍ୟାଙ୍କଗୁଡ଼ିକ ଏହାର ଫାଇଦା ଗ୍ରାହକଙ୍କୁ ଦେବେ ବୋଲି ସମସ୍ତେ ଆଶାକରନ୍ତି। କାରଣ ଏହାଦ୍ୱାରା ଗୃହ ଋଣ, ଅଟୋ ଋଣ ତଥା ଅନ୍ୟ ସମସ୍ତ ପ୍ରକାର ଋଣ ଶସ୍ତା ହେବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ମୁଦ୍ରାନୀତି ସ୍ଥିର କରିବା ବେଳେ ଆର୍‌ବିଆଇ ଉଦାର ମନୋଭାବ ଆପଣାଇବ ବୋଲି ତାଙ୍କର ଆଶା। ଇତିମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ୦.୭୫% ରେପୋ ରେଟ୍ ହ୍ରାସ କରିସାରିଛନ୍ତି। ଆହୁରି କମାଇବାର ଆଶା ରହିଛି। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ ପୁଣି ଥରେ ସୁଧ ହାର ହ୍ରାସ କରିବା ଅପେକ୍ଷା ପୂର୍ବରୁ ହ୍ରାସ ପାଇଥିବା ସୁଧ ହାର ଯେପରି ଗ୍ରାହକଙ୍କ ନିକଟରେ ପହଞ୍ଚିବ ତାହା ଆର୍‌ବିଆଇ ଦେଖୁ। ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ରେପୋ ରେଟ ହ୍ରାସର ଫାଇଦା ଗ୍ରାହକଙ୍କୁ ଦେବା ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ କହିସାରିଛନ୍ତି।

### ଏସ୍‌ବିଆଇ ଜମା ସୁଧ ହାର ହ୍ରାସ




**ନୂଆଦିଲ୍ଲୀ,୨୯-୭:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଜମା ଉପରେ ସୁଧ ହାର ହ୍ରାସ ଘୋଷଣା କରିଛି। ସୋମବାର ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ ସ୍ୱଳ୍ପ ମିଆଦିର ୧୭୯ ଦିନ ପାଇଁ ସାବଧି ଜମା ଉପରେ ୫୦ରୁ ୭୫ ବେସିସ୍ ପଏଣ୍ଟ ବା ୦.୫ରୁ ୦.୭୫% ସୁଧ ହାର ହ୍ରାସ କରାଯାଇଛି। ବ୍ୟାଙ୍କ ଦୀର୍ଘମିଆଦି ରିଟେଲ ଟର୍ମ ଏବଂ ବଲ୍କ ଡିପୋଜିଟ୍ ସ୍କିମ୍‌ରେ ଦେଉଥିବା ସୁଧ ହାର ହ୍ରାସ କରିଛି। ଏସ୍‌ବିଆଇ ରିଟେଲ ଜମା ଉପରେ ସୁଧ ହାର ୦.୨୦% ଏବଂ ରିଟେଲ ବଲ୍କ ଜମା ଉପରେ ୦.୩୫% ସୁଧ ହାର ହ୍ରାସ କରିଛି। ଏସ୍‌ବିଆଇ ୱେବ୍‌ସାଇଟ ଅନୁଯାୟୀ ୨କୋଟି ଟଙ୍କାରୁ କମ୍ ରିଟେଲ ଡୋମେଷ୍ଟିକ୍ ଟର୍ମ ଡିପୋଜିଟ୍ ଉପରେ ୨-୩ ବର୍ଷର ଜମା ଯୋଜନାରେ ସୁଧ ହାରକୁ ୬.୭୫ପ୍ରତିଶତରୁ ୬.୭୦ ପ୍ରତିଶତକୁ ହ୍ରାସ କରାଯାଇଛି। ବରିଷ୍ଠ ନାଗରିକଙ୍କ ଲାଗି ସୁଧ ହାରକୁ ୭.୨୫ପ୍ରତିଶତରୁ ୭.୨୦ ପ୍ରତିଶତକୁ କମାଯାଇଛି। ଏଭଳି ଭାବେ ୩-୫ବର୍ଷର ଜମା ଯୋଜନା ଉପରେ ସୁଧ ହାର ୬.୭ରୁ ୬.୬୦କୁ ହ୍ରାସ କରାଯାଇଛି।

# ଓଭରଟାଇମ୍ ପାଇଁ ଆବଶ୍ୟକ ଲିଖିତ ଅନୁମତି

ନୂଆଦିଲ୍ଲୀ,୨୯-୭

**ପାର୍ଲାମେଣ୍ଟରେ ଆଗତ ହୋଇଛି ବିଲ୍**

- ଦୁଇଗୁଣା ମଜୁରି ପାଇବେ କର୍ମଚାରୀ
- ୫୩ରୁ ୫୬ ଘଣ୍ଟା ଓଭର ଟାଇମ ହେଉଛି
- ମାସରେ ସର୍ବାଧିକ ଓଭର ଟାଇମ ୧୨୫ ଘଣ୍ଟା ହେବ



ମୋଦି ସରକାରଙ୍କ ପ୍ରସ୍ତାବ ଲାଗୁ ହେଲେ ସମସ୍ତ କମ୍ପାନୀ ଓ ପ୍ରତିଷ୍ଠାନର କର୍ମଚାରୀଙ୍କ ଉପରେ ନିଯୁକ୍ତିଦାତା ଆଉ ହାକିମାତି ଦେଖାଇପାରିବେ ନାହିଁ। କାମ ଶେଷ ପାଇଁ ଓଭର ଟାଇମର ଆବଶ୍ୟକତା ହେଲେ ନିଯୁକ୍ତିଦାତାଙ୍କୁ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଏଥିପାଇଁ ଲିଖିତ ଅନୁମତି ନେବାକୁ ହେବ। ତାଙ୍କ ମଞ୍ଜୁରୀ ବିନା କମ୍ପାନୀ ତାଙ୍କୁ ଓଭର ଟାଇମରେ କାମ କରାଇପାରିବେ ନାହିଁ। କେବଳ ସେତିକି ନୁହେଁ ତାଙ୍କର ଓଭର ଟାଇମ ପାଇଁ ଦୁଇଗୁଣା ମଜୁରି ଦେବାକୁ ପଡ଼ିବ।

କର୍ମଚାରୀଙ୍କ କାର୍ଯ୍ୟାଳୟ,ପେସାଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟଦଶା ଉପରେ କୋଡ୍ ଅନ୍ ଅକୁପେଶନାଲ ସେଫ୍ଟି ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିଶନ ୨୦୧୯ ବିଲ୍‌କୁ କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଲୋକ ସଭାରେ ଉପସ୍ଥାପନ କରିଛନ୍ତି। ଏଥିରେ ବେସିକ ପେ, ମୁଦ୍ରାସ୍ଫୀତି ଭତ୍ତା ଓ ରିଟେନ୍ସନ ପେ’କୁ ସାମିଲ କରାଯାଇଛି। ବିଲ୍‌ରେ କୁହାଯାଇଛି ଯେ, ନିଯୁକ୍ତିଦାତା କମ୍ପାନୀ କୌଣସି କର୍ମଚାରୀଙ୍କୁ ବିନା ତାଙ୍କର ଲିଖିତ ଅନୁମୋଦନରେ ଓଭର ଟାଇମ କରାଇ ପାରିବେ ନାହିଁ। ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍(ଏନ୍‌ଏସ୍‌ଓ)ର ପିରିଓଡିକ୍ ଲେବର ଫୋର୍ସ ସର୍ଭେ ୨୦୧୭-୧୮ ମୁତାବକ, ଦେଶରେ ଅଧିକାଂଶ କର୍ମଚାରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କରୁଛନ୍ତି,ଯାହା କି ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଠାରୁ ଅଧିକ। ସର୍ଭେ ଅନୁଯାୟୀ, ବେତନଭୋଗୀ ଅଥବା ନିୟମିତ କର୍ମୀ ସପ୍ତାହରେ ୫୩ରୁ ୫୬ ଘଣ୍ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ସେହିପରି ସ୍ୱରୋଜଗାରରେ ନିୟୋଜିତ ବ୍ୟକ୍ତି ସପ୍ତାହରେ ୪୬ରୁ ୫୪ ଘଣ୍ଟା କାର୍ଯ୍ୟ କରୁଥିବା ବେଳେ କାଜୁଆଲ କର୍ମଚାରୀ ୪୩ରୁ ୪୮ ଘଣ୍ଟା କାମ କରୁଛନ୍ତି। ପୂର୍ବରୁ ଓଭର ଟାଇମ ଲାଗି କୌଣସି କର୍ମଚାରୀଙ୍କ ଠାରୁ ଅନୁମତି ନେବାକୁ ପଡୁ ନ ଥିଲା। ଏହା ଆପେ ଆପେ ମିଳିଛି ବୋଲି ଧରିନିଆଯାଉଥିଲା। ତେବେ ସରକାର ନୂଆ ବିଲ୍ ମାଧ୍ୟମରେ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଏଥିରେ କୁହାଯାଇଛି ଯେ, ମାସରେ ସର୍ବାଧିକ ଓଭରଟାଇମ ୧୦୦ ଘଣ୍ଟା ବଦଳରେ ୧୨୫ ଘଣ୍ଟା ହେବ। ଗତ ବର୍ଷ ଏଥିଲାଗି ଜନତାଙ୍କଠାରୁ ମତାମତ ଲୋଡାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଗୋଟିଏ ଦିନରେ ୧୦ ଘଣ୍ଟାରୁ ଅଧିକ କାମ କରାଯାଇପାରିବ ନାହିଁ। କିନ୍ତୁ ବର୍ତ୍ତମାନର ବିଲ୍‌ରେ ଏହାକୁ ସାମିଲ କରାଯାଇନାହିଁ। ବହୁ ବର୍ଷର ପରିଶ୍ରମ ପରେ ଅବଶେଷରେ କେନ୍ଦ୍ର ସରକାର ପୁନର୍ବାର ଶ୍ରମିକଙ୍କ ସ୍ୱାର୍ଥରକ୍ଷା ଲାଗି ସଂଗଠିତ ତଥା ଅସଂଗଠିତ ସେକ୍ଟରରେ ଶ୍ରମ ଆଇନ ସଂସ୍କାର ବିଲ୍ ୨୦୧୯ ଜରିଆରେ ସର୍ବନିମ୍ନ ମଜୁରି ବୃଦ୍ଧି ଲାଗି ନିଷ୍ପତ୍ତି ନେଇଛନ୍ତି। ଗତଥର ୨୦୧୭ରେ ସରକାର ଏଭଳି ପ୍ରୟାସ କରିଥିଲେ। ପରେ ଏହି ବିଲ୍‌ର ତର୍ଜମା ଲାଗି ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଯାଇଥିଲା। କିନ୍ତୁ ଏହାକୁ ପାର୍ଲାମେଣ୍ଟରେ ଅନୁମୋଦନ ମିଳି ନ ଥିଲା। ଏହି ବିଲ୍‌ରେ ଶ୍ରମିକଙ୍କ ବେତନ ସହ ଜଡ଼ିତ ବର୍ତ୍ତମାନର ୪ ଆଇନ ପେମେଣ୍ଟସ ଅଫ୍ ୱେଜେସ୍ ଆକ୍ଟ ୧୯୩୬, ମିନିମମ୍ ୱେଜେସ୍ ଆକ୍ଟ ୧୯୪୯, ପେମେଣ୍ଟ ଅଫ୍ ବୋନସ୍ ଆକ୍ଟ ୧୯୬୫ ଓ ଇକୁଆଲ ରେମୁନରେଶନ ଆକ୍ଟ ୧୯୭୬କୁ କୋଡ୍‌ରେ ସାମିଲ କରାଯାଇଛି। କୋଡ୍ ଅନ୍ ୱେଜେସ୍‌ରେ ସର୍ବନିମ୍ନ ମଜୁରିକୁ ପ୍ରତ୍ୟେକ ସ୍ଥାନରେ ସମାନ ଭାବେ ଲାଗୁ କରିବାକୁ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସାରା ଦେଶରେ ଶ୍ରମିକଙ୍କୁ ଏକ ସମାନ ବେତନ ମିଳିବା ସୁନିଶ୍ଚିତ ହୋଇପାରିବ।

## ମହିନ୍ଦ୍ରାର ନୂଆ ବୋଲେରୋ ‘କ୍ୟାମ୍ପର’




ଭୁବନେଶ୍ୱର,୨୯-୭(ବ୍ୟୁରୋ)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ପ୍ରିମିୟମ ପିକ୍‌ଅପ୍ ସେଗ୍‌ମେଣ୍ଟରେ ନୂଆ ବୋଲେରୋ କ୍ୟାମ୍ପର ଗୋଲ୍ଡ ଜେଡ୍‌ଏକ୍ସ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଭୁବନେଶ୍ୱରଠାରେ ଏହି ମଡେଲଟିକୁ କମ୍ପାନୀର ଏଏସ୍‌ଏମ୍ କୌଶଲ କିଶୋର, ଅନୁରାଗ ନିମେଶ ଉନ୍ମୋଚନ କରିଥିଲେ। ଏହା ଧଳା ଏବଂ ଜାଭା ବ୍ରାଉନ ରଙ୍ଗରେ ଉପଲବ୍ଧ। ସାରା ରାଜ୍ୟରେ ଥିବା କମ୍ପାନୀର ଡିଲରଶିପ୍‌ଗୁଡ଼ିକରୁ ଏହି ମଡେଲଟିକୁ ଗ୍ରାହକମାନେ ଲାଭ କରିପାରିବେ। ଏହାର ଏକ୍ସଶୋ’ରୁମ ବଜାର ଦର ୭,୮୪,୩୧୩ ଟଙ୍କା ରହିଛି। ଏହା ଏମଏସ୍‌ଏମ୍‌ଇ ଏବଂ କୃଷକଙ୍କ ପରିବହନ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଡେଲଟିରେ ଗ୍ରାହକମାନେ ଷ୍ଟାଇଲ,ପରଫରମାନ୍ସ, ଆରାମ ଏବଂ ନ୍ୟୁନ ପରିଚାଳନା ଖର୍ଚ୍ଚ ଲାଭ କରିପାରିବେ। ଏଥିରେ ପ୍ରିମିୟମ ଇଣ୍ଟେରିୟର, ନୂଆ ଇନ୍‌ଷ୍ଟ୍ରୁମେଣ୍ଟାଲ ପ୍ୟାନେଲ, ଷ୍ଟାଇଲ ବଡ଼ି ଗ୍ରାଫିକ୍ସ, ସେଣ୍ଟ୍ରାଲ ଲକିଂ, ପାୱାର ୱିଣ୍ଡୋ, ଫକ୍ସ ଲେଦରଶିଟ ରହିଛି।

## ଭି-ଗାର୍ଡର ନୂଆ ୱାଟର ହିଟର

ଭୁବନେଶ୍ୱର,୨୯-୭(ବ୍ୟୁରୋ)



ଭି-ଗାର୍ଡ ପକ୍ଷରୁ ନୂଆ ଷ୍ଟୋରେଜ ୱାଟର ହିଟର (ଆଇରିସ୍) ମଡେଲ ବଜାରକୁ ଆସିଛି। କମ୍ପାନୀର ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ, ଷ୍ଟେଟ ପ୍ରଡକ୍ଟ ଇନଚାର୍ଜ ଶରତ ସାହୁ ଏହି ପ୍ରଡକ୍ଟକୁ ଭୁବନେଶ୍ୱରଠାରେ ଉନ୍ମୋଚନ କରିଥିଲେ। ଏଠାରେ ଅନୁଷ୍ଠିତ ବିତରକ ସମ୍ମିଳନୀ ଅବସରରେ ମଡେଲଗୁଡ଼ିକୁ କମ୍ପାନୀ ବଜାରକୁ ଛାଡ଼ିଛି। ୧୦ ଏବଂ ୧୫ ଲିଟର ବର୍ଗରେ ଏହା ଉପଲବ୍ଧ। ଏଥିରେ ଗ୍ରାହକଙ୍କୁ ୭ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଥିବା ଶାଖା ପ୍ରବନ୍ଧକ ପ୍ରଧାନ କହିଛନ୍ତି। ପ୍ରଡକ୍ଟର ଗୁଣବତ୍ତା ଏବଂ ଫିଚର ଉପରେ ସେ ସୂଚନା ଦେଇଛନ୍ତି। ମଡେଲଗୁଡ଼ିକ ଓଡ଼ିଶା ବଜାରରେ ବହୁଳ ଭାବେ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଗତବର୍ଷ ତୁଳନାରେ ଉନ୍ନତ କାରବାର ହାସଲ ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ଗ୍ରାହକଙ୍କ ଚାହିଦା ଆଧାରରେ ନୂଆ ନୂଆ ପ୍ରଡକ୍ଟ ପ୍ରସ୍ତୁତ କରୁଥିବା ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ୪୦ ଚ୍ୟାନେଲ ପାର୍ଟନର ଉପସ୍ଥିତ ଥିଲେ।

# ଛଟେଇ ହେବେ ୩ଲକ୍ଷ ଅପାରଗ ରେଲୱେ କର୍ମଚାରୀ

ନୂଆଦିଲ୍ଲୀ,୨୯-୭




କାମରେ ଫାଙ୍କୁଥିବା ଅଥବା ଅପାରଗ ରେଲୱେ କର୍ମଚାରୀ ବିଦା ହେବେ। ଜୋନାଲ ଅଫିସ୍‌କୁ ଏଭଳି କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୫୫ବର୍ଷ ଟପିଯାଇଥିବା ଅଥବା ୨୦୨୦ ପ୍ରଥମ ତ୍ରୈମାସ ସୁଦ୍ଧା ରେଲୱେରେ ୩୦ ବର୍ଷ କାର୍ଯ୍ୟ କରିସାରିଥିବା ଏବଂ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା କରି ତାଲିକା ଦେବାକୁ ଜୋନାଲ ଅଫିସ୍‌ଗୁଡ଼ିକୁ କୁହାଯାଇଛି। କେନ୍ଦ୍ର ସରକାର ୨୦୨୦ ସୁଦ୍ଧା ଏହାର କର୍ମଚାରୀ ସଂଖ୍ୟାକୁ ୧୩ ଲକ୍ଷରୁ ୧୦ ଲକ୍ଷକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି।

ପ୍ରାପ୍ତସୂଚନାରୁପ୍ରକାଶ ଯେ, ରେଲୱେର ସମସ୍ତ ଜୋନାଲ ଅଫିସ୍‌କୁ ରେଲୱେ ବୋର୍ଡର ଏ ସଂକ୍ରାନ୍ତରେ ପତ୍ର ପଠାଯାଇଛି। ଜୋନାଲ ଅଫିସ୍ ନିଜର ସମସ୍ତ କର୍ମଚାରୀଙ୍କ ଏକ ସର୍ଭିସ ରେକର୍ଡ ପ୍ରସ୍ତୁତ କରିବେ। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ପ୍ରଦର୍ଶନ ତଥ୍ୟ ଯୋଡାଯିବ। ନିଯୁକ୍ତି ଦୃଷ୍ଟିରୁ ଉକ୍ତ ସର୍ତ୍ତ ପୂରଣ କରୁଥିବା କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ସର୍ତ୍ତ ମାନଦଣ୍ଡ ପୂରଣ କରୁଥିବା କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ ହେବ। ଏହାପରେ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରି ପଠାଯିବ। ପ୍ରଥମ ତ୍ରୈମାସ ଅର୍ଥାତ୍ ୨୦୨୦ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ସମୟକୁ ଧରାଯାଇଛି। ଅଗଷ୍ଟ ୯ ସୁଦ୍ଧା ଏହି ତାଲିକା ପଠାଇବାକୁ ଜୋନାଲ ଅଫିସ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏକ ନିଶ୍ଚିତ ସମୟାବଧିରେ ରେଲୱେରେ କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯାଇଥାଏ। ଠିକ୍ ଭାବେ କାମ କରୁ ନ ଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ଏବଂ ସମୟ ପୂର୍ବରୁ ଅବସର ନେବାକୁ ବାଧ କରାଯାଇଥାଏ। ଏନ୍‌ଡିଏ ସରକାର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ଅତ୍ୟନ୍ତ ଗମ୍ଭୀର ରହିଛନ୍ତି। ସୂଚନାଥାଉ କି, ନିକଟରେ ଲୋକ ସଭାରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍-ଏ ଏବଂ ଗ୍ରୁପ୍-ବିର ୧.୧୯ ଲକ୍ଷରୁ ଅଧିକ ଅଫିସରଙ୍କ ପ୍ରଦର୍ଶନର ସମୀକ୍ଷା କରାଯାଇଛି। ସମୟ ପୂର୍ବରୁ ଅବସର ଘୋଷଣା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ରେଲୱେ କର୍ମଚାରୀଙ୍କ ମାନସିକ ଓ ଶାରୀରିକ ଫିଟ୍‌ନେସ୍, ତାଙ୍କର ଆଟେଣ୍ଡାନ୍ସ ଓ ଶୃଙ୍ଖଳା ସମ୍ପର୍କରେ ତଥ୍ୟ ମଗାଯାଇଛି। ଏହାଛଡ଼ା ରେଲୱେର ସମ୍ପତ୍ତିକୁ ସେ କିଭଳି ଭାବେ ବ୍ୟବହାର କରନ୍ତି, ତାହା ମଧ୍ୟ ଜଣାଇବାକୁ ହେବ। ଏହାକୁ ଭିତ୍ତିକରି ସମ୍ପୃକ୍ତ କର୍ମଚାରୀଙ୍କ ମୂଲ୍ୟାଙ୍କନ କରାଯିବ।

**୫୫ବର୍ଷ ଟପିଥିବାଙ୍କ ପ୍ରଦର୍ଶନ ସମୀକ୍ଷା ନିର୍ଦ୍ଦେଶ**

## ଷ୍ଟକ୍ ମାର୍କେଟକୁ ଆସିବ ଏଲ୍‌ଆଇସି

ନୂଆଦିଲ୍ଲୀ,୨୯-୭

ମୋଦି ସରକାର ଦେଶର ସର୍ବବୃହତ୍ ଜୀବନ ବୀମା କମ୍ପାନୀ(ଏଲ୍‌ଆଇସି)କୁ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ଅଧିକ ମାତ୍ରାରେ ଅର୍ଥ ଯୋଗାଡ କରିବା ଲାଗି ସରକାର ବଦ୍ଧପରିକର। ଏହାର ଅଂଶ ସ୍ୱରୂପ ଏଲ୍‌ଆଇସିର ଆଇପିଓ(ଇନିସିଆଲ ପବ୍ଲିକ୍ ଅଫରିଂ) ଆସିବ। ଏହା ଆସିବା ପରେ ମାର୍କେଟ କ୍ୟାପିଟାଲାଇଜେଶନ ହିସାବରେ ଏହା ଟିସିଏସ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡକୁ ପଛରେ ପକାଇ ଦେଶର ସର୍ବବୃହତ ତାଲିକାଭୁକ୍ତ କମ୍ପାନୀ ହେବ।

ପ୍ରାପ୍ତ ସୂଚନାନୁଯାୟୀ, ଏହି ପ୍ରକ୍ରିୟା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସରକାରଙ୍କ ଉଚ୍ଚ ଅଧିକାରୀମାନେ ଏହାକୁ ନେଇ ବିଚାର ବିମର୍ଷ ଚଳାଇଛନ୍ତି। ତେବେ ଆଇପିଓ ଆଣିବା ପୂର୍ବରୁ ସରକାରଙ୍କୁ ଏଥିପାଇଁ ପାର୍ଲାମେଣ୍ଟର ଅନୁମୋଦନ ନେବାକୁ ହେବ। କାରଣ ଏଲ୍‌ଆଇସି ଆଇନ ୧୯୫୬ରେ ସଂଶୋଧନ ନ ହେବା ପର୍ଯ୍ୟନ୍ତ କମ୍ପାନୀର ଆଇପିଓ ବଜାରକୁ ଆସିପାରିବ ନାହିଁ। କମ୍ପାନୀ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୮,୪୩୬ କୋଟି ଟଙ୍କାର ଲାଭ କରିଛି। ମୋଟ ୩୧.୧୦ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି କମ୍ପାନୀ ପରିଚାଳନାରେ ରହିଛି। ୨୦୧୮-୧୯ରେ କମ୍ପାନୀ ଇକ୍ୟୁଟି ନିବେଶରୁ ୨୩,୬୨୧ କୋଟି ଟଙ୍କା ଲାଭ କରିଛି।

## ବାଇଜୁସ୍‌ର ରବୀନ୍ଦ୍ରନ ଦେଶର ନୂଆ କୋଟିପତି

ନୂଆଦିଲ୍ଲୀ,୨୯-୭

ଏକଦା ଟ୍ୟୁଶନ ପଢ଼ାଉଥିବା ବାଇଜୁ ରବୀନ୍ଦ୍ରନ ଆଜି ଭାରତର ନୂଆ କୋଟିପତି ଭାବେ ପରିଗଣିତ ହେଉଛନ୍ତି। ଗତ ୮ ବର୍ଷ ଭିତରେ ତାଙ୍କ କମ୍ପାନୀ ମୂଲ୍ୟ ପ୍ରାୟ ୩୯ ହଜାର କୋଟି ଟଙ୍କା( ୫.୭ ବିଲିୟନ ଡଲାର)ରେ ପହଞ୍ଚିଯାଇଛି। ଏଥିରେ ତାଙ୍କର ୨୧ ପ୍ରତିଶତ ଅଂଶଧନ ରହିଛି। ତାଙ୍କ କମ୍ପାନୀ ଥିଙ୍କ ଆଣ୍ଡ ଲର୍ନ ପ୍ରାଇଭେଟ ଲିମିଟେଡ ଚଳିତ ମାସରେ ୧୫୦ ମିଲିୟନ ଡଲାର ପାଣ୍ଠି ଯୋଗାଡ କରିଥିଲା। ଫଳରେ ରବୀନ୍ଦ୍ରନ କୋଟିପତି କ୍ଲବ୍‌ରେ ସାମିଲ ହୋଇଛନ୍ତି। କମ୍ପାନୀର ନୂଆ ବାଇଜୁସ୍ ଆପ୍ ୱାଲ୍ଟ ଡିଜ୍‌ନୀ ସହିତ ୨୦୨୦ ପର୍ଯ୍ୟନ୍ତ ଡିଲ୍ କରିଛି। ଟ୍ୟୁସନ ପଢ଼ାଇବା ସମୟରେ ରବୀନ୍ଦ୍ରନଙ୍କୁ ଆପ୍ ତିଆରି ଆଇଡିଆ ମିଳିଥିଲା। ଏହା ପଛରେ ତାଙ୍କର ପୂର୍ବତନ ଛାତ୍ରୀଛାତ୍ର ଥିଲେ, ଯେଉଁମାନଙ୍କୁ ସେ ଆରମ୍ଭରେ ପାଠ ପଢ଼ାଉଥିଲେ। ଆରମ୍ଭରେ ସେ ୮ ଜଣଙ୍କୁ ନେଇ ଏକ ଟିମ୍ ଗଠନ କରି ବାଇଜୁସ୍ ଆପ୍ ତିଆରିରେ ଲାଗିପଡ଼ିଥିଲେ। ଏସିଆର ସବୁଠାରୁ ମୂଲ୍ୟବାନ ଟେକ୍ କମ୍ପାନୀ ଟେନସେଣ୍ଟ ଗତ ବର୍ଷ ଜୁଲାଇରେ ବାଇଜୁସ୍‌ର ମୋଟ ସମ୍ପତ୍ତି ପରିମାଣ ୨୬ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରିଥିଲା। ବର୍ତ୍ତମାନ ଏହାର ମୂଲ୍ୟ ବହୁ ଅଧିକ ହେବ।

# ଜାଲ୍ କମ୍ପାନୀ ଜରିଆରେ ମାଲ୍ୟାଙ୍କୁ ପଠାଯାଉଛି ଟଙ୍କା

ନୂଆଦିଲ୍ଲୀ,୨୯-୭

**ସହଯୋଗୀଙ୍କ ଠିକଣାରେ ଚଢ଼ାଉ ବେଳେ ଦସ୍ତାବିଜ୍ ଜବତ**



ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ଘନିଷ୍ଠ ସହଯୋଗୀଙ୍କ ବେଙ୍ଗାଲୁରୁସ୍ଥିତ ବିଭିନ୍ନ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତ ସପ୍ତାହରେ ଚଢ଼ାଉ କରିଥିଲା। ସହଯୋଗୀ ବି.ଶଶିକାନ୍ତ ଜାଲ୍ କମ୍ପାନୀ ମାଧ୍ୟମରେ ମାଲ୍ୟାଙ୍କ ନିକଟକୁ ଟଙ୍କା ପଠାଉଥିବା ଏହି ଚଢ଼ାଉ ବେଳେ ଜଣାପଡିଛି। ଏ ସମ୍ପର୍କିତ କାଗଜପତ୍ର ଏବଂ ମାଲ୍ୟା-ଶଶିକାନ୍ତଙ୍କ ମଧ୍ୟରେ ଇ-ମେଲ୍, ହ୍ୱାଟ୍ସଆପ୍ ମାଧ୍ୟମରେ ହୋଇଥିବା ବାର୍ତ୍ତାଳାପକୁ ଇଡି ଜବତ କରିଛି। ସୋମବାର ଇଡିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ଚଢ଼ାଉ ପରେ ବ୍ୟାଙ୍କ ଋଣ ଠକେଇ ମାମଲାର ପରିସରକୁ ବଢ଼ାଯାଇଛି। ଶଶିକାନ୍ତ ଓ ତାଙ୍କ ପରିବାରଙ୍କ ବିରୋଧରେ ପଳାତକ ଆର୍ଥିକ ଅପରାଧୀ(ଏଫ୍‌ଇଓ) ଆଇନ ଅଧୀନରେ ଚଢ଼ାଉ କରାଯାଇଥିଲା। କେତେକ ସନ୍ଦେହଜନକ ନେଣଦେଣ ସମ୍ପର୍କରେ ଗୁପ୍ତ ସୂଚନା ଆଧାରରେ ଏହି ଚଢ଼ାଉ ହୋଇଥିଲା। ଶଶିକାନ୍ତ ମାଲ୍ୟାଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ୨୦୧୭ଫେବୃୟାରୀ ପର୍ଯ୍ୟନ୍ତ ସେ ମାଲ୍ୟାଙ୍କ କମ୍ପାନୀରେ କାର୍ଯ୍ୟ କରିଥିଲେ। ୯ ବର୍ଷ ଧରି ସେ ମାଲ୍ୟାଙ୍କ ବ୍ୟବସାୟିକ ସହଯୋଗୀ ଥିଲେ। ଶଶିକାନ୍ତ ୟୁନାଇଟେଡ ବ୍ରେଭରିଜ ହୋଲ୍ଡିଂ ଲିମିଟେଡ(ୟୁବିଏଚ୍‌ଏଲ୍) ନାମକ କମ୍ପାନୀର ଏମଡି ଥିଲେ। ଇ-ମେଲ୍, ହ୍ୱାଟ୍ସଆପ୍ କଥୋପକଥନରୁ ଏହା ସ୍ପଷ୍ଟ ହୋଇଛି ଯେ, ସେ ମାଲ୍ୟାଙ୍କ ସହ ନିରନ୍ତର ସମ୍ପର୍କରେ ଥିଲେ। ୟୁବିଏଚ୍‌ଏଲ ନିକଟରେ ୟୁନାଇଟେଡ ବ୍ରେଭରେଜ ଲିଃର ୧୦.୭୨ ପ୍ରତିଶତ ଶେୟାର ରହିଛି। ଏହି କମ୍ପାନୀ କିଙ୍ଗଫିଶର ବିୟର ଏବଂ ଜୋତା ରପ୍ତାନି କରିଥାଏ। ଯାଞ୍ଚରୁ ଜଣାପଡିଛି ଯେ, ଶଶିକାନ୍ତ ୟୁନାଇଟେଡ ବ୍ରାଣ୍ଡିଂ ୱାର୍ଲ୍ଡୱାଇଡ୍(ୟୁବିଡବ୍ଲ୍ୟୁ) ନାମରେ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଏଥିରେ ତାଙ୍କ ପତ୍ନୀ ଜୟନ୍ତୀ ଓ କନ୍ୟା ଅର୍ଚ୍ଚିତା ଅଂଶୀଦାର ରହିଛନ୍ତି। ୟୁବିଡବ୍ଲ୍ୟୁ କିଙ୍ଗଫିଶର ବ୍ରାଣ୍ଡ ବିୟର ଓ ଜୋତାର ରପ୍ତାନି ଅଧିକାର ୟୁବିଏଚ୍‌ଏଲ୍‌ଠାରୁ ନେଇସାରିଛି। କମ୍ପାନୀର ରପ୍ତାନି କାରବାର ବାର୍ଷିକ ୨୨୦ କୋଟି ଟଙ୍କାରେ ପହଞ୍ଚିଯାଇଛି। ଇଡି ଯାଞ୍ଚରୁ ଜଣାପଡିଛି ଯେ, ୟୁବିଡବ୍ଲ୍ୟୁର ୬୦ ପ୍ରତିଶତ ରପ୍ତାନି ଦୁବାଇର ଟେମୀ ଇଣ୍ଟରନ୍ୟାଶନାଲକୁ କରାଯାଏ। ଟେମୀ ଅନେକ ଦେଶରେ କିଙ୍ଗଫିଶର ବିୟର ରପ୍ତାନି କରିଥାଏ। ଶଶିକାନ୍ତଙ୍କ କନ୍ୟା ଦୁବାଇରେ ପଞ୍ଜୀକୃତ କମ୍ପାନୀର ଅଧିକାଂଶ ଶେୟାରଧାରୀ ରହିଛନ୍ତି। ମନେ କରାଯାଉଛି ଯେ, ଏହି କାରବାରରୁ ପ୍ରାପ୍ତ ଅଧିକାଂଶ ଅର୍ଥକୁ ଜାଲ୍ କମ୍ପାନୀ ମାଧ୍ୟମରେ ମାଲ୍ୟାଙ୍କ ନିକଟକୁ ପଠାଯାଉଛି। ଏହି ଅର୍ଥକୁ ମାଲ୍ୟା ନିଜର ତଥା ୨୦ରୁ ୨୫ କର୍ମଚାରୀଙ୍କ ଦରମା ପ୍ରଦାନରେ ଖର୍ଚ୍ଚ କରୁଛନ୍ତି ବୋଲି ଇଡି ସନ୍ଦେହ କରୁଛି। ଚଢ଼ାଉ ବେଳେ ଗୋଲ୍ଡ ରିଫ୍ ଇନ୍‌ଭେଷ୍ଟମେଣ୍ଟ ଲିଃ ଏବଂ ମ୍ୟାକ୍‌ଡୁଏଲ ହୋଲ୍ଡିଂସ ଲିଃ ଭଳି ଜାଲ୍ କମ୍ପାନୀ ସମ୍ପର୍କିତ କାଗଜପତ୍ର ଜବତ ହୋଇଛି।

### ଶୁକ୍ରବାର ସୁପ୍ରିମକୋର୍ଟରେ ସମ୍ପତ୍ତି ମାମଲାର ଶୁଣାଣି

ନିଜର ସମ୍ପତ୍ତି ବାଜ୍ୟାପ୍ତ କରିବା ଉପରେ ରହିତାଦେଶ ଜାରି କରିବା ଲକ୍ଷ୍ୟରେ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆଗତ ମାମଲାର ଶୁଣାଣି ଆସନ୍ତା ଶୁକ୍ରବାର ହେବ। ନିମ୍ନ ଅଦାଲତ ପକ୍ଷରୁ ତାଙ୍କର ଓ ତାଙ୍କ ପରିବାରର ସମ୍ପତ୍ତି ବାଜ୍ୟାପ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମାଲ୍ୟା ଅଭିଯୋଗ କରି ଏହାକୁ ରୋକିବାକୁ ସେ ନିଜ ଆବେଦନରେ ଦର୍ଶାଇଛନ୍ତି। ପୂର୍ବରୁ ବମ୍ବେ ହାଇକୋର୍ଟ ଏହା ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିଲେ।

## ଏନ୍‌ପିସିଆଇର ରୁପେ ଜେସିବି ଗ୍ଲୋବାଲ କାର୍ଡ ଶୁଭାରମ୍ଭ

ଭୁବନେଶ୍ୱର,୨୯-୭

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ), ଜେସିବି ଇଣ୍ଟରନ୍ୟାଶନାଲ ପକ୍ଷରୁ ଜେସିବି ଗ୍ଲୋବାଲ କାର୍ଡକୁ ଉନ୍ମୋଚନ କରାଯାଇଛି। ଭାରତୀୟ ବ୍ୟାଙ୍କଗୁଡିକ ସହ ମିଳିତ ହୋଇ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦେଶ ଭିତରେ ଏବଂ ବାହାରେ ପିଓଏସ୍ ଏବଂ ଏଟିଏମ୍‌ଗୁଡିକରେ ଏହା ବ୍ୟବହାର ହୋଇ ପାରିବ। ଏସ୍‌ବିଆଇ, ପିଏନ୍‌ବି, ଆକ୍ସିସ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ, ସିଟି ୟୁନିୟନ ବ୍ୟାଙ୍କ ପକ୍ଷରୁ ଏହି କାର୍ଡ ଜାରି କରାଯିବ। ଏହି ସହଯୋଗିତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଏନ୍‌ପିସିଆଇ ଏମ୍‌ଡି ତଥା ସିଇଓ ଦିଲ୍ଲୀପ ଆସ୍‌ବେ କହିଛନ୍ତି।

## ସଂକ୍ଷେପରେ

### ଧୋନୀଙ୍କୁ ସାଲ୍ୟୁଟ୍ କଲେ କୋଟ୍ରେଲ

**ନୂଆଦିଲ୍ଲୀ,୨୯।୭(ପିଟି):** ୱେଷ୍ଟଇଣ୍ଡିଜ ପେସର ଶେଲ୍ଡନ କ୍ରୋଟ୍ରେଲ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଏବେ ୧୦୬ ଟେରିଟୋରିଆଲ ଆର୍ମି ବାଟାଲିୟନରେ ସମ୍ମାନଜନକ ଲ୍ୟୁଟ୍‌ନାଣ୍ଟ କଲୋନେଲ ଭାବେ ଡ୍ୟୁଟି କରି ଦେଶ ପ୍ରତି ଥିବା ପ୍ରେମର ପରିଚୟ ଦେଇଛନ୍ତି। ନିକଟରେ ଇଂଲଣ୍ଡରେ ଶେଷ ହୋଇଥିବା ଆଇସିସି ବିଶ୍ୱକପ୍‌ରେ କୋଟ୍ରେଲ ଆର୍ମି ଷ୍ଟାଇଲରେ ସାଲ୍ୟୁଟ୍ କରି ଚର୍ଚ୍ଚାକୁ ଆସିଥିଲେ। ସେ ଟୁଇଟରରେ ଗତ ୨୦୧୮ ବର୍ଷର ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ଧୋନୀ ରାଷ୍ଟ୍ରପତିଙ୍କଠାରୁ ରାଷ୍ଟ୍ରପତି ଭବନରେ ପଦ୍ମଭୂଷଣ ପୁରସ୍କାର ଗ୍ରହଣ କରୁଛନ୍ତି, ଯାହାକି ଦେଶର ୩ୟ ବଡ଼ ସମ୍ମାନ। କ୍ରିକେଟ ଫିଲ୍ଡରେ ଧୋନୀ ଜଣେ ପ୍ରେରଣାର ସ୍ରୋତ। କିନ୍ତୁ ସେ ଜଣେ ଦେଶ ଭକ୍ତ ମଧ୍ୟ। ଦେଶ ପାଇଁ ନିଜ ଦାୟିତ୍ୱଠାରୁ ସେ ଅଧିକ କରୁଛନ୍ତି ବୋଲି ଟୁଇଟ୍ କରିଛନ୍ତି। ଲ୍ୟୁଟ୍‌ନାଣ୍ଟ କଲୋନେଲ ଧୋନୀ ଜଣେ ପାରାଟ୍ରୁପର ମଧ୍ୟ। ସେ ୫ ଥର ପାରାଚ୍ୟୁଟ ଜମ୍ପ ଟ୍ରେନିଂ ମଧ କରିଛନ୍ତି। ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରିଥିବା ଧୋନୀ ୧୦୬ ଟିଏ ବାଟାଲିୟନ ସହ ୩୧ ତାରିଖରେ ଯୋଗଦେବେ। ସେଠାରେ ୧୫ ତାରିଖ ପର୍ଯ୍ୟନ୍ତ କଶ୍ମୀର ଭାଲିଠାରେ ପାଟ୍ରୋଲିଂ ଓ ଗାର୍ଡ ଡ୍ୟୁଟି କରିବେ।

### ଷ୍ଟାର୍ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ବାଧ କଲା ପିସିବି

**କରାଚି, ୨୯।୭ (ପି.ଟି.):** ଟେଷ୍ଟରୁ ଅଚାନକ ଅବସର ଘୋଷଣା କରି କେବଳ ସୀମିତ ଓଭର କ୍ରିକେଟ୍ ଖେଳିବାକୁ ମନସ୍ଥ କରିଥିବା ମହମ୍ମଦ ଅମୀରଙ୍କ ଏହି ନିଷ୍ପତ୍ତି ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଖେଳାଳି ଚୟନରେ କିଛି ପରିବର୍ତ୍ତନ କରିଛି। ଏଣିକି ଦଳର ପ୍ରମୁଖ କ୍ରିକେଟର୍‌ମାନେ ଜାତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଘରୋଇ ପ୍ରତିଯୋଗିତା ଖେଳିବାକୁ ପିସିବି ବାଧତାମୂଳକ କରିଛି। ଅମୀର ଟେଷ୍ଟରୁ ଅବସର ନେବା ସହିତ ଲଣ୍ଡନରେ ସ୍ତ୍ରୀ ନାର୍ଜିସଙ୍କ ସହ ଅବସ୍ଥାପିତ କରିବାକୁ ସ୍ଥିର କରିଥିଲେ। ନାର୍ଜିସ ବ୍ରିଟିଶ ପାର୍ସପୋର୍ଟର ଅଧିକାରୀ ହୋଇଥିବାରୁ ଅମୀର ଏହି ନିଷ୍ପତ୍ତି ନେଇଥିଲେ। ତେବେ ପିସିବିର ଜୈନିକ ଅଧିକାରୀଙ୍କ ପକ୍ଷରୁ ଜଣାପଡ଼ିଛି ପାକିସ୍ତାନ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ହେଲେ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳିବା ବାଧତାମୂଳକ। ଉଦାହରଣ ଦେଇ ଏହି ଅଧିକାରୀ କହିଛନ୍ତି, 'ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇସାରିଥିବା ମହମ୍ମଦ ଅମୀର ଜାତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ତାଙ୍କୁ ଘରୋଇ ଦିନିକିଆ କପ୍ ଓ ଟି୨୦ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ପଡ଼ିବ। ସେହିଭଳି ଯେଉଁ କ୍ରିକେଟର୍‌ମାନେ ଟେଷ୍ଟ କ୍ରିକେଟ୍‌ରେ ସକ୍ରିୟ ରହିଛନ୍ତି ସେମାନେ ମଧ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ଖେଳିବାକୁ ବାଧ।

### ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୨୯।୭(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ କ୍ୟାରିୟରରେ ଆଉ ଏକ ସଫଳତାଲାଭ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୨ତମ ସର୍ଦ୍ଦାର ସାଜନ ସିଂ ସେଠୀ ମେମୋରିଆଲ ମାଷ୍ଟର୍ସ ମିଟ୍ ଶୁଟିଂର ୧୦ ମିଟର ଏୟାର ରାଇଫଲ ମହିଳା ବ୍ୟକ୍ତିଗତ ବିଭାଗରେ ସେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହା ଏକ ସମ୍ମାନଜନକ ଜାତୀୟ ସ୍ତରୀୟ ଶୁଟିଂ ପ୍ରତିଯୋଗିତା। ଏଥିରେ କେବଳ ଦେଶର ଶୀର୍ଷସ୍ଥାନୀୟ ଶୁଟରଙ୍କୁ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଥାଏ। ଶ୍ରୀୟଙ୍କାଙ୍କ ଇଭେଣ୍ଟରେ ଅଞ୍ଜୁମ ମୁଦଗିଲ ସ୍ୱର୍ଣ୍ଣ ଓ ମେହୁଲି ଘୋଷ ରୌପ୍ୟ ପଦକ ହାସଲ କରିଛନ୍ତି।



> କୁନିୟର ପୁରୁଷ ହକି ଦଳର କୋଚ ହେବା ଲାଗି ମୁଁ ଆଗ୍ରହୀ, ହେଲେ ମୋ ସର୍ତ୍ତାବଳୀରେ କୌଣସି ପ୍ରକାର ସାଲିସ କରିବି ନାହିଁ।
> —ହରେନ୍ଦ୍ର ସିଂ, ପୂର୍ବତନ ହକି କୋଚ୍



> ନ୍ୟୁ କ୍ୟାସେଲଠାରେ ଆର୍ସେଲର ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ମ୍ୟାଚ ବେଳକୁ ମୁଁ ଗୋଇଠି ଇଞ୍ଜୁରୀରୁ ମୁକ୍ତ ହୋଇସାରିଥିବି ବୋଲି ମୋର ଆଶା।
> —ଆଲେକ୍‌ଜାଣ୍ଡର ଲାକାଜେଟ୍, ଆର୍ସେନାଲ ଫୁଟ୍‌ବଲ ଟିମ୍ ଖେଳାଳି

# ୬ ସ୍ୱର୍ଣ୍ଣ ସହ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ



କମଳାକାନ୍ତ ନାୟକ



ଭି. ରମେଶ ରାଓ



ଅକ୍ଷୟ କୁମାର ସାହୁ



ରାଖାଲ କୁମାର ସେଠୀ

## ଜାତୀୟ ହୁଇଲଚେୟାର ଫେନ୍ସିଂ

**ଭୁବନେଶ୍ୱର,୨୯।୭ (କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୧୨ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପରେ ଓଡ଼ିଶା ୬ ସ୍ୱର୍ଣ୍ଣ ଓ ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ବ୍ୟକ୍ତିଗତ ବିଭାଗରେ ମାଳତୀ ପନାଉରେ ୨ଟି ସ୍ୱର୍ଣ୍ଣ ପାଇଥିବାବେଳେ ଭି. ରମେଶ ରାଓ ୧ ସ୍ୱର୍ଣ୍ଣ, ଶୀଳା ମନ୍ତ୍ରୀ ୧ ରୌପ୍ୟ, ୧ ବ୍ରୋଞ୍ଜ ଓ ପୂଜାସ୍ୱିନୀ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ବିଭାଗରେ ଓଡ଼ିଶା ୨ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ମହିଳା ଦଳଗତରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛି।

ପୁରୁଷ ଫଏଲ ବିଭାଗରେ ଦଳଗତ ସ୍ୱର୍ଣ୍ଣ ପଦକ ପାଇଥିବା ଓଡ଼ିଶା ଦଳର ସଦସ୍ୟମାନେ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ଅକ୍ଷୟ କୁମାର ସାହୁ ଓ କମଳକାନ୍ତ ନାୟକ। ସେହିପରି ସ୍ୱର୍ଣ୍ଣ ପାଇଥିବା ଇପି ଟିମ୍‌ର ସଦସ୍ୟ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ପ୍ରଭାକର ବେହେରା ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ। ମହିଳା ଟିମ୍ ଫଏଲରେ ମାଳତୀ ପନାଉରେ, ଶୀଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ ଓ ମଧୁମଞ୍ଜରୀ ଧଳ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ରୌପ୍ୟ ବିଜୟୀ ସାବ୍ରି ଦଳରେ ଥିଲେ ମାଳତୀ ପନାଉରେ, ଶୀଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ ଓ ଜୁଲି ସାହୁ। ମାଳତୀ ପନାଉରେ, ଶୀଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ ଓ ଲକ୍ଷ୍ମୀ ପାତ୍ର ଦଳଗତ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟ ସମସ୍ତ ରାଜ୍ୟ ତୁଳନାରେ ଓଡ଼ିଶାର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ୧ ମାସଧରି ଅଭ୍ୟାସ କରିବାର ଫଳ ମିଳିଛି ବୋଲି ଓଡ଼ିଶାର ଅଭିଜ୍ଞ ଖେଳାଳି ରାଖାଲ କୁମାର ସେଠୀ ପ୍ରକାଶ କରିଛନ୍ତି।

# ବ୍ୟାଟିଂ କୋଚ୍ ଦୌଡ଼ରେ ଆମ୍ରେ

**ମୁମ୍ବାଇ, ୨୯।୭ (ପି.ଟି.)**



ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ବର୍ତ୍ତମାନ ଆଇପିଏଲ୍ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପ୍ରତିଭା ସମ୍ପନ୍ନ ଖେଳାଳି ଖୋଜିବା ଦାୟିତ୍ୱରେ ଥିବା ପ୍ରବୀଣ ଆମ୍ରେ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟିଂ କୋଚ୍ ପାଇଁ ମନ ବଳାଇଛନ୍ତି। ୧୯୯୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳି ପ୍ରଶଂସକଙ୍କ ନିକଟରେ ସର୍ବଦା ସ୍ମରଣୀୟ ରହିଥିବା ଆମ୍ରେ ବ୍ୟାଟିଂ କୋଚ୍ ପଦ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ୫୦ ବର୍ଷୀୟ ଆମ୍ରେ ଜାତୀୟ ଦଳ ପକ୍ଷରୁ ୧୧ ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଗୋଟିଏ ଶତକ ଓ ୩ ଅର୍ଦ୍ଧଶତକ ସହ ୪୨୫ ରନ୍ କରିଥିଲେ। ସେହିଭଳି ୩୭ ଦିନିକିଆ ମ୍ୟାଚ୍‌ରୁ ତାଙ୍କ ନାମରେ ୫୧୩ ରନ ରହିଛି। ଜଣାଶୁଣା କ୍ରିକେଟ୍ କୋଚ୍ ରମାକାନ୍ତ ଆର୍ଚେକରଙ୍କ ଛାତ୍ର ରହିଥିବା ଆମ୍ରେ ମଧ ମୁମ୍ବାଇ ରଣଜୀ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ସାରିଛନ୍ତି। ମୁମ୍ବାଇର ଏହି ପୂର୍ବତନ କ୍ରିକେଟର୍ ବର୍ତ୍ତମାନ ଆମେରିକା କ୍ରିକେଟ୍ ଦଳର ବ୍ୟାଟିଂ ପରାମର୍ଶଦାତା ରହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ ମୁଖ୍ୟ କୋଚ୍ ସମେତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ପାଇଁ ଦରଖାସ୍ତ ଆହ୍ୱାନ କରିଥିଲା। ଆବେଦନ କରିବାର ଅନ୍ତିମ ତାରିଖ ଜୁଲାଇ ୩୦ ରହିଛି। ବର୍ତ୍ତମାନ ବ୍ୟାଟିଂ କୋଚ୍ ଦାୟିତ୍ୱରେ ରହିଥିବା ସଞ୍ଜୟ ବାଙ୍ଗରଙ୍କ କାର୍ଯ୍ୟକାଳ ବିଶ୍ୱକପ୍ ପରେ ସମାପ୍ତ ହୋଇଥିଲେ ମଧ ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତକୁ ନଜରରେ ରଖାଯାଇ ଏହାକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ରାଜ୍ୟସ୍ତରୀୟ ପୋଲିସ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଡିଆଇଜି ସତ୍ୟବ୍ରତ ଭୋଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୯।୭**

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡ଼ିଆର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୩ ଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍‌କୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ଏସ୍‌ପି କେ. ଶିବା. ସୁବ୍ରମଣି ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଚାମ୍ପିୟନ୍‌ଶିପରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୨୦ଟି ବ୍ୟାଡ୍‌ମିଣ୍ଟନ ଦଳ ଅଂଶଗ୍ରହଣ କରିଛନ୍ତି। ଏହା ସହିତ ଭେଟେରାନ୍ ସିଙ୍ଗଲ୍ସ ପ୍ରତିଯୋଗିତା ମଧ ସୋମବାରଠାରୁ ଆରମ୍ଭ ହୋଇଛି। ରିଜର୍ଭ ପୋଲିସ ଇନ୍‌ଡୋର ଷ୍ଟାଡିୟମରେ ଓପନ ସିଙ୍ଗଲ୍ସ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ରାଜେନ୍ଦ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭେଟେରାନ୍ ସିଙ୍ଗଲ୍ସ ଆରମ୍ଭ ହୋଇଛି।

## ଦିଲ୍ଲୀରେ ଶ୍ରୀନିବାସନଙ୍କ ଗୋଷ୍ଠୀର ବୈଠକ

**ନୂଆଦିଲ୍ଲୀ, ୨୯।୭ (ପି.ଟି.):** ବିସିସିଆଇର ପୂର୍ବତନ ସଭାପତି ଏନ. ଶ୍ରୀନିବାସନଙ୍କ ଅନୁଗତଙ୍କ ଏକ ବୈଠକ ବସିଥିଲା। ଏଥିରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ)ର କାର୍ଯ୍ୟଧାରା ନେଇ ବିଚାର ଆଲୋଚନା ହୋଇଥିଲା। ଶ୍ରୀନିବାସନ ଏଥିରେ ଭିଡିଓ କନଫରେନ୍ସ ଜରିଆରେ ଭାଗ ନେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ପ୍ରମୁଖ ସଦସ୍ୟମାନେ ହେଲେ ଜୟ ଶାହ (ଗୁଜରାଟ), ରାଜୀବ ଶୁକ୍ଲା (ଉତ୍ତର ପ୍ରଦେଶ), ନିରଞ୍ଜନ ଶାହ (ସୌରାଷ୍ଟ୍ର), ବ୍ରିଜେଶ ପଟେଲ (କେଏସସିଏ), ଜିଏସ୍ ୱାଲିଆ (ପଞ୍ଜାବ) ଏବଂ ଅଭିଷେକ ଡାଲମିଆ (ବେଙ୍ଗଲ)। କେତେଜଣ ସିନିୟର ସଦସ୍ୟ ବିସିସିଆଇରୁ ଅଲଗା ହୋଇ ସେମାନଙ୍କର ନିଜସ୍ୱ କ୍ରିକେଟ ବୋର୍ଡ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ।

## ପ୍ରୋ-କବାଡ଼ି ଲିଗ୍

### ପାଟନା ପାଇରେଟ୍ସର ରୋମାଞ୍ଚକ ବିଜୟ

**ମୁମ୍ବାଇ, ୨୯।୭ (ପି.ଟି.):** ପ୍ରୋ-କବାଡ଼ି ଲିଗ୍ ୭ମ ସଂସ୍କରଣର ଏକ ରୋମାଞ୍ଚକ ମ୍ୟାଚରେ ପାଟନା ପାଇରେଟ୍ସ ୨୪-୨୩ରେ ତାମିଲ ଥଲାଇଭାସକୁ ପରାସ୍ତ କରିଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରୋ-କବାଡ଼ି ଲିଗ୍‌ର ଦୁଇ ସଫଳ ରେଡର 'ଦି ଶୋ ମ୍ୟାନ' ରାହୁଲ ଚୌଧାରୀ ଏବଂ 'ରେକର୍ଡ ବ୍ରେକର' ପ୍ରଦୀପ ନରୱାଲଙ୍କ ଉପସ୍ଥିତି ଯୋଗୁ ଦୁଇ ଦଳ ମଧ୍ୟରେ ଲଢେଇ ଜୋରଦାର୍ ହେବ ବୋଲି ଆଶା କରାଯାଉଥିଲା। ପାଟନା ସୁପର ଟାକଲ ଜରିଆରେ ମ୍ୟାଚକୁ ନିଜ ସପକ୍ଷରେ ନେଇ ଆସିଥିଲା। ଜୟଦୀପ ୭ ଟାକଲ ପଏଣ୍ଟ ସ୍କୋର କରିଥିବାବେଳେ ଯୁବ ଖେଳାଳି ମୋନୁ ଦୃଢ ଅଲରାଉଣ୍ଡ ପ୍ରଦର୍ଶନ ସହ ତାଙ୍କୁ ସହାୟତା କରିଥିଲେ। ରାହୁଲ ଚୌଧାରୀ ୯୦୦ ରେଡ୍ ପୂରଣ ସହ ପ୍ରୋ କବାଡ଼ି ଲିଗ୍ ୭ରେ ଇତିହାସ ସୃଷ୍ଟି କରିଛନ୍ତି। ସେ ଟପ୍ ସ୍କୋରର ହେବା ସହ ତାମିଲ ଥଲାଭାସ ପାଇଁ ୫ ପଏଣ୍ଟ ଆଣି ଦେଇଛନ୍ତି। ସୋମବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୱାରିୟର୍ସ ପ୍ରଭାବୀ ପ୍ରଦର୍ଶନ ସହ ୪୩-୨୩ରେ ପୁନେରୀ ପଲଟନକୁ ହରାଇ ଦେଇଛି। ଦଳକୁ ଜିତାଇବାରେ ମନିନ୍ଦର ସିଂ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୧୪ ରେଡ୍ ପଏଣ୍ଟ ସ୍କୋର କରିଥିଲେ। ମହମ୍ମଦ ନବିବକ୍ସଙ୍କଠାରୁ ତାଙ୍କୁ ସମର୍ଥନ ମିଳିଥିଲା। ନବିବକ୍ସ ୮ ଗୁରୁତ୍ୱପୂର୍ଣ୍ଣ ରେଡ୍ ପଏଣ୍ଟ ସ୍କୋର କରିଥିଲେ।



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ତାମିଲ ଥଲାଇଭାସ ଓ ପାଟନା ପାଇରେଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

# ଡୁରାଣ୍ଡ କପ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

**କୋଲକାତା, ୨୯।୭ (ପି.ଟି.)**

୧୨୯ତମ ଡୁରାଣ୍ଡ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ପ୍ରତିଯୋଗିତାର ଗ୍ରୁପ୍ ଲିଗ୍ 'ଡି' ଲିଗ୍ ମ୍ୟାଚଗୁଡ଼ିକ ସୋମବାର ସିଲିଗୁଡ଼ିରୁ କୋଲକାତାକୁ ସ୍ଥାନାନ୍ତର କରାଯାଇଛି। ଏହାଛଡ଼ା ଅଗଷ୍ଟ ୨୧ରେ ସେମିଫାଇନାଲ ମ୍ୟାଚ ମଧ୍ୟରେ ସେଠାରେ ଖେଳାଯିବ। ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ହାୱଡ଼ା ଷ୍ଟାଡିୟମ ଗ୍ରୁପ୍ ଡି'ର ୫ଟି ମ୍ୟାଚ ଆୟୋଜନ କରିବାକୁ ଥିବାବେଳେ ଅନ୍ୟ ଏକ ମ୍ୟାଚ ସଂଶୋଧିତ ତାରିଖରେ ମୋହନବାଗାନ ଗ୍ରାଉଣ୍ଡରେ ଖେଳାଯିବ। ଗ୍ରୁପ୍ ଡି'ରେ ପୂର୍ବତନ ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ଚେନ୍ନାଇନ ଏଫ୍‌ସି, ଗୋକୁଲମ କେରଳ, ଟିଆରଏୟୁ ଏବଂ ଏୟାରଫୋର୍ସ ଆଦି ୪ଟି ଦଳ ଅଛନ୍ତି। ତେବେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୨ରେ ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ ୧୬ଥର ଚାମ୍ପିୟନ ମୋହନ ବାଗାନ ଏବଂ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ହେବ। ଡୁରାଣ୍ଡ କପ୍ ହେଉଛି ବିଶ୍ୱର ତୃତୀୟ ସର୍ବପୁରାତନ ଟୁର୍ଣ୍ଣାମେଣ୍ଟ। ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ସଲ୍ଟଲେକ୍ ଷ୍ଟାଡିୟମରେ ୧୦ଟି ମ୍ୟାଚ ଖେଳାଯିବ। ଦୁଇ ସେମିଫାଇନାଲ ଏବଂ ଫାଇନାଲ ବ୍ୟତୀତ ବର୍ତ୍ତମାନର ଆଇଏସ୍‌ଏଲ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଗ୍ରୁପ୍ ଏ'ରେ ଏହାର ସମସ୍ତ ୩ଟି ଯାକ ମ୍ୟାଚ ଖେଳିବ। ଟୁର୍ଣ୍ଣାମେଣ୍ଟର ଅନ୍ୟ ଭେନ୍ୟୁ ଗୁଡ଼ିକ ହେଲା ଇଷ୍ଟବେଙ୍ଗଲ ଗ୍ରାଉଣ୍ଡ, ମୋହନ ବାଗାନ ଗ୍ରାଉଣ୍ଡ ଏବଂ ଗ୍ରୁପ୍ 'ସି'ର ସମସ୍ତ ମ୍ୟାଚ ଆୟୋଜନ କରୁଥିବା କଲ୍ୟାଣୀ ଷ୍ଟାଡିୟମ। ଡୁରାଣ୍ଡ କପ୍ ପ୍ରଥମେ ୧୮୮୮ରେ ଆରମ୍ଭ ହୋଇଥିଲା। ବେଙ୍ଗଲରେ ଏହା ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି। ପ୍ରତିଯୋଗିତାରେ କୋଲକାତାର ୩ ହେଭିୱେଟ୍ ମୋହନବାଗାନ, ଇଷ୍ଟବେଙ୍ଗଲ ଓ ମହମ୍ମଡ଼ାନ ସ୍ପୋର୍ଟିଂ ସମେତ ମୋଟ ୧୬ଟି ଟିମ୍ ଅବତୀର୍ଣ୍ଣ ହୋଇଛନ୍ତି।

# ରାଜେନ୍ଦ୍ର ଚାମ୍ପିୟନ, ରାଜେଶ ରନର୍ସଅପ୍

**ଭୁବନେଶ୍ୱର, ୨୯।୭ (କ୍ରୀଡ଼ା ପ୍ରତିନିଧି)**

## ଉମେଶ ମେମୋରିଆଲ୍ ଚେସ୍

ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ୍ ଚେସ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ରାଜେନ୍ଦ୍ର କୁମାର ସାହୁ ୭ ପଏଣ୍ଟ ସହ ଚାମ୍ପିୟନ ହୋଇଥିବାବେଳେ ରାଜେଶ ନାୟକ ଓ ସୌମ୍ୟରଞ୍ଜନ ମିଶ୍ର ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ସାମଲ, ସଞ୍ଜୀବନ ନାୟକ, ବୀରକିଶୋର ବେହେରା, କମଳଲୋଚନ ପାଢ଼ୀ, ଦାଶରଥୀ ସାହୁ, ଲରେନ୍ସ ପ୍ରଧାନ ଓ ପ୍ରୟାଂଶ ଦାସ ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ୨୫ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇ ଥିବାବେଳେ ୧୦, ୧୨, ୧୪ ଓ ୧୬ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ମହିଳା ଓ ଭେଟେରାନ ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଗାୟିକା ଶୈଳବାଳା ମହାପାତ୍ର, ସମ୍ଭାବନାର ସମ୍ପାଦକ ଦେବପ୍ରିୟ, ଆୟୋଜକ ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ସବିତା ତ୍ରିପାଠୀ, ଉମେଶ ଚନ୍ଦ୍ର ମେମୋରିଆଲର ସଭାପତି ତରୁଣ ଶଙ୍କର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ନ୍ୟୁଜିଲାଣ୍ଡ ଟେଷ୍ଟ ଦଳରେ ୪ ସ୍ପିନର

**ୱେଲିଂଟନ, ୨୯।୭ (ଏଏଫ୍‌ପି)**

ଟେଷ୍ଟ ଚାମ୍ପିୟନଶିପ୍ ଅଂଶବିଶେଷ ସ୍ୱରୂପ ନ୍ୟୁଜିଲାଣ୍ଡ ଆସନ୍ତା ମାସରେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ୨ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ। ଏହି ଟେଷ୍ଟ ସିରିଜ ଲାଗି ସୋମବାର ୧୫ ଜଣିଆ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। କେନ୍ ୱିଲିୟମସନଙ୍କ ନେତୃତ୍ୱରେ ଏହି ଦଳରେ ଏସୀୟ ମହାଦେଶର କଣ୍ଡିଶନକୁ ନଜରରେ ରଖାଯାଇ ୪ ଜଣ ସ୍ପିନରଙ୍କୁ ସୁଯୋଗ ଦିଆଯାଇଛି। ଭାରତୀୟ ବଂଶୋଦ୍ଭବ ଅଜାଜ୍ ପଟେଲଙ୍କ ସମେତ ମିଚେଲ ସାଣ୍ଟନର, ଟଡ୍ ଆଷ୍ଟଲ ଓ ୱିଲ୍ ସମରଭିଲ୍ଲେ ବିଶ୍ୱକପ୍ ରନର୍ସଅପ୍ ନ୍ୟୁଜିଲାଣ୍ଡର ସ୍ପିନ ବିଭାଗ ସମ୍ଭାଳିବେ। ଶ୍ରୀଲଙ୍କା ଉଇକେଟ୍‌କୁ ନଜରରେ ରଖି କୋଚ୍ ଗ୍ୟାରୀ ଷ୍ଟେଡ୍ ସ୍ପିନରଙ୍କୁ ଗୁରୁତ୍ୱ ଦେଇଛନ୍ତି। 'ଶ୍ରୀଲଙ୍କା କଣ୍ଡିଶନରେ ୩ ସ୍ପିନରଙ୍କୁ ଖେଳାଇବା ଏକ ବିକଳ୍ପ ରହିଛି। ଏହି ବୋଲିଂ ଗ୍ରୁପ୍ ବିଭିନ୍ନତା ଓ ଦକ୍ଷତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାର ଆଶା ରହିଛି' ବୋଲି ଷ୍ଟେଡ୍ କହିଛନ୍ତି। ବହୁ ପ୍ରତୀକ୍ଷିତ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧ ଜୁନ୍ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ଆଇସିସି ଟେଷ୍ଟ ମାନ୍ୟତାପ୍ରାପ୍ତ ଶ୍ରେଷ୍ଠ ୯ ଦଳ ଅଂଶଗ୍ରହଣ କରିବେ। ଏହି ଅବଧି ମଧ୍ୟରେ ନ୍ୟୁଜିଲାଣ୍ଡ ୬ ଦେଶ ବିପକ୍ଷରେ ୧୪ ଟେଷ୍ଟ ଖେଳିବାର କାର୍ଯ୍ୟସୂଚୀ ରହିଛି। ବିଶ୍ୱକପ୍ ଫାଇନାଲରେ ମ୍ୟାଚ୍ ଓ ସୁପର୍ ଓଭର୍ ଟାଇ ରହିବା ପରେ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଥିଲେ ମଧ ନ୍ୟୁଜିଲାଣ୍ଡ ଦଳ ଏବେ ପୂରା ପ୍ରସ୍ତୁତ ଥିବା କୋଚ୍ ଷ୍ଟେଡ୍ କହିଛନ୍ତି। ଶ୍ରୀଲଙ୍କା ଗସ୍ତରେ ନ୍ୟୁଜିଲାଣ୍ଡ ୨ ଟେଷ୍ଟ ବ୍ୟତୀତ ୩ ଟି୨୦ ମ୍ୟାଚ୍ ଖେଳିବ। ଅଗଷ୍ଟ ୧୪ରୁ ଗାଲେରେ ପ୍ରଥମ ଟେଷ୍ଟ ଖେଳାଯିବ।

**ନ୍ୟୁଜିଲାଣ୍ଡ ଟେଷ୍ଟ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ଲଥାମ, ଜିତ୍ ରାଭାଲ, ରସ୍ ଟେଲର, ହେନରୀ ନିକୋଲାସ, ବିଜେ ୱାଟ୍‌ଲିଙ୍ଗ୍, ଟମ୍ ବ୍ଲଣ୍ଡେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ମିଚେଲ୍ ସାଣ୍ଟନର, ଟଡ୍ଡ ଆଷ୍ଟଲ, ଟିମ୍ ସୌଦୀ, ୱିଲ ସମରଭିଲ୍ଲେ, ନେଲ୍ ୱାଗ୍ନର, ଅଜାଜ୍ ପଟେଲ ଓ ଟ୍ରେଣ୍ଟ ବୋଲ୍ଟ।



"ଟିମ୍ ପେନ୍ ଅଧିନାୟକ ହେବାପରେ ମଧ୍ୟ ଅଷ୍ଟ୍ରେଲିଆର ମ୍ୟାଚ ଜିତିବାର କ୍ଷୁଧା ଉପରେ କୌଣସି ପ୍ରଭାବ ପକାଇ ନାହିଁ ।
–ପ୍ୟାଟ କୁମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର



"ଗୁରୁବାର ଏଜ୍‌ବାଷ୍ଟନଠାରେ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜରେ ଇଂଲଣ୍ଡ ବୋଲର ଜେମ୍ସ ଆଣ୍ଡରସନ ମୁଖ୍ୟ ଭୂମିକା ଗ୍ରହଣ କରିବେ ।
–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲୀୟ ପେସ୍ ବୋଲର

# ୫ ଦିନିଆ କ୍ରିକେଟ ରୋମାଞ୍ଚକ ହେବ: କୋହଲି

**ମୁମ୍ବାଇ, ୨୯।୭(ପି.ଟି.)**

ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଅଗଷ୍ଟ ୧ରୁ ଆରମ୍ଭ ହେବାକୁ ଯାଉଛି। ଏହା ୫ ଦିନିଆ କ୍ରିକେଟରେ ରୋମାଞ୍ଚ ଭରିବ ବୋଲି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ସୋମବାର ପ୍ରକାଶ କରିଛନ୍ତି। ଡବ୍ଲ୍ୟୁଟିସିର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ

**ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ଆଦି ୯ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଆଗାମୀ ୨ ବର୍ଷରେ ୨୭ଟି ସିରିଜରେ ମୋଟ ୭୧ଟି ଟେଷ୍ଟ ମ୍ୟାଚ ଖେଳାଯିବ। ଶେଷରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୨୦୨୧ ଜୁନ୍‌ରେ ଇଂଲଣ୍ଡରେ ଫାଇନାଲ ଅନୁଷ୍ଠିତ ହେବ।

"ଆମେ ଅତ୍ୟନ୍ତ ଆଗ୍ରହର ସହ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌କୁ ଅପେକ୍ଷା କରିଥିଲୁ। ଏହା କ୍ରିକେଟର ବଡ଼ ଫର୍ମାଟ ବିଶିଷ୍ଟ ଗେମ୍‌କୁ ଅଧିକ ସଂଘର୍ଷପୂର୍ଣ୍ଣ କରିବ। ଟେଷ୍ଟ କ୍ରିକେଟ ସର୍ବଦା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥାଏ। ଏଥିରେ ଭଲ ପ୍ରଦର୍ଶନ କଲେ ଆତ୍ମସନ୍ତୋଷ ମିଳିଥାଏ। କ୍ରିକେଟର ଏହି ଫର୍ମାଟରେ ଭାରତ ନିକଟ ଅତୀତରେ ଭଲ ପ୍ରଦର୍ଶନ କରି ଆସିଛି। ତେଣୁ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ନିଶ୍ଚିତ ସୁଯୋଗ ରହିବ" ବୋଲି କୋହଲି କହିଛନ୍ତି। ଏଥିରେ ପ୍ରତି ଦଳ



ଘରୋଇ ପରିବେଶରେ ଏବଂ ବାହାରେ ୩ଟି ଲେଖାଏ ସିରିଜ ଖେଳିବେ। ପ୍ରତି ଗେମ୍‌ରେ ପ୍ରଦର୍ଶନ ଭିତ୍ତିରେ ଦଳଗୁଡ଼ିକୁ ପଏଣ୍ଟ ମିଳିବ। ପ୍ରତି ସିରିଜ ପାଇଁ ୧୨୦ ପଏଣ୍ଟ ଲେଖାଏ ରହିବ। ସିରିଜରେ ମ୍ୟାଚ ସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ ପଏଣ୍ଟ ଭାଗ ହେବ। ଉଦାହରଣ ସ୍ୱରୂପ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ପ୍ରତି ମ୍ୟାଚ ପାଇଁ ୬୦ ପଏଣ୍ଟ ରହିବ। ୩ ମ୍ୟାଚ କ୍ଷେତ୍ରରେ ଏହା ୪୦ ପଏଣ୍ଟ ବିଶିଷ୍ଟ ହେବ। ମ୍ୟାଚ ଟାଇ ରହିଲେ ପଏଣ୍ଟର ୫୦ ପ୍ରତିଶତ ଉପଲବ୍ଧ ହେବ। ଅର୍ଥାତ୍ ଏହି ମ୍ୟାଚ ପାଇଁ ୪୦ ପଏଣ୍ଟ ଥିଲେ ଅଧା ଅର୍ଥାତ୍ ୨୦ ପଏଣ୍ଟ ଉଭୟ ଦଳ ମଧ୍ୟରେ ବଣ୍ଟା ହେବ। ଡ୍ର ରହିବା କ୍ଷେତ୍ରରେ ଦଳ ଗୁଡ଼ିକୁ ପ୍ରଦର୍ଶନ ଭିତ୍ତିରେ ୩:୧ ଅନୁପାତରେ ପଏଣ୍ଟ ମିଳିବ।

"କ୍ରିକେଟରେ ଟେଷ୍ଟ ଫର୍ମାଟ ହେଉଛି ସର୍ବଶ୍ରେଷ୍ଠ। କ୍ରିକେଟରେ ଏହା ଅତ୍ୟନ୍ତ ଜରୁରୀ ଏବଂ ଅଧିକାଂଶ କ୍ରିକେଟର ଏଥିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଚେଷ୍ଟା କରିଥାନ୍ତି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏହି କ୍ରୀଡ଼ା ପାଇଁ ଏକ ଚମତ୍କାର ପଦକ୍ଷେପ। ଏହାଦ୍ୱାରା ମ୍ୟାଚ ଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବ ଏବଂ ପ୍ରତି ଟେଷ୍ଟ ସିରିଜର ଗୁରୁତ୍ୱ ବଢ଼ିବ। ଏବେ ଟେଷ୍ଟ ମ୍ୟାଚକୁ ଅଧିକରୁ ଅଧିକ ଦର୍ଶକ ଦେଖିବାକୁ ପସନ୍ଦ କରିବେ" ବୋଲି ଇଂଲଣ୍ଡର ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ଜେମ୍ସ ଆଣ୍ଡରସନ କହିଛନ୍ତି। ପୂର୍ବଭଳି ସିରିଜ ଗୁଡ଼ିକ ଆଇସିସି ସଦସ୍ୟଭୁକ୍ତ ବୋର୍ଡ ଆୟୋଜନ କରିବେ ଏବଂ ଏହା ଦ୍ୱିପାକ୍ଷିକ ସିରିଜ ସଦୃଶ ହେବ। ମାତ୍ର ଏଥିରେ

**ପଏଣ୍ଟ ନିୟମ**

- ପ୍ରତି ସିରିଜ ପାଇଁ ୧୨୦ ପଏଣ୍ଟ
- ସିରିଜରେ ମ୍ୟାଚ ସଂଖ୍ୟାକୁ ଦୃଷ୍ଟିରେ ରଖି ପଏଣ୍ଟ ଭାଗ ହେବ
- ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ପ୍ରତି ମ୍ୟାଚ ପାଇଁ ୬୦ ପଏଣ୍ଟ
- ୩ ମ୍ୟାଚ କ୍ଷେତ୍ରରେ ଏହା ୪୦ ପଏଣ୍ଟ ବିଶିଷ୍ଟ ହେବ
- ମ୍ୟାଚ ଟାଇ ରହିଲେ ପଏଣ୍ଟର ୫୦ ପ୍ରତିଶତ ଉପଲବ୍ଧ ହେବ
- ଡ୍ର ରହିବା କ୍ଷେତ୍ରରେ ପ୍ରଦର୍ଶନ ଭିତ୍ତିରେ ୩:୧ ଅନୁପାତରେ ପଏଣ୍ଟ ମିଳିବ

ପ୍ରତିଦ୍ୱନ୍ଦ୍ୱିତା ଅଧିକ ହେବ ଏବଂ ଶେଷରେ ଗୋଟିଏ ଦଳ ହିଁ ଚାମ୍ପିୟନ ହେବ।

"ପ୍ରତି ଗେମ୍ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଗତ ଆଇସିସି ବିଶ୍ୱକପରେ ପ୍ରମାଣିତ ହୋଇଥିଲା। ଶେଷରେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ଆଗକୁ ବଢ଼ିବାରେ ସକ୍ଷମ




ହୋଇଥିଲେ। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ସେପରି ପ୍ରାସଙ୍ଗିକତା ରହିବ। ଆଗାମୀ ୨ ବର୍ଷ ପାଇଁ ଏହା ଦ୍ୱିପାକ୍ଷିକ ସିରିଜକୁ ଅଧିକ ରୋମାଞ୍ଚକ କରିବ। ଏକଦିବସୀୟ ଓ ଟି୨୦ ଫର୍ମାଟରେ ପୁରୁଷ ଓ ମହିଳା ବିଶ୍ୱକପର ଗୁରୁତ୍ୱପରି ୫ ଦିନିଆ କ୍ରିକେଟକୁ ଏହା ଶ୍ରେଷ୍ଠ ଇଭେଣ୍ଟରେ ପରିଣତ କରିବ" ବୋଲି ଆଇସିସି ଜେନେରାଲ ମ୍ୟାନେଜର(କ୍ରିକେଟ ଅପରେଶନ) ଜେଫ୍ ଆଲାର୍ଡିସ ପ୍ରକାଶ କରିଛନ୍ତି। ପ୍ରତି ସିରିଜର ମ୍ୟାଚ ସଂଖ୍ୟା ଅତିକମ୍‌ରେ ୨ ଏବଂ ଅତି ବେଶିରେ ୫ ରହିବ। ପ୍ରଥମ ପର୍ଯ୍ୟାୟରେ ଡବ୍ଲ୍ୟୁଟିସି ମ୍ୟାଚ ଗୁଡ଼ିକ ୫ ଦିନ ବିଶିଷ୍ଟ ରହିବ। ପ୍ରତିପକ୍ଷ ଦଳ ସହ ବୁଝାମଣା ଭିତ୍ତିରେ ଏଥିରେ ଦିବାରାତ୍ର ମ୍ୟାଚ ସାମିଲ କରାଯାଇପାରେ।

"ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏକ ବଢ଼ିଆ ପଦକ୍ଷେପ। ଆମେ ଟେଷ୍ଟ କ୍ରିକେଟ ଖେଳିବାକୁ ଭଲ ପାଉ। ଏହା ଅଷ୍ଟ୍ରେଲିଆରେ ଲୋକପ୍ରିୟ ରହି ଆସିଛି । ଆମେ ଭାଗ୍ୟବାନ ଯେ, ଘରୋଇ ପରିବେଶରେ ଆମେ ଖେଳାଳି, ମିଡିଆ ଓ ଦର୍ଶକଙ୍କଠାରୁ ଭରପୂର ସମର୍ଥନ ପାଇ ଆସୁଛୁ। ବ୍ୟାଗୀ ଗ୍ରୀନ ଜର୍ସି ପିନ୍ଧିବାପାଇଁ ଅଷ୍ଟ୍ରେଲିଆ କ୍ରିକେଟରମାନେ ଭାଗ୍ୟବାନ ମଣିଥାନ୍ତି। ଯଦି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦ୍ୱାରା ଅନ୍ୟ ସବୁ ଦଳ ଟେଷ୍ଟକୁ ଅଗ୍ରାଧିକାର ଦେବେ ତେବେ ତାହା ଏହି ଗେମ୍ ପାଇଁ ବହୁତ ବଡ଼ ଖବର ହେବ" ବୋଲି ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟିମ୍ ପେନ୍ ପ୍ରକାଶ କରିଛନ୍ତି।

## 'ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ'

**ମୁମ୍ବାଇ, ୨୯।୭ (ପି.ଟି.)**

ଆସନ୍ତା ୱେଷ୍ଟଇଣ୍ଡିଜ ଟୁର୍ ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସଦୃଶ। ବିଶେଷ କରି ଚହର ବ୍ରଦର୍ସ ଏବଂ ନଭଦୀପ ସଇନୀଙ୍କ ପରି ଖେଳାଳି ସୀମିତ ଓଭର କ୍ରିକେଟରୁ ଫାଇଦା ପାଇବେ ବୋଲି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛନ୍ତି। ଆଇସିସି ବିଶ୍ୱକପର ସେମିଫାଇନାଲରୁ ଭାରତର ବିଦାୟ ପରେ ଜାତୀୟ ଚୟନ କମିଟି କେତେକ ନୂଆ ଖେଳାଳିଙ୍କୁ ସୀମିତ ଓଭର ଦଳରେ ସାମିଲ କରି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। "ଟି୨୦ ଦଳରେ ଅନେକ ନୂଆ ଖେଳାଳିଙ୍କୁ ନିଆ ଯାଇଛି। ମୁଁ ଯେତେବେଳେ ଚୟନକର୍ତ୍ତାଙ୍କ ସହିତ ମିଶିବାକୁ ଗଲି ସେମାନେ କେତେକ ନୂଆ ଖେଳାଳିଙ୍କୁ ନେବାକୁ ଚାହୁଁଥିବା କହିଥିଲେ। ପ୍ରଥମଥରପାଇଁ ଜାତୀୟ ଦଳରେ ସୁଯୋଗ ପାଇଥିବା ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆସିଛି" ବୋଲି ଭାରତ ଛାଡ଼ିବା ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋହଲି କହିଛନ୍ତି।

"ଦୀପକ ଓ ରାହୁଲ ଚହର, ସଇନୀ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ହେଉଛନ୍ତି ନୂଆ ଓ ପୁରୁଣା ମୁହଁର ମିଶ୍ରିତ ସମାହାର। ସୀମିତ ଓଭର କ୍ରିକେଟ ଦଳରେ ଏମାନଙ୍କୁ ସାମିଲ କରାଯାଇଛି। ଦିନିକିଆ ଦଳ ବେଶ୍ ସନ୍ତୁଳିତ। ତେଣୁ ଏଥିରେ ଆମେ ଭଲ ପ୍ରଦର୍ଶନ ନେଇ ଦୃଢ଼ ନିଶ୍ଚିତ। ଟେଷ୍ଟ କ୍ରିକେଟରେ ଆମେ କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଥିବାରୁ ସେ ସମ୍ପର୍କରେ କିଛି କହିବା ଅନାବଶ୍ୟକ। ତେଣୁ ମୁଁ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜକୁ ନେଇ ବେଶ୍ ଉତ୍ସାହିତ ଅଛି। କାରଣ ଏହି ଦଳରେ ଅନେକ ନୂଆ ଖେଳାଳି ସାମିଲ ଅଛନ୍ତି। ଆଇପିଏଲ ପରି ଟୁର୍ନାମେଣ୍ଟରେ ଏହି ଖେଳାଳିମାନେ ଚାପ ପରିସ୍ଥିତିରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଘରୋଇ କ୍ରିକେଟରେ ମଧ୍ୟ ଏମାନେ ଦକ୍ଷତା ଦେଖାଇଛନ୍ତି। ତେଣୁ ଏମାନେ ଆଗାମୀ ସିରିଜରେ କିପରି ଖେଳୁଛନ୍ତି ତାହା ଦେଖିବାକୁ ବ୍ୟଗ୍ରତା ରହିଛି" ବୋଲି କୋହଲି ପ୍ରକାଶ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩ଟି ଲେଖାଏ ଟି୨୦ ଓ ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବାର ଅଛି। ଏହି ଟୁର୍ ଅଗଷ୍ଟ ୩ରୁ ଆରମ୍ଭ ହେବ। କ୍ରିକେଟ ପାଇଁ ୱେଷ୍ଟଇଣ୍ଡିଜ ଅନ୍ୟତମ ପ୍ରକୃଷ୍ଟ ସ୍ଥାନ। ସେଠାରେ ଆମେ କ୍ରିକେଟକୁ ନିଶ୍ଚିତ ଉପଭୋଗ କରିବୁ ବୋଲି କହିଛନ୍ତି ଏହି ଟିମ୍ ଇଣ୍ଡିଆ ଅଧିନାୟକ।

## ରୋହିତଙ୍କ ସହିତ ବିବାଦ ଖବରକୁ ଖଣ୍ଡନ

**ମୁମ୍ବାଇ, ୨୯।୭ (ପି.ଟି.):** ରୋହିତ ଶର୍ମା ଓ ମୋ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ବୋଲି ଗଣମାଧ୍ୟରେ ଯାହା ପ୍ରକାଶ ପାଉଛି ତାହା ମିଥ୍ୟା ବୋଲି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି କହିଛନ୍ତି। ଏସବୁ ମନଗଢ଼ା କାହାଣୀ। ଭାରତ ବିଶ୍ୱକପ୍‌ରୁ ବିଦା ହେବାପରେ କୋହଲି ଏବଂ ରୋହିତଙ୍କ ସମ୍ପର୍କକୁ ନେଇ ନାନା ଖବର ପ୍ରକାଶ ପାଇଥିଲା। ଉଭୟ ଅଧିନାୟକ ଏବଂ ଉପଅଧିନାୟକ କେହି କାହାକୁ ସହି ପାରୁ ନାହାନ୍ତି ବୋଲି ମଧ୍ୟ କେତେକେ କହିଲେ। ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳର ପ୍ରସ୍ଥାନ ଅବସରରେ କୋହଲି ଏହି ପ୍ରସଙ୍ଗରେ ତାଙ୍କ ମନୋଭାବ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ରୋହିତଙ୍କ ସହିତ ମୋର ସୁସମ୍ପର୍କ ରହିଛି। ଆମ ଦୁହିଁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି ବୋଲି ଲୋକେ ଯାହା କହୁଛନ୍ତି ସେ ସବୁ ଗୁଜବ ଓ ବାଜେକଥା। ମୁଁ ଯଦି କାହାରିକୁ ପସନ୍ଦ ନ କରେ ତାହା ମୋ ମୁଖମଣ୍ଡଳରେ ପ୍ରତିଫଳିତ ହୋଇଥାଏ। ମୁଁ ଅତୀତରେ ମଧ୍ୟ ଶୁଣିବାକୁ ପାଇଛି ଯେ, ଦଳ ଭିତରେ ବୁଝାମଣା ଠିକ୍ ନାହିଁ ବୋଲି। ମାତ୍ର ଯଦି ତାହା ହୋଇଥାନ୍ତା ତେବେ ଆମେ ଭଲ ଖେଳୁ ନ ଥାନ୍ତୁ ବୋଲି ଭାରତୀୟ ଅଧିନାୟକ କହିଛନ୍ତି।



ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍ ଖେଳିବା ଲାଗି ଗସ୍ତ ପୂର୍ବରୁ ସାଥୀ ଖେଳାଳିଙ୍କ ଗହଣରେ ଅଧିନାୟକ ବିରାଟ କୋହଲି।

## 'ଭାରତକୁ ୱେଷ୍ଟଇଣ୍ଡିଜ କଡ଼ା ଟକ୍କର ଦେବା ଆଶା'

**ମୁମ୍ବାଇ, ୨୯।୭ (ପି.ଟି.):** ଭାରତୀୟ କ୍ରିକେଟ ଦଳ ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବା ପାଇଁ ନିକଟରେ କାରିବିୟନ ଗସ୍ତ କରିବ। ଏହି ଗସ୍ତରେ ଭାରତକୁ ୱେଷ୍ଟଇଣ୍ଡିଜ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ଆଶା ରଖିଛନ୍ତି କିମ୍ବଦନ୍ତୀ ଖେଳାଳି ଭିଭିଆନ ରିଚାର୍ଡ୍ସ। ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ୩ ଟି୨୦, ୩ ଦିନିକିଆ ଏବଂ ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଆମେରିକାର ଫ୍ଲୋରିଡ଼ାରେ ଟିମ୍ ଇଣ୍ଡିଆ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ୨ଟି ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। "ଭାରତ–ୱେଷ୍ଟଇଣ୍ଡିଜ ସିରିଜ ସର୍ବଦା ଘଟଣା ବହୁଳ ହୋଇଥାଏ। ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବା ଆଶା। ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଟିମ୍ ଯେପରି ଫର୍ମରେ ଅଛି ଭାରତକୁ କଡ଼ା ଟକ୍କର ଦେଇ ପାରିବ" ବୋଲି ରିଚାର୍ଡ୍ସ କହିଛନ୍ତି। ଅନ୍ୟପକ୍ଷରେ କାରିବିୟନ ଖେଳାଳିଙ୍କୁ ସେ ସର୍ବଦା ସମ୍ମାନ ଦେଇଥାନ୍ତି ବୋଲି ୧୯୭୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ପ୍ରକାଶ କରିଛନ୍ତି। "ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ପଇଁ ମୋ ହୃଦୟରେ ସର୍ବଦା ସ୍ୱତନ୍ତ୍ର ସ୍ଥାନ ରହିଛି। କ୍ୟାରିୟର ଆରମ୍ଭ କରିବାଠାରୁ ଏପର୍ଯ୍ୟନ୍ତ ମୁଁ ଏହି ଦେଶର ଖେଳାଳିଙ୍କୁ ସମ୍ମାନ ଜଣାଇ ଆସିଛି" ବୋଲି ଗାଭାସ୍କର କହିଛନ୍ତି।

**୧୫ତମ ଜନ୍ମଦିନ ଉପଲକ୍ଷେ**



**ପ୍ରତୀକ ରଞ୍ଜନ ନାୟକ**
ଜନ୍ମଦିନ: ତା. ୩୦।୦୭।୨୦୦୪
ଗ୍ରାମ: ଯୋଡ଼ାପଡ଼ା, ଜି: ଖୋର୍ଦ୍ଧା
ଆଜି ତୋର ଏହି ପବିତ୍ର ଜନ୍ମଦିନରେ ବାବା ମହାଦେବ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ, ସୁସ୍ଥଜୀବନ ଓ ଦୀର୍ଘାୟୁ ନିମନ୍ତେ ଆମ୍ଭେମାନେ ମଙ୍ଗଳ କାମନା କରୁଛୁ।
**ଶୁଭେଚ୍ଛାସହ:**
ପିତା: ପଞ୍ଚାନନ, ମାତା: ଇନ୍ଦୁମତୀ
ଧ–୧୩୬୭୧

## ଧ୍ରୁବଙ୍କୁ ଭାରତୀୟ ଯୁବ ଦଳର ନେତୃତ୍ୱ

**ନୂଆଦିଲ୍ଲୀ, ୨୯।୭(ପିଟି):** ଆସନ୍ତା ସେପ୍ଟମ୍ବର ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାଠାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ ଲାଗି ସୋମବାର ଭାରତୀୟ ଯୁବ ଦଳ ଘୋଷଣା ହୋଇଯାଇଛି। ଉତ୍ତରପ୍ରଦେଶ ଉଇକେଟକିପର ବ୍ୟାଟ୍ସମ୍ୟାନ ଧ୍ରୁବ ଚାନ୍ଦ ଜୁରେଲଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ସର୍ବଭାରତୀୟ ଜୁନିୟର ଚୟନ କମିଟି ଇଂଲଣ୍ଡରେ ଆୟୋଜିତ ବୈଠକରେ ଦଳ ଚୟନ କରିଛି। **ଯୁବ ଭାରତୀୟ ଦଳ:** ଧ୍ରୁବ ଚାନ୍ଦ ଜୁରେଲ (ଅଧିନାୟକ ଓ ଉଇକେଟକିପର), ସୁଭେଦ ପାର୍କର, ଠାକୁର ତିଳକ ବର୍ମା, ନେହାଲ ୱଦେକର, ଅର୍ଜୁନ ଆଜାଦ, ଶାଶ୍ୱତ ରାୱାତ, ବରୁନ ଲାଭାଣ୍ଡେ, ସଲିଲ ଆରୋରା, କରନ ଲାଲ, ଅଥର୍ଭ ଆଙ୍କୋଲେକର, ପଙ୍କଜ ଯାଦବ, ଆକାଶ ସିଂ, ସୁଶାନ୍ତ ମିଶ୍ର, ପୁର୍ନାଙ୍କ ତ୍ୟାଗି ଓ ବିଦ୍ୟାଧର ପାଟିଲ।

## ସଂକ୍ଷେପରେ

### ଟି୨୦ରେ ଏଲିସ ପେରିଙ୍କ ରେକର୍ଡ



**ବ୍ରିସ୍ଟନ, ୨୯।୭(ପିଟି):** ଟି୨୦ ଫର୍ମାଟ୍‌ରେ ୧ ହଜାର ରନ୍ ଓ ୧୦୦ ଉଇକେଟ ନେବାରେ ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଏଲିସ ପେରି ବିଶ୍ୱର ପ୍ରଥମ କ୍ରିକେଟର। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ପେରି ୪୭ ରନ୍‌ର ଅପରାଜିତ ଇନିଂସ ଖେଳିବା ଅବସରରେ ଏହି ସ୍ୱତନ୍ତ୍ର ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ପେରୀଙ୍କ ବ୍ୟତୀତ ମେଗ୍ ଲାନିଂ ୪୩* ରନ୍‌ର ବିଜୟୀ ଇନିଂସ ଯୋଗୁ ୧୨୨ରନ୍‌ର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୭ ଉଇକେଟରେ ହାସଲ କରି ନେଇଥିଲା। ଅଲ୍‌ରାଉଣ୍ଡର ପେରି ଗତବର୍ଷ ନଭେମ୍ବରରେ ବିଶ୍ୱ ଟି୨୦ ଫାଇନାଲରେ ୧୦୦ତମ ଉଇକେଟ ହାତେଇ ଥିଲେ। ମୁଁ ରେକର୍ଡ ସମ୍ପର୍କରେ ଜାଣି ନ ଥିଲି। ଅନ୍ତର୍ଜାତୀୟ ସ୍ତରରେ ପୁରୁଷଙ୍କ ଭଳି ଅଧିକରୁ ଅଧିକ ଟି୨୦ ମ୍ୟାଚ୍ ଖେଳିବାକୁ ଇଚ୍ଛା ଥିଲା। ଆଉ ଏବେ ମୁଁ ୧୦୦ ମ୍ୟାଚ୍ ଖେଳିସାରିଛି। ଏଣୁ ଏଭଳି ମାଇଲଖୁଣ୍ଟର ଅଧିକାରୀ ହୋଇପାରିଛି ବୋଲି ୨୮ ବର୍ଷୀୟା ପେରି କହିଛନ୍ତି। ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର ଶାହିଦ ଆଫ୍ରିଦୀ ଏହି ମାଇଲଖୁଣ୍ଟ ନିକଟତର ରହିଛନ୍ତି। ସେ ୧୪୧୬ ରନ୍ କରିବା ସହ ୯୮ ଉଇକେଟ ନେଇଛନ୍ତି। କିନ୍ତୁ ସେ ଅବସର ନେଇ ସାରିଥିବାରୁ ଆଉ ଏହି ସ୍ୱତନ୍ତ୍ର ରେକର୍ଡ ହାତେଇ ପାରିବେ ନାହିଁ। ବାଂଲାଦେଶ ଅଲରାଉଣ୍ଡର ଶାକିବ ଅଲ ହାସନ ୧୪୭୧ ରନ୍ ଓ ୮୮ ଉଇକେଟ ସହ ପେରିଙ୍କ ପଛକୁ ରହିଛନ୍ତି। ଅଷ୍ଟ୍ରେଲିଆନ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଆଗୁଆ ୨-୦ ବ୍ୟବଧାନରେ ଜିତି ନେଇଛି।

### ବାଧାଦୌଡ଼ ବିଶ୍ୱ ରେକର୍ଡ ଭାଙ୍ଗିଲେ ମହମ୍ମଦ



**ଡେସ ମୋଇନେସ (ଆମେରିକା), ୨୯।୭ (ଏଏଫ୍‌ପି):** ଅଲିମ୍ପିକ୍ ଚାମ୍ପିୟନ ଦାଲିଲା ମହମ୍ମଦ ଦୀର୍ଘଦିନ ହେଲା ତିଷ୍ଠି ରହିଥିବା ରେକର୍ଡ ଭଙ୍ଗ କରିଛନ୍ତି। ୟୁଏସ୍ ଚାମ୍ପିୟନଶିପ ୪୦୦ ମିଟର ମହିଳା ବାଧାଦୌଡ଼ ଇଭେଣ୍ଟରେ ସେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଡ୍ରାକ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଇଭେଣ୍ଟରେ ୨୯ ବର୍ଷୀୟା ଆଥ୍‌ଲେଟ୍ ୫୨.୨୦ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପୂର୍ବରୁ ଏହି ରେକର୍ଡ ରୁଷିଆର ୟୁଲିଆ ପେଚନକିନାଙ୍କ ନାମରେ ଥିଲା। ସେ ୨୦୦୩ରେ ୫୨.୩୪ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ରେକର୍ଡ ହାତେଇବା ପରେ ମହମ୍ମଦ କହିଛନ୍ତି, ମୁଁ ବିଶ୍ୱାସ କରିପାରୁ ନାହିଁ। ମୋ କୋଚ୍ ରେକର୍ଡ ସମ୍ପର୍କରେ ବହୁବାର କହିଥିଲେ। ମୋର ନିଜ ଉପରେ ବିଶ୍ୱାସ ଥିଲା। ଏବେ ମୁଁ ନିଜକୁ ପ୍ରମାଣ କରିସାରିଛି। ସେ ପ୍ରଥମ ଆମେରିକୀୟ ମହିଳା ଭାବେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ବାରବାଟୀ ଆସିବେ କପିଳ ଦେବ

**କଟକ ଅଫିସ, ୨୯।୭:** ଭାରତର କିମ୍ବଦନ୍ତୀ କ୍ରିକେଟର କପିଳ ଦେବ ଆଉ ୪ ଦିନ ମଧ୍ୟରେ ବାରବାଟୀ ଷ୍ଟାଡିୟମ ଆସିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି । ସାମୁଦ୍ରିକ ଝଡ଼ ଫନୀରେ ଷ୍ଟାଡିୟମର ଫ୍ଲଡ ଲାଇଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ଆକଳନ ଓ ମରାମତି ସମୀକ୍ଷା କରିବାକୁ ଏକ ଟିମ ଆସିବ। ଉକ୍ତ ଟିମ କପିଳ ଦେବଙ୍କ ନେତୃତ୍ୱରେ ଆସିବ ବୋଲି ଜଣାପଡ଼ିଛି । ସୂଚନା ଥାଉକି, ବାରବାଟୀ ଷ୍ଟାଡିୟମରେ ହୋଇଥିବା ଫ୍ଲଡ ଲାଇଟ ବ୍ୟବସ୍ଥାକୁ କପିଳ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ ।



ଇଷ୍ଟର୍ନ ଫ୍ରାନ୍ସର ଇଭିଆନଠାରେ ଅନୁଷ୍ଠିତ ମହିଳା ଗଲ୍ଫ ଟୁର୍ନାମେଣ୍ଟରେ ଟାଇଟଲ ବିଜୟିନୀ ଦକ୍ଷିଣ କୋରିଆର କୋ ଜିନ–ୟଙ୍ଗ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି।


## ଷ୍ଟାଡିୟମରେ ଚେତା ହରାଇଲେ ଅଭିଷ୍କାଙ୍କ ବାପା

**କଲମ୍ବୋ, ୨୯।୭:** ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ରବିବାର ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଦିନିକିଆ ମ୍ୟାଚ୍‌କୁ ଶ୍ରୀଲଙ୍କା ୭ ଉଇକେଟ୍‌ରେ ଜିତି ନେଇଥିଲା। ୨୩୯ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ଘରୋଇ ଶ୍ରୀଲଙ୍କା ଦଳର ଯୁବ ଓପନର୍ ଅଭିଷ୍କା ଫର୍ନାଣ୍ଡୋ ୮୨ ରନର ଇନିଂସ ଖେଳିବା ସହିତ ଦଳକୁ ସିରିଜ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଏହି ମ୍ୟାଚ୍ ଅବସରରେ ଏକ ଅଭାବନୀୟ ଘଟଣା ଘଟିଥିଲା। ୨୧ ବର୍ଷୀୟ ଅଭିଷ୍କା ୭୭ ରନରେ ବ୍ୟାଟିଂ କରୁଥିବାବେଳେ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍‌କୁ ଉପଭୋଗ କରୁଥିବା ତାଙ୍କ ବାପା ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତେବେ ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି)ର ସଭାପତି ଥିଲଙ୍ଗ ସୁମଥିପାଲ୍ ଆମ୍ବୁଲାନ୍ସରେ ବସି ହସ୍ପିଟାଲ ଯାଇଥିବା ଜଣାପଡ଼ିଛି। କିନ୍ତୁ ଫର୍ନାଣ୍ଡୋ ଏ ଅଘଟଣ ବିଷୟରେ ସେତେବେଳେ ଜାଣିପାରି ନ ଥିଲେ। ସେ ୮୨ ରନରେ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିବା ପରେ ତାଙ୍କୁ ବାପାଙ୍କ ଅସୁସ୍ଥତା ନେଇ କୁହାଯାଇଥିଲା।



**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଭାସ୍କର ବରାଳ**
ଆବିର୍ଭାବ: ୨୨।୦୮।୧୯୩୩ (ମଙ୍ଗଳବାର)
ତିରୋଧାନ: ୧୦।୦୮।୨୦୧୮ (ଶୁକ୍ରବାର)
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍ଠାପରତା, ପରୋପକାରିତା, ତ୍ୟାଗ, ସେବା, ଆଦର୍ଶ ଓ ଈଶ୍ୱରଭକ୍ତି ଆମ୍ଭମାନଙ୍କୁ ସର୍ବଦା ଦିଗ୍‌ଦର୍ଶନ ଓ ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର: ବିଷ୍ଣୁପଦ, ବିଭୁଦତ୍ତ, ବିଭୂତି, ଭୂପତି, ପୁତ୍ରବଧୂ: ପଦ୍ମାଳୟା, ତନୁଶ୍ରୀ, ସତ୍ୟଭାମା, କନ୍ୟା: ରୂପଶ୍ରୀ, ନାତି ଓ ନାତୁଣୀ: ବିବେକ୍, ବୈଭବ୍, ଶ୍ରୀରାମ ଓ ସୃଷ୍ଟି ଏବଂ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ–୬୪୯୯୪

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି**
ଆବିର୍ଭାବ: ୨୫.୦୪.୧୯୩୦
ତିରୋଧାନ: ୧୩।୦୮।୨୦୦୪
ମା', ତୋର ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟତା ଅପୂରଣୀୟ। ତୋର ସ୍ମୃତିକୁ ଝୁରି ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର: ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଜି ଓ ରେବା, ଜ୍ୱାଇଁ: ଅନିମେଶ, ଗଗନ, ସୁବ୍ରତ, ନାତୁଣୀ ଓ ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ–୧୩୬୫୪

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ Bhubaneswar, Tuesday, July 30/2019

## ସଂକ୍ଷେପରେ

### ଗଣମାଧମକୁ ବାଇଟ୍ ଦେବା ମହଙ୍ଗା ପଡ଼ିଲା

### ଲୁଟେରାଙ୍କୁ କାବୁ କରିଥିବା ଲେଡି କନଷ୍ଟେବଲ ନିଲମ୍ବିତ

**ଭୁବନେଶ୍ୱର ୨୯।୭(ବ୍ୟୁରୋ):** ଗଣମାଧମକୁ ବାଇଟ୍ ଦେବା ମାଲଗୋଦାମ ଥାନାର କନଷ୍ଟେବଲ ଗୀତାଞ୍ଜଳି ଜେନାଙ୍କ ପାଇଁ ମହଙ୍ଗା ପଡିଛି। ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ ନ ନେଇ ଗଣମାଧମକୁ ବାଇଟ୍ ଦେବା ଅଭିଯୋଗରେ ତାଙ୍କୁ କଟକ ଡିସିପି ଅଖିଳେଶ୍ୱର ସିଂ ନିଲମ୍ବିତ କରିଛନ୍ତି। ଗୀତାଞ୍ଜଳି ଲୁଟେରାଙ୍କୁ କାବୁ କରିବା ପରେ ପୋଲିସ ଜିମା ଦିଆଯାଇଥିଲା। ଏହାପରେ ଗୀତାଞ୍ଜଳି ଗଣମାଧମରେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ଗୀତାଞ୍ଜଳି ଆଜି ସକାଳେ ଥାନାକୁ ଯିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ଠାରୁ ଚେନ୍ ଲୁଟ ଉଦ୍ୟମ କରିଥିଲେ। ହେଲେ ଗୀତାଞ୍ଜଳି ସାହସିକତା ଦେଖାଇ ଲୁଟେରାଙ୍କୁ କାବୁ କରିଥିଲେ। ଏହାପରେ ସ୍ଥାନୀୟ ଲୋକେ ଲୁଟେରାଙ୍କୁ ମାଡ଼ମାରି ପୋଲିସ ଜିମା ଦେଇଥିଲେ।

### 'ଧାର୍ଯ୍ୟ ସମୟରେ କାମ ସାରିଛି ଏଏସ୍ଆଇ'

### ଦୁଃଖ ପ୍ରକାଶ କରିଛନ୍ତି ଜୟନ୍ତ

**ପୁରୀ ଅଫିସ, ୨୯।୭:** ବାତ୍ୟାରେ ଶ୍ରୀମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସିଂହଦ୍ୱାରରେ ଥିବା ଜୟ ମୂର୍ତ୍ତି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଭୋଗମଣ୍ଡପ କଳସ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହ ଲୁହାଭାରା ମାଡ଼ରେ ମୁଖ୍ୟ ମନ୍ଦିରର ଦୁଇଟି ସିଂହମୂର୍ତ୍ତି ତଳକୁ ଗଳିପଡ଼ିଥିଲେ। ଅନ୍ୟାନ୍ୟ କେତେକ ମନ୍ଦିର ମଧ ପ୍ରଭାବିତ ହୋଇଥିଲା। ତେବେ ଏହାକୁ ନେଇ ଏଏସ୍ଆଇକୁ ସେତେବେଳେ ସମାଲୋଚନା କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ତଥା ରଥଯାତ୍ରା ପୂର୍ବରୁ ଏଏସ୍ଆଇ ମରାମତି କାମ ଶେଷକରି ଦେଇଥିଲା। ଏଥିପାଇଁ ପରିଚାଳନା କମିଟି ବୈଠକରେ ଏଏସ୍ଆଇକୁ ସାଧୁବାଦ ଦିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ବୈଠକ ଶେଷରେ ଗଣମାଧମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, ଗର୍ଭଗୃହରୁ ପାଣି ଗଳୁଥିବା ଅଭିଯୋଗ ହୋଇଥିଲା। କିନ୍ତୁ ରଥଯାତ୍ରା ସମୟରେ ବିଶେଷଜ୍ଞମାନେ ଗର୍ଭଗୃହ ଯାଞ୍ଚ ବେଳେ କେଉଁ ଜାଗାରୁ ପାଣି ଗଳୁଥିଲା ତାହା ପାଇ ନ ଥିଲେ। ବାତ୍ୟା ସମୟରେ ପବନର ବେଗ ଅଧିକ ଥିବାରୁ ଯେଉଁ ଫାଙ୍କ ରହିଛି ସେହି ବାଟ ଦେଇ ପାଣି ଆସୁଥିଲା। କିନ୍ତୁ ସାଧାରଣ ବର୍ଷାରେ ପାଣି ଗଳୁନାହିଁ ବୋଲି ବିଶେଷଜ୍ଞମାନେ ମତ ଦେବା ସହ ଗର୍ଭଗୃହ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି କହିଛନ୍ତି। ରତ୍ନଭଣ୍ଡାରର ସ୍ଥିତି ଉପରେ ରାଜ୍ୟ ସରକାର ଜଷ୍ଟିସ ରଘୁବୀର ଦାସ କମିଶନ ବସାଇଥିଲେ। କମିଶନ ତାଙ୍କ ରିପୋର୍ଟ ପ୍ରଦାନ କରିସାରିଛନ୍ତି । ରାଜ୍ୟ ସରକାର ରିପୋର୍ଟ ଅନୁଧାନ କରୁଛନ୍ତି । ସରକାର ଯାହା ନିଷ୍ପତ୍ତି ନେବେ ତାହା ସମସ୍ତଙ୍କୁ ଅବଗତ କରାଯିବ। ସେହିପରି ସ୍ନାନମଣ୍ଡପକୁ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯିବା ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକ କହିଥିଲେ, ଷଡ଼ଙ୍ଗୀ ଜଣେ ଭକ୍ତ ହିସାବରେ ଯାଇଥିଲେ। ମୋତେ ବ୍ୟକ୍ତିଗତ ଭାବେ ଦେଖା କରି ସେ ତାଙ୍କର ଦୁଃଖ ପ୍ରକାଶ କରିଛନ୍ତି। ସେ ନିଜେ ମଧ ଗଭୀର ଅନୁତାପ କରିଛନ୍ତି। ଏଥିସହ ସେ ତାଙ୍କର ଉତ୍ତର ରଖିଛନ୍ତି। ଏହି ଘଟଣାରେ ୨ଜଣ ସେବାୟତଙ୍କୁ ମଧ ନୋଟିସ୍ କରାଯାଇଥିଲା। ସେମାନେ ମଧ ଉତ୍ତର ରଖି ଦୁଃଖ ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ ସୂଚନା କହିଛନ୍ତି ।



ଭୁବନେଶ୍ୱର ବିଜେବି ଜୁନିୟର କଲେଜରେ ସୋମବାର ଆରମ୍ଭ ହୋଇଥିବା ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା।

### କଟକରେ ଗଳାକାଟି ୩ଜଣଙ୍କୁ ହତ୍ୟା ଘଟଣା

# ପୋଲିସ ହାତରେ ଅଭିଯୁକ୍ତ

**କଟକ ଅଫିସ, ୨୯।୭**

କଟକରେ ଗତ ୨୩ ଓ ୨୪ ତାରିଖରେ ଗଳାକାଟି ୩ ଜଣଙ୍କୁ ହତ୍ୟା ଘଟଣାର କମିଶନରେଟ୍ ପୋଲିସ ଅଭିଯୁକ୍ତଙ୍କୁ ଧରିଛି। ସେ ହେଲେ ନାରାୟଣ ସାହୁ (୩୫)। ତାଙ୍କ ଘର ନୟାଗଡ଼ ଜିଲ୍ଲା ଓଡ଼ଗାଁ ନିକଟ ସୁନାମୁହିଁ ଗ୍ରାମରେ। ସେ କିଛିବର୍ଷ ହେବ ଗଞ୍ଜାମ ଜିଲାର ବେଲଗୁଣ୍ଠାରେ ରହୁଥିଲେ। ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ଯୋଗାଡ଼ କରିବାରେ ପୋଲିସ ବ୍ୟସ୍ତ ରହିଛି। ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି ଯେ, ୩ ହତ୍ୟାକାଣ୍ଡ ଭୋର ୪ଟାରୁ ସାଢ଼େ ୪ଟା ମଧ୍ୟରେ ଘଟିଛି। ମୃତକମାନେ ଶୋଇଥିବାବେଳେ ଏହି ଘଟଣା ଘଟିଛି। ସେମାନଙ୍କୁ ସମାନ ଅସ୍ତ୍ରରେ ଗଳାକାଟି ହତ୍ୟା କରାଯାଇଥିବା ଫରେନ୍ସିକ ଯାଞ୍ଚରୁ ସ୍ପଷ୍ଟ ହୋଇଛି। ନାରାୟଣ କଟକ ଷ୍ଟେଶନ ନିକଟରେ ୨/୩ ମାସ ହେଲା ରହି ଜରି ଗୋଟାଳି ଭାବେ କାମ କରୁଥିଲେ। ଗତ ୨୪ ତାରିଖ ହତ୍ୟାକାଣ୍ଡ ପରେ ନାରାୟଣ କଟକରୁ ଫେରାର ହୋଇଯାଇଥିଲେ। ସେବେଠାରୁ କଟକରେ ଆଉ ସମାନ ଧରଣର ହତ୍ୟାକାଣ୍ଡ ଘଟିନାହିଁ। ସିସିଟିଭି ଫୁଟେଜ୍, ପାରିପାର୍ଶ୍ୱିକ ପରିସ୍ଥିତି ଓ ତଦନ୍ତ ଆଧାରରେ ନାରାୟଣଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଆମେ ତାଙ୍କୁ ସୋମବାର ସକାଳେ ଧରିଛୁ। ୨ରୁ ୩ ଘଣ୍ଟା ତାଙ୍କୁ ପଚରାଉଚରା କରାଯାଇଥିବାବେଳେ ସେ ଜଣେ ମାନସିକ ବିକାରଗ୍ରସ୍ତ ଭଳି କୌଣସି ବ୍ୟବହାର କରିନାହାନ୍ତି। ତାଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଥିବା ଡିସିପି ସିଂ କହିଛନ୍ତି।

ଗତ ୨୩ ତାରିଖ ସକାଳେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଦୁର୍ଗାମଣ୍ଡପ ପାଖ ଗଳିରୁ ପୋଲିସ ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତ ଓରଫ କାଳିଆ (୫୫)ଙ୍କ ମୃତଦେହ ଜବତ କରିଥିଲା। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ସେଠାରେ ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଅର୍ଥାତ୍ ଗତ ୨୪ ତାରିଖ ଭୋର ପ୍ରାୟ ୫ଟାରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଏସ୍ସିବି ମେଡିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ବେକରେ କଟା ଦାଗ ଥିଲା। କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେହିଦିନ ସକାଳ ପ୍ରାୟ ୭ଟାରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଶିଶୁଉଦ୍ୟାନ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିଲା। ତାଙ୍କୁ ମଧ ସମାନ ଢଙ୍ଗରେ ଗଳାକାଟି ହତ୍ୟା କରାଯାଇଥିଲା। ହେଲେ ହୃଦରୋଗ ବିଭାଗ ସମ୍ମୁଖରୁ ତଦନ୍ତ ଆରମ୍ଭ କରି ପୋଲିସ ଜଣେ ସନ୍ଦିଗ୍ଧ ଅଭିଯୁକ୍ତ ନାରାୟଣଙ୍କୁ ଧରିଛି। କାରଣ ହୃଦରୋଗ ବିଭାଗ ସମ୍ମୁଖରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବ୍ୟକ୍ତି ଏକ ବାଇକରେ ଲିଫ୍ଟ ମାଗି ସେଠାକୁ ଆସିଥିଲେ। ସେ ଓଏମ୍‌ପି ଛକ ନିକଟରେ ଶୋଇଥିବା ବେଳେ ଭୋର ପ୍ରାୟ ୪ଟାରୁ ସାଢ଼େ ୪ଟା ମଧ୍ୟରେ ଆକ୍ରମଣର ଶିକାର ହୋଇଥିଲେ। କିଛି ମିନିଟ ପରେ ଜଣେ ବାଇକ ଚାଳକ ମାଲଗୋଦାମ ଅଞ୍ଚଳରୁ ମେଡିକାଲ ରୋଡ ଆଡେ ଯାଉଥିବା ବେଳେ ଆକ୍ରମଣର ଶିକାର ବ୍ୟକ୍ତି ଜଣକ ତାଙ୍କୁ ଲିଫ୍ଟ ମାଗି ମେଡିକାଲ ଯାଏ ଆସିଥିଲେ। ପୋଲିସ ମାମଲାକୁ ଡରି ବାଇକ ଚାଳକ ଜଣକ ହୃଦ୍‌ରୋଗ ବିଭାଗ ସମ୍ମୁଖରେ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଓଏମ୍‌ପି, କଲେଜଛକ, ରାଣୀହାଟ ଆଦି ଅଞ୍ଚଳର ୩୦ଟି ଦୋକାନର ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରିଥିଲା। ବାଇକରେ ବସି ଆସୁଥିବା ବ୍ୟକ୍ତି ଓ ହୃଦରୋଗ ବିଭାଗ ସମ୍ମୁଖରେ ପଡ଼ିଥିବା ବ୍ୟକ୍ତିର ଚେହେରା ସମାନ ଆସିବାରୁ ପୋଲିସ ବାଇକ ଚାଳକଙ୍କୁ ଥାନାକୁ ଡାକିଥିଲା। ବାଇକ ଚାଳକଙ୍କ ବୟାନ ଶୁଣିବା ପରେ ପୋଲିସ ଆଉ କିଛି ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ଯେଉଁଥିରେ ଜଣେ ବ୍ୟକ୍ତି ଚାଲିଚାଲି ଯାଉଥିବା ଏକାଧିକ ଫୁଟେଜ୍‌ରେ ଦେଖିବାକୁ ମିଳିଥିଲା। ଏନେଇ ପୋଲିସ ସନ୍ଦେହ କରି ଯାଞ୍ଚ କରିବାରୁ ଚାଲି ଚାଲି ଯାଉଥିବା ବ୍ୟକ୍ତି ଜଣକ ଷ୍ଟେଶନ ପାଖରେ ରହୁଥିବା ନାରାୟଣ ବୋଲି ଜାଣିବାକୁ ପାଇଥିଲା। ନାରାୟଣଙ୍କୁ ଖୋଜିବା ବେଳେ ସେ ହତ୍ୟା ଘଟଣା ପରଠୁ କଟକ ଛାଡ଼ି ଚାଲିଯାଇଥିବା ଜଣାପଡ଼ିଥିଲା। ଏହାପରେ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଶେଷରେ ପୋଲିସ ନାରାୟଣଙ୍କୁ ତାଙ୍କ ଗ୍ରାମ ସୁନାମୁହିଁରୁ ଧରିବାରେ ସଫଳ ହୋଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି ଯେ, ନାରାୟଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ଏବଂ ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ।

ପୋଲିସର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ନାରାୟଣ ସହ କିଛି ଘଣ୍ଟାର ଆଲୋଚନା ବେଳେ ସେ ନିଜକୁ ଚାଲାକ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି। ସେ ମାନସିକ ବିକାରଗ୍ରସ୍ତ କହିବା ସମ୍ପୂର୍ଣ୍ଣ ଭାବେ ଠିକ୍ ହେବନି। ତାଙ୍କ ହାବଭାବ ସାଧାରଣ ବ୍ୟକ୍ତି ଭଳି ଲାଗୁଥିଲା। ଅଧିକ ପଚରାଉଚରା ପରେ ସେ କାହିଁକି ଏଭଳି କରିଛି ତାହା ଜଣାପଡ଼ିବ ବୋଲି ପୋଲିସ ଅଧିକାରୀ ଜଣକ କହିଥିଲେ।

### ବଡ଼ଭୂଇଁ ଗ୍ରାମର ଏକାଦଶୀ ହତ୍ୟା ଘଟଣା

## ୪ ବର୍ଷ ପରେ ଜଣେ ଅଭିଯୁକ୍ତ ଗିରଫ

**ଆଠଗଡ଼,୨୯।୭(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅନ୍ତର୍ଗତ ବଡ଼ଭୂଇଁ ଗ୍ରାମରେ ୨୦୧୫ରେ ଘଟିଥିବା ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେ ହେଲେ ଗ୍ରାମର ଆକାଶ ଜେନା। ଗିରଫ ପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୧୪।୩।୨୦୧୫ ସନ୍ଧ୍ୟାରେ ବ୍ୟକ୍ତିଗତ କଳହକୁ ନେଇ ଥାନା ଅନ୍ତର୍ଗତ ବଡ଼ଭୂଇଁ ଗ୍ରାମର ଏକାଦଶୀ ପଣ୍ଡା(୪୮)ଙ୍କୁ ସେହି ଗ୍ରାମର ଅଶୋକ ଜେନା ଓ ତାଙ୍କ ସାନଭାଇ ଆକାଶ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଏକାଦଶୀଙ୍କୁ ପ୍ରଥମେ ଆଠଗଡ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହିଦିନ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଏକଦଶୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ-୫୪/୧୫ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ୨ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ବଡ଼ଭାଇ ଅଶୋକ ଛତିଶଗଡ ରାଜ୍ୟରେ ଅନ୍ୟ ଏକ ଅପରାଧରେ ଜଡିତ ହୋଇ ସେଠାରେ ଗିରଫ ହୋଇ ଜେଲରେ ଥିବା ଜଣାପଡିଛି। ସାନ ଭାଇ ଆକାଶ ଫେରାର ହେବା ପରେ ମହାରାଷ୍ଟ୍ରର ପୁନାରେ ରହୁଥିଲେ। ୨ଦିନ ତଳେ ଥାନା ଅନ୍ତର୍ଗତ ଗୁଡୁପଡା ଗ୍ରାମରେ ଥିବା ତାଙ୍କ ଭଉଣୀ ଘରକୁ ଆସିଥିଲେ। ଖବର ପାଇ ଆଇଆଇସି ପଦାରବିନ୍ଦ ତ୍ରିପାଠୀ ଟିମ୍ ସହ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ ବୋଲି ସୂଚନା ଦେଇଛନ୍ତି।

## ଆଜିଠାରୁ ପରୀ-୩ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୯।୭**

### ଉଦ୍ଧାର ହେବେ ନିଖୋଜ ଶିଶୁ ଓ ଶିଶୁ ଶ୍ରମିକ



ପରୀ-୩ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲା ପୋଲିସ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସପି କବିରାଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡିଏସ୍‌ପି ସତିଶ ପାଢ଼ୀ, ଓଁମ ପ୍ରକାଶ ପାତ୍ର, ଜିଲାର ବିଭିନ୍ନ ଥାନାର ଆଇଆଇସି, ଏସ୍ଆଇ, ଏଏସ୍ଆଇ, ଜିଲା ଶ୍ରମ ଅଧିକାରୀ, ଡିସିପିଓ, ଚାଇଲ୍ଡ ଲାଇନ ସଦସ୍ୟ ଯୋଗଦେଇଥିଲେ। ଜୁଲାଇ ୩୦ରୁ ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ପୋଲିସ ଜିଲାରେ ଆରମ୍ଭ ହୋଇ ଅଗଷ୍ଟ ୧୩ରେ ଶେଷ ହେବ। ଜୁଲାଇ ୩୦ ଓ ୩୧ ରେ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯିବ। ପରେ ଅଗଷ୍ଟ ୧ ରେ ବୋଲଗଡ ଥାନା, ୨ ତାରିଖରେ ବେଗୁନିଆ ଥାନା ୩ ଓ ୪ ତାରିଖରେ ବାଣପୁର ଥାନା, ୫ ଓ ୬ ତାରିଖରେ ବାଲୁଗାଁ ଥାନା, ୭ ଓ ୮ ତାରିଖ ଟାଙ୍ଗୀ ଥାନା, ୯ ଓ ୧୦ ତାରିଖ ଜଙ୍କିଆ ଥାନା, ୧୧ ତାରିଖ ନିରାକାରପୁର ଥାନା, ୧୨ ତାରିଖରେ ଖୋର୍ଦ୍ଧା ସଦର ଥାନା, ଅଗଷ୍ଟ ୧୩ ତାରିଖରେ ବାଘମାରି ଥାନାରେ ଉଦ୍‌ଯାପିତ ହେବ। ପରୀ କାର୍ଯ୍ୟକ୍ରମ ପ୍ରତ୍ୟହ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କରାଯିବ। ଏହି ଅବସରରେ ଏକ ସ୍ୱତନ୍ତ୍ର ଟିମ୍ ଇନ୍ସପେକ୍ଟର ହୃଦାନନ୍ଦ ବେହେରାଙ୍କ ନେତୃତ୍ୱରେ ଗଠନ କରାଯାଇଛି। ଏଥିରେ ଇନ୍ସପେକ୍ଟର ଅର୍ଚ୍ଚନା ମଲ୍ଲିକ, ଇନ୍ସପେକ୍ଟର କବିତା ସାହୁ ଓ ୪ଜଣ କନଷ୍ଟବଳ ଅଛନ୍ତି। ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରାଯିବ। ସେହିପରି ଇଟାଭାଟି, ବିଭିନ୍ନ ଦୋକାନରେ କାମ କରୁଥିବା ନାବାଳକଙ୍କୁ ଉଦ୍ଧାର କରାଯିବ ବୋଲି କୁହାଯାଇଛି।



ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଲୋକେନ୍ଦ୍ର ବାହାଦୁର ଚାନ୍ଦ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଉଛି।




# ହସ୍ତଶିଳ୍ପୀଙ୍କ ଗଣନା କରିବେ ସରକାର

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

- ମୋବାଇଲ୍ ଆପ୍ 'କୃତି'କୁ ଲୋକାର୍ପଣ କଲେ ମନ୍ତ୍ରୀ
- ସାମିଲ ହେବେ ୫୦ ଶିଳ୍ପର କାରିଗର
- ପ୍ରଥମ ପର୍ଯ୍ୟାୟରେ ୫ ଜିଲାରେ ସର୍ଭେ

ରାଜ୍ୟରେ ଥିବା ହସ୍ତଶିଳ୍ପ କାରିଗର ସଂଖ୍ୟା ଗଣନା କରିବାକୁ ଶେଷରେ ପଦକ୍ଷେପ ନେଇଛି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ। ଓଡ଼ିଶାରେ କେତେ କାରିଗର ରହିଛନ୍ତି ତାହାର ନିର୍ଦ୍ଦିଷ୍ଟ ତଥ୍ୟ ରାଜ୍ୟ ସରକାରଙ୍କ ନିକଟରେ ନ ଥିବାରୁ ଏବେ ହସ୍ତଶିଳ୍ପୀଙ୍କ ସର୍ଭେ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ଜିଆଇଏସ୍ ସମ୍ବଳିତ ଏକ ମୋବାଇଲ୍ ଆପ୍ ମାଧମରେ ଏହି ସର୍ଭେ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ ସୂଚନା ଦେଇଛନ୍ତି। ସୋମବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଗଣନା ପାଇଁ ଉଦ୍ଦିଷ୍ଟ ମୋବାଇଲ୍ ଆପ୍ 'କୃତି'କୁ ଲୋକାର୍ପଣ କରି ମନ୍ତ୍ରୀ ଏହା କହିଛନ୍ତି। ଶେଷଥର ପାଇଁ ୨୦୦୧-୦୨ରେ ରାଜ୍ୟ ହସ୍ତଶିଳ୍ପୀଙ୍କ ସର୍ଭେ ହୋଇଥିଲା। ରାଜ୍ୟରେ ମୋଟ ୧ଲକ୍ଷ ୨୯ହଜାର ୯୫୮ଜଣ କାରିଗର ଚିହ୍ନଟ ହୋଇଥିଲେ। ଏହାପରଠାରୁ କୌଣସି ସର୍ଭେ କିମ୍ବା ହସ୍ତଶିଳ୍ପୀମାନଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ପ୍ରଣୟନ ହୋଇ ନ ଥିଲା। ତେଣୁ ବର୍ତ୍ତମାନ ରାଜ୍ୟରେ ଥିବା କାରିଗରଙ୍କ ସଂଖ୍ୟା ଓ ସ୍ଥିତି ଆକଳନ କରି ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ସରକାର ଏହି ପଦକ୍ଷେପ ନେବେ ବୋଲି ବିଭାଗୀୟ ସଚିବ ଶୁଭା ଶର୍ମା କହିଛନ୍ତି।


ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲା ତଥା କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ସୁବର୍ଣ୍ଣପୁର ଓ ସମ୍ବଲପୁରରେ ଏହି ସର୍ଭେ ହେବ। ଦୁଇମାସ ମଧ୍ୟରେ ସର୍ଭେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟରେ ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ ହେବ। ଓଡ଼ିଶାରେ ଏବେ ୫୦ଟି ହସ୍ତଶିଳ୍ପକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିବାବେଳେ ହସ୍ତଶିଳ୍ପୀମାନଙ୍କୁ ସର୍ଭେ ପ୍ରକ୍ରିୟାରେ ସାମିଲ କରାଯିବ। ସମଗ୍ର ଓଡ଼ିଶାର କେଉଁ ଅଞ୍ଚଳରେ ହସ୍ତଶିଳ୍ପ ଉପରେ କେତେଜଣ କାରିଗର କାର୍ଯ୍ୟ କରୁଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯିବ। ଗଣନାରେ ସ୍ୱଚ୍ଛତା ଆଣିବାକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ତଥା ଜିଆଇଏସ୍ ବେସ୍‌ଡ ଆପ୍ଲିକେଶନ ବ୍ୟବହାର କରାଯାଇ ହସ୍ତଶିଳ୍ପୀଙ୍କ ତଥ୍ୟ ସଂଗ୍ରହ କରାଯିବ। ଫଳରେ ସିଧାସଳଖ ଜିଓଗ୍ରାଫିକାଲି ମ୍ୟାପ୍‌ଡ ଡାଟା ବା ଶିଳ୍ପୀଙ୍କ ଭୌଗୋଳିକ ତଥ୍ୟ ସଂଗ୍ରହ ହୋଇପାରିବ। ସବୁଠାରୁ ବଡ଼କଥା ହେଲା କାରିଗରଙ୍କ ସହ ସେଲ୍‌ଫି ଉଠାଇ ଗଣନାକରୀ ଏହାକୁ ଅପ୍‌ଲୋଡ୍ କରିବେ। ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଓର୍‌ସାକ୍) ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଆପ୍‌ରୁ ବିଶ୍ୱର ଯେକୌଣସି ସ୍ଥାନରେ ରହି ଲୋକେ ତଥ୍ୟ ପାଇପାରିବେ। ଉଭୟ କୌଳିକ ବୃତ୍ତି ଥିବା କାରିଗର ଏବଂ ଯୁବ ତଥା ନୂତନ କାରିଗରମାନେ ଏଥିରେ ସାମିଲ ହେବେ। କାରିଗରଙ୍କ ଆଧାର କାର୍ଡ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ଏଥିରେ ଲିଙ୍କ୍ ହେବାସହ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍(ଡିବିଟି) ମାଧମରେ ସେମାନେ ସିଧାସଳଖ ସରକାରୀ ଆର୍ଥିକ ସହାୟତା ପାଇପାରିବେ।

କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି ଗଣନାକାରୀ ଓ ହସ୍ତଶିଳ୍ପୀମାନଙ୍କର ଯେଉଁ ସମସ୍ୟା ରହିବ ତାହାର ସମାଧାନ ପାଇଁ ଏକ ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୭୧୬୩ ଜାରି କରାଯିବା ସହ ଆବଶ୍ୟକସ୍ଥଳେ ନିକଟ ଜିଲା ଶିଳ୍ପ କେନ୍ଦ୍ର କିମ୍ବା ଆଞ୍ଚଳିକ ଶିଳ୍ପ କେନ୍ଦ୍ର ତଥା ରାଜ୍ୟ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ସହଯୋଗ ନେଇପାରିବେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଗଣନାକାରୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇ ସର୍ଭେ କାର୍ଯ୍ୟରେ ନିୟୋଜିତ କରାଯିବ। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମସଚିବ ଅଞ୍ଜନା ପଣ୍ଡା, ଓର୍‌ସାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ ମଲ୍ଲିକ, ହସ୍ତଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ଜୁଲାଇ, ୨୦୧୯

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଓଜେଏସ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



**ବାଙ୍କୀ,୨୯।୭(ସ୍ୱ.ପ୍ର.):** ବାଙ୍କୀ ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡ ବେଦପୁର ଗ୍ରାମର ଗୋଖା ବେହେରାଙ୍କ କନ୍ୟା ସୁଶ୍ରୀ ମୋନାଲୀ ଓଜେଏସ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ୪୧ ଜଣଙ୍କ ମଧ୍ୟରୁ ୩୩ ନମ୍ବରରେ ରହି ସିଭିଲ୍ ଜଜ୍ ହେବାର ସୁଯୋଗ ପାଇଛନ୍ତି। ମୋନାଲୀ ଛତିଶଗଡ଼ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ କଲେଜରେ ଶିକ୍ଷାଦାନ କରି ଉତ୍ତୀର୍ଣ୍ଣ ହେବାପରେ ଓଜେଏସ୍ ପରୀକ୍ଷା ଦେଇଥିଲେ। ତାଙ୍କ ପିତା ଗୋଖା ବିଚାରପତି ଭାବେ କାର୍ଯ୍ୟ କରୁଥିଲେ। ମୋନାଲୀଙ୍କୁ ସଫଳତା ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଗ୍ରାମବାସୀ ମଧ୍ୟ ବେଶ୍ ଉତ୍ସାହିତ ହୋଇଛନ୍ତି।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନରସିଂହପୁର,୨୯।୭(ସ୍ୱ.ପ୍ର.):** ସ୍ୱାଧୀନତା ଦିବସ ପାଳନ ନିମନ୍ତେ ନରସିଂହପୁର ତହସିଲ ପ୍ରଶାସନ ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ତହସିଲଦାର ରାଜକିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ଉତ୍ସବ ଅବସରରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପରେଡ୍ ପ୍ରଦର୍ଶନ, ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିନିମନ୍ତେ ବିଭିନ୍ନ ପରିଚାଳନା କମିଟି ଗଠନ କରାଯାଇଥିଲା। ବୈଠକରେ ସଦର ମହକୁମାରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଶିକ୍ଷୟତ୍ରୀଶିକ୍ଷକଓ ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ତହସିଲଦାର ଜେନା ଧନ୍ୟବାଦ ଦେଇଥିଲେ।

### ବାଙ୍କୀ କଲେଜର ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

**ବାଙ୍କୀ,୨୯।୭(ବି.ପ୍ର.):** ବାଙ୍କୀ କଲେଜ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସୋମବାର କଲେଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ରାଜକିଶୋର ପାଲଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜ ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧ୍ୟାପକ ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଚିନ୍ମୟଚିର ସୁନ୍ଦର ଦାସ, ବିଶ୍ୱରଂଜନ ସାହୁ, ପୁଷ୍ପିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଏହା ପ୍ରଥମ ପ୍ରବେଶ ଉତ୍ସବ ବୋଲି କହିଥିଲେ। ତେଣୁ କଠିନ ଅଧ୍ୟବ୍ୟବସାୟ, ଶୃଙ୍ଖଳା ରକ୍ଷା ଓ ଭାଇଚାରାର ନିବିଡ ସମ୍ପର୍କରେ ବାନ୍ଧିହୋଇ ଅଧ୍ୟୟନ ପ୍ରତି ଦୃଷ୍ଟିଦେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପକ ବିଭାସ ଦାସ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**କଟକ ଅଫିସ, ୨୯।୭:** ଗତିରାଉତପାଟଣା ସରସ୍ୱତୀ ବିଦ୍ୟାମନ୍ଦିର ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ନୂତନ ଭାବେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବାନୀ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଭାରତୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡି. ରାମକୃଷ୍ଣ ରାଓ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀର ସହ ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ମହାନ୍ତ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ସଂସ୍କାର ଗ୍ରହଣ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଭବାନୀ ଶଙ୍କର ନେଗୀ, ସନ୍ତୋଷ ପଣ୍ଡା, ବିଜୟ କୁମାର ପଟ୍ଟନାୟକ, ଗଙ୍ଗାଧର ଶତପଥୀ, କୈଳାସ ରାଉତ, ପ୍ରଦୀପ କୁମାର ମଲ୍ଲ, ଅଭିଜିତ ଜେନା, ନିମାନନ୍ଦ ପାତ୍ର, ମୃତ୍ୟୁଞ୍ଜୟ ପାଢ଼ୀ, ଗୌରହରି ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ କମଳାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଥାନା ପରିସରରେ ଖତ ଖାଉଛି ମୂଲ୍ୟବାନ ଗାଡ଼ି

**ନିଶ୍ଚିନ୍ତକୋଇଲି,୨୯।୭(ସ୍ୱ.ପ୍ର.)**





ଥାନା ପରିସରରେ ପଡ଼ି ରହିଥିବା କାର ଓ ବାଇକ।

- ଦାବିଦାର ନ ଥିବା ଗାଡ଼ିର ନିଲାମ ହେଉନି
- ଗାଡ଼ି ରକ୍ଷଣାବେକ୍ଷଣ ଦାୟିତ୍ୱ ଥାନା କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ
- ଆଦେଶ ମିଳିଲେ ନିଲାମ ହେବ: ଥାନା ଅଧିକାରୀ

ବିଭିନ୍ନ ଅପରାଧରେ ବ୍ୟବହାର ଓ ଦୁର୍ଘଟଣାଗ୍ରସ୍ତ ହୋଇ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ଥାନା ପରିସରରେ ରଖାଯାଏ। ଆବଶ୍ୟକସ୍ଥଳେ କେହି ଦାବିଦାର ନ ଥିବା ଗାଡ଼ିଗୁଡ଼ିକୁ କୋର୍ଟରୁ କ୍ଲିୟରାନ୍ସ ପାଇବା ପରେ ଥାନା କର୍ତ୍ତୃପକ୍ଷ ନିଲାମ କରିବାର ନିୟମ ରହିଛି। ସେହିପରି ଗାଡି ଗୁଡ଼ିକ ଯେ ପର୍ଯ୍ୟନ୍ତ ଥାନା ପରିସରରେ ଅଛି ସେ ସବୁର ରକ୍ଷଣାବେକ୍ଷଣ ଦାୟିତ୍ୱ ଥାନା କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ନିଶ୍ଚିନ୍ତକୋଇଲି ଥାନା ପରିସରରେ ଥିବା ବହୁ ମୂଲ୍ୟବାନ ଗାଡ଼ି ଥାନା ସମ୍ମୁଖ ଓ ପରିତ୍ୟକ୍ତ ସ୍ଥାନରେ ପଡ଼ି ନଷ୍ଟ ହେଉଛି। କେହି ଦାବିଦାର ନ ଥିବା ଗାଡ଼ିଗୁଡ଼ିକର ନିଲାମ ହେଉ ନ ଥିବାରୁ ଏଭଳି ଅବସ୍ଥା ହୋଇଛି। ଏହି ଥାନାରେ ଜାଗା ଅଭାବରୁ ଛୋଟବଡ ୧୦୦ରୁ ଊର୍ଦ୍ଧ୍ୱ ଗାଡି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ସେହିପରି ଚୋରି ଡକାୟତି କାର୍ଯ୍ୟରେ ନିୟୋଜିତ ଗାଡିକୁ ପୋଲିସ ଜବତ କରିବା ପରେ ଆବଶ୍ୟକ କାଗଜପତ୍ର କରି କୋର୍ଟରେ ଉପସ୍ଥାପନ କରିଥାଏ। ଏହାପରେ ଗାଡ଼ିଗୁଡ଼ିକ କୋର୍ଟର ହେପାଜତ୍‌ରେ ରଖାଯାଏ। କୋର୍ଟରୁ ଗାଡି ରିଲିଜ ସମ୍ବନ୍ଧୀୟ ଆଦେଶ ଆସିବା ପରେ ମାଲିକମାନଙ୍କୁ ହସ୍ତାନ୍ତର କରାଯାଏ। ଅନେକ ସମୟରେ ବିଚାର ହେବାରେ ବିଳମ୍ବ ଅବା ଗାଡିର କାଗଜ ପତ୍ର ଠିକ୍ ନ ଥିବା ହେତୁ ଗାଡିର ମାଲିକାନା ନେଇ ସ୍ପଷ୍ଟଚିତ୍ର ମିଳେନାହିଁ। ଫଳରେ ଦୀର୍ଘଦିନ ଧରି ଗାଡ଼ିଗୁଡ଼ିକ ପଡ଼ିରହେ। ବର୍ତ୍ତମାନ ଏହି ଥାନା ପରିସରରେ ଥିବା ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟହେବା ସମ୍ଭାବନା ରହିଛି। କେତେକ ଗାଡିରେ ଗଛଲତା ମାଡିଯାଇ ଥାନା ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଦାବିଦାର ନ ଥିବା ଗାଡି ଗୁଡିକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଜରିଆରେ ନିଲାମ କରାଇବାର ବ୍ୟବସ୍ଥା ଥିଲେ ହେଁ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି ନିଲାମ କରାଯାଆନ୍ତା ତେବେ ସରକାର ଏଥିରୁ କିଛି ରାଜସ୍ୱ ପାଇବା ସହ ଥାନା ମାଲଖାନାରୁ ଗାଡି ସଂଖ୍ୟା କମନ୍ତା ବୋଲି କୁହାଯାଉଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ଥାନା ପରିସରରେ ଜାଗା ନ ଥିବାରୁ ଗାଡ଼ିଗୁଡ଼ିକୁ ସୁରକ୍ଷିତ ଭାବେ ରଖିବା ସମ୍ଭବ ନୁହେଁ। କୋର୍ଟଙ୍କ ହେପାଜତରେ ଗାଡି ଗୁଡିକ ଏଠାରେ ରହିଛି। ଗାଡି ରିଲିଜ ସମ୍ପର୍କିତ କୌଣସି ଆଦେଶ ନ ଆସିବାରୁ ମାଲିକଙ୍କୁ ଗାଡ଼ି ଦିଆଯାଇ ପାରୁନାହିଁ। ଅନ୍ୟପକ୍ଷରେ ଦାବିଦାର ନ ଥିବା ଗାଡ଼ି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଆଦେଶ ମିଳିବା ପରେ ନିଲାମ କରାଯିବ।




ସାଲେପୁର ପଞ୍ଚାୟତ ସମିତିରେ ଅନିୟମିତତା ଓ ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ ସିପିଆଇ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ଜିଲାପାଳ ଅଫିସକୁ ବାହାରିଥିବା ଶୋଭାଯାତ୍ରା।

# ବହୁ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତ ଗିରଫ

**ଆଠଗଡ଼,୨୯।୭(ସ୍ୱ.ପ୍ର.)**

ବହୁ ମାମଲାରେ ଜଡ଼ିତ ଥିବା ଜଣେ ଅଭିଯୁକ୍ତଙ୍କୁ ଆଠଗଡ଼ ଥାନା ପୋଲିସ ରବିବାର ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଥାନା ଅଧୀନ ଇଚ୍ଛାପୁର ପଞ୍ଚାୟତ ଗୁଡୁପଡ଼ା ଗ୍ରାମର ବରେନ୍ଦ୍ର ରାଉତ(୩୦)। ଆଠଗଡ଼, ବଡ଼ମ୍ବା, ବୌଦ୍ଧ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରି, ରାହାଜାନୀ, ଡକାୟତି, ଗଞ୍ଜେଇ ଚୋରାଚାଲାଣ ଆଦି ସଙ୍ଗୀନ ମାମଲାରେ ବରେନ୍ଦ୍ର ଜଡ଼ିତଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ୨୦୧୮ରେ ଖୁଣ୍ଟକଟା-ନୂଆବନ୍ଧ ରାସ୍ତାରେ ଦିନ ଦ୍ୱିପ୍ରହରରେ ଭାରତ ଫାଇନାନ୍ସର ୨ ଏଜେଣ୍ଟଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ୧,୦୨,୮୨୬ଟଙ୍କା ଲୁଟି ନେଇଥିଲେ। ସେହିପରି ୨୦୧୯ରେ ଆଙ୍କୁଲା ରାସ୍ତାରେ ଏଲ୍ ଆଣ୍ଡଟି ଫାଇନାନ୍ସ କମ୍ପାନୀର ଏଜେଣ୍ଟଙ୍କଠାରୁ ଅନୁରୂପ ଭାବେ ମାରଣାସ୍ତ୍ର ଦେଖାଇ ୮୨,୦୦୦ଟଙ୍କା ଲୁଟ କରିଥିଲେ। ଉଭୟ ମାମଲା ଆଠଗଡ ଥାନାରେ ପଞ୍ଜୀକୃତ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ବରେନ୍ଦ୍ର ରବିବାର ନିଜ ଗ୍ରାମ ଗୁଡୁପଡାରେ ଥିବା ସୂଚନା ପାଇ ଆଇଆଇସି ପଦାରବିନ୍ଦ ତ୍ରିପାଠୀ କର୍ମଚାରୀଙ୍କ ସହ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଅପରାଧ ସମ୍ପର୍କରେ ଅଧିକ ତଦନ୍ତ ପାଇଁ ରାଜ୍ୟର ବିଭିନ୍ନ ଥାନାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଅବଗତ କରିଥିବା ସୂଚନା ମିଳିଛି।

# ସତ୍ୟପୀରଙ୍କ ବାର୍ଷିକ ଉତ୍ସବ

**ମାହାଙ୍ଗା/ଲଳିତଗିରି,୨୯।୭(ସ୍ୱ.ପ୍ର.)**

ମାହାଙ୍ଗା ଥାନା ପରିସରରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଜରିଆନଦୀରୁ ଜଳବରଣୀ କରି ମନ୍ଦିର ସ୍ଥଳରେ ଘଟ ପ୍ରତିଷ୍ଠା କରିଥିଲେ। ପରେ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ ସତ୍ୟପୀର ମନ୍ଦିରରୁ ମା'ଭୁବନେଶ୍ୱରୀଙ୍କୁ ସୁସଜ୍ଜିତ ବିମାନରେ ମାହାଙ୍ଗାର ବିଭିନ୍ନ ଗ୍ରାମ ଓ ସାହି ପରିକ୍ରମା କରାଯିବା ସହ ରାଧାକାନ୍ତ ମନ୍ଦିରରେ ଭୋଗଲାଗି କରାଯାଇଥିଲା। ପରେ ଭୁବନେଶ୍ୱରୀଙ୍କୁ ଶୋଭାଯାତ୍ରାରେ ମାହାଙ୍ଗା ମେଡିକାଲ ପରିସରରେ ଥିବା ଧବଳେଶ୍ୱର ମନ୍ଦିରକୁ ନିଆଯିବାସହ ହରିହରଙ୍କ ଭେଟ ହୋଇଥିଲା। ସେଠାରେ ହରିହରଙ୍କ ବିବାହ ସଂପନ୍ନ ହେବା ପରେ ପୁନଶ୍ଚ ମା'ଙ୍କୁ ମନ୍ଦିରକୁ ଅଣାଯାଇଥିଲା। କନ୍ୟାପିତାଭାବେ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ଓ ବରପିତାଭାବେ ପ୍ରସନ୍ନ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସତ୍ୟପୀରଙ୍କ ମନ୍ଦିରରେ ସତ୍ୟ ନାରାୟଣ ପୂଜା ସମ୍ପନ୍ନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ରାଜନେତା, ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ବୁଦ୍ଧିଜିବୀ ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ। ଏସ୍‌ଆଇ ଶୁଭ୍ରାନ୍ତ ଜେନା, ମନୋରଞ୍ଜନ ସାମଲ, ଜାକିର ହୁସେନ, ସମୀର ଲେଙ୍କା, ହାପିଜ ଖାଁ, ଜୟପୁର ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ତ୍ରିପାଠୀ ଓ ଅଜୟ ମହାପାତ୍ରଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆବାସ ଯୋଜନା ଫର୍ମ ଗ୍ରହଣ କଲାନି ବ୍ଲକ ପ୍ରଶାସନ

**ସାଲେପୁର,୨୯।୭(ଡି.ଏନ.ଏ.)**

- ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କଲେ ଜନସାଧାରଣ
- ଆବେଦନ କରି ପାରି ନ ଥିବା ଲୋକଙ୍କୁ ସାମିଲ କରାଯିବ: ବିଡିଓ

ସାଲେପୁର ବ୍ଲକ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ହେଲେ ଏହି ଯୋଜନାରେ ଅନେକ ଗରିବ ଜନସାଧାରଣ ଆବେଦନ କରି ନ ପାରି ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଆବେଦନ ପତ୍ରକୁ ବ୍ଲକ ପକ୍ଷରୁ ଗ୍ରହଣ କରାଯାଇ ନ ଥିବା ନରଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୌରହରି ସୁବୁଦ୍ଧିଙ୍କ ସମେତ ଅନକେ ଜନସାଧାରଣ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ବିଡିଓ ଆବେଦନପତ୍ର ଗ୍ରହଣ କରୁନାହାନ୍ତି। ଆବେଦନ ଫର୍ମରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଥିଲେ ଗ୍ରହଣ କରାଯିବ ବୋଲି ବିଡିଓ କହିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଭଳି ସ୍ଥିତିରେ ଯେଉଁମାନେ ଆବେଦନରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ କିପରି ସାମିଲ କରାଯିବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ନରଦା ପଞ୍ଚାୟତର କେତେଜଣ ଜନସାଧାରଣ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଜିଲାପାଳ ଏହାର ବିଚାର କରିବାକୁ ସେମାନେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ କିଶୋର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲ, ଦୈନିକ ଫର୍ମ ସଂଗ୍ରହ କରି ଯାଞ୍ଚ କରିବା ସମ୍ଭବ ନୁହେଁ। ତେଣୁ ଫର୍ମ ଗ୍ରହଣ ପାଇଁ ବୁଧ, ଶୁକ୍ର, ଶନି ଓ ରବିବାର ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ମଧ୍ୟରେ ଅନେକ ଆବେଦନପତ୍ର ସଂଗ୍ରହ କରାଯାଇଛି। ତେବେ ଯେଉଁମାନେ ଆବେଦନ କରି ପାରିନାହାନ୍ତି ବ୍ଲକ ପକ୍ଷରୁ ଅଧିକାରୀମାନେ ଗ୍ରାମକୁ ଯାଇ ସେମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବେ।

### ମହିଳା କନଷ୍ଟେବଲଙ୍କ ବେକରୁ ଚେନ୍‌ଲୁଟ୍ ଉଦ୍ୟମ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୨୯।୭**

ମହିଳା କନଷ୍ଟେବଲଙ୍କ ବେକରୁ ଚେନ୍ ଲୁଟ୍ କରିବା ଅଭିଯୋଗରେ ମାଲଗୋଦାମ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ଶୁଭ୍ରାନ୍ତ କୁମାର ସ୍ୱାଇଁ(୨୫)। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମହିଳା କନଷ୍ଟେବଳ ଗୀତାଞ୍ଜଳି ଜେନା ଶିଖରପୁରରୁ ମାଲଗୋଦାମ ଥାନାକୁ ସ୍କୁଟିରେ ଆସୁଥିଲେ। ବାଟରେ ଶୁଭ୍ରାନ୍ତ ଦୁର୍ଗାଛକ ନିକଟରେ ଗୀତାଞ୍ଜଳିଙ୍କ ଗାଡି ଅଟକାଇ ଚେନ୍ ଲୁଟିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଗୀତାଞ୍ଜଳି ଶୁଭ୍ରାନ୍ତଙ୍କୁ କାବୁ କରି ସ୍ଥାନୀୟ ଲୋକଙ୍କୁ ପାଟିକରି ଡାକିଥିଲେ। ସ୍ଥାନୀୟ ଲୋକେ ଶୁଭ୍ରାନ୍ତଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ପୂର୍ବରୁ ଏହି ଯୁବକ କମେଣ୍ଟ ମାରିବା ସହ ରାସ୍ତାରେ ହଇରାଣ କରିବା ଓ ଗାଡିକୁ ଗୋଇଠାମାରିଥିବା ନେଇ ଗୀତାଞ୍ଜଳି ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି।

### ମହାନଦୀ ଜଳ ବିବାଦ ସମସ୍ୟା ନେଇ ଦିଲ୍ଲୀ ଯାତ୍ରା କରିଛନ୍ତି

# ୨ ଛାତ୍ରନେତାଙ୍କୁ ନୋଏଡାରେ ସମ୍ବର୍ଦ୍ଧନା



ଜଗନ୍ନାଥ ସେବା ସଂଘ ପକ୍ଷରୁ ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମାହାଙ୍ଗା,୨୯।୭(ସ୍ୱ.ପ୍ର.)**

ମହାନଦୀ ଜଳ ବିବାଦ ସମାଧାନ ନିମନ୍ତେ ସାଇକେଲ ଯୋଗେ କଟକରୁ ଦିଲ୍ଲୀ ଯାତ୍ରା କରିଥିବା ମାହାଙ୍ଗାର ଛାତ୍ର ନେତା ତଥା ରେଭେନସା କଲେଜ୍ ପୂର୍ବତନ ଛାତ୍ର କ୍ରିଷ୍ଣକାନ୍ତ ଷଡ଼ଙ୍ଗୀ ଏବଂ ଶୁଭ୍ରଜିତ ବାରିକଙ୍କୁ ନୋଏଡାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ତରପ୍ରଦେଶର ନୋଇଡା ସେକ୍ଟର-୩୪ ସ୍ଥିତ ଜଗନ୍ନାଥ ସେବା ସଂଘ ପକ୍ଷରୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସଞ୍ଜୟ ଆଚାର୍ଯ୍ୟ ଏବଂ ଧର୍ମେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ଯାତ୍ରା ସଫଳ ହେବା ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

# ୨ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କଟକ ସଦର/ଖୁଣ୍ଟୁଣୀ ୨୯।୭(ଡି.ଏନ୍.ଏ.)**

୪୨ ମୌଜା ଅଧୀନ ସୁଦର୍ଶନ କଲେଜ ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀଛାତ୍ରମାନଙ୍କୁ ସୋମବାର ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ସେକ୍ କଲିମୁଲ୍ଲା ଓ ସ୍ୱାଧୀନ ଶେଖର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିଚିତ୍ରାନନ୍ଦ ପତି ଧନ୍ୟବାଦ ଦେଇଥିଲେ। ସେହିପରି ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ ନୂତନ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ରବି ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟି ସଦସ୍ୟ ବିପିନି ବିହାରୀ ପ୍ରଧାନ ଓ ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ସବୁକ୍ଷେତ୍ରରେ ପରିଚିତ ହେବାକୁ ଏବେଠାରୁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବଜ୍ର ଭୂଷଣ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବୟୋଜ୍ୟେଷ୍ଠ ନାଗରିକ ସଂଘ ସାଧାରଣ ପରିଷଦ ବୈଠକ

**ବାଙ୍କୀ,୨୯।୭(ସ୍ୱ.ପ୍ର.)**

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ମାସିକ ସାଧାରଣ ପରିଷଦ ବୈଠକ ସଂଘ ସଭାପତି ବିରଞ୍ଚି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କୃତ୍ତିବାସ ପଣ୍ଡା ପୂର୍ବ ବିବରଣୀ ପାଠ କରିବା ସହ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ନଭେମ୍ବର ୩ରେ ସଂଘ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଅଲୋଚନା କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ବାଙ୍କୀ ଉପଖଣ୍ଡସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯିବା ସହିତ ଜଣେ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହିଅବସରରେ ମା'ବାପାଙ୍କୁ ସନ୍ତାନ ଅବହେଳା ଓ ଦୁର୍ବ୍ୟବହାର କଲେ ସେମାନଙ୍କୁ ତୁରନ୍ତ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ମନ୍ତ୍ରୀ ଅଶୋକ ପଣ୍ଡା ବିଧାନସଭାରେ ଘୋଷଣା କରିଥିବାରୁ ତାହାକୁ ସ୍ୱାଗତ କରାଯାଇଥିଲା। ବୈଠକରେ ବ୍ରଜବନ୍ଧୁ ପାଲ୍, ଧର୍ମପ୍ରସାଦ ମଙ୍ଗରାଜ, ଗଗନ ବିହାରୀ ପଣ୍ଡା, ବିପିନି ବହାରୀ ପଣ୍ଡା, ରଞ୍ଜନ କୁମାର ସାମନ୍ତରା, ସେବତୀ ଦେବତା, ଶରତ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ ପ୍ରଶିକ୍ଷଣ

**ବାଙ୍କୀ,୨୯।୭(ବି.ପ୍ର.)**



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବାଙ୍କୀ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ସୋମବାର ବାଙ୍କୀ ଓ ଡମପଡା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକଙ୍କୁ ପଞ୍ଚାୟତ ପୋଖରୀରେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କଟକ ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବାଙ୍କୀ ବ୍ଲକର ୯ ଓ ଡମପଡା ବ୍ଲକର ୪ ଏପରି ମୋଟ ୧୩ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବାଙ୍କୀ ବିଡିଓ ପ୍ରଭାତ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବବିତା ମହାନ୍ତଙ୍କ ଅଧ୍ୟକ୍ଷତାରେ ସଞ୍ଚାଳିତ ଶିବିରରେ ପ୍ରଶିକ୍ଷକ ସୌରଭ ବିଶ୍ୱାଳ, ନିବେଦିତା ପାଳିତା ଓ ସୁଧାଂଶୁ ରଞ୍ଜନ ଓଝା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ବାଙ୍କୀ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ କୁମାର ପ୍ରଧାନ, ଡମପଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ପ୍ରମୁଖ ଶିବିରକୁ ସଞ୍ଚାଳନ କରିଥିଲେ। କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ନର୍ମଦା ଦାସ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଞ୍ଜୀବ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ ସଂଯୋଜକ ଓ ପ୍ରାଣୀ ମିତ୍ରମାନେ ଉପସ୍ଥିତ ରହି ଅନୁରୂପ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ମଙ୍ଗଳବାର ପ୍ରଶିକ୍ଷାର୍ଥୀଙ୍କୁ କ୍ଷେତ୍ର ପରିଦର୍ଶନରେ ନିଆଯାଇ ବୌଦ୍ଧିକ ଜ୍ଞାନ କୌଶଳ ପ୍ରଦାନ କରାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ସୂଚନା ଦେଇଛନ୍ତି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

ଅବ୍ୟବସ୍ଥାରେ ବ୍ରହ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ର

### ଛାତରୁ ଝଡୁଛି ପ୍ଲାଷ୍ଟର, ବର୍ଷା ହେଲେ ଗଳୁଛି ପାଣି



ବ୍ରହ୍ମଗିରି, ୨୯।୭(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଲାଣି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସବୁଠି ସମସ୍ୟା ଲାଗିରହିଛି। କେଉଁଠି ଡାକ୍ତର ନାହାନ୍ତି ତ କେଉଁଠି ସ୍ୱାସ୍ଥ୍ୟକେନ୍ଦ୍ରର ଛାତ ଦୁର୍ବଳ ହୋଇପଡିଲାଣି। ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଅବସ୍ଥାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ଆସିବାକୁ ନିରାପଦ ମଣୁ ନାହାନ୍ତି। ବ୍ଲକର ବ୍ରହ୍ମଗିରି ଗ୍ରାମରେ ରହିଛି ବ୍ରହ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୪ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନରୁ ଡାକ୍ତର ନାହାନ୍ତି। ଏହା ସହ ଏହି ଡାକ୍ତରଖାନା କୋଠା ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାର ଛାତ ଦୁର୍ବଳ ହେବା ସହିତ ଛାତରୁ ସିମେଣ୍ଟ ଅତଡା ଖସୁଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଏଠାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଭୟରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଛିଡା ହେବାର ଦେଖିବାକୁ ମିଳୁଛି। ସେହିପରି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମଧ ଭୟରେ ରହୁଛନ୍ତି। କିଛି ଦିନ ତଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଛାତରୁ ପ୍ଲାଷ୍ଟର ଖସି ଜଣେ ରୋଗୀ ଆହତ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି ରୋଗୀ ସେବା। କିଛି ଦିନ ତଳେ ଏହାର ମରାମତି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଏକ ବର୍ଷ ନ ପୂରୁଣୁ ଛାତରୁ ପ୍ଲାଷ୍ଟର ଖସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ମରୁଡ଼ି ପରେ ଲଗାଣ ବର୍ଷାରେ କଣାସ ଜଳାର୍ଣ୍ଣବ

କଣାସ, ୨୯।୭(ସ୍ୱ.ପ୍ର.): ଦୀର୍ଘଦିନ ହେଲା ମୌସୁମୀ ବର୍ଷା ନ ହେବାରୁ କଣାସ ଅଞ୍ଚଳର ସମସ୍ତ ଧାମ ଜମି ଫାଟି ଆଁ କରିଥିଲା। ମାତ୍ର ୨୬ ତାରିଖରେ ୧୧୨ ମି.ମି., ୨୭ ରେ ୮୬ ମି.ମି., ୨୮ରେ ୮ମି.ମି., ୨୯ରେ ୬୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଫଳରେ ଧାନ ଜମିରେ ବର୍ଷା ଜଳ ଛିଡ଼ା ହୋଇଯିବାରୁ ତଳିଗୁଡ଼ିକ ବୁଡ଼ିଯାଇଛି, ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

# ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଏବେ ଡମ୍ପିଂୟାର୍ଡ



ପ୍ରସ୍ତାବିତ ଷ୍ଟାଡିୟମ୍ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇଛି।

- ୫୦ଫୁଟ ଉଚ୍ଚର ଗଦା ହୋଇଛି ଆବର୍ଜନା
- ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ
- ଜିଲାବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ପୁରୀ ଅଫିସ, ୨୯।୭:

କ୍ରୀଡ଼ା କ୍ଷେତ୍ରରେ ପୁରୀ ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ଉନ୍ନତ ମାନର ଷ୍ଟାଡିୟମ ଓ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ବହୁ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ଗତ ୨୦୧୮ ଅଗଷ୍ଟ ୩୦ ତାରିଖରେ ପେଣ୍ଠକଟାଠାରେ ଶ୍ରୀଜଗନ୍ନାଥ ଇନ୍‌ଡୋର ହଲ ନିର୍ମାଣ ଲାଗି ଶିଳାନ୍ୟାସ ହୋଇଥିଲା। ଆନ୍ତର୍ଜାତୀୟ ସ୍ତରରେ ନିର୍ମାଣର ସ୍ୱପ୍ନର ଦେଖାଇଥିଲା ଜିଲା ପ୍ରଶାସନ। ତେବେ ବର୍ତ୍ତମାନ ଏହା ପୌର ପ୍ରଶାସନର ଡମ୍ପିଂୟାର୍ଡରେ ପରିଣତ ହୋଇଛି। ୫୦ଫୁଟ ଉଚ୍ଚର ପାହାଡ ସଦୃଶ ଅଳିଆ ଆବର୍ଜନା ଜମା ହୋଇଛି। ଏହା ଚାରିପାଖ ମୁକୁଳା ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ମୁକ୍ତ ଶୌଚାଳୟ ପାଲଟିଛି। ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଡମ୍ପିଂୟାର୍ଡ ଯୋଗୁ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଗତ ତିନିଧରି ବର୍ଷା ଯୋଗୁ ଷ୍ଟାଡିୟମ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଏ ନେଇ କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀ ଉପକଣ୍ଠ ପେଣ୍ଠକଟାରେ ଏକ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ ନେଇ ସହରର ବହୁ କ୍ରୀଡ଼ାବିତ ଓ କ୍ରୀଡ଼ାନୁଷ୍ଠାନ ପକ୍ଷରୁ ଗତ ୨୦୧୮ ଜୁଲାଇ ୧୭ରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ସେ ଷ୍ଟାଡିୟମ ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ ୨୦୧୮ ଅଗଷ୍ଟ ୩୦ରେ ତତ୍କାଳୀନ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ସମୟରେ ଶ୍ରୀଜଗନ୍ନାଥ ଇନ୍‌ଡୋର ହଲ ନିର୍ମାଣ ନିମନ୍ତେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଶିଳାନ୍ୟାସ କରିଥିଲେ। ଦିଲ୍ଲୀର ଏକ ଠିକା ସଂସ୍ଥା ୱାପକସ୍ କମ୍ପାନୀ ଏହି ହଲ ନିର୍ମାଣର ଠିକା ନେଇଥିଲା। ୨୦୧୮ ଡିସେମ୍ବର ଶେଷ ସୁଦ୍ଧା ଇନ୍‌ଡୋର ହଲ ଏବଂ ୨୦୧୯ ଜୁଲାଇ ସୁଦ୍ଧା ଆଉଟଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସରିବ ବୋଲି ସଂସ୍ଥା କହିଥିଲା। ତେବେ ଶିଳାନ୍ୟାସ ହେବାର ୯ମାସ ବିତିଲାଣି। ଏପର୍ଯ୍ୟନ୍ତ ଇନ୍‌ଡୋର ହଲ ନିର୍ମାଣରେ କୌଣସି ଅଗ୍ରଗତି ହୋଇନାହିଁ ବୋଲି ବହୁ କ୍ରୀଡ଼ାପ୍ରେମୀ ଅଭିଯୋଗ କହିଛନ୍ତି। ଯୁବ କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ କହିଛନ୍ତି, ଇନ୍‌ଡୋର ହଲ ନିର୍ମାଣ ଶିଳାନ୍ୟାସ ପରେ କେତେଜଣ ଦୁର୍ବୃତ୍ତ ଏହାର ନାମଫଳକକୁ ଭାଙ୍ଗିଦେଇଥିଲେ। ସେବେଠାରୁ ନୂତନ ଫଳକ ଲାଗିପାରିନାହିଁ। ଷ୍ଟାଡିୟମ ନିର୍ମାଣ ନେଇ ଜିଲା ପ୍ରଶାସନ କେତେ ତତ୍ପର ତାହା ଏଥିରୁ ସହଜେ ଅନୁମେୟ। ପୁରୀ ଜିଲା କ୍ରୀଡା ସଂସଦ ପକ୍ଷରୁ ମଧ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପ୍ରଶାସନ ପ୍ରତିଶ୍ରୁତି ଦେଇ ଏବେ ଜିଲାବାସୀଙ୍କୁ ଲଲିପପ୍ ଧରାଇଛି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଛନ୍ତି, ବାତ୍ୟା ଫନୀରେ ଇନ୍‌ଡୋର ହଲର ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ବାତ୍ୟା ପରେ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ୱାପକସ କମ୍ପାନୀ ସହିତ ଆଲୋଚନା ହୋଇଥିଲା। ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଡମ୍ପିଂୟାର୍ଡ ସମ୍ପର୍କରେ ପୌର ପ୍ରଶାସନ ସହିତ ଆଲୋଚନା କରାଯାଇଛି। ଆଗାମୀ ଏକମାସ ମଧ୍ୟରେ ଅଳିଆ ହଟାଇବା ଲାଗି ପୌର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ସାହୁ ପ୍ରକାଶ କରିଛନ୍ତି।

■ ଅଧିକାରୀଙ୍କ ନିଘା ନାହିଁ

## ଆଠମାସ ହେଲା ବନ୍ଦ ପଡ଼ିଛି ଏଟିଏମ୍

କଣାସ, ୨୯।୭(ସ୍ୱ.ପ୍ର.)

ପୁରୀ ଜିଲା କଣାସ ପଞ୍ଚାୟତ ସମିତି ନିକଟରେ ଥିବା ଏକ ଏଟିଏମ୍ ୮ ମାସ ହେଲା ଅଚଳ ହୋଇ ପଡିଥିଲେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡିଛି ଯେ, ୮ ମାସ ତଳେ କେତେକ ଦୁର୍ବୃତ୍ତ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟିନେବା ପାଇଁ ଉଦ୍ୟମ କରୁଥିଲେ। ସେହି ଦିନଠାରୁ ଏଟିଏମ୍‌କୁ ଶାଖା ପରିଚାଳକ ଚାବି ପକାଇଦେଇଛନ୍ତି। ଏଟିଏମ୍ ଅଚଳ ହେବା ଦିନଠାରୁ ବ୍ୟାଙ୍କରେ ଗ୍ରାହକମାନେ ଟଙ୍କା ଉଠାଇବା ପାଇଁ ଦୀର୍ଘ ସମୟ ଧରି ଧାଡିରେ ଠିଆ ହେଉଛନ୍ତି। ଏପରିକି ଗ୍ରାହକମାନେ ଦିନ ତମାମ ଧାଡିରେ ଠିଆ ହେବାକୁ ପଡୁଛି। ବୃଦ୍ଧଲୋକମାନେ ପେନ୍‌ସନ୍ ନେବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକ ସୁକାନ୍ତ ବେହେରାଙ୍କୁ ପଚାରିବାରୁ ଏଟିଏମ୍ ଚାଲୁ କରିବା ପାଇଁ ବାରମ୍ବାର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଲେଖିଲୁଣି। ସେମାନେ ଆସି ତଦନ୍ତ କରୁନାହାନ୍ତି। ଏହା ସହ ବ୍ୟାଙ୍କରେ ଆବଶ୍ୟକ ମୁତାବକ କର୍ମଚାରୀ ନ ଥିବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ।

# ଜଳ ଲାଗିକଲେ ୩୨ ହଜାର କାଉଡ଼ିଆ



ପୁରୀ ଲୋକନାଥଙ୍କ ପୀଠରେ ଜଳ ଲାଗି ପାଇଁ ମନ୍ଦିର ବେଢାରେ କାଉଡ଼ିଆମାନଙ୍କ ଲମ୍ବା ଧାଡ଼ି।

ପୁରୀ ଅଫିସ, ୨୯।୭:

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଶ୍ରୀଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୋଇଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୩୨,୩୦୦ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳ ଲାଗି କରିଛନ୍ତି। ତେବେ ରବିବାର ରାତିରେ ଲଗାଣ ବର୍ଷା ଯୋଗୁ ବୋଲବମ୍ ଭକ୍ତମାନେ ହଇରାଣ ହୋଇଥିବାବେଳେ ମନ୍ଦିର ବେଢାରେ ପାଣି ଜମିଥିଲା।

ରବିବାର ସନ୍ଧ୍ୟା ପରଠାରୁ ବ୍ୟାରିକେଡରେ ଧାଡ଼ି ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ କାଉଡ଼ିଆଙ୍କ ଧାଡ଼ି ଲମ୍ବିଥିଲା। ଶୃଙ୍ଖଳିତ ଜଳଲାଗି ପାଇଁ ରବିବାର ରାତି ୧୨ଟା ୫ରେ ଦ୍ୱାର ଫିଟାଯାଇଥିଲା। ୧୨ଟା ୩୫ରୁ ପାଣି ଢାଳିବା ଆରମ୍ଭ ହୋଇଥିଲା। ବ୍ୟାରିକେଡ ମଧ ଦେଇ ପାର୍ବତୀ ସାଗର କଡ଼େ କଡେ ଯାଇଥିଲେ କାଉଡ଼ିଆ। ରୋଷଘର ଦୁଆର ମୁହଁରେ ପ୍ରବେଶ କରି ନାଟାମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସେମାନେ ସିଂହଦ୍ୱାର ପଟେ ବାହାରକୁ ବାହାରିଥିଲେ।

ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିରର ମ୍ୟାନେଜର ଅପଛ ପରିଡ଼ା କୁହନ୍ତି, ରବିବାର ଅପରାହ୍ନରୁ କାଉଡ଼ିଆମାନଙ୍କ ଆଗମନ ହୋଇଥିଲା। ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ରାତି ୧୨ଟା ୫ରେ ଦ୍ୱାର ଫିଟିବା ପରେ ୧୨ଟା ୩୫ରୁ ଜଳଲାଗି ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ପୋଲିସ ନିୟୋଜିତ ହୋଇଥିଲେ। ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳକୁ ଯାଇ ଜଳ ଲାଗି କିପରି ଶୃଙ୍ଖଳାର ସହ କରାଯିବ ତାହାର ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ସୋମବାର ୩୨,୩୦୦ ଟିକେଟ୍ ବିକ୍ରି ହୋଇଥିଲା ଏବଂ ଅପରାହ୍ନ ପ୍ରାୟ ୧ଟା ପର୍ଯ୍ୟନ୍ତ କାଉଡ଼ିଆ ଜଳ ଲାଗି କରିଥିଲେ। ଅନ୍ୟପକ୍ଷରେ ରବିବାର ରାତି ପ୍ରାୟ ୯ଟାରୁ ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ଯୋଗୁ ଲୋକନାଥ ମନ୍ଦିର ବେଢାରେ ପାଣି ଜମିଯାଇଥିଲା। ରାତି ପ୍ରାୟ ୧୧ଟାରେ ଅଗ୍ନିଶମବାହିନୀ କର୍ମଚାରୀମାନେ ୨ଟି ମୋଟର ଲଗାଇ ପାଣି ନିଷ୍କାସନ କରିଥିଲେ। ପ୍ରାୟ ୧ଘଣ୍ଟା ପରେ ପାଣି ନିଷ୍କାସିତ ହୋଇଥିଲା।

## ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଜଳଲାଗି

କାକଟପୁର, ୨୯।୭(ଡି.ଏନ୍.ଏ.)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ପ୍ରାଚୀ ଉପତ୍ୟକାର ବିଭିନ୍ନ ଶୈବପୀଠଗୁଡ଼ିକରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା। ରାଜ୍ୟର ବିଭିନ୍ନ ନଦୀ ଓ ତୀର୍ଥସ୍ଥାନମାନଙ୍କରୁ ମହିଳା ପୁରୁଷମାନେ ପବିତ୍ର ଜଳ କାନ୍ଧରେ ବୋହି ଆଣି ପ୍ରାଚୀ ଉପତ୍ୟକାର ଅମରେଶ୍ୱର, ବନ୍ଦେଶ୍ୱର, ସିଦ୍ଧେଶ୍ୱର, ସୋମେଶ୍ୱର, ଅଙ୍ଗେଶ୍ୱର, ନାଟେଶ୍ୱର, ମୁକ୍ତେଶ୍ୱର, ରାମେଶ୍ୱର, ନୀଳକଣ୍ଠେଶ୍ୱର, ବୁଢ଼ାଲିଙ୍ଗ, ଈଶ୍ୱରନାଥ ପ୍ରଭୃତି ଶୈବପୀଠମାନଙ୍କରେ ଜଳ ଲାଗି କରିଥିଲେ। କାଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ସେବକ ସମିତି ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅପର ପକ୍ଷରେ ପ୍ରାଚୀ ନଦୀର ରାମେଶ୍ୱର ଘାଟ, ବିଶ୍ୱାମିତ୍ର ଆଶ୍ରମ ତୁଠ, ଗୋ ତୀର୍ଥ ତୁଠ, ପିତୃ ତୀର୍ଥ ତୁଠ, କୁଣ୍ଡେଇ ହାଟ ତୁଠ ପ୍ରଭୃତି ସ୍ଥାନରେ ଜଳ ଲାଗି ପାଇଁ ପ୍ରାତଃରୁ କାଉଡ଼ିଆମାନଙ୍କର ଭିଡ଼ ଲାଗିଥିଲା।



■ ରାଜପଥ କର୍ତ୍ତୃପକ୍ଷଙ୍କ ନିଘା ନାହିଁ

## ଅଣ୍ଡରପାସ୍‌ରେ ବଢ଼ିଚାଲିଛି ସଂଖ୍ୟାଧିକ ଗଛ



ଅଣ୍ଡରପାସ୍ ୱାଲ୍‌ରେ ଉଠିଥିବା ଗଛ।

ସାକ୍ଷୀଗୋପାଳ, ୨୯।୭(ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥର ସାକ୍ଷୀଗୋପାଳ ଛକରେ ରହିଥିବା ଅଣ୍ଡର ପାସ୍ ସାଇଡ୍ ୱାଲରେ ଏକାଧିକ ଗଛ ବଢ଼ି ଚାଲିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘାନାହିଁ। ପ୍ରତିଦିନ ଏହି ପଥଦେଇ ହଜାର ହଜାର ଛୋଟବଡ଼ ଯାନବାହନ ଚଳାଚଳ କରୁଥିବାବେଳେ ଗଛର ଚେରମାଡି କ୍ରମେ ଏହାକୁ ଦୁର୍ବଳ କରୁଛି। ସେହିପରି ସାକ୍ଷୀଗୋପାଳ ଛକରେ ଯାତ୍ରୀ ମାନଙ୍କ ପାଇଁ ପ୍ରତୀକ୍ଷାଳୟଟିଏ ନ ଥିବାରୁ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖରାବର୍ଷାରେ ହଟହଟା ହେଉଛନ୍ତି। ପିଇବା ପାଣି ସହିତ ଶୌଚାଳୟଟି ରାଜପଥ ସଂପ୍ରସାରଣ ସମୟରେ ଭାଙ୍ଗି ଦିଆଯାଇଥିଲେ ମଧ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ସାକ୍ଷୀଗୋପାଳ ଅଣ୍ଡର ପାସ୍ ପୂର୍ବରୁ ସାକ୍ଷୀଗୋପାଳକୁ ରାସ୍ତା ବୋଲି ଲଗାଯାଇଥିବା ଦୁଇଟି ସୂଚନା ଫଳକରୁ ଗୋଟିଏ ଫନୀରେ ଭାଙ୍ଗି ଯାଇଛି। ଫଳରେ ପୁରୀରୁ ଫେରୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ସାକ୍ଷୀଗୋପାଳ ମନ୍ଦିରକୁ ଆସିବା ପାଇଁ ବାଟବଣା ହେଉଛନ୍ତି। ଏ ଦିଗରେ ଜାତୀୟ ରାଜପଥ ଉଚ୍ଚ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ମଧ ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କଣାସ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

କଣାସ, ୨୯।୭(ସ୍ୱ.ପ୍ର.)

କଣାସ ଥାନା ପରିସରରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ପ୍ରଚେଷ୍ଟାରେ ୯୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ଆଚାର୍ଯ୍ୟ ହରିହର ରକ୍ତ ଭଣ୍ଡାରର କର୍ମଚାରୀ ଦୁଃଖିଶ୍ୟାମ ପଟ୍ଟନାୟକ, ଶ୍ରୀନିବାସ ମହାନ୍ତି, ସାରଥି ନାୟକ, ଜିତେନ୍ଦ୍ର କୁମାର ନାୟକ, ଅମୀତ ପାଢି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। କଣାସ ଥାନା ଏଏସ୍‌ଆଇ ସୁଶାନ୍ତ କୁମାର ବେହେରା, ଜମ୍ମେଶ୍ୱର ପ୍ରଧାନ, ବାପୁ ଭୂଷଣ ମାଝି, ସୁବାସ ନାୟକ, ବିଜୟ ସେଠୀ, ଲଲାଟ ଶ୍ରୀଚନ୍ଦନ, ସାନ୍ତନୁ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ, ସରୋଜ କୁମାର ଆଚାର୍ଯ୍ୟ, ମଙ୍ଗୁଳି ମାର୍ଥା ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାପାଳଙ୍କୁ ଗୁହାରି ଜଣାଇଲେ ମତ୍ସ୍ୟଜୀବୀ



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ମତ୍ସ୍ୟଜୀବୀମାନେ।


**ମିଳୁନି ସହାୟତା**

ପୁରୀ ଅଫିସ,୨୯।୭:

ଜିଲାପାଳଙ୍କୁ କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡ଼ା ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମ ପାଟଣାସାହି (କେଉଟସାହି)ର ମତ୍ସ୍ୟଜୀବୀମାନେ ଗୁହାରି ଜଣାଇଛନ୍ତି। ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ଗ୍ରାମର ୩୫୦ ମତ୍ସ୍ୟଜୀବୀ ଚିଲିକା କୂଳରେ ବସବାସ କରୁଛନ୍ତି। ଫନୀ ବାତ୍ୟାରେ ସେମାନଙ୍କ ଡଙ୍ଗା, ଜାଲ ଆଦି ନଷ୍ଟ ହୋଇଥିବାବେଳେ ଘର ମଧ ଭାଙ୍ଗିଯାଇଛି। ମାତ୍ର କୌଣସି ସଂସ୍ଥା ସେମାନଙ୍କୁ ସହଯୋଗର ହାତ ବଢାଇ ନାହାନ୍ତି। କୃଷ୍ଣପ୍ରସାଦ ବ୍ଲକକୁ ହଳଦିଆ ବାତ୍ୟା ସଙ୍କେତ ମିଳିଥିବାରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ସେମାନଙ୍କୁ ଦିଆଯାଇନାହିଁ। ତେଣୁ ତାଙ୍କ ସାହିକୁ ନାଲି ବାତ୍ୟା ସଙ୍କେତ ଅନ୍ତର୍ଭୁକ୍ତ କରି ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସହାୟତା ପ୍ରଦାନ କରିବା ଲାଗି ମତ୍ସ୍ୟଜୀବୀମାନେ ଜିଲାପାଳଙ୍କୁ ନିବେଦନ ଜଣାଇଛନ୍ତି। ବାତ୍ୟାରେ ସେମାନଙ୍କ ଘର ଭାଙ୍ଗିଯିବା ସହ ପେଟ ପୋଷିବାର ମାଧ୍ୟମ ଡଙ୍ଗା, ଜାଲ ଆଦି ସବୁକିଛି ନଷ୍ଟ ହୋଇଗଲା। ସେବେଠାରୁ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହେଲେ ସେମାନଙ୍କ ତହସିଲକୁ ହଳଦିଆ ବାତ୍ୟା ସଙ୍କେତ ମିଳିଥିବାରୁ କୌଣସି ସରକାରୀ କିମ୍ବା ବେସରକାରୀ ସହାୟତା ସେମାନେ ପାଇନାହାନ୍ତି। ତେଣୁ ସୋମବାର

■ ପାର୍ବତୀ ସାଗର ପାଚେରି ଭୁଶୁଡ଼ିବା ଘଟଣାକୁ ୨ମାସ ପରେ ୨ ବର୍ଷ ପୂରିବ

# ଏଷ୍ଟିମେଟ, ମାପଚୁପରେ ଅଟକିଛି ନିର୍ମାଣ



ପାର୍ବତୀ ସାଗର ପୁଷ୍କରିଣୀର ପାଚେରି ଭୁଶୁଡ଼ିପଡିଛି।

ପୁରୀ ଅଫିସ, ୨୯।୭:

ଶ୍ରୀକ୍ଷେତ୍ରରେ ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ, ଶ୍ୱେତଗଙ୍ଗା ଆଦି ଅନେକ ତୀର୍ଥ ପୁଷ୍କରିଣୀ ରହିଛି। ହେଲେ ଏସବୁର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନ ଦିଆଯାଉନାହିଁ। ଫଳରେ ତୀର୍ଥ ପୁଷ୍କରିଣୀଗୁଡ଼ିକର ସ୍ଥିତି ଦୟନୀୟ ହୋଇପଡୁଛି। ସେହିପରି ପାର୍ବତୀ ସାଗର ପୁଷ୍କରିଣୀର ପାଚେରି ଭୁଶୁଡ଼ିବା ଘଟଣାକୁ ଆଉ ୨ମାସ ପରେ ୨ବର୍ଷ ପୂରିବ। ମାତ୍ର ଏ ପର୍ଯ୍ୟନ୍ତ ପାଚେରି ତିଆରି କରାଯାଉନାହିଁ। ମୁକୁଳା ପଡ଼ିଛି ପ୍ରାୟ ୧୦୦ ଫୁଟର ପାଚେରି। ଏହିପରି ଅନେକ ପୁଷ୍କରିଣୀର ଅବସ୍ଥା। କାହାର ପାଚେରି ଭାଙ୍ଗିଛି ତ ଆଉ କାହାର ପାଚେରି ଦୁର୍ବଳ ହୋଇପଡ଼ିଛି। ଭଙ୍ଗା ପାଚେରି ଯୋଗୁ ଅଳିଆ ଆବର୍ଜନା ଓ ଡ୍ରେନ୍ ପାଣି ପଶି ଅନେକ ପୁଷ୍କରିଣୀ ପ୍ରଦୂଷିତ ହେବାରେ ଲାଗିଛି।

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ଲାଗି ରହିଛି ପାର୍ବତୀ ସାଗର ପୁଷ୍କରିଣୀ। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ଼, ହାତ ଧୋଇଥାନ୍ତି। ଏତଦ୍‌ବ୍ୟତୀତ ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ସେହିପରି ସରନ୍ତି ସୋମବାର ରାତିରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ସଫା କରାଯାଏ। ଦୀର୍ଘଦିନ ହେବ ଏହାର ଉତ୍ତରପାର୍ଶ୍ୱ ପାଚେରି ଦୁର୍ବଳ ରହିଥିଲା। ୨୦୧୭ ଅକ୍ଟୋବର ୨୦ ତାରିଖରେ ଲଗାଣ ବର୍ଷା ଯୋଗୁ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଆଉ ୨ମାସ ପରେ ଏହି ପାଚେରି ଭୁଶୁଡ଼ିବାକୁ ୨ ବର୍ଷ ପୂରିବ। ହେଲେ ଏପର୍ଯ୍ୟନ୍ତ ଏହି ପାଚେରି ମରାମତି କରାଯାଇନାହିଁ। ବର୍ତ୍ତମାନ ଶ୍ରାବଣ ମାସ ଆରମ୍ଭ ହୋଇଛି। ପ୍ରଥମ ସୋମବାରରେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ଏହି ଐତିହ୍ୟ ସମ୍ପନ୍ନ ପୋଖରୀ ପାଚେରିର ଅବସ୍ଥା ଦେଖି ଅନେକେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ପାଚେରି ମୁକୁଳା ପଡ଼ିଥିବାରୁ ଅଳିଆ ଆବର୍ଜନା ଉଡ଼ି ପାର୍ବତୀ ସାଗରରେ ପଡୁଛି। ଗତ ଦୁଇଦିନ ଧରି ବର୍ଷା ହେଉଥିବାରୁ ବାଲି ବୋହି ମଧ ପୋଖରୀରେ ମିଶୁଛି।

ପାର୍ବତୀ ସାଗର ପାଚେରି ମରାମତି ସମ୍ପର୍କରେ ଲୋକନାଥ ମନ୍ଦିରର ମ୍ୟାନେଜର ଅପଛ ପରିଡ଼ା କହିଛନ୍ତି, ପୁରୀ ସହରର ଖାଲୁଆ ଅଞ୍ଚଳରେ ଶ୍ରୀଲୋକନାଥ ମନ୍ଦିର ଓ ପାର୍ବତୀ ସାଗର ପୁଷ୍କରିଣୀ ରହିଛି। ଏହି ପୋଖରୀର ତିନି ପାର୍ଶ୍ୱରେ ପ୍ରବଳ ବାଲି ଅଛି। ବାଲିର ଚାପ ସର୍ବଦା ପାଚେରି ଉପରେ ରହୁଛି। ବର୍ଷା ହେଲେ ବାଲି ବୋହିଆସି ଏହି ଚାପ ଅଧିକ ମାତ୍ରାରେ ପଡ଼ିଥାଏ। ଲଗାଣ ବର୍ଷା ଯୋଗୁ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଥିଲା। ଅମୃତ ଯୋଜନାରେ ଏହାର କାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଆର୍ ଆଣ୍ଡ ବି ପକ୍ଷରୁ ଏଷ୍ଟିମେଟ କରାଯାଇଥିବାବେଳେ ମାପଚୁପ ମଧ ସରିଛି। ପାଚେରି ଭୁଶୁଡ଼ିବା ସମୟରେ ପାର୍ବତୀ ସାଗର ଜଳପୂର୍ଣ୍ଣ ରହିଥିଲା। ତେଣୁ ଖରାଦିନେ ଏହାର କାମ କରାଯିବ ବୋଲି ସ୍ଥିର ହୋଇଥିଲା। ହେଲେ କ'ଣ ପାଇଁ ହୋଇପାରିନି ତାହା ବର୍ତ୍ତମାନ ଜଣାପଡୁନାହିଁ। ପ୍ରଶାସନ ଶୀଘ୍ର ପାଚେରି ନିର୍ମାଣ କରିବା ନେଇ ଆମେ ଆଶା ରଖିଛୁ ବୋଲି ପରିଡ଼ା ପ୍ରକାଶ କରିଛନ୍ତି।